# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୮/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 18/2023 Page 20 ₹ 7.00

୪୯ଶ ଭାଗ ୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 86 ମୂଲ୍ୟ ₹୭/-





**ଯୋଗୀଙ୍କ ଘର ବାହାରେ ବୋମା ଆତଙ୍କ**
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲକ୍ଷ୍ନୌ ବାସଭବନ ୫-କାଳିଦାସ ମାର୍ଗ ବାହାରେ ବୋମା ରହିଥିବା ନେଇ ଦିଲ୍ଲୀ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲ୍ ଆସିବା ପରେ ଶୁକ୍ରବାର କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ବାସଭବନ ଚାରିପଟେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହ ବୋମା ନିଷ୍କ୍ରିୟକାରୀ ଟିମ୍ ସେଠାରେ ପହଞ୍ଚି ତଲାସି କରିଥିଲେ। ଖାଜାଖୋଜି ପରେ କିଛି ନ ମିଳିବାରୁ ଏହା ଏକ ମିଛ ଫୋନ୍ କଲ୍ ଥିଲା ବୋଲି ପୋଲିସ ସ୍ପଷ୍ଟ କରିଛି।

# ମୋଦିଙ୍କୁ ଉତ୍ତର ଦେବାକୁ ପଡ଼ିବ

## ଆଦାନୀ ପ୍ରସଙ୍ଗରେ ନିବେଶକ ଜର୍ଜ ସୋରୋସ୍‌ଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୧୭।୨**



ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ନେଇ ଚାଲିଥିବା କୋଳାହଳ ଭାରତ ସରକାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦଖଲକୁ ଦୁର୍ବଳ କରିଦେବ ବୋଲି ଶୁକ୍ରବାର ବିଲିୟନେୟାର ଫିଲାନ୍ଥ୍ରୋପିଷ୍ଟ ଜର୍ଜ ସୋରୋସ୍ କହିଛନ୍ତି। ଅନ୍ୟପକ୍ଷେ ସୋରୋସ୍‌ଙ୍କ ମନ୍ତବ୍ୟ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଭାଜପା ଜବାବ ଦେଇଛି।

ଗତ ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟସ୍ ହେରଫେର ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଚାଞ୍ଚଲ୍ୟକର ପ୍ରଘଟ ପରଠୁ ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ବଜାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ଆଦାନୀଙ୍କୁ ୧୨୫ ନିୟୁତ ଡଲାର କ୍ଷତି ସହିବାକୁ ପଡ଼ିଛି। ଆଦାନୀ ସମୂହ ଏହି ଅଭିଯୋଗକୁ 'ଉଦ୍ଦେଶ୍ୟମୂଳକ', 'ଭିତ୍ତିହୀନ' ଓ 'ଭାରତ ଉପରେ ଆକ୍ରମଣ' ବୋଲି ଅଭିହିତ କରିବା ସହ ଖଣ୍ଡନ କରିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଛନ୍ତି। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହେବା ସହ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଏଭଳି ସମୟରେ ଜର୍ମାନୀର ମ୍ୟୁନିକ୍ ସହରରେ ଶୁକ୍ରବାର ତିନିଦିନିଆ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସ (ଏମ୍‌ଏସ୍‌ସି-୨୦୨୩) ଆରମ୍ଭ ହୋଇଛି। ଏହି ଅବସରରେ ୯୨ ବର୍ଷୀୟ ଜର୍ଜ ସୋରୋସ୍ ଏମ୍‌ଏସ୍‌ସିକୁ ସମ୍ବୋଧନ କରି କହିଛନ୍ତି, ମୋଦି ଓ ବିଜ୍‌ନେସ ଟାଇକୁନ୍ ଆଦାନୀ ପରସ୍ପରର ଘନିଷ୍ଠ ସହଯୋଗୀ। ଉଭୟଙ୍କ ଭାଗ୍ୟ ଯୋଡ଼ିହୋଇ ରହିଛି। ଆଦାନୀ ଷ୍ଟକ୍ସ ଦୁର୍ନୀତିରେ ଅଭିଯୁକ୍ତ ଏବଂ ତାଙ୍କ କମ୍ପାନୀର ଶେୟାରଗୁଡ଼ିକ ତାସଘର ଭଳି ଭୁଶୁଡ଼ିପଡ଼ିଛି। ମୋଦି ଏହି ବିଷୟରେ ମୁହଁ ଖୋଲୁନାହାନ୍ତି। କିନ୍ତୁ ଆଦାନୀ ଗ୍ରୁପ୍‌କୁ ନେଇ ବିଦେଶୀ ନିବେଶକଙ୍କ ପ୍ରଶ୍ନ ଏବଂ ଭାରତୀୟ ପାର୍ଲାମେଣ୍ଟରେ ଆସିଥିବା ଅଭିଯୋଗଗୁଡ଼ିକର ଉତ୍ତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେବାକୁ ପଡ଼ିବ। ଆଦାନୀ ଗ୍ରୁପ୍‌କୁ ନେଇ ସୃଷ୍ଟି ହୋଇଥିବା ବିଭ୍ରାଟ ଦେଶରେ ଏକ ଗଣତାନ୍ତ୍ରିକ ପୁନରୁତ୍ଥାନ ପାଇଁ ପଥ ଉନ୍ମୁକ୍ତ କରିପାରେ। ଭାରତୀୟ ସଂଘୀୟ ସରକାରରେ ଏହା ମୋଦିଙ୍କ ଦଖଲକୁ ଦୁର୍ବଳ କରିବା ସହ ସଂସ୍ଥାଗତ ସଂସ୍କାର ପାଇଁ ବାଟ ଫିଟାଇବ ବୋଲି ସୋରୋସ୍ କହିଛନ୍ତି।

ସୋରୋସ୍‌ଙ୍କ ୪୨ ମିନିଟର ଭାଷଣରେ ଜଳବାୟୁ ପରିବର୍ତ୍ତନ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ, ଆମେରିକୀୟ ଅର୍ଥନୀତିର ଦୁରବସ୍ଥା, ତୁର୍କୀ ଭୂକମ୍ପ ଓ ଚାଇନାର ବିଫଳତା ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, ସୋରୋସ୍ କେବଳ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିନାହାନ୍ତି, ବରଂ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ଆକ୍ରମଣ କରିଛନ୍ତି। ସେ ଭାରତୀୟ ଗଣତନ୍ତ୍ରକୁ ଧ୍ୱସ୍ତବିଧ୍ୱସ୍ତ କରି କେତେଜଣ 'ହାତଗଣତି' ଲୋକଙ୍କ ଦ୍ୱାରା ସରକାର ଚଳାଇବାକୁ ଚାହୁଁଛନ୍ତି। କେବଳ ଏତିକି ନୁହେଁ, ସୋରୋସ୍ ୧ ବିଲିୟନ୍ ଆମେରିକୀୟ ଡଲାରର ଏକ ପାଣ୍ଠି ଗଠନ କରିଛନ୍ତି, ଯାହାକି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ପାଇଁ ଉଦ୍ଦିଷ୍ଟ। ଏହି ଯୁଦ୍ଧ ଭାରତ ବିରୋଧରେ ଲଢ଼ାଯାଉଛି। ସୋରୋସ୍‌ଙ୍କ ମନ୍ତବ୍ୟକୁ ସମସ୍ତେ ଗୋଟିଏ ସ୍ୱରରେ ନିନ୍ଦା କରିବା ଉଚିତ ବୋଲି ଇରାନୀ ମତ ଦେଇଛନ୍ତି।

### ଜର୍ଜ ସୋରୋସ୍ କିଏ

୯୨ ବର୍ଷୀୟ ଫିଲାନ୍ଥ୍ରୋପିଷ୍ଟ ଜର୍ଜ ସୋରୋସ୍ ହେଉଛନ୍ତି ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତି। ୧୯୩୦ ଅଗଷ୍ଟ ୧୨ରେ ହଙ୍ଗେରୀର ବୁଡାପେଷ୍ଟରେ ଏକ ସମୃଦ୍ଧ ଇହୁଦୀ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୪୭ରେ ଜର୍ଜଙ୍କୁ ୧୭ ବର୍ଷ ହେଉଥିବାବେଳେ ତାଙ୍କ ପରିବାର ହଙ୍ଗେରୀ ଛାଡ଼ି ଲଣ୍ଡନ ଯାଇଥିଲା। ସୋରୋସ୍ ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିଲେ। ପାଠପଢ଼ା ଶେଷରେ ସେ ଲଣ୍ଡନର ମର୍ଚ୍ଚାଣ୍ଟ ବ୍ୟାଙ୍କ ସିଙ୍ଗର ଆଣ୍ଡ ଫ୍ରାଏଡ୍‌ଲ୍ୟାଣ୍ଡରରେ ଯୋଗଦେଇଥିଲେ। ୧୯୫୬ରେ ସୋରୋସ୍ ନ୍ୟୁୟର୍କ ଯାଇ ଜଣେ ୟୁରୋପୀୟ ଆନାଲିଷ୍ଟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୭୩ରେ ଏକ ହେଜ୍ ଫଣ୍ଡ ପ୍ରତିଷ୍ଠା କରିବା ପରେ ବିଶ୍ୱର ଆର୍ଥିକ ଦୁନିଆରେ ନିଜ ଉପସ୍ଥିତି ଜାହିର କରିଥିଲେ। ୧୯୬୯ରୁ ୨୦୧୧ ପର୍ଯ୍ୟନ୍ତ ସେ କ୍ଲାଏଣ୍ଟଙ୍କ ଅର୍ଥ ପରିଚାଳନା କରିଥିଲେ। ଫୋର୍ବସ୍ ଅନୁସାରେ ସୋରୋସ୍ ବ୍ରିଟିଶ୍ ପାଉଣ୍ଡକୁ ଶର୍ଟ କରି ୧ ବିଲିୟନ୍ ଡଲାର ଲାଭ କରିଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସେ ବାରାକ୍ ଓବାମା, ହିଲାରି କ୍ଲିଣ୍ଟନ୍ ଓ ଜୋ ବାଇଡେନ୍‌ଙ୍କୁ ସମର୍ଥନ କରିଥିଲେ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କ ସମାଲୋଚକ ଭାବେ ଜଣାଶୁଣା ଏହି ବର୍ଷୀୟାନ୍ ଇନ୍‌ଭେଷ୍ଟରଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୮.୬ ବିଲିୟନ୍ ଡଲାର। ସେ ଓପନ୍ ସୋସାଇଟି ଫାଉଣ୍ଡେଶନ୍‌କୁ ୩୨ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ ଦାନ କରିଛନ୍ତି। ଫୋର୍ବସ ତାଙ୍କୁ ସବୁଠୁ ବଦାନ୍ୟ ଦାତା ଆଖ୍ୟା ଦେଇଛି।

## 'ଟିଟିପି, ହିଜବୁଲ୍ ବୈଶ୍ୱିକ ଆତଙ୍କବାଦୀ ସଂଗଠନ'


ଆଣ୍ଟୋନି ବ୍ଲିଙ୍କେନ୍

**ୱାଶିଂଟନ,୧୭।୨(ପି.ଟି.)**

ପାକିସ୍ତାନର କଶ୍ମୀର କୈନ୍ଦ୍ରିକ ହିଜବୁଲ୍ ମୁଜାହିଦ୍ଦିନ ଏବଂ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ବୈଶ୍ୱିକ ଆତଙ୍କବାଦୀ ସଂଗଠନ ରହିଛି। ଏହାର ପଦବୀରେ କୌଣସି ପରିବର୍ତ୍ତନ ହେବାର କାରଣ ନାହିଁ ବୋଲି ସମୀକ୍ଷା ପରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ବିଭିନ୍ନ ବିଦେଶୀ ଆତଙ୍କବାଦୀ ସଂଗଠନର ପଦବୀକୁ ସମୀକ୍ଷା କରାଯିବା ପରେ ଏହାକୁ ସଂଘୀୟ ରେଜିଷ୍ଟରରେ ବିଜ୍ଞପିତ କରାଯାଇଛି। ୨୦୧୦ ସେପ୍ଟେମ୍ବର ୧ରେ ଟିଟିପିକୁ ଆମେରିକା ଆତଙ୍କବାଦୀ ସଂଗଠନ ତାଲିକାଭୁକ୍ତ କରିବା ସହ ଏହାର ନେତା ହକିମୁଲ୍ଲା ମେହସୁଦ୍ ଏବଂ ୱାଲି ଉର୍-ରେହମନଙ୍କୁ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରିଥିଲା। ୨୦୦୭ରେ ଗଠିତ ଟିଟିପିର ନୀତି ଆଦର୍ଶ ଆଫଗାନିସ୍ତାନ ତାଲିବାନ ସହ ସମାନ। ସେହିପରି କଶ୍ମୀର କୈନ୍ଦ୍ରିକ ହିଜବୁଲ୍ ମୁଜାହିଦ୍ଦିନକୁ ଆମେରିକା, କାନାଡା, ଭାରତ ଏବଂ ୟୁରୋପୀୟ ସଂଘ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରିଛି।

## ସଂକ୍ଷେପରେ

### ଭୂକମ୍ପରୁ ବର୍ତ୍ତିଥିବା ସିରିଆ ପରିବାର ଦଗ୍ଧ

**ଇସ୍ତାନବୁଲ୍,୧୭।୨:** ଗତ ସପ୍ତାହର ଭୂକମ୍ପରୁ ବର୍ତ୍ତିଯାଇଥିବା ସିରିଆର ୫ ଜଣ ପିଲା ଓ ସେମାନଙ୍କ ମାଆବାପା ତୁର୍କୀର ଏକ ଘରେ ଆଶ୍ରୟ ନେଇଥିବାବେଳେ ଶୁକ୍ରବାର ସେଥିରେ ନିଆଁ ଲାଗିଯିବାରୁ ସେମାନେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗତ ୬ ତାରିଖ ଭୂକମ୍ପରେ ତୁର୍କୀ ଓ ସିରିଆରେ ୪୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଦକ୍ଷିଣପୂର୍ବ ତୁର୍କୀ ସହର ନୁର୍‌ଡାଗି ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଉକ୍ତ ପରିବାର ସେଠାରୁ କେନ୍ଦ୍ରୀୟ ଅଞ୍ଚଳରେ ଥିବା କୋନ୍ୟାକୁ ପଳାଇଥିଲେ। ଉକ୍ତ ଘରୁ ଝରକା ଦେଇ ଜଣେ ଝିଅଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଉପରୋକ୍ତ ଶିଶୁ ଓ ସେମାନଙ୍କ ମାଆବାପାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ମୃତ ଶିଶୁମାନଙ୍କ ବୟସ ୪ରୁ ୧୩ ବର୍ଷ ମଧ୍ୟରେ।

### ଜର୍ମାନୀରେ ୨,୩୪୦ ବିମାନ ବାତିଲ

**ବର୍ଲିନ,୧୭।୨:** ଜର୍ମାନୀର ୮ଟି ବିମାନବନ୍ଦରର କର୍ମଚାରୀମାନେ ଅଧିକ ବେତନ ଦାବିରେ ଧର୍ମଘଟରେ ସାମିଲ ହୋଇଥିବାରୁ ଶୁକ୍ରବାର ୨,୩୪୦ ବିମାନ ଉଡ଼ାଣ ବାତିଲ ହୋଇଛି। ଫଳରେ ପ୍ରାୟ ୨,୯୫,୦୦୦ ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ଧର୍ମଘଟ ଗ୍ରହଣୀୟ ନୁହେଁ ବୋଲି ଜର୍ମାନ ବିମାନବନ୍ଦର ସଂଘ ଏଡିଭି କହିଛି। ଆଲୋଚନା ମାଧ୍ୟମରେ ସମାଧାନ ସୂତ୍ର ବାହାର କରିବାକୁ ଏଡିଭି ମୁଖ୍ୟ ରାଲଫ୍ ବିସେଲ୍ ପରାମର୍ଶ ଦେଇଛନ୍ତି।

### ଜମ୍ମୁ-କଶ୍ମୀର ଗଜନଭି ଫୋର୍ସ ବେଆଇନ ଘୋଷିତ

**ନୂଆଦିଲ୍ଲୀ,୧୭।୨:** ଆତଙ୍କବାଦ ନିରୋଧୀ ଆଇନ ଅନୁଯାୟୀ ଜମ୍ମୁ-କଶ୍ମୀର ଗଜନଭି ଫୋର୍ସ (ଜେକେଜିଏଫ୍)କୁ ଶୁକ୍ରବାର ବେଆଇନ ଘୋଷଣା କରାଯାଇଛି। ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନର କ୍ୟାଡରମାନଙ୍କୁ ନେଇ ଜେକେଜିଏଫ୍ ଗଠିତ ହୋଇଥିଲା। ଏହା ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ, ବେଆଇନ ନିଶାଦ୍ରବ୍ୟ କାରବାର, ଅସ୍ତ୍ର ଚୋରାଚାଲାଣ ସହ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ। ସୁରକ୍ଷା ବଳ ପ୍ରତି ଏହା ବିପଦର କାରଣ ହୋଇଛି। ଅନ୍ୟ ଏକ ବିଜ୍ଞପ୍ତିରେ ପଞ୍ଜାବ ବାସିନ୍ଦା ହରୱିନ୍ଦର ସିଂ ସାନ୍ଧୁ ଓରଫ ରିଣ୍ଡାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆତଙ୍କବାଦୀ ଘୋଷଣା କରିଛି। ରିଣ୍ଡା ଏବେ ଲାହୋରରେ ରହି ବେଆଇନ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହ ସମ୍ପୃକ୍ତ ରହିଛି। ୨୦୨୧ରେ ପଞ୍ଜାବ ପୋଲିସର ଗୋଇନ୍ଦା ମୁଖ୍ୟାଳୟ ଉପରେ ଆକ୍ରମଣ ପଛରେ ରିଣ୍ଡା ମାଷ୍ଟରମାଇଣ୍ଡ ଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

### ଭାରତ ଗସ୍ତ ବାତିଲ କଲେ ଇରାନ ମନ୍ତ୍ରୀ


ହୋସେନ ଅମିର ଅବ୍‌ଦୋଲ୍ଲାହିଆନ୍

**ନୂଆଦିଲ୍ଲୀ,୧୭।୨:** ଇରାନର ବହିର୍ବ୍ୟାପାର ମନ୍ତ୍ରୀ ହୋସେନ ଅମିର ଅବ୍‌ଦୋଲ୍ଲାହିଆନ୍ ରାଇସିନା ଡାଇଲଗ୍‌ରେ ଯୋଗଦେବା ପାଇଁ ଭାରତ ଆସିବାର ଥିଲା। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ୍‌ର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ଶୁକ୍ରବାର ସେ ସ୍ପଷ୍ଟ କରିଛନ୍ତି। କାରଣ ଉକ୍ତ କାର୍ଯ୍ୟକ୍ରମରେ ଏକ ଶଟ୍ ରହିଛି, ଯହିଁରେ ଇରାନୀୟ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ଆଗରେ ମହିଳାମାନେ ନିଜ ଚୁଟି କାଟି ଦେଖାଉଛନ୍ତି। ରାଇସିନା ଡାଇଲଗ୍ ୨୦୨୩ ସଂସ୍କରଣ ଘୋଷଣା ହେବାର ମାସକ ପୂର୍ବରୁ ଏହି ଭିଡିଓକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ପ୍ରକାଶ ଯେ, ଗତ ସେପ୍ଟେମ୍ବରରେ ମହସା ଅମିନି ଉଚିତ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବା ଦର୍ଶାଇ ଇରାନର ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ ବର୍ବରତାରେ ତାଙ୍କର ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହାର ପ୍ରତିବାଦରେ ଇରାନୀୟ ମହିଳାମାନେ ନିଜ ଚୁଟି କାଟି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ବନ୍ଦ ଲଫାପାରେ କେନ୍ଦ୍ରର ପ୍ରସ୍ତାବ ଅଗ୍ରାହ୍ୟ

**ନୂଆଦିଲ୍ଲୀ,୧୭।୨**

**ଆଦାନୀ-ହିଣ୍ଡେନ୍‌ବର୍ଗ ତଦନ୍ତ ପାଇଁ ବିଶେଷଜ୍ଞ କମିଟି**



ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗ ଆସିବା ପରେ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ଖସିବାରେ ଲାଗିଛି। ନିବେଶକମାନଙ୍କୁ କ୍ଷତିରୁ ବଞ୍ଚାଇବା ପାଇଁ ନିୟାମକ ପଦକ୍ଷେପ ନେବା ସକାଶେ ଏକ ବିଶେଷଜ୍ଞ ଟିମ୍ ଗଠନ ଉପରେ କେନ୍ଦ୍ର ସରକାର ଶୁକ୍ରବାର ବନ୍ଦ ଲଫାପାରେ ସୁପ୍ରିମକୋର୍ଟଙ୍କୁ ପ୍ରସ୍ତାବ ଦେଇଥିଲେ। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଦାଖଲ କରିଥିବା ଉକ୍ତ ଲଫାପାକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ସୁପ୍ରିମକୋର୍ଟ ନିବେଶକମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଚାହାନ୍ତି। ଆମେ ଏକ କମିଟି ଗଠନ କରିବୁ। ସର୍ବୋଚ୍ଚ ଅଦାଲତର କୌଣସି କାର୍ଯ୍ୟରତ ବିଚାରପତି ଉକ୍ତ ପ୍ୟାନେଲରେ ରହିବେ ନାହିଁ। କାରଣ ଅନ୍ୟ ମାମଲାଗୁଡ଼ିକର ଶୁଣାଣି ଲାଗି ଖଣ୍ଡପୀଠ ଗଠନରେ ପ୍ରତିଦିନ ଅସୁବିଧା ହେଉଛି।

ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଜାନୁୟାରୀ ୨୪ରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ଜାଲିଆତି ରିପୋର୍ଟ ପ୍ରଘଟ କରିବା ପରେ କମ୍ପାନୀର ଶେୟାର ମୂଲ୍ୟରେ 'ଆର୍ଟିଫିସିଆଲ କ୍ରାଶ୍' (ମନୁଷ୍ୟକୃତ ପତନ) ହୋଇଥିବା ଦର୍ଶାଇ ସୁପ୍ରିମକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଗୋଟିଏ ପିଆଇଏଲ୍ ଆଇନଜୀବୀ ବିଶାଳ ତିୱାରୀ ଓ ଅନ୍ୟଟି ବରିଷ୍ଠ ଓକିଲ ଏମ୍.ଏଲ୍. ଶର୍ମା ଦାଖଲ କରିଛନ୍ତି। ଷ୍ଟକ୍ସ ମୂଲ୍ୟ ହ୍ରାସ ପାଇବାରେ ଲାଗିଥିବାରୁ ନିରୀହ ନିବେଶକମାନେ ଶୋଷଣର ଶିକାର ହୋଇଛନ୍ତି। ତେଣୁ ହିଣ୍ଡେନ୍‌ବର୍ଗ ରିପୋର୍ଟର ତଦନ୍ତ କରାଯାଉ ଏବଂ ନିବେଶକମାନଙ୍କୁ ଆଶ୍ୱସ୍ତି ଦିଆଯାଉ ବୋଲି ଏଥିରେ ନିବେଦନ କରାଯାଇଛି। ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଗତ ୧୦ ତାରିଖରେ ଏହାର ଶୁଣାଣି କରି କେନ୍ଦ୍ର ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ମତାମତ ଲୋଡ଼ିଥିଲେ। ପୁଞ୍ଜିବଜାରରେ ଭାରତୀୟ ନିବେଶକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଦେଶରେ ଏକ ମଜଭୁତ ବ୍ୟବସ୍ଥା ରହିବା ଉଚିତ ବୋଲି ତିନିଜଣିଆ ଖଣ୍ଡପୀଠ ପ୍ରକାଶ କରିଥିଲେ।

**ଦଳିତ ଆଇଆଇଟି ଛାତ୍ରଙ୍କ ଆତ୍ମହତ୍ୟା**

## ନିର୍ଦ୍ଦେଶକଙ୍କ ଇସ୍ତଫା ଦାବିକଲେ ୩ ଛାତ୍ର ଗୋଷ୍ଠୀ

**ମୁମ୍ବାଇ,୧୭।୨**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ବମ୍ବେର ଜଣେ ୧୮ ବର୍ଷୀୟ ଦଳିତ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଏଥିପାଇଁ ଶିକ୍ଷାନୁଷ୍ଠାନର ୩ ଛାତ୍ରଗୋଷ୍ଠୀ ନିର୍ଦ୍ଦେଶକଙ୍କୁ ଦାୟୀ କରି ତୁରନ୍ତ ତାଙ୍କର ଇସ୍ତଫା ଦାବି କରିଛନ୍ତି। ନିର୍ଦ୍ଦେଶକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସ୍ଥାନ ଦେବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହିତ ଅନୁସୂଚିତ ଜାତି/ଜନଜାତି ଅତ୍ୟାଚାର ପ୍ରତିକାର ଆଇନ ଏବଂ ଆଣ୍ଟି-ରାଗିଂ ଆଇନରେ ମାମଲା ରୁଜୁ କରିବାକୁ ସେମାନେ ଦାବି କରିଛନ୍ତି। ମୃତ ଛାତ୍ର ଦର୍ଶନ ସୋଲାଙ୍କି ଆଇଆଇଟିରେ ଜାତିଆଣ ବୈଷମ୍ୟର ଶିକାର ହେଉଥିଲେ ବୋଲି ତାଙ୍କ ପରିବାର ଅଭିଯୋଗ କରିଛି।

## କରାଚୀ ପୋଲିସ ମୁଖ୍ୟାଳୟରେ ଆକ୍ରମଣ: ୪ ନିହତ

**କରାଚୀ,୧୭।୨**

ପାକିସ୍ତାନର କରାଚୀ ସହରରେ ଥିବା ପୋଲିସ ମୁଖ୍ୟାଳୟ ଉପରେ ଶୁକ୍ରବାର ତାଲିବାନ ଆତଙ୍କବାଦୀ ଆତ୍ମଘାତୀମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ବିସ୍ଫୋରଣ ଓ ଗୁଳି ଶବ୍ଦରେ ସହର ଥରିଉଠିଥିଲା। ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ପୋଲିସ ଅଫିସର ଓ ଜଣେ ସାଧାରଣ ନାଗରିକ ନିହତ ହେବା ସହ ୧୧ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ପୋଲିସ ଗୁଳିରେ ୨ ଆକ୍ରମଣକାରୀଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ପାଇଁ ପାକିସ୍ତାନୀ ତାଲିବାନ ନିଜକୁ ଦାୟୀ କରିଛି। କରାଚୀରେ ଆକ୍ରମଣକୁ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ନିନ୍ଦା କରିଛନ୍ତି।

## ଅରୁଣାଚଳ ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ସ୍ୱୀକୃତି ଦେବାକୁ ଆମେରିକା ସିନେଟ୍‌ରେ ସଂକଳ୍ପ

**ୱାଶିଂଟନ,୧୭।୨(ପି.ଟି.)**

ଅରୁଣାଚଳପ୍ରଦେଶକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସ୍ୱୀକୃତି ଦେବା ପାଇଁ ଆମେରିକା ସିନେଟ୍‌ରେ ଗୁରୁବାର ଦ୍ୱିଦଳୀୟ ସଂକଳ୍ପ ଆଗତ କରାଯାଇଛି। ପ୍ରକୃତ ନିୟନ୍ତ୍ରଣ ରେଖା ଅଞ୍ଚଳରେ ସ୍ଥିତାବସ୍ଥା ବଦଳାଇବା ପାଇଁ ଚାଇନା ସୈନ୍ୟବାହିନୀର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଏଥିରେ ସମାଲୋଚନା କରାଯାଇଛି। ଚାଇନା ସ୍ଥିତାବସ୍ଥା ପରିବର୍ତ୍ତନ ପାଇଁ ସୈନ୍ୟବାହିନୀର ବ୍ୟବହାର କରିବା ସହ ବିବାଦୀୟ ଅଞ୍ଚଳରେ ଗାଁ ନିର୍ମାଣ କରୁଛି। ଏହା ବ୍ୟତୀତ ମାଣ୍ଡାରିନ୍ ଭାଷାରେ ଅରୁଣାଚଳପ୍ରଦେଶର ବିଭିନ୍ନ ସହରକୁ ନାମିତ କରି ମାନଚିତ୍ର ପ୍ରକାଶ କରୁଛି। ଭୁଟାନର କେତେକ ଅଞ୍ଚଳକୁ ଚାଇନା ନିଜର କହିବା ସହ ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତ କହି ଏହାର ଅଞ୍ଚଳ ଭାବେ ଦାବି କରିଆସୁଥିବାରୁ ଉତ୍ତେଜନା ବୃଦ୍ଧି ପାଉଛି। ଆମେରିକା ଅରୁଣାଚଳକୁ ଏକ ବିବାଦୀୟ ଅଞ୍ଚଳ ନୁହେଁ ବରଂ ଭାରତୀୟ ସାଧାରଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସ୍ୱୀକୃତି ଦେଇଛି। ଡେମୋକ୍ରାଟ ସିନେଟର ଜେଫ୍ ମେର୍କଲି ଏବଂ ରିପବ୍ଲିକାନ ସିନେଟର ବିଲ୍ ହାଗେର୍ଟି ଉକ୍ତ ଦ୍ୱିଦଳୀୟ ସଂକଳ୍ପ ଆଗତ କରିଛନ୍ତି।

## ସୁପ୍ରିମକୋର୍ଟରେ ଏଏପିର ବଡ଼ ବିଜୟ

**ନୂଆଦିଲ୍ଲୀ,୧୭।୨**

**ମେୟର ନିର୍ବାଚନରେ ଭୋଟ ଦେଇପାରିବେନି ଏମ୍‌ସିଡିର ମନୋନୀତ ସଦସ୍ୟ**

ମେୟର ନିର୍ବାଚନରେ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)ର ମନୋନୀତ ସଦସ୍ୟମାନେ ଭୋଟ ଦେଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହି ରାୟ ଭାଜପାକୁ ଶକ୍ତ ଝଟକା ଦେଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପାଇଁ ବଡ଼ ବିଜୟ ସାବ୍ୟସ୍ତ ହୋଇଛି।

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ ମେୟର ନିର୍ବାଚନ ଏମ୍‌ସିଡିର ପ୍ରଥମ ବୈଠକରେ ହେବ। ମେୟର ନିର୍ବାଚିତ ହେବା ପରେ ସେ ଡେପୁଟି ମେୟରର ନିର୍ବାଚନ କରାଇବେ। ଆମେ ଉଭୟ ପକ୍ଷଙ୍କ ଓକିଲଙ୍କ ଯୁକ୍ତି ଶୁଣିଛୁ। ମ୍ୟୁନିସିପାଲ କର୍ପୋରେଶନ୍ ପକ୍ଷରୁ ବଢ଼ାଯାଇଥିବା ଯୁକ୍ତିକୁ ଆମେ ଗ୍ରହଣ କରିପାରିବୁ ନାହିଁ। ମନୋନୀତ ସଦସ୍ୟମାନଙ୍କ ମତଦାନ ଅଧିକାର ନାହିଁ ବୋଲି ସାମ୍ବିଧାନିକ କଟକଣା ରହିଛି। ପ୍ରଥମ ବୈଠକରେ ହିଁ ଏହି ବାରଣ ଲାଗୁ ହେବ। ମେୟର ନିର୍ବାଚନ ଏବଂ ଏମ୍‌ସିଡିର ପ୍ରଥମ ବୈଠକ ପାଇଁ ୨୪ ଘଣ୍ଟା ମଧ୍ୟରେ ନୋଟିସ ଜାରି କରାଯିବ। କେତେ ତାରିଖରେ ମେୟର, ଡେପୁଟି ମେୟର କିମ୍ବା ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କ ନିର୍ବାଚନ ହେବ ତାହା ଉକ୍ତ ନୋଟିସରେ ଉଲ୍ଲେଖ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରକାଶ ଯେ, ଦିଲ୍ଲୀର ଶାସକ ଏଏପି ପକ୍ଷରୁ ମେୟର ପ୍ରାର୍ଥୀ ହୋଇଥିବା ଶେଲି ଓବରୟ ଶୀଘ୍ର ନିର୍ବାଚନ କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୮ ତାରିଖରେ ସର୍ବୋଚ୍ଚ ଅଦାଲତ ଉପରାଜ୍ୟପାଳଙ୍କ ଅଫିସ, ଏମ୍‌ସିଡି ପ୍ରୋଟେମ୍ ପ୍ରିଜାଇଡିଂ ଅଫିସର ସତ୍ୟ ଶର୍ମା ଓ ଅନ୍ୟମାନଙ୍କୁ ଓବରୟଙ୍କ ଆବେଦନ ଉପରେ ଜବାବ ମାଗିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
1. Marketing Agents in every Block for sale of organic input.
2. Sales Personnel for Industrial Products.
3. Gardener cum Grafter - 3
4. Farm Development Manager
Contact: 9337084518

ମୁମ୍ବାଇରେ ପିଲାଙ୍କୁ ସମ୍ଭାଳିବା, ରୋଗୀଙ୍କ ଯତ୍ନ ନେବା, ଘର କାମ କରିବା ପାଇଁ ଝିଅ/ମହିଳା ଆବଶ୍ୟକ । ରହିବା ଓ ଖାଇବା ମାଗଣା । ବେତନ ୧୫-୨୦ ହଜାର ।
ଫୋନ୍: 08822900900

APPOINTMENT
Urgently required Diploma / B.Tech. (Civil) experienced / fresher for Rourkela & Talcher. Salary is not a constraints.
Contact:
8249414800
9853615053

ଭୁବନେଶ୍ୱରରେ ଘର କାମ ପାଇଁ ଝିଅପିଲା ଦରକାର। ରହିବା, ଖାଇବା ମାଗଣା। ଦରମା କାମ ଦେଖି ଦିଆଯିବ।
ଏବେ ହିଁ ଯୋଗାଯୋଗ କରନ୍ତୁ:
9825495448

UGIS
Utkal Gaurav International School
(A Unit of Utkal Gaurav Foundation)
Village:- Berunapadi, Po :- Soso, Block :- Hatadihi, Dist :- Keonjhar, Odisha - 758078
Location:- Bhadrak, Via:- Bonth - 28 Km
Advertisement for Recruitment: Teaching and Non-Teaching
● Principal ● Vice-Principal ● Post Graduate Teacher-English ● Trained Graduate Teacher-Social Studies, Hindi, Math, Science ● Computer Teacher ● Art Teacher ● Music Teacher ● PET (Male & Female) ● PRT- Odia, Sanskrit and all subjects ● Nursery Teacher ● LDC (Lower Division Clerk) ● Librarian ● Lab Attendant ● Judo & Taekwondo ● Food Manager ● Peon ● Cook
Submit your application within 15 days from the date of advertisement.
How to apply - visit the link given below for detailed information
www.utkalgaurav.org (Career Section), Mob:- 9040005333
Resume to be sent :- resume.ugis@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
• ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା ।
• ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା ।
• ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା ।
ପ୍ରାର୍ଥୀଙ୍କ ଯୋଗ୍ୟତା:-
• ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା ।
Apply immediately to :
recruitment@dharitri.com
Attractive salary commensurate with experience

STEWART SCHOOL BHUBANESWAR
UNIT-8, CRP SQUARE, BHUBANESWAR-751012
APPOINTMENT
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.
SL. SUBJECT
1. English– ICSE/CBSE background candidate having qualification of M.A./B.A. with B.Ed. and must have cleared CTET
2. Hindi – M.A./B.A. with B.Ed. and must have cleared CTET
3. Odia – M.A./B.A. with B.Ed. and must have cleared CTET
4. Primary Teacher – ICSE/CBSE background candidate having qualification of B.A. with B.Ed. and must have cleared CTET
5. Art – Master in Fine Arts in Art Education / Bachelor in Fine Arts in Art Education.
6. Spoken English Facilitator – Candidate from Anglo-Indian community or ICSE background having M.A./B.A. qualification will be preferred
7. Para Teacher-cum-Child Care Giver - +2 with Diploma in Early Childhood Care and Education from recognized institution (1 year course), must have undergone Certificate Course in Counselling and must have basic knowledge of Smart class teaching, computer and mobile phone communication.
Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୮/୨୦୨୩ | Bhubaneswar, Saturday, February 18/2023 | ପୃଷ୍ଠା-୧




**ଶାମିଙ୍କ ପ୍ରଭାବୀ ବୋଲିଂ**

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତୀୟ ବୋଲର ମହମ୍ମଦ ଶାମି ୪ ଉଇକେଟ ସଫଳତା ହାସଲ କରିଛନ୍ତି।

୧୮ | ୧୧

**ନସିମଙ୍କ ପ୍ରେମରେ ଉର୍ବଶୀ**

ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା ପାକିସ୍ତାନୀ କ୍ରିକେଟର ନସିମ ଶାହାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ନସିମ୍‌ଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି।






କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ଷ୍ଟାଡିୟମ ଓ କ୍ରୀଡ଼ା ଭିତ୍ତିଭୂମିକୁ ଶୁକ୍ରବାର ଖେଳାଳିଙ୍କ ନାମରେ ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ଏମ୍‌ପି ଅଚ୍ୟୁତ ସାମନ୍ତ, ବିଶିଷ୍ଟ ଟେନିସ୍ ତାରକା ଲିଆଣ୍ଡର ପେସ୍, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଅଲିମ୍ପିଆନ ଦୂତୀ ଚାନ୍ଦ, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ସାଇକ୍ଲିଷ୍ଟ ମିନତି ମହାପାତ୍ର, ଆଥଲେଟ୍ ଅମିୟ ମଲ୍ଲିକ, ସର୍ବଭାରତୀୟ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ ଓ ଅନ୍ତର୍ଜାତୀୟ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ପାହ୍ୟା

**▪ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ କମାଯାଇନାହିଁ: ନିର୍ମଳା**

**▪ ରେକର୍ଡ ପରିମାଣ ଶସ୍ୟ ସଂଗ୍ରହ ହେଉଛି**

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବ ନାହିଁ। କେବଳ ଓଡ଼ିଶା ନୁହେଁ, କୌଣସି ରାଜ୍ୟକୁ ଆଉ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବ ନାହିଁ। ଏଥିଲାଗି ଅର୍ଥ କମିଶନ ତାଙ୍କ ରିପୋର୍ଟରେ ସୁପାରିସ କରିଛନ୍ତି। ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ରହିଥିବା ସର୍ତ୍ତ ଆଧାରରେ ତେଲଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯାଇଛି। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଗଣମାଧ୍ୟମ ସହିତ ବଜେଟ ପରବର୍ତ୍ତୀ ଆଲୋଚନା ସମୟରେ ଏହା କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ଗତ କିଛି ବର୍ଷ ଧରି ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦାବି କରିଆସୁଛି। ପଛୁଆ ଅଞ୍ଚଳ ସହିତ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଲଗାତର ହେଉଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ବହୁବାର ଦାବିକରି ଆସୁଛନ୍ତି। ବିଜେଡି ଏମ୍‌ପିମାନେ ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ କ୍ରମାଗତ ଉଠାଇ ଆସୁଛନ୍ତି। ତେବେ ନିର୍ମଳାଙ୍କ ସୂଚନା ପରେ ରାଜ୍ୟର ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦାବିକୁ ଝଟକା ଲାଗିଛି। ଯେଉଁ ରାଜ୍ୟର ଅଧିକାଂଶ ଅଞ୍ଚଳ ଦୁର୍ଗମ ପାହାଡ଼ ସାଙ୍ଗକୁ ଅନ୍ତର୍ଜାତୀୟ ସୀମାକୁ ସଂଯୋଗ କରୁଥିବ, ଆର୍ଥିକ ଏବଂ ଭିତ୍ତିଭୂମି କ୍ଷେତ୍ରରେ ପଛୁଆ ଅଞ୍ଚଳ ହୋଇଥିବ, ସେହି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ରହିଛି।

୨୦୨୩-୨୪ କେନ୍ଦ୍ରୀୟ ବଜେଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅର୍ଥ କମାଯାଇଥିବା ନେଇ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ ଉଠାଇଥିଲେ। ଏ ସମ୍ପର୍କରେ ଅର୍ଥମନ୍ତ୍ରୀ କହିଛନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍ ହେଉଛି ଚାହିଦାଭିତ୍ତିକ ଯୋଜନା। ଲୋକଙ୍କ ଚାହିଦା



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ

ବଢ଼ିଲେ, ବ୍ୟୟବରାଦ ବଢ଼ିବ। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆସିବା ପରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦିଆଯାଉଥିବା ପାଣ୍ଠି ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ବିନିଯୋଗ ହେଉଛି, ଯାହାକି ୧୦ ବର୍ଷର ୟୁପିଏ ସରକାର ଅମଳରେ ହେଉ ନ ଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅର୍ଥ କମାଯାଇଥିବା ଅଭିଯୋଗ ଆଣି କେତେକ ରାଜ୍ୟ ଏହାକୁ ପ୍ରସଙ୍ଗ କରୁଛନ୍ତି। କିନ୍ତୁ ଏମିତି ମଧ୍ୟ ରାଜ୍ୟ ଅଛନ୍ତି, ଯେଉଁମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ ପାଣ୍ଠି ଦିଆଯାଉଥିଲେ ମଧ୍ୟ ସେମାନେ ଖର୍ଚ୍ଚ କରିପାରୁନାହାନ୍ତି। ଏହି ଯୋଜନା ପାଇଁ ପାଣ୍ଠି ଅତିରିକ୍ତ ☞ପୃଷ୍ଠା-୨

# କିଟ୍‌ର ବିଭିନ୍ନ ଷ୍ଟାଡିୟମ ଲୋକାର୍ପିତ

ଭୁବନେଶ୍ୱର,୧୭।୨ (କ୍ରୀଡ଼ା ପ୍ରତିନିଧି)

କିସ୍ ବିଶ୍ୱବିଦ୍ୟାଳୟ ୨ୟ ଏବଂ କିସ୍-ଭୁବନେଶ୍ୱରର ୪ର୍ଥ କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ଭାରତର ବିଶିଷ୍ଟ କ୍ରୀଡ଼ା ପ୍ରତିଭା ଓ ବ୍ୟକ୍ତିବିଶେଷଙ୍କ ନାମରେ ନାମିତ କିଟ୍‌ର ବିଭିନ୍ନ ଷ୍ଟାଡିୟମ ଓ ଭିତ୍ତିଭୂମିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ପୂର୍ବରୁ କିସ୍-ଭୁବନେଶ୍ୱର ଓ କିସ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଥିବା ବେଳେ ଏବେ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଡେମିକ୍ ବିଲ୍ଡିଂ, ବୃହତ୍ ଲାଇବ୍ରେରି, ୩ ହଜାର ଛାତ୍ର ରହିବା ଭଳି ଛାତ୍ରାବାସ, ୩ ହଜାର ଛାତ୍ରୀ ରହିବା ଭଳି ଛାତ୍ରୀନିବାସର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଟ୍-କିସ୍‌ରେ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ବହୁ ଉପଯୋଗୀ ଇନ୍‌ଡୋର ଷ୍ଟାଡିୟମ ଓ କିଟ୍ କ୍ରିକେଟ ଷ୍ଟାଡିୟମ, ଦିଲୀପ ତିର୍କୀ ହକି ଷ୍ଟାଡିୟମ, ଅଭିନବ ବିନ୍ଦ୍ରା ଇନ୍‌ଡୋର ଶୁଟିଂ ରେଞ୍ଜ, ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମ, ଦେବାଶିଷ ଓ ଶିବସୁନ୍ଦର ଷ୍ଟାଣ୍ଡ, ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍, ଲିଆଣ୍ଡର ପେସ୍ ଟେନିସ୍ ଷ୍ଟାଡିୟମ, ଦୂତି ଚାନ୍ଦ ଆଥ୍‌ଲେଟିକ ଷ୍ଟାଡିୟମ, ଅମିୟ ମଲ୍ଲିକ୍ ଆଥ୍‌ଲେଟିକ ଷ୍ଟାଣ୍ଡ, ଶ୍ରାବଣୀ ନନ୍ଦ ଷ୍ଟାଣ୍ଡ, ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍, ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଫୁଟବଲ ଷ୍ଟାଡିୟମ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଆର୍. ଭିନିଲ୍ କ୍ରିଷ୍ଣା, ପଦ୍ମଭୂଷଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିଯୁକ୍ତିରେ କ୍ଷତି**

**ଆଜିର ମନ୍ତବ୍ୟ**

“ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ ଶିବସେନା ନାମ ଓ ଦଳୀୟ ଚିହ୍ନ ‘ଧନୁତୀର’ ପ୍ରଦାନ କରିବା ଗଣତନ୍ତ୍ରର ହତ୍ୟା। ଇସିଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ।

-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ

# ଷୋଡ଼ଶ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ ୧୯ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଷୋଡ଼ଶ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ ୧୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେଥିରୁ ୨ଟି ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଥିବା ବେଳେ ୧୭ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପରେ ୧୬୫୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବାକୁ ଥିବା ବେଳେ ୪୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ଲାଷ୍ଟିକ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକ୍ଚରିଂ, ପର୍ଯ୍ୟଟନ, ଆଇଟି, କୃଷି, ଫାର୍ମାସ୍ୟୁଟିକାଲ ଏବଂ ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ କ୍ଷେତ୍ରରେ ଏହି ସବୁ ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବ। ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସନ୍ତା କିଛିବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ ଓ ପେଟ୍ରୋକେମିକାଲ, ମେଟାଲ ଓ ମିନେରାଲ କ୍ଷେତ୍ରରେ ଓଡ଼ିଶା ସମଗ୍ର ☞ପୃଷ୍ଠା-୨

# ଏକନାଥ ଗୋଷ୍ଠୀକୁ ଧନୁତୀର ଚିହ୍ନ

**କୋର୍ଟରେ ଚ୍ୟାଲେଞ୍ଜ କରିବ ଉଦ୍ଧବ ଗୋଷ୍ଠୀ**

ନୂଆଦିଲ୍ଲୀ,୧୭।୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ଶିବସେନା ନାମ ଏବଂ ଧନୁତୀର ଚିହ୍ନ ପ୍ରଦାନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶିବସେନାର ବର୍ତ୍ତମାନର ସମ୍ବିଧାନ ଅଗଣତାନ୍ତ୍ରିକ ବୋଲି ଇସି ତାଙ୍କର ୭୮ ପୃଷ୍ଠାର ନିର୍ଦ୍ଦେଶନାମାରେ କହିଛନ୍ତି। ବିଭିନ୍ନ ସଂଗଠନରେ ନିର୍ବାଚନ ହୋଇ କାର୍ଯ୍ୟକର୍ତ୍ତା ନିଯୁକ୍ତ ହୋଇଥିଲେ ମଧ୍ୟ ସେମାନଙ୍କ ସମ୍ପୂର୍ଣ୍ଣ ତାଲିକା କମିଶନଙ୍କୁ ଦିଆଯାଇନାହିଁ। ୧୯୯୯ରେ ଦଳର ପ୍ରତିଷ୍ଠାତା ବାଲ୍ ଠାକ୍‌ରେ ଆଣିଥିବା ଦଳୀୟ ସମ୍ବିଧାନକୁ ୨୦୧୮ରେ ସଂଶୋଧନ କରାଯାଇଛି, ଦଳର ଗଣତାନ୍ତ୍ରିକ ନିୟମାବଳୀର ଉଲ୍ଲଂଘନ କରୁଛି ବୋଲି ଇସି କହିଛନ୍ତି। ମହାରାଷ୍ଟ୍ର ଶିବସେନାରେ ବିଦ୍ରୋହର ୮ ମାସ ପରେ ଦଳର ନାମ ଓ ଚିହ୍ନକୁ ନେଇ ଏକନାଥ ଗୋଷ୍ଠୀର ଦାବିକୁ ଇସି ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଉଦ୍ଧବଙ୍କ ପାଇଁ ଏହା ଶକ୍ତ ଧକ୍କା ହୋଇଛି। ଉଦ୍ଧବଙ୍କ ବାପା ବାଲ୍ ଠାକ୍‌ରେ ଦଳ ପ୍ରତିଷ୍ଠା କରିଥିଲେ ହେଁ ତାଙ୍କ ଗୋଷ୍ଠୀ ଶିବସେନା ନାଁ କିମ୍ବା ଧନୁତୀର ଚିହ୍ନରୁ ବଞ୍ଚିତ ହୋଇଛି। ଇସି କହିଛନ୍ତି ☞ପୃଷ୍ଠା-୨




ନିର୍ବାଚନୀ ଚିହ୍ନ



ଏକନାଥ ଶିନ୍ଦେ

# ହାତଗଣ୍ଠି ପରେ କନ୍ୟା ଚମ୍ପଟ

**▪ ପ୍ରେମିକଙ୍କ ସହ ବାଇକ୍‌ରେ ପଳାଇଲେ**

**▪ ଶିଶୁପାଳ ହୋଇ ଫେରିଲେ ବର**

**▪ ଥାନାରେ ଅଭିଯୋଗ କଲେ ଯୁବକ**

ବଲାଙ୍ଗୀର ଅଫିସ, ୧୭।୨

ବୈଦିକ ରୀତିରେ ସରିଥିଲା ବିବାହ। ହୋମ ନିଆଁକୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ସାଥି ହୋଇଥିଲେ ବର-ବଧୂ। ସକାଳୁ କନ୍ୟାଙ୍କୁ ସାଙ୍ଗରେ ଧରି ଯୁବକ ଫେରିଥା’ନ୍ତେ ଘରକୁ। ହେଲେ ବଧୂବେଶରେ ଶାଶୁ ଘରକୁ ଆସିବା ବଦଳରେ ପ୍ରେମିକଙ୍କ ସହ ଚମ୍ପଟ ମାରିଲେ ନବ ବିବାହିତା। ବଲାଙ୍ଗୀର ସହର ବ୍ରାହ୍ମଣପଡ଼ାରେ ଗୁରୁବାର ରାତିରେ ଘଟିଥିବା ଏଭଳି ଏକ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପଟେ ଶିଶୁପାଳ ହୋଇ ଫେରିଥିବା ବର ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ଦେଓଗାଁ ଥାନା ମୁକୁନ୍ଦପୁର ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ ବିବାହ ବଲାଙ୍ଗୀର ସହର ବ୍ରାହ୍ମଣପଡ଼ାର ଉକ୍ତ ଯୁବତୀଙ୍କ ସହ ୭ ମାସ ପୂର୍ବରୁ ସ୍ଥିର ହୋଇଥିଲା। ଫେବୃୟାରୀ ୧୬ (ଗୁରୁବାର) ବିବାହ ଲଗ୍ନ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟରେ ବର ଫୁଲ ସଜ୍ଜିତ କାର୍‌ରେ ବଲାଙ୍ଗୀରରେ ପହଞ୍ଚିଥିଲେ। କନ୍ୟାପକ୍ଷ ପକ୍ଷରୁ ଦିଆଯାଇଥିବା ଜଳଖିଆ ଖାଇସାରିବା ପରେ ବରଯାତ୍ରୀ ଦଳ ରାତିରେ ବ୍ରାହ୍ମଣପଡ଼ାସ୍ଥିତ କନ୍ୟାଘରକୁ ରୋଷଣିରେ ବାହାରିଥିଲେ। ଏହାପରେ କନ୍ୟାଘର ପକ୍ଷରୁ ପ୍ରସ୍ତୁତ ମଣ୍ଡପରେ ହାତଗଣ୍ଠି ପଡ଼ିବା ସହ ବିବାହ ସମ୍ପନ୍ନ ହୋଇଥିଲା। ବରପକ୍ଷ ଦେଇଥିବା ଗହଣା ପିନ୍ଧି ନବବଧୂ ବିବାହ ବେଦିରେ ସମ୍ପୃକ୍ତ ଯୁବକଙ୍କୁ ସାତଜନ୍ମର ସାଥୀ ଭାବେ ଗ୍ରହଣ କରିଥିଲେ। ବିବାହ ସମ୍ପନ୍ନ ପରେ ବରଯାତ୍ରୀ ଘରକୁ ଫେରି ଆସିଥିଲେ। ଶୁକ୍ରବାର ସକାଳେ ନବବିବାହିତାଙ୍କୁ ନେଇ ବର ନିଜ ଘରକୁ ଫେରିବା ସ୍ଥିର ହୋଇଥିଲା। ତେବେ ବିଳମ୍ବିତ ରାତିରେ ଘର ଲୋକଙ୍କୁ ଚକ୍‌ମା ଦେଇ କନ୍ୟା ଜଣକ ପ୍ରେମିକଙ୍କ ସହ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏହା ଜଣାପଡ଼ିବା ପରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ହେଲେ ନବବଧୂ କିମ୍ବା ତାଙ୍କ ପ୍ରେମିକାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ସିସିଟିଭି ଫୁଟେଜ୍‌ରୁ କନ୍ୟା ଫେରାର ହୋଇଯିବାର ଦୃଶ୍ୟ ରେକର୍ଡିଂ ☞ପୃଷ୍ଠା-୨



ବରପକ୍ଷର ଫୁଲରେ ସଜାଯାଇଥିବା କାର।




## କୋଇଲା ବୋଝେଇ ଟ୍ରେନର ୬ ବଗି ଲାଇନଚ୍ୟୁତ

କୋରାପୁଟ, ୧୭।୨(ସ୍ୱ.ପ୍ର.): କୋରାପୁଟ ଷ୍ଟେଶନଠାରୁ ୬ କି.ମି. ଦୂର ସୁକୁ ବ୍ରିଜ ନିକଟରେ କିରଣ୍ଡୁଲରୁ ବିଶାଖାପାଟଣା ଯାଉଥିବା ଏକ ମାଲବାହୀ ଟ୍ରେନ ଶୁକ୍ରବାର ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ଲାଇନରେ ସମସ୍ତ ଟ୍ରେନ ଚଳାଚଳ ବନ୍ଦ ରହିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଏଥିଯୋଗୁ ଉକ୍ତ ଲାଇନରେ ଚଳାଚଳ କରୁଥିବା ୨ଟି ଯାତ୍ରୀବାହୀ ଟ୍ରେନକୁ ବାତିଲ କରାଯାଇଛି। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ରେଳଧାରଣା ମରାମତି କାର୍ଯ୍ୟ ଜାରି ରଖିଥିବା କୋରାପୁଟ ଷ୍ଟେସନ ପକ୍ଷରୁ କୁହାଯାଇଛି।

# ଯୁବକଙ୍କୁ ତଣ୍ଟିକାଟି ହତ୍ୟା, ରାସ୍ତାରୋକୋ

■ **ବେକରେ ଛୁରି ଲାଗି ୫ଶହ ମିଟର ଦୌଡ଼ିଲେ**

ସମ୍ବଲପୁର,୧୭।୨(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ତୁରିପଡାର ଭରତ ପ୍ରଧାନ (୨୪)ଙ୍କୁ ଦୁଇଜଣ ଦୁର୍ବୃତ୍ତ ଶୁକ୍ରବାର ଗୋଡାଇ ଗୋଡାଇ ତଣ୍ଟିକାଟି ହତ୍ୟା କରିଛନ୍ତି। ବେକରେ ଛୁରି ଲାଗିଥିବା ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ଭରତ ୫ଶହ ମିଟର ଦୂରରେ ଥିବା ନିଜ ଘରକୁ ଆସି ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ଧନୁପାଲି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ୫୫ନଂ. ଜାତୀୟ ରାଜପଥର ଧନୁପାଲି ଛକରେ ରାସ୍ତାରୋକୋ କରିଥିଲେ। ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରି ପୋଲିସର ଅବହେଳା ଓ ନିଶା କାରବାର ଯୋଗୁ ହତ୍ୟା ହୋଇଥିବା ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ସହ ପରିବାରବର୍ଗଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ। ଅପରାହ୍ନ ପ୍ରାୟ ୧ଟାରୁ ୩ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା। ଫଳରେ ଶତାଧିକ ଯାନବାହନ ଅଟକି ରହିଥିଲା। ସ୍କୁଲ ଭ୍ୟାନ୍, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ସେବାରେ ନିୟୋଜିତ ଗାଡିଗୁଡିକୁ ଛାଡି ଦିଆଯାଇଥିଲା। ଏହି ରାସ୍ତା ଦେଇ ଯାଉଥିବା ସମୟରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଗାଡିରୁ ଓହ୍ଲାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକେ ଦର୍ଶାଇଥିଲେ, ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରୁ ନାହିଁ। ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଛି। ତେଣୁ ଆପରାଧିକ କାର୍ଯ୍ୟ ହେଉଛି। ପୂର୍ବରୁ ଏକ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ତେଣୁ ରାସ୍ତାରୋକୋ କରାଯାଇଛି ବୋଲି କହିଥିଲେ। ମନ୍ତ୍ରୀ ପୂଜାରୀ ପୋଲିସକୁ ୨୪ ଘଣ୍ଟା ସମୟ ଦିଆଯାଉ, ନ ହେଲେ ପୁଣି ବିକଳ୍ପ ବ୍ୟବସ୍ଥା କରିବ। ପୋଲିସ ଉପରେ ଏବେ ଭରସା କରିବାକୁ ହେବ ବୋଲି କହି ଚାଲିଯାଇଥିଲେ। ମନ୍ତ୍ରୀଙ୍କ କାର ଅଟକାଇବା ସମୟରେ ଜଣେ ଭାଜପା କର୍ମକର୍ତ୍ତାଙ୍କୁ ପୋଲିସ ଅଟକ ରଖିଥିଲା। ପରେ ଭାଜପା ଜିଲା ସଭାପତି ଗିରୀଶ ପଟେଲ, ସମୀର ରଞ୍ଜନ ବାବୁ, ଅନିଲ ବେହେରା ପହଞ୍ଚିଥିଲେ। ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ଓ ଯେଭଳି ମାମଲା ଶୀଘ୍ର ପରିଚାଳନା ହେବ ସେ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପଟେ ବୁର୍ଲା ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଅଭିନବ ଘଟଣା ଦେଖିବାକୁ ମିଳିଥିଲା। ମୃତକଙ୍କ ବାପା ଭାବବିହ୍ୱଳ ହୋଇ ଭରତଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ମନା କରିଥିଲେ। ଏଥିଯୋଗୁ ବ୍ୟବଚ୍ଛେଦ କରିବାରେ ପ୍ରାୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ପରିବାରବର୍ଗ ବୁଝାଶୁଝା କରିବା ପରେ ଶେଷରେ ବ୍ୟବଚ୍ଛେଦ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବୁଲ ମାଠିଆ ଯେଉଁଠି,**
**ବୁଢ଼ୀ ଗଡ଼ି ଗଡ଼ି ଯାଇ ସେଇଠି**

ସାଧାରଣତଃ ଝିଅମାନେ ଖଟା ବା ଆଚାର ପ୍ରିୟ ହୋଇଥା'ନ୍ତି। ଏଭଳି ସ୍ଥିତିରେ ବୟସ୍କା ମହିଳା ଜଣକ ଖଟା ଖାଇବା ନେଇ ନିଜ ଲୋଭକୁ ସମ୍ବରଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବ ଗଛରେ ଆମ୍ବ ନାହିଁ,**
**ଫୋପଡ଼ କାଇଁକି ମାରୁ?**
**ଅଣ୍ଟା ଚାରିପାଖେ ପଇସା ନାହିଁ,**
**ଆଖି କାଇଁ ପାଇଁ ଠାରୁ ?**

ଆମ୍ବ ଫଳି ନ ଥିବା ବେଳେ ଆମ୍ବଗଛକୁ ଟେକା ଫୋପାଡ଼ିବା ମନା ହେବା ଭଳି ପାଖରେ ପଇସା ନ ଥିଲେ ପ୍ରେମ କରିବାରେ ମଧ୍ୟ ବାରଣ ରହିଥାଏ। ପାଖରେ ଧନ ନ ଥିବା ବ୍ୟକ୍ତିଙ୍କୁ ସାଧାରଣତଃ କେହି ପଚାରି ନ ଥାନ୍ତି କି ତାଙ୍କ ସହ ସମ୍ପର୍କ ରଖିବାକୁ କେହି ଚାହିଁ ନ ଥାନ୍ତି। ପ୍ରେମ ସହ ଅର୍ଥର ସମ୍ପର୍କ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଷୋଡ଼ଶ ଗ୍ରାଉଣ୍ଡ ବ୍ରେକିଂ ...

ଦେଶରେ ଏକ ବୃହତ୍ ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବ। ପୁଞ୍ଜିନିବେଶକାରୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ପୁଞ୍ଜିନିବେଶ ପାଇଁ ଏକ ଉତ୍ତମ ସ୍ଥାନ। ସରକାର ଏଥିପାଇଁ ରାଜ୍ୟରେ ଏକ ବ୍ୟବସାୟିକ ବାତାବରଣ ସୃଷ୍ଟି କରିଛନ୍ତି। ଶିଳ୍ପ କ୍ଷେତ୍ରକୁ ମଜଭୁତ କରିବା ସହିତ ରାଜସ୍ୱ ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ୫-ଟି ଭଳି ଅଭିନବ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ନିକଟରେ ଅନୁଷ୍ଠିତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ସଫଳ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଏଥିରେ ଦେଶ ବିଦେଶରୁ ବହୁ ପୁଞ୍ଜିନିବେଶକାରୀ ଯୋଗଦେବା ସହିତ ରାଜ୍ୟ ପାଇଁ ୧୦ ଲକ୍ଷ କୋଟି ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହୋଇଛି। ପ୍ରାୟ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି ଯେ ଓଡ଼ିଶା ଦେଶରେ ଏକ ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇପିକଲ ଓ ଇଡ୍‌କୋ ଏମ୍‌ଡି ଭୂପିନ୍ଦର ସିଂ ପୁନିଆ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୬ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିବା ବେଳେ ଏଥିରେ ମୋଟ ୮୦୩.୬ କୋଟି ଟଙ୍କା ପୁଞ୍ଜିବିନିଯୋଗ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମୋଟ ୧୪୫୯ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ମାନୁଫାକ୍ଚରିଂ କ୍ଷେତ୍ରରେ ୩ଟି ପ୍ରକଳ୍ପରେ ମୋଟ ୨୯୩.୩୪ କୋଟି ପୁଞ୍ଜିନିବେଶ ହେବାକୁ ଥିବା ବେଳେ ୨୪୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗୋପାଳପୁର ଗଞ୍ଜାମରେ ମେ' ଫେୟାର ହୋଟେଲ ଆଣ୍ଡ ରିସୋର୍ଟସ୍‌ର ସମ୍ପ୍ରସାରଣ ହେବ। ସେହିପରି ଆସପେନ୍‌ଲେକ୍ ସ୍ୱିଚିଜ୍ ଏଲ୍‌ଏଲ୍‌ପି ଖୋର୍ଦ୍ଧା ଜିଲାର ବରକୁଳଠାରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିବ। ସେହିପରି ଲକ୍‌ଜରିଓ ଆସେଟସ୍ ପ୍ରାଇଭେଟ୍ ଲିମିଟେଡ ଗୋପାଳପୁରଠାରେ ଏକ ରିସୋର୍ଟସ୍ ନିର୍ମାଣ କରିବ। ଏହିଭଳି ଅନେକ ପ୍ରକଳ୍ପ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ ହେବ।

## ଏକନାଥ ଗୋଷ୍ଠୀକୁ ...

ବିଦ୍ରୋହ ପରେ ଏକନାଥ ଦଳର ୭୬ ପ୍ରତିଶତ ବିଜୟୀ ଭୋଟ ସହ ବିଧାୟକମାନଙ୍କ ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଠାକ୍‌ରେଙ୍କ ଗୋଷ୍ଠୀକୁ ଗତବର୍ଷ ନିର୍ବାଚନ କମିଶନ ମଶାଲ ଚିହ୍ନ ଦେଇଥିଲେ। ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଉଦ୍ଧବ ଠାକ୍‌ରେ ସମାଲୋଚନା କରିଛନ୍ତି। ଏହା ଗଣତନ୍ତ୍ରର ହତ୍ୟା ବୋଲି ସେ କହିବା ସହ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି କହିଛନ୍ତି। ଶିବସେନା (ୟୁବିଟି) ମୁଖ୍ୟ ମୁଖପାତ୍ର ସଞ୍ଜୟ ରାଉତ ଇସିଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ସତ୍ୟ ଓ ନ୍ୟାୟର ପରିହାସ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସଞ୍ଜୟ କହିଛନ୍ତି, ଦେଶ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଉଛି ଏବଂ ଦେଶଦ୍ରୋହୀ ଇସିଙ୍କ ରାୟକୁ ସେମାନଙ୍କ ସପକ୍ଷରେ ଯାଇଥିବା କହୁଛନ୍ତି।

# ବୃହତ୍ ପୀଠରେ ହେବନାହିଁ ଶୁଣାଣି

**ସୁପ୍ରିମକୋର୍ଟରେ ୨୦୨୨ ମହାରାଷ୍ଟ୍ର ସଙ୍କଟ**

■ **ଶିନ୍ଦେ ଗୋଷ୍ଠୀ ଆଶ୍ୱସ୍ତ**

ନୂଆଦିଲ୍ଲୀ,୧୭।୨

୨୦୨୨ ଜୁନ୍‌ରେ ମହାରାଷ୍ଟ୍ରର ଶାସକ ଶିବସେନାରେ ବିଦ୍ରୋହ ଯୋଗୁ ସୃଷ୍ଟି ହୋଇଥିବା ସଙ୍କଟର ସମାଧାନ ପାଇଁ ୨୦୧୬ର ନବାମ ରେବିଆ ରାୟର ପୁନର୍ବିଚାର ଲାଗି ୭ ଜଣିଆ ଖଣ୍ଡପୀଠ ଗଠନ ନେଇ ଉଦ୍ଧବ ଗୋଷ୍ଠୀର ଆବେଦନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ବିଦ୍ରୋହୀ ଶିନ୍ଦେ ଗୋଷ୍ଠୀ ଆଶ୍ୱସ୍ତି ଲାଭ କରିଥିବାବେଳେ ଉଦ୍ଧବ ଗୋଷ୍ଠୀକୁ ଶକ୍ତ ଝଟକା ଲାଗିଛି। ୨୦୧୬ରେ ସୁପ୍ରିମକୋର୍ଟଙ୍କ ଏକ ୫ ଜଣିଆ ସାମ୍ବିଧାନିକ ପୀଠ ଅରୁଣାଚଳ ପ୍ରଦେଶର ନବାମ ରେବିଆ ମାମଲାର ଶୁଣାଣି କରିଥିଲେ। ବିଧାନସଭା ବାଚସ୍ପତିଙ୍କୁ ହଟାଇବା ପାଇଁ ପୂର୍ବରୁ ଗୃହକୁ ନୋଟିସ ଦିଆଯାଇଥିଲେ ସେ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସେତେବେଳେ ରାୟ ଦେଇଥିଲେ। ସୁପ୍ରିମକୋର୍ଟ ସେହି ରାୟକୁ ବଳବତ୍ତର ରଖିଛନ୍ତି। ଫଳରେ ମହାରାଷ୍ଟ୍ରର ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଦ୍ରୋହୀ ସାଜିଥିବା ଶିବସେନାର ଅସନ୍ତୁଷ୍ଟ ବିଧାୟକମାନଙ୍କ ବିଧାନସଭା ସଦସ୍ୟତା ବଜାୟ ରହିଛି। ଶିନ୍ଦେ ଗୋଷ୍ଠୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଅନୁଗତ ତଥା ବିଧାନସଭାର ଉପବାଚସ୍ପତି ନରହରି ସୀତାରାମ ଜିରୱାଲଙ୍କୁ ହଟାଇବା ପାଇଁ ନୋଟିସ ଦେଇଥିଲେ। କିନ୍ତୁ ଉଦ୍ଧବ ଗୋଷ୍ଠୀ ଶିନ୍ଦେ ଗୋଷ୍ଠୀର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଦାବି କରିଥିଲେ। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଏହାର ବିଚାର କରି ରାୟ ଶୁଣାଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନବାମ ରେବିଆ ମାମଲା ରାୟ ସିଦ୍ଧାନ୍ତ ସାମ୍ପ୍ରତିକ ମାମଲାରେ ପ୍ରଯୁଜ୍ୟ ହେବ କି ନାହିଁ ତାହା ବିଚାରଯୋଗ୍ୟ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ଏହି ମାମଲାର ମେରିଟ୍‌କୁ ନେଇ ଶୁଣାଣି କରାଯିବ। ଏହି ଖଣ୍ଡପୀଠରେ ଜଷ୍ଟିସ୍ ଏମ୍.ଆର୍. ଶାହ, କ୍ରିଷ୍ଣା ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହ ମଧ୍ୟ ସାମିଲ ଅଛନ୍ତି। ଶୁଣାଣି ବେଳେ ଠାକ୍‌ରେ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ନବାମ ରେବିଆ ରାୟର ପୁନର୍ବିଚାର ୭ ଜଣିଆ ଖଣ୍ଡପୀଠରେ କରାଯାଉ ବୋଲି ନିବେଦନ କରିଥିଲେ। ଶିନ୍ଦେ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଏନ୍.କେ. କୌଲ ବୃହତ୍ ପୀଠରେ ଶୁଣାଣିକୁ ବିରୋଧ କରିଥିଲେ। ମହାରାଷ୍ଟ୍ର ରାଜ୍ୟପାଳଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ପୂର୍ବରୁ ଉଦ୍ଧବ ଗୋଷ୍ଠୀର ନିବେଦନକୁ ବିରୋଧ କରିଥିଲେ। ପ୍ରକାଶ ଯେ, ୨୦୨୨ ଜୁନ୍ ୨୯ରେ ଶିନ୍ଦେ ଗୋଷ୍ଠୀ ବିଦ୍ରୋହ କରିବାରୁ ଶିବସେନା ଦୁଇଭାଗ ହୋଇଯାଇଥିଲା। ଫଳରେ ୩୧ ମାସିଆ ମହାବିକାଶ ଅଘାଡ଼ି ସରକାରର ପତନ ଘଟିଥିଲା।

## ହାତଗଣ୍ଠି ପରେ କନ୍ୟା...

ହୋଇଛି। ଏ ନେଇ ଯୁବକ ଜଣକ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ବର ଘର ପକ୍ଷରୁ ଦିଆଯାଇଥିବା ସମସ୍ତ ସୁନାଗହଣା ଧରି ନବବଧୂ ଫେରାର ହୋଇଯାଇଥିବା ସେ ଗଣମାଧ୍ୟମକୁ କହିଛନ୍ତି। କନ୍ୟା ଘର ପକ୍ଷରୁ ମଧ୍ୟ ଥାନାକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଏହି ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

# ଝାଡ଼ାବାନ୍ତିରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ବାହାନଗା,୧୭।୨(ଡି.ଏନ.ଏ):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଉପରଆଡ଼ିଆ ଗ୍ରାମସ୍ଥିତ ସଂଖ୍ୟାଲଘୁ ସଂପ୍ରଦାୟର ୪୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଧିରେଶ ଷଡଙ୍ଗୀଙ୍କ ସମେତ ୫ ଜଣିଆ ଟିମ୍ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଗତ ୧୫ତାରିଖ ରାତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବିବାହ ଭୋଜି ଖାଇବା ପରେ ପ୍ରଥମେ ଜ୍ୱର ସାଙ୍ଗକୁ କମ୍ପ ଓ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। ସାହିର ଜଣକ ପରେ ଜଣେ ଅସୁସ୍ଥ ହୋଇପଡ଼ିଥିଲେ। ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଜଣ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ କେତେଜଣ ସୋର ଓ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ବିବାହ ଭୋଜି ଖାଇବା ଯୋଗୁ ଲୋକେ ଅସୁସ୍ଥ ହୋଇପଡ଼ିଥିବା କେତେକ ଗ୍ରାମବାସୀ କହୁଥିବା ବେଳେ ଅନ୍ୟ କେତେଜଣ ମହିଳା ଓ ପୁରୁଷ କଣ୍ଟ୍ରୋଲ ଦୋକାନରୁ ଆଣିଥିବା ଚାଉଳ ପ୍ଲାଷ୍ଟିକ ଚାଉଳ ହୋଇଥିବାରୁ ତାକୁ ଖାଇ ଝାଡାବାନ୍ତି ହୋଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବାହାନଗା ଯୋଗାଣ ଅଧିକାରୀ ନିରଞ୍ଜନ ସାହୁଙ୍କୁ ପଚାରିବାରୁ କେନ୍ଦ୍ର ସରକାର ପ୍ରୋଟିନ୍‌ଯୁକ୍ତ ଚାଉଳ ଦେଉଛନ୍ତି। ଲୋକେ ଯାହାକୁ ପ୍ଲାଷ୍ଟିକ୍ ଚାଉଳ କହୁଛନ୍ତି ତାହା ପ୍ଲାଷ୍ଟିକ୍ ନୁହେଁ। ତାହା ମିଶିଥିବା ଏକ ପ୍ରକାର ପ୍ରୋଟିନ୍‌ଯୁକ୍ତ ଚାଉଳ। ଏହାକୁ ଖାଇଲେ ଝାଡ଼ାବାନ୍ତି ହେବ ନାହିଁ ବୋଲି କହିଛନ୍ତି।

# ପୁରୋହିତ କର୍ମକୁ ନେଇ ସାନଭାଇଙ୍କୁ ହତ୍ୟା

**ଜଗନ୍ନାଥପ୍ରସାଦ, ୧୭।୨(ଡି.ଏନ୍.ଏ):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଖଇରନଟି ମା' ଠଙ୍ଗୁଣୀ ଦେବୀଙ୍କ ମନ୍ଦିର ନିକଟରେ ପୁରୋହିତ କର୍ମକୁ ନେଇ ଶୁକ୍ରବାର ସାନଭାଇଙ୍କୁ ବଡ଼ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପଞ୍ଚଭୂତି ଗ୍ରାମର ରମେଶ ଶତପଥୀ(୬୦)। ପ୍ରକାଶ ଯେ, ରମେଶ ଖଇରନଟି ଗ୍ରାମର ଯଜମାନଙ୍କ ଘରକୁ ପୁରୋହିତ କାର୍ଯ୍ୟ କରିବା ପାଇଁ ଯାଇଥିଲେ। ପୂଜା ସାରି ଫେରିବା ପରେ ବଡ଼ଭାଇ କୈଳାସ ଉକ୍ତ ଗ୍ରାମକୁ କାହିଁକି ପୂଜା କରିବାକୁ ଯାଇଥିଲ ବୋଲି ପଚାରିଥିଲେ। ଏ ନେଇ ଦୁଇ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବଡ଼ଭାଇ କୈଳାସ ଓ ତାଙ୍କ ପରିବାର ଲୋକେ ମିଶି ରମେଶଙ୍କୁ ଧାରୁଆ ଅସ୍ତ୍ର ଓ ପଥରରେ ଆକ୍ରମଣ କରିଥିଲେ। ସେ ତଳେପଡ଼ି ଛଟପଟ ହେଉଥିଲା ବେଳେ ତାଙ୍କ ପୁଅ ରାକେଶ ପହଞ୍ଚି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାକେଶ ଥାନାରେ ଅଭିଯୋଗ କରିଛନ୍ତି। ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଆଇଆଇସି ଦିଲ୍ଲୀପ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ।



ରମେଶ ଶତପଥୀ

## ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ...




ବଜେଟ ପରବର୍ତ୍ତୀ ଆଲୋଚନା କାର୍ଯ୍ୟକ୍ରମରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କିଶନରାଓ କରାଡ଼।

ବ୍ୟୟବରାଦ ଜରିଆରେ ବଢ଼ାଇବା ବିକଳ୍ପ ରହିଛି ବୋଲି ସେ କହିଛନ୍ତି। ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ସଂଗ୍ରହ କମାଯିବା ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, କୌଣସି ଶସ୍ୟ ସଂଗ୍ରହ କମାଯାଇ ନାହିଁ। କୃଷକମାନଙ୍କଠାରୁ କିଣାଯାଇଥିବା ଖାଦ୍ୟଶସ୍ୟର ପରିମାଣ ଗତ ୮ ବର୍ଷ ମଧ୍ୟରେ ବଢ଼ିଛି। ଏଥିସହିତ ପ୍ରଦାନ କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ମଧ୍ୟ ବଢ଼ିଛି। ଶସ୍ୟ କିଣା ପରେ ଚାଷୀଙ୍କୁ ଦିଆଯାଉଥିବା ଅର୍ଥ ମଧ୍ୟ ଅଧିକ ରହୁଛି। ଏମ୍‌ଏସ୍‌ପି ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି। ଫଳରେ ଚାଷୀଙ୍କ ଅର୍ଥ ମଧ୍ୟସ୍ଥ ନେବା ପ୍ରକ୍ରିୟା ବନ୍ଦ ହୋଇଛି। ମୋଦି ସରକାରଙ୍କ ଅମଳରେ ଏମ୍‌ଏସ୍‌ପି ଦରରେ ଚାଷୀଙ୍କଠାରୁ ରେକର୍ଡ ପରିମାଣର ଶସ୍ୟ ସଂଗ୍ରହ ହେଉଛି। ଆଦାନୀ ପ୍ରସଙ୍ଗରେ ସେ କହିଛନ୍ତି, ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି। ଷ୍ଟେଟ ବ୍ୟାଙ୍କ ଓ ସେବି ଯାହା କହିବା କଥା କହି ସାରିଛନ୍ତି। ଏହି ପ୍ରସଙ୍ଗରେ ଅଧିକ କିଛି କହିବା ଠିକ୍ ହେବନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟିରେ ଅର୍ନ୍ତଭୁକ୍ତ ପାଇଁ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ପେଟ୍ରୋଲିୟମ୍ ଉତ୍ପାଦକୁ ଜିଏସ୍‌ଟିରେ ସାମିଲ କରିବା ଲାଗି ଆରମ୍ଭରୁ ପ୍ରସ୍ତାବ ରହିଛି। କେବଳ କେଉଁ ହାରରେ ଜିଏସ୍‌ଟି ଲାଗିବ, ତାହା ଧାର୍ଯ୍ୟ ହୋଇପାରୁନି। ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବାର ଦାୟିତ୍ୱ ଜିଏସ୍‌ଟି ପରିଷଦ ଉପରେ ରହିଛି। ଏଥିରେ ସମସ୍ତ ରାଜ୍ୟର ଅର୍ଥମନ୍ତ୍ରୀ ସଦସ୍ୟ ଅଛନ୍ତି।

ଉଜ୍ଜ୍ୱଳା ଯୋଜନାରେ କମ୍ ଅର୍ଥ ବ୍ୟୟବରାଦ ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, ଏହା କେନ୍ଦ୍ରର ସବୁଠାରୁ ଭଲ ଯୋଜନା। ଦେଶର ସମସ୍ତ ଟାର୍ଗେଟ ସଂଖ୍ୟକ ହିତାଧିକାରୀଙ୍କୁ ନୂଆ ସିଲିଣ୍ଡର ଯୋଗାଇ ଦିଆଯାଇଛି। ଗରିବ ଲୋକ ଏହି ଯୋଜନାରେ ଅଧିକ ଲାଭବାନ ହୋଇଛନ୍ତି। ଏହା କେବଳ ନୂଆ ସଂଯୋଗ ପ୍ରଦାନ ଲାଗି ଉଦ୍ଦିଷ୍ଟ। ଏହା ଗ୍ରାହକଙ୍କୁ ରିହାତି(ସବ୍‌ସିଡି) ପ୍ରଦାନ ପାଇଁ ନୁହେଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଗରିବଙ୍କ ଉପରେ ଅନ୍ତର୍ଜାତୀୟ ମୂଲ୍ୟବୃଦ୍ଧିର ବୋଝ ନ ଲଦିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ସରକାର ସିଲିଣ୍ଡର ପିଛା ଦୁଇଶହ ଟଙ୍କା ସବ୍‌ସିଡି ଦେଉଛନ୍ତି। ଏହାଦ୍ୱାରା ଗରିବମାନେ ସେମାନଙ୍କ ଗ୍ୟାସ ସିଲିଣ୍ଡର ନିୟମିତ ଭାବେ ଭରିପାରିବେ। ସେ କହିଛନ୍ତି ଯେ, ଆମଦାନୀ ହୋଇଥିବା ସାମଗ୍ରୀର ମୂଲ୍ୟ ବୃଦ୍ଧିର ପ୍ରଭାବ ଲୋକମାନେ ବୁଝନ୍ତି ଏବଂ ସେହି ଅନୁଯାୟୀ ସେମାନଙ୍କ ଖର୍ଚ୍ଚକୁ ନିୟନ୍ତ୍ରଣ କରନ୍ତି।

ବଜେଟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା କୌଶଳ ସମ୍ମାନ (ପିଏମ୍-ବିକାଶ) ଯୋଜନାକୁ ନେଇ ଅର୍ଥମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ଓଡ଼ିଶା କାରିଗର ସବୁଠୁ ଅଧିକ ଲାଭବାନ ହେବେ। ଓଡ଼ିଶାର ପଟ୍ଟଚିତ୍ର କାରିଗର, ପଥର ଶିଳ୍ପୀ ଅଧିକ ଲାଭ ପାଇବେ। ସମ୍ବଲପୁରୀ ଶାଢ଼ି ତାଙ୍କୁ ବହୁତ ଭଲ ଲାଗେ। ବମକାଇ, କଟକୀ ଶାଢ଼ି ମଧ୍ୟ ଭଲ ଲାଗେ। ଏବେ ବି ସେ ଏସବୁ ଶାଢ଼ି କିଣୁଛନ୍ତି ବୋଲି ସୀତାରାମନ କହିଛନ୍ତି।

୨୦୨୩-୨୪ ବଜେଟ ଅମୃତ କାଳର ପ୍ରଥମ ବଜେଟ, ଯେଉଁଥିରେ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ୧୦ ଲକ୍ଷ କୋଟି ବ୍ୟୟବରାଦ ହୋଇଛି। ରାଜ୍ୟଗୁଡ଼ିକ ଲାଗି ୫୦ ବର୍ଷ ପାଇଁ ବିନା ସୁଧରେ ଋଣ ବ୍ୟବସ୍ଥା କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ତଥା ଆଦିବାସୀଙ୍କ ବିକାଶ ଲାଗି ବଜେଟରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ବିକାଶ ଲକ୍ଷ୍ୟର ଫୋକସରେ ଏମ୍‌ଏସ୍‌ଏମ୍‌ଇ ରହିଛି। ଦେଶର ସବୁ ଅଞ୍ଚଳ ବିକାଶର ଭାଗିଦାର ହେବା ନେଇ ଆକାଂକ୍ଷୀ ଜିଲା ଆରମ୍ଭ ହୋଇଥିଲା। ଏଥର ବଜେଟରେ ବିକାଶ କିପରି ଆହୁରି ତୃଣମୂଳ ସ୍ତରରେ ପହଞ୍ଚିବ ସେଥିପାଇଁ ୫୦୦ ଆକାଂକ୍ଷୀ ବ୍ଲକ୍ ଚିହ୍ନଟ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ବଜେଟ ପରବର୍ତ୍ତୀ ଆଲୋଚନା କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ସୀତାରାମନଙ୍କ ସହ ୨ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଡ. ଭାଗବତ କିଶନରାଓ କରାଡ଼, ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗର ସଚିବ ବିବେକ ଯୋଶୀ, ନିବେଶ ଓ ଜନ ସମ୍ପତ୍ତି ପରିଚାଳନା ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ ଏବଂ ବ୍ୟୟ ବିଭାଗ ସଚିବ ଟି.ଭି. ସୋମନାଥନ ମଞ୍ଚାସୀନ ଥିଲେ।

## କିଟ୍‌ର ବିଭିନ୍ନ ଷ୍ଟାଡିୟମ ...

ଲିଆଣ୍ଡର ପେସ୍, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ହକି ଇଣ୍ଡିଆ ସଭାପତି ଦିଲ୍ଲିପ ତିର୍କୀ, ଅଲିମ୍ପିଆନ ଦୂତି ଚାନ୍ଦ, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର, ଆଥଲେଟ୍ ଅମୀୟ ମଲ୍ଲିକ, ସର୍ବଭାରତୀୟ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ, ଅନ୍ତର୍ଜାତୀୟ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମ ବିଭୂଷଣ ବିଶ୍ୱନାଥନ୍ ଆନନ୍ଦ, ପଦ୍ମଭୂଷଣ ଅଭିନବ ବିନ୍ଦ୍ରା, ଅଲିମ୍ପିଆନ ଶ୍ରାବଣୀ ନନ୍ଦ ଏବଂ ପାରା ଅଲିମ୍ପିଆନ ପ୍ରମୋଦ ଭଗତ ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହିସବୁ ଭିତ୍ତିଭୂମିର ଲୋକାର୍ପଣ କରିଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କିଟ୍ ଓ କିସ୍‌ରେ ଏତେଗୁଡିଏ କ୍ରୀଡ଼ା ଭିତ୍ତିଭୂମିକୁ ଏକାଥରକେ ଦେଶର ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଭାଙ୍କ ନାମରେ ଉତ୍ସର୍ଗ କରାଯିବା ସମଗ୍ର ଦେଶରେ ଅନନ୍ୟ। ଏହା କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ହୋଇ ରହିବ ବୋଲି ଅଚ୍ୟୁତ କହିଥିଲେ।

**ଖେଳାଳିଙ୍କ ନାମରେ କ୍ରୀଡ଼ା ଭିତ୍ତିଭୂମି**

| | |
|---|---|
| ବିଶ୍ୱନାଥନ୍ ଆନନ୍ଦ | ଅନ୍ତର୍ଜାତୀୟ ଚେସ୍ ହଲ୍ |
| ଲିଆଣ୍ଡର ପେସ | ଟେନିସ୍ ଷ୍ଟାଡିୟମ |
| ରାହୁଲ ବୋଷ | ରଗ୍‌ବୀ ଷ୍ଟାଡିୟମ |
| ଅଭିନବ ବିନ୍ଦ୍ରା | ଇନ୍‌ଡୋର ଶୁଟିଂ ରେଞ୍ଜ |
| ଦିଲୀପ ତିର୍କୀ | ହକି ଷ୍ଟାଡିୟମ |
| ମିନତି ମହାପାତ୍ର | ସାଇକ୍ଲିଂ ଭେଲୋଡ୍ରୋମ୍ |
| ଶ୍ରଦ୍ଧାଞ୍ଜଳି ସାମନ୍ତରାୟ | ଫୁଟବଲ ଷ୍ଟାଡିୟମ |
| ଦୂତି ଚାନ୍ଦ | ଆଥ୍‌ଲେଟିକ ଷ୍ଟାଡିୟମ |
| ପ୍ରମୋଦ ଭଗତ | ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ |
| ଦେବାଶିଷ ମହାନ୍ତି | କ୍ରିକେଟ ଷ୍ଟାଡିୟମ ଷ୍ଟାଣ୍ଡ |
| ଶିବସୁନ୍ଦର ଦାସ | କ୍ରିକେଟ ଷ୍ଟାଡିୟମ ଷ୍ଟାଣ୍ଡ |
| ଅମିୟ ମଲ୍ଲିକ | ଆଥ୍‌ଲେଟିକ୍ସ ଷ୍ଟାଣ୍ଡ |
| ଶ୍ରାବଣୀ ନନ୍ଦ | ଆଥ୍‌ଲେଟିକ୍ସ ଷ୍ଟାଣ୍ଡ |

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସାମୟିକ ପ୍ରତିବନ୍ଧକ ଥିଲେ ମଧ୍ୟ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଅଶ୍ୱିନୀ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ବିବାଦଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। ଆକସ୍ମିକ ଭାବରେ ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ**
ବନ୍ଧୁମାନଙ୍କ ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ରୋହିଣୀ ନକ୍ଷତ୍ର ସକାଶେ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ**
ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ମୃଗଶିରା ପରିଜନମାନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଅଟକି ରହିଥିବା ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**କର୍କଟ**
ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ସିଂହ**
ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ପରିବାରର ଆବଶ୍ୟକତା ପୂରଣ ପାଇଁ ସମୟ ଦେଇପାରିବେ ନାହିଁ। ମଘା ନକ୍ଷତ୍ର ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦୀର୍ଘଦିନାନ୍ତେ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**କନ୍ୟା**
କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବାର ଅନୁଭବ କରିପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା**
ସ୍ଥଗିତ ରହିଥିବା ଗୁରୁତ୍ୱପୂର୍ଣ୍ଣ କାମଟିକୁ ଆଜି ଶେଷ କରିପାରିବେନି। ବନ୍ଧୁମାନଙ୍କ ଅସହଯୋଗ କାରଣରୁ କାର୍ଯ୍ୟର ଅଗ୍ରଗତି ବାଧାପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବିଯିବା କାରଣରୁ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ। ସ୍ୱାତୀ ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା**
ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପରୋକ୍ଷ ଶତ୍ରୁତା କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଜ୍ୟେଷ୍ଠା ନକ୍ଷତ୍ରର କାର୍ଯ୍ୟଦକ୍ଷତା ଏବଂ ନିର୍ଭୀକତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ**
ବନ୍ଧୁଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଉତ୍ତରାଷାଢ଼ା ନକ୍ଷତ୍ରର ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର**
ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଉତ୍ତରାଷାଢ଼ା ନକ୍ଷତ୍ରର ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ପୂର୍ବଭାଦ୍ରବ ନକ୍ଷତ୍ରର ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ**
କଠିନ ଶ୍ରମ ଓ ଭ୍ରମଣ ହେତୁକ କ୍ଲାନ୍ତି ଏବଂ ଅବସାଦ ଦେଖାଦେଇପାରେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଉତ୍ତରଭାଦ୍ରବ ନକ୍ଷତ୍ର କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଜାଗର, ପୁରୀ ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ସୋ-ବେ-ମେରାଜ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମ ଦିବସ, ଫେବୃୟାରୀ ୧୮ ତାରିଖ, ଶନିବାର, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୪ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୯।୦୯ ଗତେ ଘ.୧୦।୩୪ ମଧ୍ୟେ ରାହୁକାଳ ॥




# ଜୟପୁର ଉପକାରାଗାରରେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ଜୟପୁର, ୧୭।୨(ନି.ପ୍ର.)**

ଜୟପୁର ଉପକାରାଗାରରେ ବିଚାରାଧୀନ ଜଣେ କଏଦୀଙ୍କ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ ସିଆଡିମାଳ ଗ୍ରାମର କମଳ ଲୋଚନ ଦଣ୍ଡସେନା। ସିଆଡିମାଳ ଗ୍ରାମର କମଳ ଲୋଚନ ବଳାତ୍କାର ଏବଂ ହତ୍ୟା ଅଭିଯୋଗରେ ଦୀର୍ଘ ୪ ବର୍ଷ ଧରି ଜୟପୁର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। କମଳ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ଗୁରୁବାର ସେମାନେ ଜୟପୁର ଉପକାରାଗାରରେ କମଳଙ୍କୁ ସାକ୍ଷାତ କରିଥିଲେ। ସେତେବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ଶୁକ୍ରବାର ଭୋର ୫ଟାରେ କମଳଙ୍କ ମୃତ୍ୟୁ ହୋଇଥିବା ଆମମାନଙ୍କୁ ଅବଗତ କରାଯାଇଥିଲା ବୋଲି ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି। ଏନେଇ ଜୟପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ, ୨ଗୁରୁତର

**କୁତ୍ରା, ୧୭।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁ ଜଙ୍ଗଲରେ ଶୁକ୍ରବାର ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ନୂଆଗାଁ ଗିର୍ଜାପଡ଼ାର ସୁଲେମାନ ହାଁସଦା (୬୫)। ଗୁରୁତର ୨ଜଣ ହେଲେ ସୁଲେମାନଙ୍କ ଝିଅ ଅନୀତା ଲୁଗୁନ ଓ ସୁଲେମାନଙ୍କ ନାତି ଅବିନାଶ। ସୁଲେମାନଙ୍କ ସହ ଅନୀତା ନିକଟସ୍ଥ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ସକାଳୁ ଯାଇଥିଲେ। ଅନିତା ବର୍ଷକର ଶିଶୁ ପୁତ୍ର ଅବିନାଶକୁ ମଧ୍ୟ କାଖେଇ ନେଇଥିଲେ। ମଧ୍ୟାହ୍ନରେ ଏମାନେ ଜଙ୍ଗଲ ଭିତରେ ଏକ ହାତୀ ସହ ମୁହାଁମୁହିଁ ହୋଇଥିବାବେଳେ ହାତୀ ଅନୀତାଙ୍କୁ ଶୁଣ୍ଢରେ ଠେଲିଦେଇ ସୁଲେମାନଙ୍କୁ ଟେକି ନେଇଯାଇଥିଲା। ଶିଶୁପୁତ୍ର ସହ ଅନୀତା ଆହତ ହେବା ସତ୍ତ୍ୱେ ବର୍ତ୍ତିଯାଇ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଏନେଇ ବନ ବିଭାଗ କର୍ମଚାରୀମାନଙ୍କୁ ଖବର ଦେବା ପରେ ସେମାନେ ଅନୀତା ଓ ଅବିନାଶକୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ପରେ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବନ କର୍ମଚାରୀ ଜଙ୍ଗଲ ଭିତରକୁ ଯାଇ ସୁଲେମାନଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଅଞ୍ଚଳଟି ଓଡ଼ିଶା ଝାଡ଼ଖଣ୍ଡ ସୀମାବର୍ତ୍ତୀ ହୋଇଥିବା ବେଳେ ଅନେକ ସମୟରେ ଏଠାରେ ହାତୀ ଉପଦ୍ରବ ଦେଖାଦେଇଥାଏ।

# ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠିତ, ବାରାଣସୀ ଯିବ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

## ନକଲି ଔଷଧର ଆନ୍ତଃରାଜ୍ୟ ଲିଙ୍କ୍

### ସହଯୋଗ ପାଇଁ ୟୁପି ସରକାରଙ୍କୁ ସ୍ୱାସ୍ଥ୍ୟ ବିଭାଗର ଚିଠି

ରାଜ୍ୟରେ ନକଲି ଔଷଧ କାରବାରକୁ ନେଇ ତଦନ୍ତ ଜୋରଦାର କରାଯାଇଛି। ଔଷଧ ପ୍ରବର୍ତ୍ତକ ସ୍କ୍ୱାଡ୍ (ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଟିମ୍) ନକଲି ଔଷଧର ଆନ୍ତଃରାଜ୍ୟ ଯୋଗାଣ ଓ କାରବାର ସମ୍ପର୍କରେ ବିଶ୍ୱାସଯୋଗ୍ୟ ତଥ୍ୟ ଦେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହାର ଆନ୍ତଃରାଜ୍ୟ ତଦନ୍ତ ନିମନ୍ତେ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ ଗଠନ କରିଛି। ସହକାରୀ ଔଷଧ ନିୟନ୍ତ୍ରକ ଡା. ସୁଦର୍ଶନ ବିଶ୍ୱାଳ, ତୁଷାର ରଞ୍ଜନ ପାଣିଗ୍ରାହୀ ଏବଂ ଧର୍ମଦେବ ପୁହାଣଙ୍କ ସମେତ ପୋଲିସ ଅଧିକାରୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଛି। ଖୁବ୍‌ଶୀଘ୍ର ଏହି ଟିମ୍ ପରବର୍ତ୍ତୀ ପର୍ଯ୍ୟାୟ ତଦନ୍ତ ପାଇଁ ବାରାଣସୀ ଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବରଗଡ଼ ଜିଲାର ଅଶୋକ ମେଡିକାଲ ହଲ୍ ଏବଂ ଝାରସୁଗୁଡ଼ା ଜିଲାର ଅମିତ ମେଡିକାଲ ଏଜେନ୍ସି ନିକଟରୁ ଜବତ ହୋଇଥିବା ନକଲି ଔଷଧ ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ଦେବ ଏଣ୍ଟରପ୍ରାଇଜର୍ସ, ଜେବି ମେଡିକାଲସ୍ ଏବଂ ଗୁରୁକୃପା ମେଡିକାଲ ଆଦିରୁ କାରବାର ହୋଇଥିବା ଜଣାପଡ଼ିଛି। ତେଣୁ ଏହି କାରବାରର ମୂଳରେ ପହଞ୍ଚିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଉତ୍ତର ପ୍ରଦେଶ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ବାରାଣସୀରେ ହେବାକୁ ଥିବା ତଦନ୍ତରେ ଆବଶ୍ୟକ ସହଯୋଗ ଲୋଡ଼ିଛନ୍ତି। ଶାଳିନୀ ପଣ୍ଡିତ ଲେଖିଛନ୍ତି, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ନକଲି ଔଷଧ ସମ୍ବନ୍ଧିତ ବିଷୟ ବିଶେଷ ଗୁରୁତ୍ୱ ବହନ କରେ। ଏ ବିଷୟ ତଦନ୍ତ ଅଗ୍ରାଧିକାର ଭିତ୍ତିରେ ହେବା ଦରକାର। ଏଥିନିମନ୍ତେ ଓଡ଼ିଶାରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳକୁ ବାରାଣସୀ ପଠାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତରେ ଉତ୍ତର ପ୍ରଦେଶ ସରକାରଙ୍କ ସମ୍ପୃକ୍ତ ବିଭାଗ ଓ କର୍ତ୍ତୃପକ୍ଷମାନେ ସମସ୍ତ ସହଯୋଗ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସେ ଅନୁରୋଧ କରିଛନ୍ତି।

# ପିପି ଏକାଡେମୀର ୨ଛାତ୍ର ନିଖୋଜ

**ବଲାଙ୍ଗୀର ଅଫିସ, ୧୭।୨**

ବଲାଙ୍ଗୀର ପିପି ଏକାଡେମୀର ଦୁଇଜଣ ଛାତ୍ର ନିଖୋଜ ହୋଇଯାଇଥିବା ନେଇ ଶୁକ୍ରବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଘରୁ ସ୍କୁଲ ଯାଉଛୁ କହି ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ସ୍କୁଲ ବାହାରିଥିବା କଂସାରୀପଡାର ସପ୍ତମ ଶ୍ରେଣୀ ଛାତ୍ର ବୈଭବ ବ୍ୟାସ ଓ ନବମ ଶ୍ରେଣୀ ଛାତ୍ର ୱସିମ୍ ନାଗ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଗୁରୁବାର ସମେତ ଗତ ୫ଦିନ ହେଲା ଉଭୟ ଛାତ୍ର ସ୍କୁଲରେ ଅନୁପସ୍ଥିତ ରହିଥିବା ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢ଼ୀ କହିଛନ୍ତି। ଏହାପରେ ପରିବାର ଲୋକେ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

# ୨୮ରୁ ପୁଣି ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ପ୍ରାଥମିକ ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ ସ୍ୱରୂପ ସବୁବର୍ଗର ପ୍ରାଥମିକ ଶିକ୍ଷକ ସଂଘ ଏକତ୍ର ହୋଇଛନ୍ତି। ଆସନ୍ତା ୨୮ ତାରିଖରୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ସୂଚନାନୁସାରେ, ଗତ ନଭେମ୍ବର ୨୭ରେ ୩ଦଫା ଦାବି ହାସଲ ପାଇଁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷକ ବିଧାନସଭା ସମ୍ମୁଖରେ ମହାସମାବେଶ କରିଥିଲେ। ନଭେମ୍ବର ୩୦ରେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା ହୋଇଥିଲା। ଏହାପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅର୍ଥ ବିଭାଗ ପ୍ରମୁଖ ସଚିବ, ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ସାଧାରଣ ପ୍ରଶାସନର ପ୍ରମୁଖ ସଚିବ ଓ ଗଣଶିକ୍ଷା ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ବସାଇ ନିଷ୍ପତ୍ତି ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ମିଳିତ ଶିକ୍ଷକ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ଗତ ଡିସେମ୍ବର ୨୧ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ୨୯ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅର୍ଥ ବିଭାଗର ପ୍ରମୁଖ ସଚିବ, ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ସାଧାରଣ ପ୍ରଶାସନ ପ୍ରମୁଖ ସଚିବ, ଗଣଶିକ୍ଷା ସଚିବ ଓ ମିଳିତ ପ୍ରାଥମିକ ମହାସଂଘର ନେତୃମଣ୍ଡଳୀଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଆଲୋଚନା ସକାରାତ୍ମକ ହୋଇଥିଲା। ମହାସଂଘର ସମସ୍ତ ନେତୃବୃନ୍ଦ ଦାବିଗୁଡ଼ିକୁ ଦସ୍ତାବିଜ ସହ କମିଟିରେ ଉପସ୍ଥାପନ କରିଥିଲେ ଓ ନୂଆବର୍ଷରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କୁ ନୂଆ ଭେଟି ଦେବେ ବୋଲି ମହାସଂଘ ଆଶାବାଦୀ ଥିଲା। କିନ୍ତୁ ସରକାର ଦାବି ପୂରଣ ପାଇଁ ଏବେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମହାସଂଘ କ୍ଷୋଭପ୍ରକାଶ କରିଛି। ସରକାର ପ୍ରାଥମିକ ଶିକ୍ଷକଙ୍କ ନ୍ୟାୟୋଚିତ ଦାବି ପୂରଣ କରୁ ନ ଥିବାରୁ ଆସନ୍ତା ୨୭ ତାରିଖରେ ବିଧାୟକଙ୍କ ବାସଭବନ ଘେରାଉ କରାଯିବ ଓ ୨୮ରେ ବିଧାନସଭା ସମ୍ମୁଖରେ ମହାସମାବେଶ କରାଯିବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ବିକ୍ଷୋଭ ଜାରି ରହିବ ବୋଲି ମହାସଂଘ ଚେତାବନୀ ଦେଇଛି। ଏ ସମ୍ପର୍କରେ ମହାସଂଘ ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ଖଗେନ୍ଦ୍ରନାଥ ପାଳ, ବଙ୍କିମ ସାଗର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଭିଜିଲାନ୍ସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ସମସ୍ତ ଭିଜିଲାନ୍ସ କର୍ମଚାରୀ ଓ ସେମାନଙ୍କ ସହିତ ରହୁଥିବା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଅନୁରୋଧକ୍ରମେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏ ନେଇ ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ, ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପବ୍ଲିକ ହେଲ୍‌ଥ ଅଫିସର ତଥା ଜିଲା ମିଶନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସମସ୍ତ ଭିଜିଲାନ୍ସ କର୍ମଚାରୀ ଏବଂ ସେମାନଙ୍କ ସହିତ ରହୁଥିବା ୩୫ବର୍ଷରୁ ଅଧିକ ବୟସ୍କ ସଦସ୍ୟଙ୍କ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ରକ୍ତ, ପରିସ୍ରା, କର୍କଟ ପରୀକ୍ଷା, ଇସିଜି ଆଦି ପରୀକ୍ଷା ହେବ। ଯେଉଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏ ସମସ୍ତ ସୁବିଧା ଉପଲବ୍ଧ ଥିବ ସେଠାରେ କରିବା ପାଇଁ କୁହାଯାଇଛି। ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଏହି ସ୍ୱାସ୍ଥ୍ୟ ପରୀକ୍ଷା ଅଭିଯାନ ଶେଷ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି।




# ନମ୍ପିରା ପିଲୋ ଲାଭାସ୍ଥଳକୁ ଜିଓ ହେରିଟେଜ ମାନ୍ୟତା

**ମାନସ ରଞ୍ଜନ ମହାନ୍ତି**
**ଯୋଡ଼ା, ୧୭।୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ନମ୍ପିରା ଗ୍ରାମରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ) ପକ୍ଷରୁ ୧୯୭୬ରେ ଚିହ୍ନଟ ପିଲୋ ଲାଭା ଉତ୍ପତ୍ତି ସ୍ଥଳକୁ ଜିଓ ହେରିଟେଜ ଅଞ୍ଚଳ ଭାବେ ମାନ୍ୟତା ମିଳିଛି। ଏନେଇ ଶୁକ୍ରବାର ଉକ୍ତ ସ୍ଥାନରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଜିଏସ୍‌ଆଇର ଡେପୁଟି ଡାଇରେକ୍ଟର ଜେନେରାଲ ଶୈବାଳଚନ୍ଦ୍ର ମିତ୍ର, ଡାଇରେକ୍ଟର କେ.କେ. ନାୟକ, କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି, ଭୂତତ୍ତ୍ୱବିତ୍ ହିମାଂଶୁ ପାତ୍ର ଉପସ୍ଥିତ ରହି ଘୋଷଣା କରିବା ସହ ଅଞ୍ଚଳବାସୀଙ୍କ ମନରେ ଥିବା ଭୟକୁ ଦୂର କରିଥିଲେ।

ସୂଚନା ଅନୁଯାୟୀ, ୩୨ ଲକ୍ଷ ବର୍ଷ ପୂର୍ବରୁ ଏହି ଅଞ୍ଚଳ ବିଶାଳ ସମୁଦ୍ର ଥିଲା। ସମୁଦ୍ର ଗର୍ଭରେ ଥିବା ଆଗ୍ନେୟଗିରି ବିସ୍ଫୋରଣରେ ଲାଭା ଉଦ୍‌ଗିରଣ ହୋଇ ନମ୍ପିରା ଗ୍ରାମରେ ପିଲୋ ଲାଭାରେ ପରିଣତ ହୋଇଥିଲା। ୧୯୪୨ରେ ଏହାକୁ ପ୍ରଥମେ ଭୂବିଜ୍ଞାନୀ ଜନସନ୍ ଓ ସ୍ୟାନସନ୍ ଆବିଷ୍କାର କରିଥିଲେ। ୧୯୭୬ରେ ଜିଏସ୍‌ଆଇ ପକ୍ଷରୁ ଟାଟା କମ୍ପାନୀର ସହଯୋଗରେ ଏକ ରିସର୍ଚ୍ଚ ସ୍ଥାନ ଭାବେ ପରିଗଣିତ କରାଯାଇଥିଲା। କେନ୍ଦ୍ର ସରକାର ଜିଏସ୍‌ଆଇ ଦ୍ୱାରା ଚିହ୍ନଟ ହୋଇଥିବା ପ୍ରାୟ ୯୦ଟି ସ୍ଥାନକୁ ଜିଓ ହେରିଟେଜ ଭାବେ ଘୋଷଣା କରିଥିଲେ। ଏଥିସହିତ ଭୂବିଜ୍ଞାନୀମାନଙ୍କର ରିସର୍ଚ୍ଚ ସମେତ ଏହି ଅଞ୍ଚଳଗୁଡ଼ିକୁ ପର୍ଯ୍ୟଟନସ୍ଥଳ ଭାବେ ବିକାଶ କରିବା ପାଇଁ ଏକ ବିଲ୍ ଚିଠା ଆଗତ ହୋଇଛି। ରାଜ୍ୟ ସଭା ଓ ଲୋକ ସଭାରେ ଏହି ବିଲ୍‌କୁ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ଜିଏସ୍‌ଆଇର ଡେପୁଟି ଡାଇରେକ୍ଟର ଜେନେରାଲ ମିତ୍ର କହିଛନ୍ତି। ଲାଭାସ୍ଥଳ ପାଇଁ କେନ୍ଦ୍ର ସରକାର ବିଲ ଆଗତ କରି ପର୍ଯ୍ୟଟନ ସ୍ଥଳ ପାଇଁ ନିଷ୍ପତ୍ତି ନେଉଛନ୍ତି। ଏହା ହେଲେ ହେରିଟେଜ ସ୍ଥଳରୁ ୧୦୦ମିଟର ପରିଧିକୁ ନିଷିଦ୍ଧାଞ୍ଚଳ ଓ ୨୦୦ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ଅଞ୍ଚଳ କରାଯିବ ବୋଲି ଡାଇରେକ୍ଟର ନାୟକ ସୂଚନା ଦେଇଥିଲେ। କେନ୍ଦୁଝର ଡିଏଫଓ କହିଥିଲେ, ଜିଓ ହେରିଟେଜ ଅଞ୍ଚଳ ହେଲେ ଏହି ଅଞ୍ଚଳର ବିକାଶ ହେବା ସହିତ ଲୋକଙ୍କ ଜୀବିକା ଉପାର୍ଜନର ଉତ୍ସ ହୋଇପାରିବ। ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ନାମ ଯୋଡ଼ି ହେବ।



ଅଧିକାରୀମାନେ ସୂଚନା ଫଳକ ଅନାବରଣ କରୁଛନ୍ତି।


ପିଲୋ ଲାଭା

## ପର୍ଯ୍ୟଟନ ସ୍ଥଳ ପାଇଁ ବାଟ ଫିଟିଲା

ଲାଭାସ୍ଥଳ ସନ୍ନିକଟରେ ରହୁଥିବା ସ୍ଥାନୀୟ ବାସିନ୍ଦା ଶରତ ଚନ୍ଦ୍ର ବାରିକ କହିଥିଲେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମୟରେ ଉକ୍ତ ସ୍ଥାନକୁ ରିସର୍ଚ୍ଚ ସ୍ଥାନ ଭାବେ ଘୋଷଣା କରାଯାଇଥିଲା। ଏହି ଅଞ୍ଚଳରେ ହେରିଟେଜ ହେଲେ ଅଞ୍ଚଳବାସୀ ବହୁ ସୁବିଧା ପାଇପାରିବେ ବୋଲି ସଭାରେ ଉପସ୍ଥିତ ସ୍ଥାନୀୟ ଭଣ୍ଡାରଡିହା ଗ୍ରାମର ଗୋକୁଳ ମହାନ୍ତ କହିଥିଲେ।

ସଭାରେ ଭୂତତ୍ତ୍ୱ ପଢୁଥିବା ବଡ଼ବିଲ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଅତୀତରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ସମ୍ପର୍କରେ ବୁଝାଇଥିଲେ। ଏହାର ଆକାର ପିଲୋ (ତକିଆ) ଭଳି ହୋଇଥିବାରୁ ଏହାକୁ ପିଲୋ ଲାଭା କୁହାଯାଉଥିବା ନେଇ ଜିଏସ୍‌ଆଇ ଅଧିକାରୀ ସ୍ପଷ୍ଟ କରିଥିଲେ। ନମ୍ପିରା ସମେତ କର୍ନାଟକ ରାଜ୍ୟର ମାରାଡ଼ିହାଲି ଜିଓ ହେରିଟେଜର ସର୍ବପୁରାତନ ସ୍ଥାନ ବୋଲି ଉପ ମହାନିର୍ଦ୍ଦେଶକ ମିତ୍ର କହିଥିଲେ।



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। **–ଶ୍ରୀଅରବିନ୍ଦ**

# ନିଯୁକ୍ତିରେ କ୍ଷତି



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

କେନ୍ଦ୍ର ବିଭିନ୍ନ ରାଜ୍ୟରେ ଏକ ଡଜନରୁ ଅଧିକ ରାଜ୍ୟପାଳଙ୍କୁ ନିଯୁକ୍ତ କରିଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେମାନଙ୍କ ମଧ୍ୟରେ ଜଣେ ହେଲେ ଅମଲାତନ୍ତ୍ରୀ ନାହାନ୍ତି। ନିଯୁକ୍ତି ପାଇଥିବା ୧୩ ଜଣଙ୍କ ମଧ୍ୟରେ ଅଛନ୍ତି ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି, ଦୁଇ ଜଣ ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ୪ ଜଣ ଭାଜପା ନେତା। ୬ ଜଣ ନୂଆ କରି ରାଜ୍ୟପାଳ ହୋଇଥିବାବେଳେ ଅନ୍ୟ ୭ଜଣ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଇଛନ୍ତି। ଜଣେ ହେଲେ ବାବୁ ରାଜ୍ୟପାଳ ପଦବୀରେ ନ ରହିବା ସେମାନଙ୍କ ପ୍ରତି ଏକ ଶକ୍ତ ଧକ୍କା। ଏହାକୁ ନେଇ ବାବୁ ସାମ୍ରାଜ୍ୟର ଉଚ୍ଚ ର୍ୟାଙ୍କଗୁଡ଼ିକରେ ଦୁଃଖର ଛାୟା ଖେଳିଯାଇଛି। ଜଣାପଡ଼ିଛି, କେବଳ ଆଇନ ମନ୍ତ୍ରଣାଳୟରେ ବରିଷ୍ଠ ବାବୁମାନେ ଅପେକ୍ଷାକୃତ ଖୁସି ହୋଇଛନ୍ତି। କାରଣ ସେମାନଙ୍କ ପସନ୍ଦର ପ୍ରାର୍ଥୀମାନେ ସଫଳତାର ସହ ନିଯୁକ୍ତି ପାଇଛନ୍ତି। ତେବେ ଆଇନ ସଚିବଙ୍କର କ୍ଷମତା କେନ୍ଦ୍ର ସହ ଅନ୍ୟ ବାବୁମାନଙ୍କ ତୁଳନାରେ ଭଲ ଯୋଗାଯୋଗ ରହିଛି କି? ଶାସକଙ୍କ ଢାଲ ଭାବେ ରହିଆସିଥିବା ଶୀର୍ଷ ପଦବୀରେ ଥିବା କେତେଜଣ ବାବୁ ଦୀର୍ଘଦିନରୁ ଏହି ପଦବୀକୁ ଅପେକ୍ଷା କରି ରହନ୍ତି। ଏବେ ସେମାନେ ଅଧିକ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ ବ୍ୟତୀତ ଯେଉଁମାନେ ଚୁପ ହୋଇ ବସିଛନ୍ତି ସେମାନେ ବି ଆଶା ବାନ୍ଧି ବସିଛନ୍ତି । ତେବେ ନିକଟ ଅତୀତରୁ ଆଇଏଏସ୍ ପଦୋନ୍ନତି ଧୀରେ ଧୀରେ କମିଚାଲିଛି। ମୋଦି ସରକାର ଅଣ ଆଇଏଏସ୍ ଅଧିକାରୀମାନଙ୍କୁ ଆଇଏଏସ୍ ଲାଗି ଉଦ୍ଦିଷ୍ଟ ପଦବୀଗୁଡ଼ିକରେ ନିଯୁକ୍ତ କରିଥିବାରୁ ଏଭଳି ଘଟୁଛି। ଏଣୁ ଏବେ ଆଇଏଏସ୍ ଦୁର୍ଗରେ ଆଇଆର୍ଏସ୍ ଏବଂ ଆଇଏଫ୍ଏସ୍ ଅଧିକାରୀମାନଙ୍କୁ ଦେଖିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ବାସ୍ତବରେ ରାଜ୍ୟପାଳ ନିଯୁକ୍ତି ଦୌଡ଼ରେ ବାବୁମାନଙ୍କର କ୍ଷତି ଘଟିଛି । ଏହା ଏବେ ଅବସର ନେବାକୁ ଥିବା ତଥା ଅବସର ପରେ ଏକ ଆରାମଦାୟକ ପଦବୀ ପାଇବାକୁ ଆଶା ରଖିଥିବା ବାବୁମାନଙ୍କୁ ଚିନ୍ତିତ କରିବା ସ୍ୱାଭାବିକ।

### ଏମ୍ପ୍ୟାନେଲ୍‌ମେଣ୍ଟ ଚିନ୍ତା

କେନ୍ଦ୍ରରେ ପୋଲିସ ମହାନିର୍ଦ୍ଦେଶକ(ଡିଜି) କିମ୍ବା ତତ୍‌ସମାନ ପଦବୀଗୁଡ଼ିକ ପାଇଁ ୧୯୮୫, ୧୯୮୬, ୧୯୮୭ ଏବଂ ୧୯୮୮ ବ୍ୟାଚ୍‌ର ୨୯ରୁ ଊର୍ଦ୍ଧ୍ୱ ଆଇପିଏସ୍ ଅଧିକାରୀଙ୍କ ଏମ୍ପ୍ୟାନେଲ୍‌ମେଣ୍ଟ ବା ନିଯୁକ୍ତି ତାଲିକା ଏକ ଚୟନ କମିଟି ଦ୍ୱାରା ସ୍ଥିର କରାଯାଇଛି। ଏହି କମିଟିରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର, କ୍ୟାବିନେଟ ସଚିବ ରାଜୀବ ଗୌବା, ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲା , ସଚିବ( କାର୍ମିକ) ଦୀପକ ଖଣ୍ଡେକର ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା। ନିଯୁକ୍ତି ତାଲିକାରେ ଅଛନ୍ତି ୧୯୮୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରଶ୍ମି ଶୁକ୍ଳା। ଏକ କେନ୍ଦ୍ରୀୟ ବଳର ନେତୃତ୍ୱ ନେବାକୁ କିମ୍ବା ଏକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିରେ ମହାରାଷ୍ଟ୍ରକୁ ଫେରିବାକୁ ଏହା ଶୁକ୍ଳାଙ୍କ ବାଟ ସଫା କରିଛି। ଡିଜି ଭାବେ ତାଲିକାରେ ସ୍ଥାନ ପାଇଛନ୍ତି ଅତୁଲଚନ୍ଦ୍ର କୁଲକର୍ନି ଓ ସଦାନନ୍ଦ ଦାଟେ। ମହାରାଷ୍ଟ୍ରରେ ଦାଟେଙ୍କ ପଦୋନ୍ନତିକୁ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡ ସ୍ୱୀକୃତି ଦେଇଛି। ଡିଜି ପଦବୀ ଥିଲେ ବି ଏବେସୁଦ୍ଧା ତାଙ୍କୁ ସେହି ଦାୟିତ୍ୱ ପ୍ରଦାନ କରାଯାଇନାହିଁ। ବର୍ତ୍ତମାନ ଦାଟେ ଆଣ୍ଟି ଟେରୋରିଜମ ସ୍କ୍ୱାଡ୍‌ର ମୁଖ୍ୟ ଏବଂ କୁଲକର୍ନି ନ୍ୟାଶନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସିର ଅତିରିକ୍ତ ଡିଜି ଅଛନ୍ତି। ଏହି ସମୟରେ ମୁମ୍ବାଇ ସ୍ୱତନ୍ତ୍ର ପୋଲିସ କମିଶନର ଦେବେନ ଭାରତୀଙ୍କୁ ଅତିରିକ୍ତ ଡିଜି ଭାବେ ନିଯୁକ୍ତି ତାଲିକାଭୁକ୍ତ କରାଯାଇଛି। ୟୁପି କ୍ୟାଡରର ୮ରୁ ଅଧିକ ଏବଂ ପଞ୍ଜାବ କ୍ୟାଡରର ୫ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରରେ ଡିଜି ଏବଂ ଅତିରିକ୍ତ ଡିଜି ର୍ୟାଙ୍କରେ ନିଯୁକ୍ତି ଲାଗି ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ।

### ଅନୁଶାସନବିହୀନ ଅଧିକାରୀ

ନୀତୀଶ କୁମାରଙ୍କ ବିହାରରେ କ'ଣ ସବୁ ଚାଲିଛି? ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ଏବେ ସେବା ପରିବର୍ତ୍ତେ ସେମାନଙ୍କ ଝଗଡ଼ାକୁ ନେଇ ଖବରର ଶିରୋନାମା ପାଲଟୁଛନ୍ତି। ଖୁବ୍ ନିକଟରେ ବିହାରର ଦୁଇ ଆଇପିଏସ୍ ଅଧିକାରୀ ଏଭଳି ମୁହାଁମୁହିଁ ହୋଇଥିଲେ ଯେ, ତାହା କେବଳ ସାଧାରଣରେ ପ୍ରଭାବ ପକାଇ ନ ଥିଲା ବରଂ ନୀତୀଶ କୁମାରଙ୍କ ପ୍ରଶାସନକୁ ସମାଲୋଚନା ତଥା ଆକ୍ରମଣ କରିବାକୁ ତାଙ୍କ ବିରୋଧୀଙ୍କୁ ଖୋରାକ ଯୋଗାଇଥିଲା। ହୋମ୍ ଗାର୍ଡ ଓ ଫାୟାର ସର୍ଭିସର ଆଇଜି ବିକାଶ ବୈଭବ ଅଭିଯୋଗ ଆଣିଥିଲେ ଯେ ଡିଜି ଶୋଭା ଓହାଟକର ତାଙ୍କୁ ଅନାବଶ୍ୟକ ଭାବେ ନିର୍ଯାତନା ଦେଇଥିଲେ ଓ ସେ ଏ ସମ୍ପର୍କିତ ଅନେକ ଟୁଇଟ ବି ପୋଷ୍ଟ କରିଥିଲେ। ଏହି କାରଣରୁ ଡିଜି ତାଙ୍କ ଦୁଇ ମାସ ଛୁଟି ଦରଖାସ୍ତକୁ ଖାରଜ କରି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜଣେ ବରିଷ୍ଠ ଅଧିକାରୀ ଅଶ୍ଳୀଳ ଭାଷା ବ୍ୟବହାର କରିବା ଏବଂ ଅଧସ୍ତନ ଓ ସାଥୀ କର୍ମଚାରୀଙ୍କୁ ନିର୍ଯାତନା ଦେବାର ଅଭିଯୋଗ ତାଙ୍କ ବିରୋଧରେ ଆସିବା ବିହାରରେ ପ୍ରଥମ ଘଟଣା ନୁହେଁ। ବରିଷ୍ଠ ଆଇଏଏସ୍ ଅଧିକାରୀ କେ.କେ.ପାଠକ ଜଣେ ଉପଜିଲାପାଳଙ୍କୁ ଅପଶବ୍ଦ ବ୍ୟବହାର କରିବାର ଭିଡିଓ ଭାଇରାଲ ହୋଇ ଖବରର ଶୀର୍ଷକ ହେବା ପରେ ପରେ ଏହି ଘଟଣା ସାମ୍ନାକୁ ଆସିଛି। ପାଠକ ପରେ କ୍ଷମା ମାଗିଥିଲେ । କିନ୍ତୁ ନିଜ ସେବାରେ ନିଜକୁ କିଭଳି ନିୟନ୍ତ୍ରଣରେ ରଖିବାକୁ ହୁଏ ତାହା ପ୍ରଶିକ୍ଷଣ ପାଇଥିଲେ ବି ଅଧିକାରୀମାନେ ଅନୁଶାସନବିହୀନ ବୋଲି ପ୍ରତିପାଦିତ କରିଛନ୍ତି। ଏହିସବୁ ଘଟଣା ଘଟୁଥିବାରୁ ଅନେକ ପର୍ଯ୍ୟବେକ୍ଷକ କହୁଛନ୍ତି ଯେ, ଏଭଳି ବିବାଦଗୁଡ଼ିକ ଯୋଗୁ ବିହାର ପ୍ରଶାସନ ନିମ୍ନଗାମୀ ହେଉଛି, ଯାହା ଉପରେ ମୁଖ୍ୟମନ୍ତ୍ରୀ ଚିନ୍ତା କରିବା ଉଚିତ।

Email: dilipcherian@gmail.com

# ଅସହାୟ ଚାଷୀ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଦେଶରେ କ୍ରମବର୍ଦ୍ଧିଷ୍ଣୁ କୃଷି ସଙ୍କଟ ଓ ଚାଷୀ ଅସନ୍ତୋଷକୁ ଦୃଷ୍ଟିରେ ରଖି ଚଳିତ (୨୦୨୩–୨୦୨୪)ବଜେଟରେ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରେ ବୋଲି କହୁଥିଲେ ଅନେକ ଅର୍ଥନୀତି ବିଶାରଦ। ମାତ୍ର ସେମାନଙ୍କ ଆକଳନକୁ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ କରିଛି ସରକାରଙ୍କ ଚଳିତ କାର୍ଯ୍ୟକାଳର ଶେଷ ପୂର୍ଣ୍ଣାଙ୍ଗ ବଜେଟ। ଏହି ବଜେଟକୁ କିଏ ଅମୃତକାଳର ଐତିହାସିକ ବଜେଟ କହୁଛି ତ ଆଉ କିଏ କହୁଛି ସଶକ୍ତ ଓ ସମାବେଶୀ ଅର୍ଥନୀତିର ନକ୍ସା। ମାତ୍ର ସେମାନେ ବୋଧହୁଏ ଭୁଲି ଯାଉଛନ୍ତି ଯେ ଦେଶର ସର୍ବାଧିକ ଲୋକ ନିର୍ଭର କରୁଥିବା କୃଷିକ୍ଷେତ୍ରଟି ଏଥିରେ ଅବହେଳିତ ଓ ଉପେକ୍ଷିତ।

ଦେଶରେ କ୍ରମାଗତ ବଢୁଥିବା ଚାଷୀ ଅସନ୍ତୋଷକୁ ଦୃଷ୍ଟିରେ ରଖି ୨୦୧୯ ମସିହାରେ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ କିଷାନନିଧି ଯୋଜନା। କୃଷକର ଆୟ ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଏହି ଯୋଜନା ମାଧ୍ୟମରେ ପ୍ରତିବର୍ଷ ପ୍ରତ୍ୟେକ ଚାଷୀର ବ୍ୟାଙ୍କ ଆକାଉଣ୍ଟକୁ ଯାଉଥିଲା ୬ ହଜାର ଟଙ୍କା। ବିଗତ ବର୍ଷ ବଜେଟରେ(୨୦୨୨–୨୩) ଏ ଯୋଜନା ବାବଦ ୬୮ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ ଚଳିତ ବର୍ଷ ୬୦ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହା ପୂର୍ବବର୍ଷଠାରୁ ୮ ହଜାର କୋଟି ଟଙ୍କା କମ୍। ଏଥିସହିତ ହ୍ରାସ ପାଇଛି କୃଷିକ୍ଷେତ୍ରକୁ ରାସାୟନିକ ସାର ରିହାତି ବାବଦକୁ ମିଳୁଥିବା ଅର୍ଥ ପରିମାଣ। ଗତବର୍ଷ ବଜେଟରେ ଏ ବାବଦରେ ୨୨୫ ହଜାର କୋଟି ଟଙ୍କାର ପ୍ରାବଧାନ ଥିଲାବେଳେ ଏଥର ତାହା ୧୭୫ ହଜାର କୋଟି ଟଙ୍କାରେ ସୀମିତ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବି ହ୍ରାସ ପାଇଛି ଅନୁଦାନ ରାଶି। ବିଡ଼ମ୍ବନାର ବିଷୟ ହେଉଛି, ଅର୍ଥମନ୍ତ୍ରୀଙ୍କ ବଜେଟରେ ସ୍ଥାନ ପାଇନାହିଁ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ।

ବହୁଚର୍ଚ୍ଚିତ ସ୍ୱାମୀନାଥନ୍ କମିଟି ସୁପାରିସ ଆଧାରରେ ଧାନ ଓ ଗହମ ଆଦି ଶସ୍ୟର ମୂଲ୍ୟବୃଦ୍ଧି କରାଯିବ ବୋଲି କହି ୨୦୧୪ରେ କ୍ଷମତାକୁ ଆସିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୨୦୧୬ରେ ପ୍ରଧାନମନ୍ତ୍ରୀଙ୍କର ଘୋଷଣା ଥିଲା, ୨୦୨୨ ସୁଦ୍ଧା ଦୁଇଗୁଣା ହେବ ଚାଷୀର ଆୟ। ଦୁର୍ଭାଗ୍ୟର ବିଷୟ ଅବଧି ଅତିକ୍ରାନ୍ତ ହେଲା ପରେ ବି ଚାଷୀର ଭାଗ୍ୟ ଚାପିହୋଇ ରହିଛି ସେହି ପଥର ତଳେ। ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଚାଷୀର ଆୟ ଦୁଇଗୁଣା ହେଲାନାହିଁ କି ତାକୁ ମିଳିଲାନି ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଶସ୍ୟର ସହାୟକ ମୂଲ୍ୟ।

ଅର୍ଥନୀତି ବିଶାରଦ ଚାଣକ୍ୟ କହିଥିଲେ, ଅର୍ଥନୀତିରେ ସନ୍ତୁଳନ ପାଇଁ ଭରଣେ ଧାନର ମୂଲ୍ୟ ସହିତ ଭରିଏ ସୁନାର ମୂଲ୍ୟ ସମାନ ହେବା ଦରକାର। ମାତ୍ର ଚାଷୀ ଏବେ ଯେଉଁ ଦରରେ ଧାନ ବିକୁଛି, ସେହି ହିସାବରେ ବୋଧହୁଏ ଭରିଏ ସୁନା କିଣିବା ପାଇଁ ଊଣା ପଡ଼ିବ ୧୦ ଭରଣ (ପାଖାପାଖି ୩୫ କୁଇଣ୍ଟାଲ) ଧାନର ମୂଲ୍ୟ। ଗଣମାଧ୍ୟମରେ ପ୍ରକାଶିତ ଏକ ତୁଳନାତ୍ମକ ଅଧ୍ୟୟନ ତଥ୍ୟରୁ ଜଣାଯାଏ ୧୯୭୦ରେ ଧାନର ମୂଲ୍ୟ ଥିଲା କୁଇଣ୍ଟାଲ ପ୍ରତି ୭୪ ଟଙ୍କା,



ଯାହା ବର୍ତ୍ତମାନର ଦରଠାରୁ ପ୍ରାୟତଃ ୨୮ ଗୁଣ କମ୍। ଅର୍ଥାତ ବିଗତ ୫୨ବର୍ଷ ମଧ୍ୟରେ ଧାନର ସହାୟକ ମୂଲ୍ୟରେ ବୃଦ୍ଧି ହୋଇଛି ୨୮ଗୁଣ। ଏହି ସମୟସୀମା ମଧ୍ୟରେ କିନ୍ତୁ ସରକାରୀ କର୍ମଚାରୀଙ୍କ ଦରମା ବଢ଼ିଛି ୧୨୦ଗୁଣରୁ ବେଶି। ତା' ଠାରୁ ଢେର ଅଧିକ ଗୁଣ ବଢ଼ିଛି ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଦରମା। କେନ୍ଦ୍ର ସରକାର ହୁଅନ୍ତୁ କି ରାଜ୍ୟ ସରକାର, ସମସ୍ତେ କହନ୍ତି– 'ଚାଷୀକୁଳ ଆମର ବଳ'। ହେଲେ ଚାଷୀର ଆୟ ବଢୁ ବୋଲି ଚାହୁଁନାହାନ୍ତି କୌଣସି ସରକାର। ସମସ୍ତେ କେବଳ ଚାଷୀର ଭାବାବେଗକୁ ନେଇ ପେଣ୍ଡୁ ଖେଳନ୍ତି ରାଜନୀତି ମଇଦାନରେ।

ଆମ କୃଷି ସଂସ୍କୃତି ସ୍ୱର୍ଣ୍ଣିମ ଇତିହାସ କହେ ଏକଦା ଏଠି ଚାଷ ଥିଲା ଏକ ଲାଭଦାୟକ ଓ ସମ୍ମାନଜନକ ବୃତ୍ତି। ପରିସ୍ଥିତି ଏମିତି ବଦଳିଗଲା ଯେ ଏବେ ଚାଷ ଉପରେ ନିର୍ଭର କରି ବଞ୍ଚୁଥିବା ଲୋକଟି ଏଠି ଗରିବ ଓ ଅବହେଳିତ। ତଥ୍ୟ କହେ ରାଜ୍ୟରେ ଦାରିଦ୍ର୍ୟ ସୀମରେଖା ତଳେ ଥିବା ସମୁଦାୟ ଜନସଂଖ୍ୟା ଭିତରୁ ୭୦ ଭାଗ ହେଉଛନ୍ତି ଚାଷୀ ପରିବାରର ଲୋକ। ଆଗେ ବଢ଼ି ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ଥିଲା ଧାନ ଅମଳର ପ୍ରଧାନ ଶତ୍ରୁ। ଏବେ ତାକୁ ବଳିଗଲା ସରକାରୀ ଅବହେଳା, ଅଣଦେଖା, ଶୋଷଣ ଓ ପ୍ରତାରଣା।

୨୦୧୭ ରେ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା ହେବା ଉଚିତ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଲା ଏବଂ ସେହି ଅନୁସାରେ ପାରିତ ହେଲା ସଂକଳ୍ପ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପାଇଁ ଏକ ଗୃହକମିଟି ବି ଗଠନ ହୋଇଥିଲା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ। ତା' ପରେ ବୋଧହୁଏ ସଂକଳ୍ପଟିକୁ ଶୀତଳଭଣ୍ଡାରକୁ ଠେଲିଦେଇ ମୁଣ୍ଡରୁ ଦାୟିତ୍ୱ ଖସେଇଦେଲେ ରାଜ୍ୟ ସରକାର। କହିବାର ତାତ୍ପର୍ଯ୍ୟ ୨୦୧୭ ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟତଃ ତିନିଗୁଣା ବଢ଼ିଛି ରାସାୟନିକ ସାର, କୀଟନାଶକ ଓ କୃଷି ଯନ୍ତ୍ରପାତିର ଦର। ସେହି ଅନୁସାରେ ୨୦୧୭ରେ ପ୍ରସ୍ତାବିତ ସହାୟକ ମୂଲ୍ୟରେ ବୃଦ୍ଧି ଘଟିବା ସ୍ୱାଭାବିକ। ଦୁର୍ଭାଗ୍ୟବଶତଃ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ସହାୟକ ମୂଲ୍ୟ ଏବେ ୨୦୪୦ ଟଙ୍କାରେ ସୀମିତ। ଏହି ଦୃଷ୍ଟିରୁ କୁଇଣ୍ଟାଲ ପିଛା ଅନ୍ୟୂନ (୨୯୩୦–୨୦୪୦) ୮୯୦ଟଙ୍କା କ୍ଷତି ସହୁଛି ଚାଷୀ।

କ୍ଷତିର ଆଉ ଏକ ଦିଗ ହେଉଛି ଆମ ମଣ୍ଡି ବ୍ୟବସ୍ଥା। କାରଣ ଓଡ଼ିଶାର ମଣ୍ଡିଗୁଡ଼ିକ ଗୋଟିଏ ଗୋଟିଏ ଏକଚାଟିଆ ସଂଗ୍ରହ କେନ୍ଦ୍ର, ଯେଉଁଠି କମିଶନ ଏଜେଣ୍ଟ ଓ ଦଲାଲମାନଙ୍କର ଦୌରାତ୍ମ୍ୟରେ ବାର ହୀନସ୍ତା ହୁଏ ଚାଷୀ। ଧାନ କିଣିବାଠାରୁ ଚାଷୀ ଖାତାକୁ ପଇସା ଆସିବା ପର୍ଯ୍ୟନ୍ତ ସବୁକଥାରେ ବିଳମ୍ବିତ ପ୍ରକ୍ରିୟା ମଧ୍ୟ ତା'ର ଏକ ଅଲିଖିତ ବ୍ୟବସ୍ଥା। କଟ୍‌ନି ଛଟ୍‌ନି ନ କରିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କଲେ ବି ତା' ଉପରେ ଲାଗିପାରେନି ରୋକ। ଏଠି ବିନା ମଧ୍ୟସ୍ଥରେ କିଛି ହୁଏନି କି କେହି ଧାନ ବିକ୍ରି କରିପାରେନି ନିର୍ଦ୍ଧାରିତ ଦରରେ। ଟଙ୍କା ଚାଷୀର ବ୍ୟାଙ୍କ ଖାତା ଜରିଆରେ ଆସେ ସତ, ହେଲେ ତାହା ହିସାବକିତାବ ହୁଏ ପୂର୍ବରୁ ସରିଥିବା ମୂଳଚାଲ ଅନୁସାରେ। ସେହି ହିସାବରେ ୨୦୪୦ ଟଙ୍କାରୁ ଚାଷୀ ପାଉଛି ମାତ୍ର ୧୭୦୦ଟଙ୍କା ବା ତା'ଠାରୁ କମ୍। ଅବଶିଷ୍ଟ ୩୪୦ ଟଙ୍କା କେଉଁ ବାବଦରେ କାହା ପକେଟକୁ ଯାଉଛି ତାହା କେବଳ ସେମାନଙ୍କୁ ଜଣା। ଏଭଳି ମନମାନି ଯୋଗୁ ମଣ୍ଡିକୁ ଆସିବାକୁ ଚାହୁଁନାହାନ୍ତି ଅନେକ ଚାଷୀ। ଖବରକାଗଜରେ ପ୍ରକାଶିତ ଏକ ଆକଳନରୁ ଜଣାଯାଏ, ଓଡ଼ିଶାର ୨୦ ଭାଗ ଚାଷୀ ମଣ୍ଡିରେ ଧାନ ବିକୁଥିବା ବେଳେ ଅବଶିଷ୍ଟ ୮୦ ଭାଗ ଚାଷୀଙ୍କ ଧାନ ବେପାରୀ କିଣିନେଉଛନ୍ତି ଶାଗମାଛ ଦରରେ।

ଚାଷୀର ଆୟ ବୃଦ୍ଧି ନିମନ୍ତେ ତା' ଜମାଖାତାକୁ ସିଧାସଳଖ କିଷାନ ନିଧି ଓ କାଳିଆ ଯୋଜନା ଜରିଆରେ ଟଙ୍କା ପଠାଉଛନ୍ତି ବୋଲି କହି ନିଜ ଢୋଲ ନିଜେ ପିଟୁଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ମାତ୍ର ଏ ଉଭୟ ଯୋଜନାରେ ଚାଷୀ ଯେତିକି ପାଉଛି, ମଣ୍ଡିରେ ସେ ଠକିହେଉଛି ତା' ଠାରୁ ଢେର ବେଶି। ଦୃଷ୍ଟାନ୍ତ ସ୍ୱରୂପ ଦୁଇ ଏକର ଜମିଥିବା ଜଣେ ଅତି କ୍ଷୁଦ୍ରଚାଷୀ ଯଦି ମଣ୍ଡିରେ (୨୦X୨)୪୦ କୁଇଣ୍ଟାଲ ଧାନ ବିକ୍ରି କରୁଛି, ତେବେ ତା'ର ପ୍ରାପ୍ୟ (୨୦୪୦X୪୦) ୮୧,୬୦୦ଟଙ୍କା ହୋଇଥିବା ବେଳେ ସେ ପାଉଛି (୧୭୦୦X୪୦)୬୮,୦୦୦ଟଙ୍କା। ଅର୍ଥାତ ଅଭାବୀ ବିକ୍ରି କାରଣରୁ ଚାଷୀଟି ହରେଇଲା (୮୧,୬୦୦–୬୮,୦୦୦) ୧୩,୬୦୦ଟଙ୍କା। ଅନ୍ୟପକ୍ଷରେ ଉଭୟ କିଷାନନିଧି ଓ କାଳିଆ ଯୋଜନା ମାଧ୍ୟମରେ ତା' ଖାତାକୁ ଆସିଲା(୬୦୦୦+୪୦୦୦) ୧୦,୦୦୦ଟଙ୍କା। ଅତଏବ ସରକାରୀ ସହାୟତା ପାଇଲା ପରେ ବି ଜଣେ ଦୁଇ ଏକର ଜମିଥିବା ଚାଷୀକୁ ସହିବାକୁ ପଡୁଛି(୧୩,୬୦୦–୧୦,୦୦୦) ୩,୬୦୦ ଟଙ୍କା କ୍ଷତି। ଏହି ହିସାବରେ ଜଣେ ପାଞ୍ଚ ଏକର ଜମିଥିବା ଚାଷୀକୁ ଯଦି ୨୪,୦୦୦ଟଙ୍କା କ୍ଷତି ସହିବାକୁ ପଡ଼େ କେମିତି ବଢ଼ିବ ଚାଷୀର ଆୟ। ମନେ ରଖିବାକୁ ହେବ ଯେ ଚାଷୀକୁ ତା' ଶସ୍ୟର ଉପଯୁକ୍ତ ମୂଲ୍ୟ ନ ଦେଇ କୃଷିନୀତି, କୃଷି କ୍ୟାବିନେଟ ଓ କୃଷି ବଜେଟ ଆଦି ଯେତେ ଯାହା ବ୍ୟବସ୍ଥା କଲେ ବି କେବେ ସୁଧୁରିବ ନାହିଁ ଚାଷୀର ଆର୍ଥିକ ସ୍ଥିତି।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ– ୬୩୭୧୬୪୨୪୬୪**

# ଏକତାର ପର୍ବ ମହାଶିବରାତ୍ରି



**ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ**

ସୃଷ୍ଟିରୂପୀ ରଙ୍ଗମଞ୍ଚରେ ପ୍ରତ୍ୟେକ ଦେଶ ଏବଂ ଜାତିର ଯେଉଁ ନିଜସ୍ୱ କଳା, ସଂସ୍କୃତି ଓ ପରମ୍ପରା ରହିଛି ତାହା ଜୀବନରେ ନିତ୍ୟ ସରସତା ପ୍ରଦାନ କରେ । ଏହା ପ୍ରଚଳିତ ବହୁ ପର୍ବ ସଂଶ୍ଳିଷ୍ଟ ଆଧ୍ୟାତ୍ମିକ ରହସ୍ୟର ସ୍ପଷ୍ଟ ଅର୍ଥ ବୋଧ କରାଇ ଚରିତ୍ରକୁ ଶ୍ରେଷ୍ଠ, ପରିମାର୍ଜିତ, ଉଜ୍ଜ୍ୱଳ, ନୈତିକତା ସମ୍ପନ୍ନ କରାଏ। ଏହି ପର୍ବ ମଧ୍ୟ ସୂଚାଇ ଦିଏ ଯେ, ମନୁଷ୍ୟ ଯେକୌଣସି ଧର୍ମ, ଜାତି, ବର୍ଣ୍ଣ, ରଙ୍ଗ ହେଉନା କାହିଁକି ସମୁଦାୟ ମାନବ ସମାଜର ରକ୍ତ ଏକ ପ୍ରକାର। ଯେପରିକି ଫୁଲ ଭିନ୍ନ ଭିନ୍ନ ରଙ୍ଗର ହେଲେ ମଧ୍ୟ ମାଟି ଏକ ପ୍ରକାରର ଏବଂ ବଗିଚାର ମାଳୀ ମଧ୍ୟ ଏକ ତଥା ଅଭିନ୍ନ।

ସୌଭାଗ୍ୟର ବିଷୟ ମହା ପରିବର୍ତ୍ତନର ଏହି କ୍ରାନ୍ତିକାରୀ ସମୟରେ ପୁଣି ଥରେ ମନୁଷ୍ୟ ମନରେ ବିଶ୍ୱ ପରିବାର 'ବସୁଧୈବ କୁଟୁମ୍ବକମ୍' ତଥା ରାଷ୍ଟ୍ରୀୟ ଏକତାର ପରିକଳ୍ପନା ଦୃଢ଼ୀଭୂତ ହେବାରେ ଲାଗିଛି। ଧ୍ୟାନ ବିଶ୍ୱ ଏକତା, ଶାଶ୍ୱତ ଧର୍ମ, ବିଶ୍ୱ ବନ୍ଧୁତ୍ୱ, ସର୍ବଧର୍ମ ସମନ୍ୱୟ ତଥା ରାଷ୍ଟ୍ରୀୟ ଏକତାର ପରିକଳ୍ପନା କେନ୍ଦ୍ରୀଭୂତ ହେଉଥିବା ଜଣାପଡ଼ିଛି। ଅବଶ୍ୟ କଲ୍ୟାଣକାରୀ ପରିବର୍ତ୍ତନର ଏହା ଏକ ଶୁଭ ସଙ୍କେତ।

ବିଭିନ୍ନ ଦେଶର ଲୋକପ୍ରିୟ ଚିର ପ୍ରଚଳିତ କିମ୍ବଦନ୍ତୀ ତଥା ଧର୍ମଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ଅଛି ଯେ, 'ବସୁଧୈବ କୁଟୁମ୍ବକମ୍' ରୂପୀ ମହାନ୍ ସଂସ୍କୃତିର ଜନନୀ 'ମହାଶିବରାତ୍ରି' ପର୍ବ। କାରଣ ଏହି ଶିବରାତ୍ରି ସାର୍ବଧାର୍ମିକ, ସାର୍ବଭୌମିକ ଏବଂ ସାର୍ବଜନିକ ପର୍ବ ରୂପେ ମାନ୍ୟତା ପାଇ ଆସୁଅଛି। ଏହି ପର୍ବର ଜନ୍ମଦାତା ସୃଷ୍ଟିର ରଚୟିତା ନିରାକାର ସର୍ବ ଆତ୍ମାଙ୍କ ପିତା ସ୍ୱୟଂ ଶିବ ଭଗବାନ। ଯାହାଙ୍କ ସ୍ମୃତି ଚିହ୍ନ ଜ୍ୟୋତିର୍ଲିଙ୍ଗମ୍ ରୂପେ ପ୍ରାୟ ସର୍ବତ୍ର ଦୃଷ୍ଟିଗୋଚର ହୁଏ। ଶିବ ପରମାତ୍ମାଙ୍କ ନାମ ଅନେକ, ଯେପରିକି ରାମେଶ୍ୱର, ଗୋପେଶ୍ୱର, ମହାକାଳେଶ୍ୱର, ଅମରନାଥ, ସୋମନାଥ, ବିଶ୍ୱନାଥ, ପଶୁପତି ନାଥ ଆଦି ପରମାତ୍ମାଙ୍କ ହିଁ ଦିବ୍ୟ କର୍ତ୍ତବ୍ୟ ତଥା ଗୁଣସମୂହର ସୂଚକ। ଶାକ୍ତ, ଗାଣପତ୍ୟ, ବୈଷ୍ଣବ୍ୟ ତଥା ସବୁ ବର୍ଗର ଭକ୍ତଗଣ ଶିବଙ୍କୁ ଭକ୍ତି କରିଥାନ୍ତି। ଭାରତରେ ୧୨ଗୋଟି ପ୍ରମୁଖ ଶିବମନ୍ଦିରକୁ ଜ୍ୟୋତିର୍ଲିଙ୍ଗମ୍ ମଠର ଆଖ୍ୟା ଦିଆଯାଇଛି। ସେଗୁଡିକ ହେଉଛି– ଗୁଜରାଟର ସୌରାଷ୍ଟ୍ରସ୍ଥିତ ସୋମନାଥ, ଦାରୁକା ବନରେ ନାଗେଶ୍ୱର, ଆନ୍ଧ୍ରପ୍ରଦେଶର ଶ୍ରୀଶୈଳମରେ ମଲ୍ଲିକାର୍ଜୁନ, ମଧ୍ୟପ୍ରଦେଶର ଉଜ୍ଜୟିନୀରେ ମହାକାଳେଶ୍ୱର, ବିନ୍ଧ୍ୟାଞ୍ଚଳରେ ଓଁକାରେଶ୍ୱର, ମହାରାଷ୍ଟ୍ରର ପରେଲୀଠାରେ ବୈଦ୍ୟନାଥ, ଡାକିନୀରେ ଭୀମଶଙ୍କର, ଗୋମତୀ ତଟରେ ତ୍ରୟମ୍ବକେଶ୍ୱର, ଦେବ ସରୋବରର ଶିଳାଳୟରେ ଘୃର୍ଣ୍ଣେଶ୍ୱର, ତାମିଲନାଡୁର ସେତୁବନ୍ଧରେ ରାମେଶ୍ୱର, ଉତ୍ତରପ୍ରଦେଶର କାଶୀଠାରେ ବିଶ୍ୱନାଥ ତଥା ହିମାଚଳ ପ୍ରଦେଶର ହିମାଳୟରେ କେଦାରନାଥ, ମହେଞ୍ଜୋଦାରୋ ଏବଂ ହରପ୍ପାରେ ଖୋଦନ ପରେ ମଧ ଶିବଙ୍କ ପ୍ରତିମା ପ୍ରାପ୍ତ ହୋଇଛି। ଭାରତବର୍ଷ ଅତିରିକ୍ତ ଇଣ୍ଡୋନେସିଆର ଜାଭା, ସୁମାତ୍ରା, ବ୍ରହ୍ମଦେଶ, ଥାଇଲାଣ୍ଡ, ଚାଇନା, ଇସ୍ରାଏଲ, ଶ୍ରୀଲଙ୍କା, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ଇଟାଲୀ, ଅଷ୍ଟ୍ରେଲିଆ, ହଙ୍ଗେରୀ, ସାଇବେରିଆ



ମଧ୍ୟ ପରମାତ୍ମାଙ୍କର ଏହି ଜ୍ୟୋତିର୍ଲିଙ୍ଗମ୍ ସ୍ୱରୂପକୁ କିଛି ଭିନ୍ନ ବରଂ ସମ୍ମାନାର୍ଥକ ନାମରେ ସ୍ମରଣ କରିବାର ଉଦାହରଣ ରହିଛି। ଏଥିରୁ ସ୍ପଷ୍ଟ ହୁଏ ଯେ, ନିରାକାର ଜ୍ୟୋତିସ୍ୱରୂପ ପାରଲୌକିକ ପରମାତ୍ମା ଶିବ ହିଁ ସର୍ବ ଆତ୍ମାଙ୍କ ପରମପିତା ଏବଂ ସମଗ୍ର ମାନବ ସମାଜ ତାଙ୍କର ସନ୍ତାନ। ଜ୍ୟୋତିସ୍ୱରୂପ ଆତ୍ମା ପରସ୍ପର ଭାଇ ଭାଇ ଏବଂ ଏହି ବିଶ୍ୱ ଏକ ପରିବାର ସଦୃଶ। ଆମ ମନରେ ଏହି ଚିନ୍ତାଧାରା ନିଶ୍ଚିତ ଭାବରେ ସର୍ବଧର୍ମ ସମନ୍ୱୟ ଭାବାତ୍ମକ ଏକତା, ବିଶ୍ୱବନ୍ଧୁତ୍ୱ ତଥା ରାଷ୍ଟ୍ରୀୟ ଏକତାର ପରିକଳ୍ପନାକୁ ସାକାର କରିପାରିବ।

ସାଧାରଣତଃ ଶିବଙ୍କ ଅବତରଣ ବା ଜନ୍ମ ଉତ୍ସବକୁ ରାତ୍ରି ସହ ସଂଯୋଗ କରାଯିବାର ଯଥାର୍ଥ ରହସ୍ୟ ହେଲା ରାତ୍ରି ଶବ୍ଦ ନିଃସନ୍ଦେହରେ ଅଧର୍ମ, ଅପରାଧ, ଅପବିତ୍ରତା, ଅନଭିଜ୍ଞତା, ସଂକୀର୍ଣ୍ଣ ଦୃଷ୍ଟିକୋଣ ତଥା ଦୁର୍ଭାଗ୍ୟର ସଙ୍କେତ ଏବଂ ଏହାର ମାତ୍ରା କଳିଯୁଗର ଅନ୍ତିମ ସମୟରେ ଅତ୍ୟଧିକ ହୋଇଥାଏ। ଏହି ସମୟରେ ପରମାତ୍ମା ଶିବ ଏକ ସାଧାରଣ ଅନୁଭବୀ ବୃଦ୍ଧ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ଦିବ୍ୟ ଅବତରଣ କରି ବହୁ ସମୟରୁ ଲୁପ୍ତପ୍ରାୟ ଈଶ୍ୱରୀୟ ଜ୍ଞାନ ତଥା ସହଜ ରାଜଯୋଗର ଶିକ୍ଷା ଦେଇ ଆସୁଛନ୍ତି। ଅଜ୍ଞାନ ନିଦ୍ରାରେ ସୁପ୍ତ ମନୁଷ୍ୟକୁ ଶାଶ୍ୱତ ଜ୍ଞାନ, ପ୍ରେମ, ସୁଖ, ଶାନ୍ତି, ଆନନ୍ଦ ଓ ପବିତ୍ରତା ଆଦି ଦିବ୍ୟଗୁଣର ବରଦାନ ଦେଇ 'ବସୁଧୈବ କୁଟୁମ୍ବକମ୍' ଏବଂ ରାଷ୍ଟ୍ରୀୟ ଏକତାର ଭାବ ଧାରାରେ ପ୍ଲାବିତ କରାନ୍ତି। ଭବିଷ୍ୟ ସତ୍ୟଯୁଗୀ ଦୈବୀ ରାଜ୍ୟର ଅଧିକାରୀ ମଧ କରାଇଥାନ୍ତି। ଏଣୁ ପରାମାତ୍ମା ଶିବଙ୍କର ଏହି ଅଜ୍ଞାନତାରୂପୀ ମହାରାତ୍ରିକୁ ସମାପ୍ତ କରିବାର ଆଧ୍ୟାତ୍ମିକ ରହସ୍ୟଯୁକ୍ତ ଦିବ୍ୟ ଅବତରଣର ସ୍ମୃତି ଉତ୍ସବକୁ 'ମହାଶିବରାତ୍ରି' କୁହାଯାଏ। ମହାଶିବରାତ୍ରିର ଯଥାର୍ଥ ରହସ୍ୟକୁ ହୃଦବୋଧ କରିବା ଦ୍ୱାରା ଆମ ବିଚାରରେ ପବିତ୍ରତା, ଦିବ୍ୟତା ତଥା ମହାନତାର ଭାବ ଜାଗ୍ରତ ହେବ ଏବଂ ଜୀବନ ଈଶ୍ୱରୀୟ ଗୁଣରେ ପରିପୂର୍ଣ୍ଣ ହେବ। ପର ଓ ଆପଣାର ଭେଦଭାବ ଦୂର ହୋଇ ଉଦାରଚିତ୍ତ ଭାବେ ସମସ୍ତ ଧର୍ମ, ସମ୍ପ୍ରଦାୟ, ବର୍ଗ ପ୍ରତି ଆତ୍ମିକ ସ୍ନେହ ପ୍ରେମର କିରଣ ସଞ୍ଚାରିତ ହେବ। ସର୍ବୋପରି ଏହି ବିଶ୍ୱରେ ରାଷ୍ଟ୍ରୀୟ ଏକତା ହିଁ ଆମ ମନରୁ ଅସୁରକ୍ଷା, ଚିନ୍ତା, ଈର୍ଷା, ଦ୍ୱେଷ, ଭୟ, ଅବିଶ୍ୱାସ ଆଦି ନକାରାତ୍ମକ ଚିନ୍ତାଧାରାକୁ ସମୂଳେ ନଷ୍ଟ କରି ପରସ୍ପରକୁ ନିବିଡ଼ ସ୍ନେହ ସମ୍ପର୍କରେ ବନ୍ଧାୟମାନ କରିପାରିବ। କିନ୍ତୁ ଏହି ଭାବ ବା ବିଚାର ଆଜିର ଦିବସରେ ସୀମିତ ନ ରହି ବରଂ ସବୁ ଦିନ ସକାଶେ ସର୍ବ ବ୍ୟକ୍ତିବିଶେଷଙ୍କ ମନରେ ସ୍ଥାନ ପାଇବା ଉଚିତ।

ପରମ ସୌଭାଗ୍ୟର କଥା ବର୍ତ୍ତମାନର ଅତି ଧର୍ମ ଗ୍ଳାନି ସମୟରେ ପତିତପାବନ ନିରାକାର ପରମପିତା ପରମାତ୍ମା ଶିବ ପୁଣି ଥରେ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ଆଜକୁ ଦୀର୍ଘ ୮୭ ବର୍ଷ ଧରି ପ୍ରବେଶ କରି ତାଙ୍କରି ମୁଖ କମଳ ମାଧ୍ୟମରେ ଈଶ୍ୱରୀୟ ଜ୍ଞାନ ତଥା ସହଜ ରାଜଯୋଗର ଶିକ୍ଷା ଦେଇ ଆତ୍ମାମାନଙ୍କ ମନରେ ବିଶ୍ୱ ବନ୍ଧୁତ୍ୱ ବିଶ୍ୱ ପ୍ରେମ ତଥା ରାଷ୍ଟ୍ରୀୟ ଏକତାରୂପୀ ସମଭାବ ସଞ୍ଚାର କରି ଆସୁଛନ୍ତି।

**କେନ୍ଦ୍ର ସଞ୍ଚାଳିକା, ଶାନ୍ତିକୁଣ୍ଡ,**
**ଗିରିରୋଡ, ବ୍ରହ୍ମପୁର, ଗଞ୍ଜାମ**

## ଏଇ ଭାରତରେ

ମାତ୍ର ୧୦ ବର୍ଷ ବୟସରେ ବ୍ୟବସାୟୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ଭଦୋଦରାର ରେନାଶ ଦେଶାଇ। ରେନାଶ 'ଏନସୋ ସୁଜ୍ ଷ୍ଟାର୍ଟଅପ' ଗଠନ କରି ତା' ମାଧ୍ୟମରେ ଷ୍ଟାଇଲିଶ ଜୋତା ତିଆରି କରି ବିକ୍ରି କରୁଛନ୍ତି। ବଡ଼କଥା ହେଉଛି ସେ ତାଙ୍କ ବିଜ୍‌ନେସରୁ ଯାହା ରୋଜଗାର କରୁଛନ୍ତି ତାହାର ୪୦% ଅସହାୟ ଲୋକଙ୍କୁ ଦାନ କରୁଛନ୍ତି। ଥରେ ଏକ ଷ୍ଟାଇଲିଶ ଜୋତା ଦେଖି ତାହାକୁ କିଣିବା ଲାଗି ଇଣ୍ଟର୍‌ନେଟରେ ଖୋଜିବା ପରେ ତାହା ପାଇ ନ ଥିଲେ। ପରେ ସେଭଳି ଜୋତା କେମିତି ତିଆରି କରାଯାଉଛି ତାହା ଜାଣିବା ଲାଗି ୟୁଟ୍ୟୁବରୁ ଶିକ୍ଷା କରି ନିଜ ପାଇଁ ଏକ ଭଲ ଜୋତା ତିଆରି କରିପାରିଲେ। ପ୍ରଥମ ଜୋତା ତିଆରି କରିବା ପରେ ତାହା ତାଙ୍କ ସମ୍ପର୍କୀୟ ତଥା ପରିବାର ଲୋକଙ୍କୁ ପସନ୍ଦ ହୋଇଥିଲା ଓ ସେମାନେ ଏଭଳି ଜୋତା ସେମାନଙ୍କ ପାଇଁ ତିଆରି କରିବାକୁ ଅର୍ଡର ଦେଇଥିଲେ। ପରେ ଅଧିକ ତିଆରି କରି ଭଦୋଦରାର ଏକ ବିଜ୍‌ନେସ ମେଳାକୁ ଗଲେ ରେନାଶ। ଫଳରେ ତାଙ୍କ ନିକଟକୁ ଅଧିକରୁ ଅଧିକ ଅର୍ଡର ଆସିବାକୁ ଲାଗିଲା। ପରେ ରେନାଶଙ୍କ ବଡ଼ଭାଇ ତାଙ୍କୁ ଜୋତା ତିଆରିରେ ସହଯୋଗ କରୁଛନ୍ତି। ସେମାନେ ପଢ଼ା ଭିତରୁ ସମୟ ବାହାର କରି ଏବେ ସୁଦ୍ଧା ଦୁଇଭାଇ ୫୦ଟି ଅର୍ଡର ଅନୁଯାୟୀ ଜୋତା ବିକ୍ରି କରିସାରିଲେଣି। ତାଙ୍କ ଜୋତାର ମୂଲ୍ୟ ୨,୧୦୦ ଟଙ୍କାରୁ ଆରମ୍ଭ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଫେବୃୟାରୀ ୧୯୯୮

- ଭୋଟ ଗ୍ରହଣ ବେଳେ ହିଂସାକାଣ୍ଡ, ବୁଥ୍ ଜବରଦଖଲ ଓ ଭୋଟବାକ୍ସ ଲୁଟ୍ ଆଦି ଘଟଣା ଘଟିଥିବ ପରିପ୍ରେକ୍ଷୀରେ ୫୯୯ଟି ବୁଥ୍‌ରେ ସାନି ଭୋଟ ଗ୍ରହଣ ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ।
- ରାଜ୍ୟର ତୃତୀୟ ଯୁବ ଖେଳାଳି ଭାବେ ୧୬ ବର୍ଷରୁ କମ୍ ବୟସ୍କ ଦ୍ରୁତ ବୋଲର ସୁଜନ ମହାନ୍ତି ମାଡ୍ରାସସ୍ଥିତ ଏମ୍.ଆର୍.ଏଫ୍. ପେସ୍ ଫାଉଣ୍ଡେଶନଠାରେ ତାଲିମ ପାଇବା ଲାଗି ମନୋନୀତ।

## ଚିରନ୍ତନୀ

କପୋତ ଡାକେ ଡାହୁକ ଡାକେ
ଡାକଇ ସାରୀ ଶୁକ,
ତଥାପି ଧରା ଲାଗଇ କିବା
ରହିଛି ପଡ଼ି ମୂକ।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 9 | | |
| | 8 | 4 | 5 | | 7 | | | |
| 6 | | 5 | 1 | | | | | |
| | | | | | | 2 | 7 | |
| 9 | | 6 | | | | | 1 | |
| 1 | | | 4 | 3 | | | | 6 |
| | | | | | 4 | | | |
| | | | | | | | 6 | |
| 2 | 4 | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 7 | 1 | 2 | 5 | 4 | 8 |
| 2 | 1 | 8 | 4 | 9 | 5 | 6 | 7 | 3 |
| 7 | 5 | 4 | 8 | 3 | 6 | 1 | 2 | 9 |
| 6 | 2 | 3 | 9 | 4 | 8 | 7 | 1 | 5 |
| 8 | 4 | 9 | 5 | 7 | 1 | 3 | 6 | 2 |
| 1 | 7 | 5 | 6 | 2 | 3 | 8 | 9 | 4 |
| 3 | 6 | 2 | 1 | 5 | 9 | 4 | 8 | 7 |
| 5 | 8 | 7 | 2 | 6 | 4 | 9 | 3 | 1 |
| 4 | 9 | 1 | 3 | 8 | 7 | 2 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବ ବଜେଟ ଅଣ୍ଡାଳୁଛନ୍ତି

ମହାଶୟ,

ମୋଦି ସରକାରଙ୍କ ଶେଷ ପୂର୍ଣ୍ଣାଙ୍ଗ ବଜେଟ ସଂସଦରେ ଆଗତ ହୋଇଯାଇଛି। ବିଭିନ୍ନ ଶ୍ରେଣୀର ଲୋକ ସେମାନଙ୍କ ସୁବିଧା ପାଇଁ ସରକାର କ'ଣ ଦେଇଛନ୍ତି ମନ ଲଗାଇ ଖୋଜୁଛନ୍ତି। ସେହିପରି ମୁଁ ଜଣେ ମଧ୍ୟବିତ୍ତ ଭାବରେ ମୋ ସୁଖ ସୁବିଧା ଅଣ୍ଡାଳୁଛି। ସ୍ୱାଧୀନତା ପରଠାରୁ ସବୁ ସରକାର ଭୋଟ ବ୍ୟାଙ୍କ ପାଇଁ ଗରିବ ଲୋକଙ୍କୁ ପ୍ରଲୋଭିତ କରିବା ପାଇଁ ତୁଷ୍ଟୀକରଣ ଯୋଜନା ସବୁ କରି ଗୋଟାଏ ସୁବିଧାବାଦୀ ଗୋଷ୍ଠୀ ତିଆରି କରିଚାଲିଛନ୍ତି। କିନ୍ତୁ ମୁଁ ଜଣେ ମଧ୍ୟବିତ୍ତ, ମୋର କିଛି ଚାଷଜମି ପୂର୍ବପୁରୁଷରୁ ଅଛି। କୃଷିଭିତ୍ତିକ ଦେଶରେ ସ୍ୱାଭିମାନ ସହିତ ଚାଷକରି ନିଜେ ବଞ୍ଚିବା ସହିତ ଦେଶବାସୀଙ୍କୁ ଖାଦ୍ୟ ଯୋଗାଇ ଚାଲିଥିଲି । ସମାଜରେ ମୋର ଗୋଟାଏ ସ୍ୱତନ୍ତ୍ର ପରିଚୟ ଥିଲା। କିନ୍ତୁ ଆଜି ସରକାରଙ୍କ ଭୋଟ ଲୋଭ ଯୋଗୁ ମାଗଣା ଚାଉଳ ବାଣ୍ଟିବାରୁ ଲୋକମାନେ କୃଷି ବିମୁଖ ହୋଇଛନ୍ତି। ମଧ୍ୟବିତ୍ତର ଚାଷଜମି ଅଛି କିନ୍ତୁ କୃଷିଶ୍ରମିକ ଅଭାବରୁ ଚାଷ କରିବା ସମ୍ଭବ ହେଉନାହିଁ। ଏହା ଯୋଗୁ ବି ମୁଁ ଚାଷ କରିପାରୁନାହିଁ। ମୋତେ ସରକାରୀ ଚାଉଳ କି ଭତ୍ତା ମିଳୁ ନାହିଁ ମୁଁ ସ୍ୱାଭିମାନ ଯୋଗୁ ଶ୍ରମିକ ହୋଇପାରୁନାହିଁ।

**–ରାମଚନ୍ଦ୍ର ପାଲଟା ସିଂହ, ନବ ନିର୍ମାଣ କୃଷକ ସଂଗଠନ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅରୂପଙ୍କ ବିରୋଧରେ ଥାନାରେ ଏତଲା

**■ ରାଜ୍ୟପାଳଙ୍କୁ ଭେଟି ରାଜ୍ୟର ଆଇନଶୃଙ୍ଖଳା କଥା ଜଣାଇଲେ ଭାଜପା ବିଧାୟକ**
**■ ଅଭ୍ୟାସଗତ ଅପରାଧୀଙ୍କ ଲାଗି ସୁରକ୍ଷା ମାଗିବା ହାସ୍ୟାସ୍ପଦ: ବିଜେଡି**

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ମହିଳା ଆଇଆଇସିଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ନେଇ ଏବେ ରାଜ୍ୟ ରାଜନୀତି ଉତ୍ତୁଙ୍ଗ ପଡୁଛି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ମନ୍ତ୍ରୀ ନବ ଦାସଙ୍କୁ ସର୍ବସମ୍ମୁଖରେ ଜଣେ ଏଏସ୍ଆଇ ହତ୍ୟା କରିବା ଘଟଣାକୁ ନେଇ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବା ବେଳେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଅନ୍ୟପଟେ ଏହି ଘଟଣାରେ ବିଜେଡି ପକ୍ଷରୁ ଜୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସମୟରେ ଶାସକ ଦଳ ନେତା ଅରୂପ ପଟ୍ଟନାୟକ ଦେଇଥିବା ମନ୍ତବ୍ୟକୁ ନେଇ ଏବେ ଭାଜପା ପାଲଟା ଟାର୍ଗେଟ କରିଛି।

ଭାଜପା ବିଧାୟକମାନେ ବିରୋଧୀ ଦଳ ନେତାଙ୍କ ପାଇଁ ଏକାଠି ହୋଇଛନ୍ତି। ସେମାନେ ଅରୂପ ପଟ୍ଟନାୟକଙ୍କ ବିରୋଧରେ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ରାଜଭବନଠାରୁ ପଦଯାତ୍ରା କରି କ୍ୟାପିଟାଲ ଥାନାରେ ଅରୂପଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏଥିସହ ବିରୋଧୀ ଦଳ ନେତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପୋଲିସଠାରୁ ସୁରକ୍ଷା ମଧ୍ୟ ଲୋଡ଼ିଛନ୍ତି। ତେବେ ନବ ଦାସଙ୍କ ହତ୍ୟା ଘଟଣାରୁ ନଜର ଏଡ଼ାଇବା ଲାଗି ବିଜେଡି ଜୟନାରାୟଣଙ୍କ ବିରୋଧରେ ଏଭଳି ଷଡ଼ଯନ୍ତ୍ର କରିଥିବା ଭାଜପା ଅଭିଯୋଗ କରିଛି। ଅରୂପଙ୍କ ବୟାନରୁ ଜୟନାରାୟଣଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଆଇନ ଅନୁଯାୟୀ ବିଧାୟକମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ବିରୋଧୀ ଦଳ ନେତାଙ୍କ ବିରୋଧରେ ଯେପରି ଷଡ଼ଯନ୍ତ୍ର କରି ତାଙ୍କୁ ଆକ୍ରମଣ କରାଗଲା ତାକୁ ମଧ୍ୟ ଦଳ ପକ୍ଷରୁ ନିନ୍ଦା କରାଯାଇଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ସାମ୍ବିଧାନିକ ପଦବୀରେ ରହିଥିବା ବିରୋଧୀ ଦଳ ନେତାଙ୍କୁ ଜଣେ ଆଇଆଇସି ମାଡ଼ ମାରୁଛନ୍ତି। ଅନ୍ୟପଟେ ଜୟନାରାୟଣଙ୍କୁ ବାଡ଼େଇବା ଏବଂ ମାରିଦେବା ପାଇଁ ଅରୂପ ଯେଉଁ ଧମକ ଦେଇଛନ୍ତି ତାଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ବିଜେଡି ନେତା ଅରୂପ ପଟ୍ଟନାୟକଙ୍କୁ ଗିରଫ କରା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହିତ ବିଧାନସଭାରେ ଲଢ଼େଇ କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଚାଉଳ ପ୍ରସଙ୍ଗକୁ ନେଇ ବିଏମ୍‌ସି କାର୍ଯ୍ୟାଳୟ ଆଗରେ ବିଜେଡି ପକ୍ଷରୁ ଗୁରୁବାର କରାଯାଉଥିବା ପ୍ରତିବାଦ ସଭାରେ ଅରୂପ କହିଥିଲେ, ସେ କ'ଣ ଷଣ୍ଢପଣିଆ ଦେଖାଉଛି। ଗୋଟିଏ ଚାପୁଡ଼ା ପଡ଼ିଗଲେ ସେ ସେଇଠି ପଡ଼ିଯିବ। ଖଣ୍ଡା ଫଣ୍ଡା ଦରକାର ନାହିଁ, ତାକୁ ଗୋଟିଏ ଜାବଡ଼ା ଦରକାର। ପୋଲିସ ଭାଇଙ୍କୁ ଟିକେ ମଉକା ଦେଇଦିଅ, ସେମାନେ ହଟାଇଦେବେ ବୋଲି ଅରୂପ କହିଥିଲେ।

ଏ ପ୍ରସଙ୍ଗରେ ବିଜେଡି ମଧ୍ୟ ଭାଜପା ଅଭିଯୋଗକୁ କାଉଣ୍ଟର କରିଛି। ବିଜେଡି ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ କହିଛନ୍ତି, ଜୟନାରାୟଣ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ବିରୋଧରେ ହତ୍ୟା ସମେତ ୧୬ଟି ଆପରାଧିକ ମାମଲା ରହିଛି। ଏଭଳି ଅପରାଧୀ କେବଳ ଜଣେ ବିଧାୟକ ଏବଂ ଭାଜପା ଦ୍ୱାରା ମନୋନୀତ ବିରୋଧୀ ଦଳର ନେତା ହୋଇଥିବାରୁ ତାଙ୍କୁ ପୋଲିସ ସୁରକ୍ଷା ମିଳିଥିଲା। ସେ ନିଜେ ତାଙ୍କର ପୋଲିସ ସୁରକ୍ଷା ଫେରାଇ ଦେଇଥିଲେ। ଭାଜପା ବିଧାୟକମାନେ ରାଜ୍ୟପାଳଙ୍କ ନିକଟକୁ ଯାଇ ଜୟନାରାୟଣଙ୍କ ପାଇଁ ସୁରକ୍ଷା ମାଗିବା ଅତ୍ୟନ୍ତ ହାସ୍ୟାସ୍ପଦ କଥା ବୋଲି ସୁଲତା କହିଛନ୍ତି।


ବିଜେଡି ନେତା ଅରୂପ ପଟ୍ଟନାୟକଙ୍କ ବିରୋଧରେ ଶୁକ୍ରବାର କ୍ୟାପିଟାଲ ଥାନାରେ ଭାଜପା ବିଧାୟକମାନେ ଏତଲା ଦେଉଛନ୍ତି।

# ଜୟନାରାୟଣଙ୍କ ଘର ଆଗରେ କିନ୍ନରଙ୍କ ପ୍ରତିବାଦ

**କିନ୍ନରଙ୍କୁ ମିଠା ବାଣ୍ଟିଲେ ବିରୋଧୀ ଦଳ ନେତାଙ୍କ ଝିଅ**

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

ମହିଳା ପୋଲିସ ଅଧିକାରୀ ଓ ଜୟନାରାୟଣ ମିଶ୍ରଙ୍କ ମଧ୍ୟରେ ଠେଲାପେଲା ପ୍ରସଙ୍ଗକୁ ନେଇ ଶୁକ୍ରବାର ବିଜେଡି ପକ୍ଷରୁ କିନ୍ନରମାନେ ଜୟନାରାୟଣଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ଶତାଧିକ କିନ୍ନର ତାଙ୍କ ସରକାରୀ ବାସଭବନ ସମ୍ମୁଖରେ ପହଞ୍ଚି ଜୟନାରାୟଣଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିସହ ପ୍ଲାକାର୍ଡ ପ୍ରଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜଣେ କର୍ତ୍ତବ୍ୟରତ ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିବା ଗଣତାନ୍ତ୍ରିକ ରାଷ୍ଟ୍ର ଲାଗି ଏକ ଲଜ୍ଜାକର କଥା ବୋଲି କିନ୍ନର ନେତାମାନେ କହିଛନ୍ତି।

ଅନ୍ୟପକ୍ଷରେ ପ୍ରତିବାଦ ଆନ୍ଦୋଳନ କରି ଥକି ପଡ଼ିଥିବା କିନ୍ନରମାନଙ୍କୁ ମିଠା, ପାଣି, ଚା' ବାଣ୍ଟି ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ ମିଶ୍ର ଚର୍ଚ୍ଚାକୁ ଆସିଛନ୍ତି। ଏନେଇ ସେ କହିଛନ୍ତି, ଆଜି ବାପାଙ୍କ ୬୦ ତମ ଜନ୍ମଦିନ ଥିବାରୁ ଆନ୍ଦୋଳନ କରିବାକୁ ଆସିଥିବା କିନ୍ନର ସମାଜର ସଦସ୍ୟଙ୍କୁ ମିଠା ବାଣ୍ଟିଥିଲି। ଆମ ଘର ସାମ୍ନାରେ କିନ୍ନର ଆନ୍ଦୋଳନ ପ୍ରାୟୋଜିତ। କ୍ୟାମେରା ସାମ୍ନାରେ ସେମାନେ ହୋହଲ୍ଲା କରୁଥିଲେ। କ୍ୟାମେରା ବନ୍ଦ ପରେ ଚୁପ୍ ହୋଇଗଲେ। ଯେହେତୁ ବାପାଙ୍କ ଜନ୍ମଦିନ ଥିଲା ତେଣୁ ସେମାନଙ୍କୁ ମିଠା, ପାଣି, ଚା' ବାଣ୍ଟିଥିଲି। କିନ୍ନରମାନଙ୍କୁ ଶିବ-ଶକ୍ତିଙ୍କ ସ୍ୱରୂପ ଭାବେ ନିଆଯାଏ। ତାଙ୍କୁ ମିଠା ଦେବା ଏକ ଶୁଭ କାମ। ଅତିଥି ଭାବେ ସେମାନଙ୍କୁ ସ୍ୱାଗତ କରିଥିଲି। ସେମାନେ ଥକି ପଡ଼ିବା ଦେଖି ସେମାନଙ୍କୁ ପାଣି ଓ ମିଠା ଦେଇଥିଲି। ଏହା ପୁଣ୍ୟ କାମ ବୋଲି ଭାବୁଛି।'


କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଉଛି।

# ବଜେଟ୍‌ରେ ମହିଳା ସଶକ୍ତୀକରଣକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ବର୍ଷ କେନ୍ଦ୍ରୀୟ ବଜେଟକୁ ଅଧିକରୁ ଅଧିକ ଜନପ୍ରିୟ କରିବାରେ ଲାଗିଛନ୍ତି। ଚଳିତ ବର୍ଷ ଆଗତ ହୋଇଥିବା 'ଅମୃତ କାଳ' ବଜେଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳା ସଶକ୍ତୀକରଣକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। କେନ୍ଦ୍ର ବଜେଟ ଆଲୋଚନା ପାଇଁ ଓଡ଼ିଶା ଆସିଥିବା ସୀତାରାମନ ଶୁକ୍ରବାର ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟକୁ ଆସିଥିଲେ। ଉପସ୍ଥିତ ଶତାଧିକ ମହିଳାମାନେ ପାରମ୍ପରିକ ଭାବେ ହୁଳହୁଳି ଓ ପୁଷ୍ପ ମାଲ୍ୟ ଦେଇ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଅମୃତକାଳ ବଜେଟ ଉପସ୍ଥାପନା କରିଥିବାରୁ ରାଜ୍ୟ ଭାଜପା ପକ୍ଷରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅପରାଜିତା ଷଡଙ୍ଗୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। ବଜେଟ ସମ୍ପର୍କରେ ମତ ଦେଇ ସୀତାରାମନ କହିଛନ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳା ସଶକ୍ତୀକରଣ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଦେଶବିଦେଶର ବଜାରରେ ପହଞ୍ଚାଇବା ସହିତ ସେମାନଙ୍କୁ ସବୁ ପ୍ରକାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏପରିକି ଡିଜିଟାଲ ବଜାରରେ ମଧ୍ୟ ତାଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଥମ ଥର ପାଇଁ ମହିଳା ସମ୍ମାନ ସଞ୍ଚୟ ପତ୍ର ଜରିଆରେ ମହିଳାମାନଙ୍କୁ ୨ ବର୍ଷିଆ ଡିପୋଜିଟରେ ସର୍ବାଧିକ ୭.୫ ପ୍ରତିଶତ ସୁଧ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି ବୋଲି ସୀତାରାମନ କହିଛନ୍ତି।

# ଜୟନାରାୟଣ, ଇରାଶିଷ ଅଭ୍ୟାସଗତ ଅପରାଧୀ: ଚିନ୍ମୟ

**ଆଜିଠୁ ସବୁ ବିଧାନସଭା କ୍ଷେତ୍ରରେ ଭାଜପା ଯୁବମୋର୍ଚ୍ଚାର ଆନ୍ଦୋଳନ**

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)


ଚିନ୍ମୟ ସାହୁ

ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ମୁହାଁମୁହିଁ ସ୍ଥିତି ଜଟିଳ ହେଉଥିବା ଦେଖିବାକୁ ମିଳୁଛି। ଭାଜପା ଯୁବମୋର୍ଚ୍ଚା ଶାସକ ଦଳକୁ ଟାର୍ଗେଟ କରିଥିବା ବେଳେ ବିଜୁ ଯୁବ ଜନତା ଦଳ ଏହାର ପାଲଟା ଜବାବ ରଖିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଓଡ଼ିଶା ପୋଲିସ ବିଜୁ ଜନତା ଦଳର କର୍ମୀ ସାଜିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ଗୃହ ବିଭାଗ ସବୁଠି ଅରାଜକତା କରୁଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବିରେ ଶନିବାରଠାରୁ ରାଜ୍ୟର ସବୁ ବିଧାନସଭା କ୍ଷେତ୍ରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ଏବଂ ଆନ୍ଦୋଳନ କରାଯିବ। ନବ ଦାସ ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ଦେଇ ଶାସକ ଦଳ ତଥ୍ୟ ଓ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରୁଛି। ସତ୍ୟାସତ୍ୟର ଉନ୍ମୋଚନ ପାଇଁ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଇରାଶିଷ ଦାବି କରିଛନ୍ତି।

ଏହାର ଜବାବରେ ବିଜେଡି ନେତା ଚିନ୍ମୟ ସାହୁ କହିଛନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଭଳି ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଜଣେ ଅଭ୍ୟାସଗତ ଅପରାଧୀ। ହତ୍ୟା ଅଭିଯୋଗ ଉଭୟଙ୍କ ବିରୋଧରେ ରହିଛି। ଏହି ମାମଲାରେ ଉଭୟ ଗିରଫ ହୋଇ ଜେଲ ଯିବା ସହିତ ଏବେ ଜାମିନରେ ଫେରିଛନ୍ତି। ବିଡ଼ମ୍ବନାର ବିଷୟ କ୍ରମାଗତ ଭାବେ ଏମାନେ ଆଇନକୁ ହାତକୁ ନେଉଛନ୍ତି ବୋଲି ଚିନ୍ମୟ କହିଛନ୍ତି।

# କର୍ଣ୍ଣାଟକ ଭାଜପା ମୁଖ୍ୟଙ୍କ ଟିପୁ ବିରୋଧୀ ମନ୍ତବ୍ୟକୁ ନେଇ ଦଳ ଦୁଇଭାଗ

ନୂଆଦିଲ୍ଲୀ, ୧୭।୨


ନଳିନ କୁମାର କାଟିଲ

କର୍ଣ୍ଣାଟକରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦଳୀୟ ରଣନୀତି ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଭାଜପା ମୁଖ୍ୟ ଟିମ୍‌ର ମାରାଥନ୍ ବୈଠକ ବାରମ୍ବାର ବସୁଛି। ଅନ୍ୟପକ୍ଷରେ ଦଳର ରାଜ୍ୟ ସଭାପତି ନଳିନ କୁମାର କାଟିଲଙ୍କର ଟିପୁ ସୁଲ୍‌ତାନ ବନାମ ଭି.ଡି. ସଭରକର ବର୍ଣ୍ଣନାକୁ ନେଇ ଦଳ ଭିତରେ ମତଭେଦ ବଢ଼ିବାରେ ଲାଗିଛି। ଅଷ୍ଟାଦଶ ଶତାବ୍ଦୀର ମହୀଶୂର ଶାସକ ଟିପୁ ସୁଲତାନଙ୍କୁ ନେଇ କାଟିଲ ଭାଜପା ପ୍ରଚାରକୁ କେନ୍ଦ୍ରୀଭୂତ କରିବାକୁ ଉଦ୍ୟମ କରୁଥିବା ଗୋଟିଏ ଗୋଷ୍ଠୀ କହୁଥିବାବେଳେ ଦଳର କେନ୍ଦ୍ରୀୟ ନେତୃତ୍ୱ ଏହାକୁ ଗ୍ରହଣ କରୁନାହିଁ। ଏଥର ନିର୍ବାଚନ କଂଗ୍ରେସ ଏବଂ ଭାଜପା ମଧ୍ୟରେ ଲଢ଼େଇ ହେବନାହିଁ ବରଂ ସଭରକର ଏବଂ ଟିପୁଙ୍କ ନୀତି ଆଦର୍ଶ ମଧ୍ୟରେ ହେବ ବୋଲି କିଛିଦିନ ପୂର୍ବରୁ କାଟିଲ କହିଥିଲେ। ଟିପୁ ସମର୍ଥକମାନଙ୍କୁ କର୍ଣ୍ଣାଟକରୁ ତଡ଼ିଦେବାକୁ କାଟିଲ ବୁଧବାର ଆହ୍ୱାନ ଦେଇ ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। କର୍ଣ୍ଣାଟକ ରାମଙ୍କ ଭୂମି। ଯେଉଁମାନେ ରାମଙ୍କ ଭଜନ ଗାଇବେ କେବଳ ସେମାନେ ଏହି ଭୂମିରେ ରହିବେ ବୋଲି ଭାଜପା ରାଜ୍ୟ ସଭାପତି କାଟିଲ କୋପାଲ ଜିଲାର ୟେଲବୁର୍ଗାଠାରେ ଏକ ରାଲିକୁ ସମ୍ବୋଧିତ କରି କହିଥିଲେ। ଭାଜପା କର୍ଣ୍ଣାଟକରେ ପୁଣି ଥରେ କ୍ଷମତାରେ ରହିବା ଲାଗି ଉଦ୍ୟମ ଚଳାଇଥିବାବେଳେ ଏଥର କଂଗ୍ରେସଠାରୁ କଡ଼ା ଟକ୍କରର ସମ୍ମୁଖୀନ ହେବ ବୋଲି କୁହାଯାଉଛି। ଏଭଳି ସମୟରେ କାଟିଲଙ୍କ ଟିପୁ ସୁଲ୍‌ତାନ ମନ୍ତବ୍ୟ ଭାଜପା ପାଇଁ ଭୋଟ ଯୋଗାଡ଼ କରିବାରେ କେତେଦୂର ସଫଳ ହେବ ତାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ଏହା ଏକ ସ୍ମାର୍ଟ ଫର୍ମୁଲା ବୋଲି ଦଳର ଗୋଟିଏ ଗୋଷ୍ଠୀ କହିଛି। ଅନ୍ୟପକ୍ଷରେ କର୍ଣ୍ଣାଟକ ଭଳି ଏକ ସମ୍ବେଦନଶୀଳ ରାଜ୍ୟରେ ଗୋଟିଏ ପ୍ରସଙ୍ଗ ସାରା ରାଜ୍ୟରେ ପ୍ରଭାବ ପକାଇବା ଆଶା କରାଯାଉ ନାହିଁ ବୋଲି ଜଣେ ଦଳୀୟ ନେତା କହିଛନ୍ତି। ଟିପୁ ପ୍ରସଙ୍ଗ ଉପକୂଳର କେତେକ ଅଞ୍ଚଳ ଏବଂ ପୁରୁଣା ମହୀଶୂର ଅଞ୍ଚଳରେ ପ୍ରଭାବ ପକାଇପାରେ। ତେଣୁ ଭାଜପା କେନ୍ଦ୍ରୀୟ ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକପ୍ରିୟତା ଏବଂ କାର୍ଯ୍ୟକ୍ରମକୁ ଅଧିକ ଫୋକସ୍ କରିବାକୁ ଉଦ୍ୟମ କରୁଛି। ଅନ୍ୟପକ୍ଷରେ ଭାଜପା ଏମ୍‌ପି କହିଛନ୍ତି, କାଟିଲଙ୍କ ରଣନୀତି ଦଳ ପାଇଁ ଲାଭଦାୟକ ହୋଇପାରେ ଏବଂ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳ ଅଧିକ ସମର୍ଥନ ହାସଲ କରିପାରେ।

# ବିରୋଧୀ ଏକାଠି ହେଲେ ୨୦୨୪ରେ ଭାଜପା କଠିନ ସମୟର ସମ୍ମୁଖୀନ ହେବ: ଥରୁର



**ନୂଆଦିଲ୍ଲୀ, ୧୭।୨ (ପି.ଟି.):** ୨୦୨୪ ଲୋକ ସଭା ନିର୍ବାଚନ ଉତ୍କଣ୍ଠାପୂର୍ଣ୍ଣ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ପୂର୍ବାନୁମାନ କରିଛନ୍ତି। ଭାଜପାକୁ ପରାସ୍ତ କରିବା ଲାଗି ଯଦି ବିରୋଧୀମାନେ ଏକାଠି ହୋଇ ପ୍ରତି ଆସନରେ ପ୍ରାର୍ଥୀ ଦିଅନ୍ତି ତେବେ ଶାସକ ଦଳକୁ ଅତ୍ୟନ୍ତ କଠିନ ସମୟର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଥରୁର କହିଛନ୍ତି। ୨୦୧୯ରେ ଭାଜପା ଅନେକ ରାଜ୍ୟରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ୨୦୧୯ ନମୁନାର ଏଥର ପୁନରାବୃତ୍ତି ହେବନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା କହିଛନ୍ତି। କୌଣସି ବିରୋଧୀ ମେଣ୍ଟକୁ କଂଗ୍ରେସ ସମର୍ଥନ କରିବ କି ବୋଲି ପ୍ରଶ୍ନରେ ଥରୁର କହିଥିଲେ, ବାସ୍ତବରେ ଭାଜପାକୁ ଛାଡ଼ିଲେ କଂଗ୍ରେସ ଏକମାତ୍ର ଦଳ ଯାହାର ଜାତୀୟ ସ୍ତରରେ ଉପସ୍ଥିତି ରହିଛି ଏବଂ କେରଳ, ତାମିଲନାଡୁ ଭଳି କେତେକ ରାଜ୍ୟରେ ଭାଜପାଠାରୁ ଏହାର ସ୍ଥିତି ଭଲ ରହିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
Near Bana Durga Temple, Sankara, Sundargarh, Dist.: Sundargarh, PIN - 770020
E-mail: serw_sundargarh@yahoo.com

Office Order No. 373 — **1st CORRIGENDUM** — Date: 16.02.2023

No. O-1860: The availability of tender online/date of seeking clarification/date of opening of tender for the works invited under NIT Letter No. 207 Dtd.24.01.2023 vide Bid Identification No.: Online-RWCCESNG-28 of 2022-23 are hereby modified as follows:

| Procurement Officer | Bid Identification No. | Availability of Tender Online for Bidding From | To | Last date & time of seeking tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 27 of 2022-23 | 17.02.2023 11.00 A.M. | 03.03.2023 5.00 P.M. | 02.03.2023 5.00 P.M. | 04.03.2023 10.00 A.M. | Will be intimated separately |

All other terms and conditions are remained unchanged.
OIPR-25133/11/0040/2223 — Sd./- Chief Construction Engineer, Rural Works Circle, Sundargarh

**कार्यपालक अभियंता का कार्यालय**
**पेयजल एवं स्वच्छता प्रमण्डल, लोहरदगा**
e-mail ID : eedwsd.lohardaga@gmail.com

**ई–प्रोक्योरमेंट अति अल्पकालीन निविदा आमंत्रण सूचना सं० – 11/2021–22**
**PR No. – 257279 का नवम् आमंत्रण**

1. विभाग का नाम :– पेयजल एवं स्वच्छता विभाग, झारखण्ड।
2. विज्ञापनदाता का पदनाम एवं पता :– कार्यपालक अभियंता, पेयजल एवं स्वच्छता प्रमण्डल, लोहरदगा।
3. वेबसाइट पर निविदा प्रकाशन की तिथि एवं समय :– 21.02.2023 के अपराह्न 3.30 बजे से
4. बीड प्राप्ति की अंतिम तिथि एवं समय :– 02.03.2023 को अपराह्न 3.30 बजे तक।
5. अग्रधन की राशि एवं परिमाण विपत्र का मूल्य (हार्ड कॉपी में) जमा करने की तिथि, समय एवं स्थान :– 03.03.2023 को अपराह्न 3.30 बजे तक, 1. कार्यपालक अभियन्ता, लोहरदगा के कार्यालय में। 2. अधीक्षण अभियन्ता, पेयजल एवं स्वच्छता अंचल, गुमला के कार्यालय में।
6. निविदा खोलने की संभावित तिथि एवं समय :– 04.03.2023 को पूर्वाह्न 11.30 बजे से।
7. निविदा आमंत्रित करने वाले पदाधिकारी का नाम :– कार्यपालक अभियन्ता, पेयजल एवं स्वच्छता प्रमण्डल, लोहरदगा।
8. ई–प्रोक्योरमेन्ट सेल का हेल्पलाईन नं० :– 08084784990

10. कार्य की विवरणी :– Construction of Cluster wise Single Village Water Supply Scheme on Solar Energy based Mini Water Supply Scheme in different blocks of Lohardaga District which are not included in MVS/Other Schemes to supply water and house connection with 05 years Operation and maintenance works on "Turn-key basis" under D.W.& S.Division, Lohardaga for the year 2021-22 under JJM.

| क्र0 | प्रखण्ड | ग्रामों की संख्या | टोलों की संख्या | योजना की संख्या | FHTC की संख्या | ग्रुप संख्या | प्राक्कलित राशि लगभग (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|---|---|---|---|---|
| 1 | Bhandra & Senha | 13 | 4 | 65 | 2141 | Loh/SVS/Cluster-04A | 6,09,21,000.00 | 6,10,000.00 | 10,000.00 | 09 months |

नोट : 1. निविदा की नियम एवं शर्तें आदि कार्यालय सूचना पट्ट एवं झारखण्ड सरकार के वेवसाईट http://jharkhandtenders.gov.in पर उपलब्ध है।
2. परिमाण विपत्र की राशि बैंक ड्राफ्ट के रूप में प्राथमिकता के आधार पर भारतीय स्टेट बैंक का देय होगा।
3. संवेदकों का UCAN निबंधन अनिवार्य है।
4. प्राक्कलित राशि घट या बढ़ सकती है, तदनुसार ही अग्रधन की राशि देय होगी।

कार्यपालक अभियंता,
पेयजल एवं स्वच्छता प्रमण्डल, लोहरदगा
PR 290628 (Lohardaga) 22-23 (D)

**JHARKHAND SKILL DEVELOPMENT MISSION SOCIETY**
(An autonomous institution under Dept. of Labour, Employment, Training & Skill Development)
Labour Hygiene Building, 2nd Floor, Behind Shram Bhawan, Doranda, Ranchi
Email ID - skilljharkhand@gmail.com Website- http://jsdm.jharkhand.gov.in

Ref No - 213 — Dated - 17-02-2023

**NOTICE INVITING TENDER FOR**

Request for Proposal for empanelment of desirous agencies as "Training Service Provider" to implement skill development training for sub scheme **"Deen Dayal Upadhyay Kaushal Kendra" (DDU-KK) under Mukhymantri Sarthi Yojna"**. The Jharkhand Skill Development Mission Society (JSDMS) was incorporated as society in 2013 for the development of the skill training initiatives in the state of Jharkhand invites technical proposal by e-tendering from Reputed Firms for Empanelment of Training Service Providers to impart Skill Development Training for sub scheme **"Deen Dayal Upadhyay Kaushal Kendra" (DDU-KK) under "Mukhymantri Sarthi Yojna"**. The document can be downloaded from the website https//jharkhandtenders.gov.in. Response to this tender shall be deemed to have been done after careful study and examination of this document with full understanding of its implications. This section provides general information about the Issuer, important dates and addresses.

**SCHEDULE FOR INVITATION OF RFP**

| | | |
|---|---|---|
| 1. | e-Tender No. | JSDMS/RFP/002/2023 |
| 2. | Name of the Work | Request for Proposal for empanelment of desirous agencies as "Training Service Provider" to implement skill development training for sub scheme "Deen Dayal Upadhyay Kaushal Kendra" (DDU-KK) under "Mukhymantri Sarthi Yojna" |
| 3. | Name of the issuer of this tender | Mission Director -cum -CEO |
| 4. | Date of issue of tender document | 17/02/2023 |
| 5. | Last Date for sending Pre-Bid Query | 24/02/2023 till 2.00 PM |
| 6. | Pre-Bid Meeting | 24/02/2023 at 2:30 PM at Shram Sansthan, Shram Bhawan, Doranda, Ranchi-834002 |
| 7. | Publishing of pre-bid queries response | 28/02/2023 on https//jharkhandtenders.gov.in |
| 8. | Last Date for Submission of Bids | 11/03/2023 till 06:00 PM |
| 9. | Date of Opening of Technical Bids | 13/03/2023 at 11:30 AM |
| 10. | Address and Contact Number for Communication | Mission Director-cum-CEO, Jharkhand Skill Development Mission Society Labour Hygiene Building, 2nd Floor, Behind Shram Bhawan, Doranda, Ranchi Contact Number: 0651-2490655 |
| 11. | Cost of Tender Document (Tender fees) | Rs. 10,000/- (INR Ten Thousand only) (non-refundable) deposited through A/c transfer (electronically) |
| 12. | Earnest Money Deposit (EMD) | Rs. 2,50,000/- (Two Lac Fifty Thousand only) (refundable) Deposited through A/c transfer (electronically) |
| 13. | Tender Document | Tender document can be downloaded from https.jharkhandtenders.gov.in. |
| 14. | Validity of Proposal | 180 days from the last date of Tender submission |

Sd/-
Mission Director -cum- CEO
Jharkhand Skill Development Mission Society
Dept. of Labour, Employment, Training & Skill Development
PR.NO. 290621
Labour Employment and Traning(22-23):D

KVB Karur Vysya Bank — Smart way to bank

**The Karur Vysya Bank Ltd**
Aska Branch: Besides Sree Jewellers, Binayak Bazaar, Aska, Ganjam-761110
Cuttack Branch: Plot No 1254P, Near Board School, Bajrakabati Road, Cuttack-753001

**Jewel Auction Notice**

| Sl.No. | Loan Account No. | Name and Address of Borrower | Date of Loan | Gross Weight | Branch |
|---|---|---|---|---|---|
| 1 | 3204917000130723 | Bideshi Pradhan, At Sunamohi,Via Dharakot, Aska | 01.10.20 | 78.4 | Aska |
| 2 | 3204953000003386 | Goutam Swain, At - Singhamardan, Gangpur, Ganjam | 17.12.20 | 56.9 | Aska |
| 3 | 3204917000131429 | Keshab Chandra Swain, At- Babanpur, Aska, Ganjam | 09.10.20 | 23.3 | Aska |
| 4 | 3204953000000516 | Bhajaram Sethy, At- Raghunathpur, Aska | 17.10.20 | 23.1 | Aska |
| 5 | 3204953000001353 | Hari Krishna Mahanti, At- Benapata, Aska | 06.11.20 | 18.4 | Aska |
| 6 | 3204953000005822 | Nigamananda Gouda, At- Kamoli Aska | 01.02.21 | 17.4 | Aska |
| 7 | 3203952000001381 | Sangram Kishor Das, At- Madhupatana, Cuttack | 05.07.21 | 21.1 | Cuttack |

Date of Auction: 27.02.2023
Time: 4:30 PM
Venue: 1. Aska Branch: Besides Sree Jewellers, Binayak Bazaar, Aska, Ganjam- 761110(For Sl. No. 1 to 6)
2. Cuttack Branch: Plot No 1254P, Near Board School , Bajrakabati Road, Cuttack- 753001(For Sl. No. 7)
To participate in auction bid amount of Rs 10,000.00(Refundable) to be deposited. Bank reserves the right to cancel the auction at any point of time without any proper intimation.

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୧୭।୨:** ଶ୍ରୀମନ୍ଦିରରେ ଶୁକ୍ରବାର ସକାଳେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନା ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ହୋଇ ମଇଲମ ନୀତି ସରିଥିଲା। ଭକ୍ତମାନେ ଭିତରକାଠ ନିକଟକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଭିତରକାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଭିଡ଼ରେ କେହି ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ବୋଧ କରି ବାନ୍ତି କରିଦେଇଥିବା ଅନୁମାନ କରାଯାଉଛି। ଏଥିଯୋଗୁ ସଙ୍ଗେ ସଙ୍ଗେ ନୀତି ବନ୍ଦ ରଖାଯିବା ସହ ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂର୍ବାହ୍ନ ୧୦ଟାରେ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏଥିଯୋଗୁ ଅନ୍ୟାନ୍ୟ ନୀତି ବିଳମ୍ବ ହୋଇଥିଲା। ମହାସ୍ନାନ ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇ ଥିଲା।

### ଏମ୍ଏସ୍ଏମ୍ଇ ବିକାଶ ନୀତି-୨୦୧୬ର ସଂଶୋଧନ କଲେ ସରକାର

**ଭୁବନେଶ୍ୱର, ୧୭।୨(ବ୍ୟୁରୋ):** ଏମ୍ଏସ୍ଏମ୍ଇ ବିଭାଗ ଦ୍ୱାରା ପ୍ରକାଶିତ ଗତ ୧୬ ତାରିଖ ବିଜ୍ଞପ୍ତି ଅନୁସାରେ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୩ ଓ ୨୦୧୬ ଏବଂ ଓଡ଼ିଶା ଏମ୍ଏସ୍ଏମ୍ଇ ବିକାଶ ନୀତି-୨୦୧୬ର ସଂଶୋଧନ ରାଜ୍ୟ ସରକାର କରିଛନ୍ତି। ପୂର୍ବରୁ ଶିଳ୍ପ ସଂସ୍ଥାଗୁଡ଼ିକ ତାଙ୍କ କାର୍ଯ୍ୟ ଆରମ୍ଭର ୬ ମାସ/୧୨ ମାସ ମଧ୍ୟରେ ଉପରୋକ୍ତ ୩ଟି ନୀତି ଅଧୀନରେ ସରକାରୀ ପ୍ରୋତ୍ସାହନ ରାଶି ପାଇବା ନିମନ୍ତେ ଆବେଦନ କରିବା ନିୟମ ରହିଥିଲା। ନିର୍ଦ୍ଧାରିତ ୬ ମାସ/୧୨ ମାସ ଅବଧି ପରେ ଆବେଦନ ଜନିତ ବିଳମ୍ବ ପାଇଁ କ୍ଷମା କରିବାର କୌଣସି ପ୍ରାବଧାନ ନ ଥିବା ହେତୁ ବହୁ ସଂଖ୍ୟାରେ ଶିଳ୍ପ ସଂସ୍ଥାଗୁଡ଼ିକର ଆବେଦନକୁଡ଼ିକୁ ଖାରଜ କରି ଦିଆଯାଉଥିଲା। ଏବେ ଏହି ନୀତିର ସଂଶୋଧନ ଫଳରେ ଏହି ନିର୍ଦ୍ଧାରିତ ଅବଧିକୁ ୨ ବର୍ଷକୁ ବୃଦ୍ଧି କରାଯାଇଛି। ଏହି ୨ ବର୍ଷ ପରେ ମଧ କ୍ଷମା କରିବାର ସୁଯୋଗ ଯୋଡ଼ା ଯାଇଛି। ଏତଦ୍‌ବ୍ୟତୀତ ଯେଉଁ ଶିଳ୍ପ ସଂସ୍ଥାଗୁଡ଼ିକର ଆବେଦନ ବିଳମ୍ବ ପାଇଁ ଖାରଜ କରାଯାଇଥିଲା ସେମାନଙ୍କ ନିମନ୍ତେ ଥରକ ପାଇଁ କୋହଳ ନୀତି ଅବଲମ୍ବନ କରି ଏହି ସମୟ ଅବଧିକୁ ୨୦୧୩ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଫଳରେ ସେମାନେ ଏହି ଆର୍ଥିକ ପ୍ରୋତ୍ସାହନ ପାଇବା ପାଇଁ ନୂତନ ଭାବେ ଆବେଦନ କରି ପାରିବେ।

### ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରାଯାଉ: ଧର୍ମେନ୍ଦ୍ର

**ଓଡ଼ିଶାର ଭାଜପା ନେତାମାନେ ମିଥ୍ୟା ତଥ୍ୟ ଦେଇଛନ୍ତି: ସସ୍ମିତ**

**ଭୁବନେଶ୍ୱର, ୧୭।୨(ବ୍ୟୁରୋ):** କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଶୁକ୍ରବାର 'ଶିଶୁ ଓ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନ' ପ୍ରସଙ୍ଗ ଉପରେ ଆୟୋଜିତ ୩ ଦିନିଆ ରାଷ୍ଟ୍ରୀୟ କର୍ମଶାଳାର ଉଦ୍‌ଘାଟନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦେଶରେ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ମଜଭୁତ ପାଇଁ ପଞ୍ଚଦଶ ଅର୍ଥ କମିଶନରେ ଅର୍ଥ ବ୍ୟୟବରାଦ ୫ ଗୁଣା ବୃଦ୍ଧି ପାଇ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପଞ୍ଚାୟତିରାଜ ସହ ସଂଶ୍ଳିଷ୍ଟ ଅନୁଷ୍ଠାନଗୁଡିକୁ ମଜଭୁତ କରିବା ପାଇଁ ଏହି ଅର୍ଥ ଦିଆଯାଉଛି। କିନ୍ତୁ ରାଜ୍ୟ ସରକାର କନ୍‌ଭରଜେନ୍ସ ନାଁରେ ପଞ୍ଚାୟତକୁ ଆସୁଥିବା ଅର୍ଥ ଉଠାଉଥିବା ଖବର ଆସୁଛି। ଓଡ଼ିଶାରେ ଅର୍ଥର ଅଭାବ ନ ଥିବାବେଳେ ରାଜ୍ୟ ସରକାର ପଞ୍ଚାୟତକୁ ଆସୁଥିବା ଅର୍ଥ ଉଠାଇବା ଅନୁଚିତ। ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ରାଜ୍ୟରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନାରେ ଓଡ଼ିଶାକୁ ୮୦୦ଟି ସ୍କୁଲ ଆସିବ ଏବଂ ୧୬୦୦ କୋଟି ଟଙ୍କା ମିଳିବ। ମାତ୍ର ରାଜ୍ୟ ସରକାର ଏଥିପାଇଁ ଏମ୍ଓୟୁ କରିନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଓଡ଼ିଶାରେ ପଞ୍ଚାୟତିରାଜ ବିଭାଗ କିପରି କାମ କରୁଛି, ତାହା ବୋଧହୁଏ ସେ ଭଲ ଭାବେ ଅବଗତ ନାହାନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ୩୦ରୁ ୩୦ ଜିଲା ପରିଷଦ ହାରିବା ପରେ ଭାଜପା ଓଡ଼ିଶା ଶାଖାର ନେତାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ମିଥ୍ୟା ତଥ୍ୟ ଦେଇଛନ୍ତି। ଓଡ଼ିଶାର ପଞ୍ଚାୟତିରାଜ ବିଭାଗରେ ଯେଉଁସବୁ ଭଲ କାମ ଚାଲିଛି ଏବଂ ସେଥିପାଇଁ ଜାତୀୟସ୍ତରର ବିଭିନ୍ନ ସଂସ୍ଥା ପକ୍ଷରୁ ପୁରସ୍କୃତ ହୋଇଛି, ତାହା ସେ ଜାଣିନାହାନ୍ତି। ତେଣୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ, ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରୁ ଏ ସମ୍ପର୍କରେ ପ୍ରକୃତ ତଥ୍ୟ ସଂଗ୍ରହକରି ଅନୁଧାନ କରନ୍ତୁ ବୋଲି ସେ କହିଛନ୍ତି।

# ଜଳବାୟୁ ସହନଶୀଳ କୃଷି ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଚାହିଦା ପୂରଣ କରିବ

## କୃଷି ଓଡ଼ିଶା-୨୦୨୩

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ପାରମ୍ପରିକ କୃଷି କାର୍ଯ୍ୟରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଫସଲର ବିବିଧୀକରଣ ଓ ଜଳବାୟୁ ସହନଶୀଳ ଚାଷ କାର୍ଯ୍ୟ ଦ୍ୱାରା ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଚାହିଦା ପୂରଣ କରିହେବ। ଶୁକ୍ରବାର କୃଷି ଓଡ଼ିଶା -୨୦୨୩ର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରି, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହା କହିଛନ୍ତି। ସେ କହିଛନ୍ତି, ସମନ୍ୱିତ କୃଷି କାର୍ଯ୍ୟ ଫଳରେ କୃଷକମାନଙ୍କର ରୋଜଗାର ବୃଦ୍ଧି ପାଇବ। କୃଷି ସହିତ ଉଦ୍ୟାନ କୃଷି, ଗୋପାଳନ, କୁକୁଡ଼ା ପାଳନ ଓ ମତ୍ସ୍ୟଚାଷ ଆଦି ଆନୁଷଙ୍ଗିକ କାର୍ଯ୍ୟ ଦ୍ୱାରା କୃଷକମାନଙ୍କର ଆୟବୃଦ୍ଧିରେ ସହାୟକ ହୋଇଥାଏ। କୃଷି ଯାନ୍ତ୍ରିକୀକରଣ ଚାଷୀମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣିପାରିଛି। ସବୁଜ ବିପ୍ଳବ ସମୟରେ କୃଷି କାର୍ଯ୍ୟରେ ବ୍ୟାପକ ପରିବର୍ତ୍ତନ ଆସିଥିବାବେଳେ କୃଷି ଯାନ୍ତ୍ରିକୀକରଣ ଫଳରେ କୃଷି କାର୍ଯ୍ୟ ଏକ ନୂତନ ମୋଡ଼ ନେବାକୁ ଯାଉଛି। ଛୋଟ ଛୋଟ କୃଷି ଯନ୍ତ୍ରପାତି ବ୍ୟବହାର ଫଳରେ ମଧ୍ୟ କୃଷି ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟୁଛି ବୋଲି ମନ୍ତ୍ରୀ କହିଛନ୍ତି। ସମ୍ପ୍ରତି ଚାଷୀମାନେ ଅନେକ ବିଦେଶୀ ଫଳ ଓଡ଼ିଶାରେ ଚାଷ କରିବା ସହିତ ଉଚ୍ଚ ମୂଲ୍ୟର ଫସଲ ମଧ୍ୟ ଚାଷ କରୁଛନ୍ତି। କୃଷି ଓଡ଼ିଶାର ଆୟୋଜନ ମାଧ୍ୟମରେ ରାଜ୍ୟର ଚାଷୀମାନେ ନୂତନ ଜ୍ଞାନକୌଶଳ, ଯନ୍ତ୍ରପାତି, ଫସଲ କିସମ ଆଦି ବିଷୟରେ ସହଜରେ ଜାଣିବାର ସୁଯୋଗ ପାଉଛନ୍ତି ବୋଲି ସେ କହିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ କହିଛନ୍ତି, କୃଷି ରାଜ୍ୟ ଜିଡିପିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବା ବେଳେ ୭୦ ପ୍ରତିଶତ କୃଷି ଶ୍ରମିକ ମହିଳା ଅଟନ୍ତି। ମହିଳାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦ୍ୱାରା ମହିଳା ସଶକ୍ତୀକରଣ ସମ୍ଭବ ହେବ ବୋଲି ସେ କହିଛନ୍ତି। ସମବାୟ ବିଭାଗ ସଚିବ ସଞ୍ଜୀବ ଚଢ଼ା କହିଛନ୍ତି, ଉପଯୁକ୍ତ ବିକ୍ରିବଟାର ସୁବିଧା ଦ୍ୱାରା କୃଷକମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ଅଧିକ ମୂଲ୍ୟ ପାଉଥିବାରୁ ବଜାର ବ୍ୟବସ୍ଥାକୁ ବିଭାଗ ପକ୍ଷରୁ ସୁଦୃଢ଼ କରାଯାଉଛି। ସମବାୟ ବ୍ୟାଙ୍କ ପକ୍ଷରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷି ଋଣ ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି। ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଭାତ ରାଉଳ କହିଛନ୍ତି, ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଫଳରେ ରାଜ୍ୟରେ କୃଷିକ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ, ଅନୁଷ୍ଠାନ ଓ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସମ୍ପର୍କରେ ନିୟମିତ ପ୍ରଶିକ୍ଷଣ ଦିଆଯାଉଛି।

ଉତ୍ସବ ପ୍ରାରମ୍ଭରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା ସ୍ୱାଗତ ଭାଷଣ ଦେଇଥିବାବେଳେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଜିଲାର ସଫଳ ଓ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ଏସ୍‌ସିଆର୍‌ବି'କୁ ଜାତୀୟ ପୁରସ୍କାର

## ସର୍ବଭାରତୀୟ ପୋଲିସ ଡ୍ୟୁଟି ମିଟ୍-୨୦୨୩



ଏସ୍‌ସିଆର୍‌ବି ନିର୍ଦ୍ଦେଶକ ବିନୟତୋଷ ମିଶ୍ର ଟ୍ରଫି ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ସ୍ପେଶାଲ ରିପୋର୍ଟ ପରିଚାଳନାରେ ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏସ୍‌ସିଆର୍‌ବି) ଜାତୀୟସ୍ତରୀୟ ପୁରସ୍କାର ହାସଲ କରିଛି। ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ୍ ଡ୍ୟୁଟି ମିଟ୍-୨୦୨୩ର ଶୁକ୍ରବାର ଉଦ୍‌ଯାପନୀ ସମାରୋହରେ ଏସ୍‌ସିଆର୍‌ବିକୁ ନ୍ୟାଶନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ(ଏନ୍‌ସିଆର୍‌ବି) ରନିଂ ଟ୍ରଫି ମିଳିଛି। ଏସ୍‌ସିଆର୍‌ବିର ନିର୍ଦ୍ଦେଶକ ବିନୟତୋଷ ମିଶ୍ର ଏହି ଟ୍ରଫି ଗ୍ରହଣ କରିଥିଲେ। ତେବେ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଏସ୍‌ସିଆର୍‌ବି'ର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ପ୍ରଯୁକ୍ତିବିଦ୍ୟା ଜରିଆରେ ପୋଲିସ ବିଭାଗକୁ ସଶକ୍ତ କରିବା ଭଳି ପଦକ୍ଷେପ ଯୋଗୁ ଏସ୍‌ସିଆର୍‌ବି ଏହି ପୁରସ୍କାର ପାଇଛି। ଫେବୃୟାରୀ ୮ରେ ଏସ୍‌ସିଆର୍‌ବି ଡିଆଇଜି ସତ୍ୟଜିତ୍ ନାଏକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ସ୍ପେଶାଲ ରିପୋର୍ଟ ପ୍ରୋଜେକ୍ଟ ଦିଲ୍ଲୀ ଏନ୍‌ସିଆର୍‌ବିରେ ଉପସ୍ଥାପନା କରିଥିଲେ। ତେବେ ଏହାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତଗୁଡ଼ିକରୁ ଆସୁଥିବା ପ୍ରୋଜେକ୍ଟ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହେବା ସହ ପୁରସ୍କାର ପାଇଛି। ତେବେ ଏହି ପ୍ରୋଜେକ୍ଟ ପ୍ରତିଯୋଗିତାରେ ଇଣ୍ଡୋ-ତିବ୍ବେତାନ୍ ବର୍ଡର ପୋଲିସ (ଆଇଟିବିପି) ରନ୍ସ ଅପ୍ ହୋଇଛି।

ସୂଚନାଯୋଗ୍ୟ, ଭାରତୀୟ ପୋଲିସ୍ ଫୋର୍ସକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସର୍ବଭାରତୀୟ ପୋଲିସ ଡ୍ୟୁଟି ମିଟ୍‌ର ଆୟୋଜନ କରାଯାଇଥାଏ। ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗଦେଇଥାନ୍ତି। ଭାରତୀୟ ପୋଲିସ୍ ବାହିନୀ ଦକ୍ଷତା ବୃଦ୍ଧି ଏବଂ ଭାରତୀୟ ନାଗରିକଙ୍କୁ ଉନ୍ନତ ସେବା ଯୋଗାଇବା ହେଉଛି ଏହି ମିଟ୍‌ର ଉଦ୍ଦେଶ୍ୟ। ଏଥିରେ କମ୍ପ୍ୟୁଟର ସଚେତନତା, ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ, ଆପ୍ଲିକେଶନ୍ ଏବଂ ଆଇଟି ମଡ୍ୟୁଲ୍‌ର ବିକାଶ, ଶାରୀରିକ ପ୍ରଶିକ୍ଷଣ, ଅସ୍ତ୍ରଶସ୍ତ୍ର ପରିଚାଳନା ଏବଂ ରଣକୌଶଳ ଅଭ୍ୟାସ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଫେବୃୟାରୀ ୧୩ରୁ ୧୭ ପର୍ଯ୍ୟନ୍ତ ଏହି ସର୍ବ ଭାରତୀୟ ପୋଲିସ୍ ଡ୍ୟୁଟି ମିଟ୍-୨୦୨୩ର ଆୟୋଜନ କରାଯାଇଥିଲା।

# ଜିଲା ସଂସ୍କୃତି ଭବନ ଉଦ୍‌ଘାଟନ ବେଳେ ବିଜେଡି-କଂଗ୍ରେସ ମୁହାଁମୁହିଁ

## ଜବରଦଖଲ ଉଚ୍ଛେଦ ପ୍ରସଙ୍ଗକୁ ନେଇ ଟଣାଓଟରା



ନୂଆ ସଂସ୍କୃତି ଭବନରେ ଜିଲାପାଳ, ରାଜ୍ୟ ସଭା ସଦସ୍ୟ, ମନ୍ତ୍ରୀଙ୍କ ଉପସ୍ଥିତିରେ ବିଧାୟକ ଓ ବିଜେଡି ନେତୃବୃନ୍ଦ ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୭।୨**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପରିସରରେ ଶୁକ୍ରବାର ଜିଲା ସଂସ୍କୃତି ଭବନ ନବୀକରଣ ଏବଂ ଲୋକାର୍ପଣ ସମାରୋହ ଚାଲିଥିବାବେଳେ ବିଜେଡି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ପୌରାଧ୍ୟକ୍ଷା ଲିକା ସାହୁଙ୍କ ଉପସ୍ଥିତିରେ ଉଭୟ ଦଳର କର୍ମୀ ହାତାହାତି ହୋଇଥିଲେ। ମନ୍ତ୍ରୀ ପୂଜାରୀ ଜିଲା ସଂସ୍କୃତି ଭବନ ଲୋକାର୍ପଣ କଲାପରେ ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କେତେକ ଏକ ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ବଲାଙ୍ଗୀର ସହରରେ ଅନେକ ବିକାଶମୂଳକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅନୁଦାନ ଦେବା ସତ୍ତ୍ୱେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନହେବାରୁ ପ୍ରକଳ୍ପ କାମ ହେଉନାହିଁ। ତେଣୁ ଏଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଉଦ୍‌ଘାଟିତ ହଲ୍‌ରେ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲାପାଳ ଓ ଅନ୍ୟ ଅତିଥି ବସି କଥା ହେଉଥିବାବେଳେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ମ୍ୟୁନିସିପାଲିଟିର ଦୋମୁହାଁ ନୀତିକୁ ସମାଲୋଚନା କରାଯାଇଥିଲା। ବିଧାୟକ ଘର ଭାଙ୍ଗୁଛନ୍ତି ବୋଲି ପ୍ରଚାର ହେଉଛି। ଘର ରାଜ୍ୟ ସରକାର କି ବିଧାୟକ ଭାଙ୍ଗୁଛନ୍ତି ବୋଲି ବିଧାୟକ ମିଶ୍ର ସେଠାରେ ପ୍ରଶ୍ନ କରିଥିଲେ। ଏହିକଥାକୁ ନେଇ କାଉନସିଲର ମହେନ୍ଦ୍ର ବାଗ ବିଧାୟକ ମିଶ୍ରଙ୍କ ସହ ଯୁକ୍ତି କରିଥିଲେ। ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କୁ ନ ଜଣାଇ ତଥା ପୌର ନିର୍ବାହୀ ଅଧିକାରୀଙ୍କ ବିନା ଉପସ୍ଥିତିରେ ଜମି ପ୍ରମାଣପତ୍ର ବଣ୍ଟନକୁ ନେଇ ମଧ୍ୟ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପ୍ରବଳ ହଙ୍ଗାମା ହେବା ଦେଖି ମନ୍ତ୍ରୀ ପୂଜାରୀ, ରାଜ୍ୟ ସଭା ସାଂସଦ ବିଶି, ବିଧାୟକ ମିଶ୍ର ସେଠାରୁ ଚାଲିଯାଇଥିଲେ।

ଏହାପରେ ହଲ ଭିତରେ ଉଭୟ ବିଜେଡି ଏବଂ କଂଗ୍ରେସ କର୍ମୀମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଠେଲାପେଲା ପରିସ୍ଥିତିରେ ୮ ନମ୍ବର କାଉନସିଲର ନନ୍ଦିନୀ ପୋଢ଼ ଚୁଡ଼ି ଭାଙ୍ଗିଯିବାରୁ ହାତରେ କ୍ଷତ ସୃଷ୍ଟି ହୋଇ ରକ୍ତ ବାହାରିଥିବା ସେ ଗଣମାଧ୍ୟମକୁ ଦେଖାଇଥିଲେ। ପରେ ପୌରାଧ୍ୟକ୍ଷା ସାହୁ, କେତେକ କାଉନସିଲର ଏବଂ ବିଜେଡି କର୍ମୀ ଟାଉନ୍ ଥାନାକୁ ଯାଇ କଂଗ୍ରେସ ଦଳ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗରେ କାଉନସିଲର ପୋଢ଼ଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଉଲ୍ଲେଖ କରାଯାଇଛି।

# ମଦ ନ ମିଳିବାରୁ ଘରେ ନିଆଁ ଲଗାଇଦେଲେ



ନିଆଁ ଲାଗି ପୋଡିଯାଇଥିବା ବାଇକ୍, ସ୍କୁଟି।

**ବ୍ରଜରାଜନଗର, ୧୭।୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାୟତ୍ରୀନଗରରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ରହୁଥିବା ରାଜେଶ ତନ୍ତିଙ୍କୁ ୩ଯୁବକ ମଦ ମାଗି ନ ପାଇବାରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଏଚ୍ ଲାଇନର ମଣ୍ଟି ଗିରି (୨୧), ଶିବମ୍ ସିଂହ (୨୨) ଓ ଇତାଭଟାର ନିର୍ମଳ ମେହେର (୨୨)।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାତି ୧୧ଟା ସମୟରେ ଗାୟତ୍ରୀନଗରରେ ରହୁଥିବା ରାଜେଶଙ୍କ ଘରେ ଉପରୋକ୍ତ ୩ ଯୁବକ ପହଞ୍ଚି କବାଟ ବାଡେଇଥିଲେ। ରାଜେଶ କବାଟ ଖୋଲିବା ପରେ ସେମାନେ ତାଙ୍କୁ ମଦ ମାଗିଥିଲେ। ରାଜେଶ ମଦ ଦେବାକୁ ମନା କରିବାରୁ ଏହାକୁ ନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ପରେ ରାଜେଶ ଘରକୁଯାଇ ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ରାଜେଶଙ୍କ ଗ୍ୟାରେଜରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କର ଗୋଟିଏ ବାଇକ୍ ଓ ସ୍କୁଟି ପୋଡିଯାଇଥିଲା। ଝରକାରେ ଥିବା ଏସିରେ ମଧ୍ୟ ନିଆଁ ଲାଗିଯାଇଥିଲା। ଏହା ଦେଖି ପଡାବାସୀ ଘଟଣାସ୍ଥଳରେ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଫୋନ କରିଥିଲେ। ପୋଲିସ ପହଞ୍ଚି ଉକ୍ତ ଅଭିଯୁକ୍ତଙ୍କୁ ପଚରାଉଚୁରା କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ବ୍ରଜରଜନଗର ଥାନାରେ ଏକ ମାମଲା (ନଂ.୪୭/୨୩) ରୁଜୁକରି ପୋଲିସ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ରାଇଟ୍‌ସ ସଚେତନତା ଶିବିର





କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍ଏସ୍ଏମ୍ଇ ଅଧିକାରୀ ଏବଂ ଉଦ୍ୟୋଗୀ।

**ଫୁଲବାଣୀ ଅଫିସ, ୧୭।୨**

ଫୁଲବାଣୀସ୍ଥିତ ଏକ ହୋଟେଲ ପରିସରରେ ଶୁକ୍ରବାର ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ରାଇଟସ୍ (ବୌଦ୍ଧିକ ସମ୍ପତ୍ତିଗତ ଅଧିକାର) ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍ଏସ୍ଏମ୍ଇ (ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ) ଡିଏଫଓ (ଡେଭଲପମେଣ୍ଟ ଫାସିଲିଟେସନ ଅଫିସ), ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ କଟକ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ପାଣ୍ଟେଟ, ଜିଆଇ ରେଜିଷ୍ଟ୍ରେଶନ, କପି ରାଇଟ, ଟ୍ରେଡ ମାର୍କ ଉପରେ କନ୍ଧମାଳ ଜିଲାର ଏମ୍ଏସ୍ଏମ୍ଇ ଅଧୀନ ଉଦ୍ୟୋଗୀମାନଙ୍କୁ ଅବଗତ କରାଯାଇଥିଲା। ସେହିପରି ଏମ୍ଏସ୍ଏମ୍ଇ-ଡିଏଫଓ କଟକ ତରଫରୁ ପ୍ୟାଣ୍ଟେଟ, ଜିଆଇ ରେଜିଷ୍ଟ୍ରେସନ, ଟ୍ରେଡମାର୍କ ନେଉଥିବା ଉଦ୍ୟୋଗୀମାନଙ୍କୁ ତାଙ୍କର ଫି(ଖର୍ଚ୍ଚ) ଗୁଡିକ ଫେରାଯାଉଥିବା(ରିମ୍ବର୍ସମେଣ୍ଟ) ସୁବିଧା ଥିବାର ସୂଚନା ଦିଆଯାଇଥିଲା।

ଅନେକ ସମୟରେ ଦେଖା ଯାଇଛି କି ଆମର ପାଣ୍ଟେଟକୁ ନେଇ ଅଲଗା ଲୋକ କମ୍ପାନୀ କରି ସାମଗ୍ରୀ ବିକ୍ରି କରୁଛନ୍ତି। ଯାହା ଆମକୁ ପ୍ରତ୍ୟକ୍ଷରେ କ୍ଷତି ପହଞ୍ଚାଉଛି। ତେଣୁ ସମସ୍ତେ ଟ୍ରେଡ ମାର୍କ ନିଅନ୍ତୁ ଏବଂ ନିଜ ପାଣ୍ଟେଟକୁ ନଜର ରଖି ବ୍ୟବସାୟ କରନ୍ତୁ। ଆଗକୁ ବଢ଼ିବାକୁ ହେଲେ ପିଲାମାନଙ୍କୁ ସ୍କୁଲ ଲେଭେଲରେ ବୈଷୟିକ ଜ୍ଞାନକୌଶଳର ଶିକ୍ଷା ଦେବାର ଆବଶ୍ୟକତା ରହିଛି। କାରଣ ପିଲାମାନଙ୍କ ପାଖରୁ ନୂତନ ଆବିଷ୍କାରର ପରିକଳ୍ପନା ମିଳିଥାଏ। ବୈଷୟିକ ଜ୍ଞାନ ପ୍ରଦାନ କରାଯାଉଥିବା ଅନୁଷ୍ଠାନରେ ନୂତନ ପରିକଳ୍ପନାର ପ୍ରକଳ୍ପ ପାଇଁ ଏମ୍ଏସ୍ଏମ୍ଇ ପକ୍ଷରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କୁ ଏ ଦିଗରେ ଅବଗତ କରାଇବା। ସବୁଦିନ ସବୁ କ୍ଷେତ୍ରରେ ପରିବର୍ତ୍ତନ ହେଉଛି। ତାହା ସହ ଖାପ ଖୁଆଇ ଚାଲିଲେ ଆମେ ସଫଳ ଉଦ୍ୟୋଗୀ ହେବା ବୋଲି ଉପସ୍ଥିତ ଉଦ୍ୟୋଗୀମାନଙ୍କୁ ପରାମର୍ଶ ଦିଆ ଯାଇଥିଲା।

କଟକ ଏମ୍ଏସ୍ଏମ୍ଇ-ଡିଏଫଓ ଉପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଦାସ, ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ, କଟକ ଆଇପିଏଫସି ସିଟିସି ବରିଷ୍ଠ ପରିଚାଳକ ଡ. ଏସ୍.କେ କର, କନ୍ଧମାଳ କସମ ସମ୍ପାଦକ ସଞ୍ଜୀତ କୁମାର ପଟ୍ଟନାୟକ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବିଭୁପ୍ରିୟା ଜେନା, ଜିଲା ଓଏସ୍ଏମ୍ଇ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ନୀଳମାଧବ ମିଶ୍ର ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉପରୋକ୍ତ ବିଷୟରେ ଅବଗତ କରିଥିଲେ।

# ୨୬ରେ ପ୍ରବେଶିକା ପରୀକ୍ଷା, ଆଜିଠୁ ଆବେଦନ

## ମାଗଣା ସିଭିଲ ସର୍ଭିସ୍ କୋଚିଂ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା (ପ୍ରିଲିମ/ମୁଖ୍ୟ) ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାଗଣା କୋଚିଂ ଦିଆଯିବ। ୨୦୦ ସିଭିଲ ସର୍ଭିସ ଆଶାୟୀ ମାଗଣା କୋଚିଂ ନେବେ। ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଏହି ୨୦୦ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଇତିମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଥିବାବେଳେ ଏଥିପାଇଁ ମାର୍ଚ୍ଚ ୨୬ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଷ୍ଟେଟ ସିଲେକ୍ସନ ବୋର୍ଡ ଏହି ପ୍ରବେଶିକା ପରୀକ୍ଷା ପରିଚାଳନା କରିବ। ଏଥିଲାଗି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଷ୍ଟେଟ୍ ସିଲେକ୍ସନ ବୋର୍ଡକୁ ଚିଠି ଲେଖାଯାଇଛି। ପରୀକ୍ଷା କିପରି ହେବ ସେ ନେଇ ଗାଇଡ୍‌ଲାଇନ ମଧ୍ୟ ପ୍ରସ୍ତୁତ ହେଉଛି। ପ୍ରବେଶିକା ପରୀକ୍ଷା ପାଇଁ ଶନିବାରଠାରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ମାର୍ଚ୍ଚ ୪ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୧୬ ତାରିଖରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବେ। ୨ଘଣ୍ଟା ହେବାକୁ ଥିବା ଏହି ପ୍ରବେଶିକା ପରୀକ୍ଷାରେ ଅବ୍‌ଜେକ୍ଟିଭ ପ୍ରଶ୍ନ ପଡ଼ିବ। ଏହି ପରୀକ୍ଷାରେ ଯେଉଁମାନେ ମନୋନୀତ ହେବେ, ସେମାନେ ସରକାରଙ୍କଠାରୁ ମାଗଣା ସିଭିଲ ସର୍ଭିସ କୋଚିଂ ପାଇବେ।



ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ଶୁକ୍ରବାର କେନ୍ଦ୍ର ଶକ୍ତି ମନ୍ତ୍ରୀ ରାଜକୁମାର ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଦେଶର ଶକ୍ତି କ୍ଷେତ୍ରର ଉନ୍ନତି ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ୨୭ରୁ ହେପାଟାଇଟିସ୍ 'ବି', 'ସି' ସ୍କ୍ରିନିଂ କ୍ୟାମ୍ପ

ଭୁବନେଶ୍ୱର, ୧୭।୨(ବ୍ୟୁରୋ) : ସୁସ୍ଥ ଯକୃତ ଅଭିଯାନ(ହେଲ୍‌ଦି ଲିଭର କ୍ୟାମ୍ପେନ) ଅଧୀନରେ ହାଇ ରିସ୍କ ଗ୍ରୁପ୍(ଏଚ୍‌ଆର୍‌ଜି) ଥିବା ବ୍ୟକ୍ତିବିଶେଷଙ୍କ ହେପାଟାଇଟିସ୍ 'ବି' ଓ 'ସି' ସ୍କ୍ରିନିଂ କ୍ୟାମ୍ପ କରାଯିବ। ହାଇ ରିସ୍କ ଗ୍ରୁପ୍‌ମାନେ ବିଶେଷକରି ମହାନଗର ନିଗମ ଅଞ୍ଚଳରେ ରହୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଶୁକ୍ରବାର ସମସ୍ତ ମହାନଗର ନିଗମ କମିଶନର, କଟକ, ଗଞ୍ଜାମ, ଖୋର୍ଦ୍ଧା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଆସନ୍ତା ୨୭ତାରିଖରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଏହି ଅଭିଯାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୨,୦୬୪ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୭।୨(ବ୍ୟୁରୋ): ରାଜ୍ୟର ୬୯୧ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୨,୦୬୪ ଶିକ୍ଷକ ନିଯୁକ୍ତ ହେବେ। ଅର୍ଥ ବିଭାଗର ପରାମର୍ଶକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡକୁ ଦାୟିତ୍ୱ ଦିଆଯିବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପ୍ରାପ୍ତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ୨,୦୬୪ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ସମ୍ଭବ କି ନାହିଁ; ତାହା ଜାଣିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବୋର୍ଡକୁ ଅନୁରୋଧ କରାଯାଇଛି।

### ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୭।୨(ବ୍ୟୁରୋ): ଖଣ୍ଡଗିରି ପୋଲିସ ଜାଗମରା ଅଞ୍ଚଳରେ ଚଢ଼ାଉ କରି ୨ ବ୍ରାଉନସୁଗାର ଚୋରା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଡୁମୁଡୁମା ଅଞ୍ଚଳର ଦୀପକ ସାହୁ ଓ ଚିନ୍ମୟ ପ୍ରଧାନ। ସେମାନଙ୍କଠାରୁ ୧୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ତେବେ ଜବତ ବ୍ରାଉନସୁଗାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ନିଶାଦ୍ରବ୍ୟ କେଉଁଠୁ ଆଣୁଥିଲେ ଏବଂ କାହାକୁ ଯୋଗାଉଥିଲେ ତାହାର ଖୋଳତାଡ଼ ଚଳାଇଛି ପୋଲିସ ।

### ୨୮ରୁ କାଉଁରୀ କଳା ଆଖଡ଼ା

ଭୁବନେଶ୍ୱର,୧୭।୨(ବ୍ୟୁରୋ): କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟସ୍ତରୀୟ ନାଟ୍ୟ କର୍ମଶାଳା 'କାଉଁରୀ କଳା ରଙ୍ଗ ଆଖଡ଼ା' ଅନୁଷ୍ଠିତ ହେବାକୁ ଯାଉଛି। ଫେବୃଆରୀ ୨୮ରୁ କେନ୍ଦୁଝର ଜିଲା ସଦର ବ୍ଲକରେ ଥିବା ଆଦିବାସୀ ବହୁଳ କାଉଁରୀ କଳା ଗ୍ରାମରେ ଏହି କର୍ମଶାଳା ଆୟୋଜନ କରାଯାଇଛି। ଅଖିଳ ଭାରତୀୟ ସଂଗଠନ 'ଆଦିମ୍ ସଂସ୍କୃତି'ର ତତ୍ତ୍ୱାବଧାନରେ ୩୦ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଓଡ଼ିଶା ସମେତ ଦିଲ୍ଲୀ ଓ କଲିକତାରୁ ୩୦ଜଣ ପ୍ରଶିକ୍ଷକ ତାଲିମ ପ୍ରଦାନ କରିବେ। ନିରକ୍ଷର ବା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ କର୍ମଶାଳାରେ ବିଶେଷ ବନ୍ଦୋବସ୍ତ କରାଯାଇଛି। କର୍ମଶାଳାର ନିର୍ଦ୍ଦେଶକ ଭାବେ ନାଟ୍ୟକାର ଦିନେଶ ଦାସ ଏବଂ ସଂଯୋଜକ ଭାବେ ଡ. ରୁଦ୍ରମଣି ପାତ୍ର ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ବିଏମ୍‌ସି ଅଫିସ୍ ଘେରିଲେ ଦିବ୍ୟାଙ୍ଗ ଉଠାଦୋକାନୀ

ଭୁବନେଶ୍ୱର,୧୭।୨(ବ୍ୟୁରୋ)



ବିଏମ୍‌ସି କାର୍ଯ୍ୟାଳୟ ଆଗରେ ଦିବ୍ୟାଙ୍ଗ ଉଠାଦୋକାନୀମାନେ ବିକ୍ଷୋଭ କରୁଛନ୍ତି।

ବିଶ୍ୱକପ୍ ହକି ସମୟରେ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ଶୁକ୍ରବାର ବିଭିନ୍ନ ଦାବି ନେଇ କଳ୍ପନାସ୍ଥିତ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଡାକରାରେ ଦିବ୍ୟାଙ୍ଗ ଉଠାଦୋକାନୀ ସଂଘର ସଭାପତି ନାରାୟଣ ସାହୁଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ପରେ ୬ଜଣିଆ ପ୍ରତିନିଧି ମଣ୍ଡଳୀ ୫ଦଫା ଦାବି ନେଇ ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ମେୟର ଦାବିଗୁଡ଼ିକ ଯଥାର୍ଥ ବୋଲି ବିବେଚନା କରି, ଉଚ୍ଛେଦ ହୋଇଥିବା ସମସ୍ତ ଦିବ୍ୟାଙ୍ଗ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସ୍ମାର୍ଟସିଟିର ବରିଷ୍ଠ ଅଧିକାରୀ ମନୋରଞ୍ଜନ ସାହୁଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯେଉଁମାନଙ୍କର ବିଏମ୍‌ସି ଆଇ କାର୍ଡ, ଏଲ୍‌ଓଆର୍ ସହିତ ସମସ୍ତ ତଥ୍ୟ ଅଛି ସେମାନଙ୍କୁ ଥଇଥାନ କରାଯିବ। ତେବେ ଯେଉଁମାନଙ୍କର କୌଣସି ତଥ୍ୟ ନାହିଁ, ସେମାନଙ୍କ ଥଇଥାନ ପାଇଁ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ବ୍ୟବସ୍ଥା କରାଯିବ ବୋଲି ସ୍ମାର୍ଟସିଟି ଅଧିକାରୀ କହିଥିଲେ।

ମହାସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡିକ ହେଉଛି, ହକି ସମୟରେ ଉଚ୍ଛେଦ ଦିବ୍ୟାଙ୍ଗ ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ସମସ୍ତଙ୍କୁ ବିଏମ୍‌ସି ପରିଚୟ ପତ୍ର ପ୍ରଦାନ କରିବା, ଉଚ୍ଛେଦ ହୋଇଥିବା ଦିବ୍ୟାଙ୍ଗ ଉଠାଦୋକାନୀଙ୍କୁ ଭରଣପୋଷଣ ପାଇଁ ୧୫ ହଜାର ଲେଖାଏଁ ଟଙ୍କା ପ୍ରଦାନ କରିବା, ଉଚ୍ଛେଦ ସମୟରେ ଆଇନ ମାନି ନ ଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସମସ୍ତ ଦିବ୍ୟାଙ୍ଗ ଉଠାଦୋକାନୀଙ୍କ ପାଇଁ ସରକାରୀ ଏବଂ ବେସରକାରୀ

## ଥଇଥାନ ନେଇ ପ୍ରତିଶ୍ରୁତି ଦେଲେ ମେୟର

ସ୍ତରରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏ ସମ୍ପର୍କରେ ମହାସଂଘ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି, ଫନୀ, ମହାମାରୀ କରୋନା ଏବଂ ବିଶ୍ୱକପ୍ ହକି ଖେଳରେ ବହୁ ଦୋକାନୀ ସର୍ବସ୍ୱାନ୍ତ ହୋଇଛନ୍ତି। ସେମାନଙ୍କ ପାଇଁ ଆଇନ ଅନୁଯାୟୀ ଥଇଥାନ କରିବାର ଆବଶ୍ୟକତା ରହିଛି। ଯଦି ରାଜ୍ୟ ସରକାର ଦିବ୍ୟାଙ୍ଗ ଉଠାଦୋକାନୀମାନଙ୍କୁ ଆଇନ ଅନୁଯାୟୀ ଥଇଥାନ ନ କରନ୍ତି ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ହକି ଖେଳ ପୂର୍ବରୁ ଭୁବନେଶ୍ୱର ସହରକୁ ସୌନ୍ଦର୍ଯ୍ୟକରଣ କରିବା ଆଳରେ ବିଏମ୍‌ସି, ବିଡିଏ ପକ୍ଷରୁ ସହରରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା। ଭୁବନେଶ୍ୱରରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନ ଉଚ୍ଛେଦ ହୋଇଥିବା ବେଳେ ସେଥି ମଧ୍ୟରୁ ୩୦୦ରୁ ଅଧିକ ଦିବ୍ୟାଙ୍ଗ ଉଠାଦୋକାନୀ ରହିଥିଲେ।

# ବ୍ରଜ କିଶୋରଙ୍କୁ ସୁମିତ୍ର, ନିବେଦିତାଙ୍କୁ ପ୍ରମିଳା ପ୍ରତିଭା ସମ୍ମାନ

## ୧୯ରୁ କଳିଙ୍ଗ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଆସନ୍ତା ୧୯ରୁ ରବୀନ୍ଦ୍ର ମଣ୍ଡପରେ ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ ଆରମ୍ଭ ହେବ। ନାଟ୍ୟ ସଂସ୍ଥା 'ଶତାବ୍ଦୀର କଳାକାର' ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ବହୁଭାଷୀ ନାଟ୍ୟୋତ୍ସବରେ ୫ଟି ନାଟ୍ୟାନୁଷ୍ଠାନ ନାଟକ ପରିବେଷଣ କରିବେ। ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର ବ୍ରଜକିଶୋର ମହାନ୍ତିଙ୍କୁ 'ସୁମିତ୍ର ସମ୍ମାନ' ପ୍ରଦାନ କରାଯିବ। ଡ. ନିବେଦିତା ଜେନାଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯିବ। ତ୍ରିଲୋଚନ ପ୍ରସାଦ ସାହୁଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯିବ। ସେହିପରି ଅଭିନେତା ଅନ୍ତର୍ଯ୍ୟାମୀ ପଣ୍ଡା, ନିର୍ଦ୍ଦେଶକ ନଳିନୀ ନିହାର ନାୟକ, ନାଟ୍ୟକାର ଧନୁର୍ଦ୍ଧର ମିଶ୍ର, ଖବରଦାତା ବିଜୟ ମଣ୍ଡଳ ଓ ଅନୀତା ଦାସ ଏବଂ ଫଟୋ ସାମ୍ବାଦିକ ମୌସମ କୁମାର ନନ୍ଦଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ' ପ୍ରଦାନ କରାଯିବ। ଏନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାଥ ମଲ୍ଲିକ ସୂଚନା ଦେଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ଓ ଦର୍ପନାରାୟଣ ସେଠୀ ଉପସ୍ଥିତ ଥିଲେ। ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଉଜ୍ଜୟନର ଅଭିନବ ରଙ୍ଗମହଲ ପକ୍ଷରୁ ହିନ୍ଦୀ ନାଟକ 'କୋର୍ଟ ମାର୍ଟିଆଲ', ଦ୍ୱିତୀୟ ସନ୍ଧ୍ୟାରେ ଶତାବ୍ଦୀର କଳାକାର ପକ୍ଷରୁ ଓଡ଼ିଆ ନାଟକ 'ମାତୁଳ ସମ୍ବାଦ' ଓ ତୃତୀୟ ସନ୍ଧ୍ୟାରେ 'ହାରମୋନିୟମ୍' ମଞ୍ଚସ୍ଥ ହେବ। ଚତୁର୍ଥ ସନ୍ଧ୍ୟାରେ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ' ନାଟକ ଦେଖିବାକୁ ମିଳିବ। ଉଦ୍‌ଯାପନୀ ସନ୍ଧ୍ୟାରେ ପଶ୍ଚିମବଙ୍ଗର ନାଟ୍ୟାନୁଷ୍ଠାନ ପକ୍ଷରୁ ବଙ୍ଗାଳି ନାଟକ 'ନୀଲ ପିରିତେର ଫୁଲ୍' ଦେଖିବାକୁ ମିଳିବ।

# କବିତା ପୁସ୍ତକ 'ପ୍ରତିଧ୍ୱନି' ଉନ୍ମୋଚିତ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

କବି ସଂଗ୍ରାମ ମିଶ୍ରଙ୍କର ନୂତନ କବିତା ପୁସ୍ତକ 'ପ୍ରତିଧ୍ୱନୀ' ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ମାନବସମାଜର କଷଣ, ଦାରିଦ୍ର୍ୟର ଉପହାସ ତଥା ଜୀବନର ଜୀବନ୍ତ ଅନୁଭୂତିର ନିଚ୍ଛକ ପ୍ରତିଫଳନର ପରିପ୍ରକାଶ କବିଙ୍କ ବୈଶିଷ୍ଟ୍ୟ। କବି ମିଶ୍ର ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଭାଷାରେ ଏକ ବଳିଷ୍ଠ କବିକଣ୍ଠ। କବିଙ୍କର ପ୍ରାୟ ସମସ୍ତ କବିତା ସକାରାତ୍ମକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ। ସମାଜରେ ଦୃଶ୍ୟମାନ ଅନ୍ୟାୟ ପ୍ରତି ଯେତିକି ସଚେତନ, ତାହାର ଆଶୁ ସମାଧାନ ନିମନ୍ତେ ସେତିକି ଯତ୍ନବାନ। ଏହା କବିଙ୍କର ଷୋଡ଼ଶ କବିତା ପୁସ୍ତକ। ଏହି ପୁସ୍ତକଟି ଜନସାଧାରଣଙ୍କ ଦ୍ୱାରା ସବିଶେଷ ଆଦୃତ ହେବ ବୋଲି ଅପୂର୍ବା ପୁସ୍ତକର ପ୍ରକାଶକ ପବ୍ଲିକେଶନ୍ (ଭୁବନେଶ୍ୱର)ର କ୍ଷୀରୋଦ ପତି ଏବଂ କବି ମିଶ୍ର ବେଶ୍ ଆଶାବାଦୀ ।

# ଚଳଚ୍ଚିତ୍ର ପୁସ୍ତକ 'ଚିତ୍ର ଚରିତ୍ର ଚିତ୍ରଶାଳା' ଉନ୍ମୋଚିତ


ଅତିଥିମାନେ ସଂଳାପ ଲେଖକ ରଜନୀ ରଞ୍ଜନ ଦାଶଙ୍କ ଚଳଚ୍ଚିତ୍ର ପୁସ୍ତକ 'ଚିତ୍ର ଚରିତ୍ର ଚିତ୍ରଶାଳା'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର ସହ ଯୋଡ଼ି ହୋଇ ରହିଥିବା ଅନୁଭୂତି ସିନେପ୍ରେମୀଙ୍କ ନିକଟରେ ପହଞ୍ଚିବ। ଏଥିସହ ଚଳଚ୍ଚିତ୍ରର ଇତିହାସ ବିଷୟରେ ଜାଣିବା ପାଇଁ ଶୁକ୍ରବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଉନ୍ମୋଚିତ ହୋଇଛି ସଂଳାପ ଲେଖକ ରଜନୀ ରଞ୍ଜନ ଦାଶଙ୍କ ଚଳଚ୍ଚିତ୍ର ପୁସ୍ତକ 'ଚିତ୍ର ଚରିତ୍ର ଚିତ୍ରଶାଳା'। ଅତିଥି ଭାବେ ଅଭିନେତା ପ୍ରଶାନ୍ତ ନନ୍ଦ, ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ମହାପାତ୍ର, କବି ଅମରେଶ ପଟ୍ଟନାୟକ ଓ ପକ୍ଷୀଘର ପ୍ରକାଶନୀର ପ୍ରକାଶକ ବନୋଜ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଗତ ୩ ଦଶନ୍ଧି ଧରି ଓଡ଼ିଆ ଚଳଚ୍ଚିତ୍ର ସହ ଥିବା ଅନୁଭୂତି ଓ ସ୍ମୃତି ଏହି ପୁସ୍ତକରେ ସ୍ଥାନ ପାଇଛି। ଅଭିନେତ୍ରୀ ତଥା ନୃତ୍ୟଗୁରୁ ପ୍ରତିଭା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ରସୁଲଗଡ଼ ଛକରେ ୨ ବାଇକ୍ ମୁହାଁମୁହିଁ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ଛକରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଆହତ ହୋଇଛନ୍ତି । ସେ ହେଲେ ପୁରୀ ଜିଲାର ଗୋଲକ ଜେନା। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ସୂଚନାନୁସାରେ ଅପରାହ୍ନ ସାଢେ ୫ଟା ସମୟରେ ବମିଖାଲ ପଟୁ ଗୋଲକ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ରସୁଲଗଡ ଟ୍ରାଫିକ ଛକରେ ଉପସ୍ଥିତ ଥିବା ଟ୍ରାଫିକ କର୍ମଚାରୀ ସିଗ୍‌ନାଲ ଦେଇ ରହିବାକୁ କହିଥିଲେ ମଧ୍ୟ ଗୋଲକ ଗାଡି ଧରି ଛକ ପାର ହେଉଥିଲେ। ଅନ୍ୟପଟେ କଟକରୁ ଖଣ୍ଡଗିରି ଅଭିମୁଖେ ଆସୁଥିବା ଅନ୍ୟ ଏକ ବାଇକ୍ ଚାଳକ ସିଗନାଲ ପାଇ ରସୁଲଗଡ଼ରୁ ଯାଉଥିବା ସମୟରେ ଉକ୍ତ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ରାସ୍ତାରେ ଛିଟିକି ପଡିଥିଲେ। ହେଲେ ଏଥିରେ ଗୋଲକଙ୍କ ଗୋଡରେ ଆଘାତ ଲାଗିଥିବା ବେଳେ ଅନ୍ୟ ଯୁବକ ସାମାନ୍ୟ ଆହତ ହୋଇଛନ୍ତି।



# ବିଶ୍ୱସ୍ତରରେ ପହଞ୍ଚିବ ବ୍ୟାସକବିଙ୍କ ଚିନ୍ତା, ଚେତନା

## ଆରମ୍ଭ ହେବ ଫକୀରମୋହନ ଫେଷ୍ଟିଭାଲ



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଆଧୁନିକ ଭାଷା ସାହିତ୍ୟର ଜନକ ବିଶିଷ୍ଟ ସାହିତ୍ୟିକ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଜାଣିବେ ରାଜ୍ୟ ତଥା ଦେଶ ବାହାରର ଯୁବପିଢ଼ି। ତାଙ୍କ ଉପରେ ବିଦ୍ୟାଳୟ ସ୍ତରରୁ କଲେଜ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଫକୀରମୋହନଙ୍କ ଚିନ୍ତା ଓ ଚେତନାକୁ କିଭଳି ବିଶ୍ୱସ୍ତରୀୟ କରାଯାଇପାରିବ ସେ ନେଇ ଉଦ୍ୟମ ଆରମ୍ଭ ହେବ। ଏନେଇ ଶୁକ୍ରବାର ରୋଟାରୀ ଭବନଠାରେ ଫକୀରମୋହନ ଫାଉଣ୍ଡେଶନର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନ ପ୍ରତିଷ୍ଠାତ୍ରୀ ମନିକା ଦାସ, କଥାକାର ଗୌତମବୁଦ୍ଧ ଦାସ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, କବି ରକ୍ଷକ ନାୟକ, ଅଧ୍ୟାପକ ଡ ରବୀନ୍ଦ୍ର କୁମାର ଦାସ, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ପ୍ରମୁଖ ସୂଚନା ଦେଇଛନ୍ତି। ଫାଉଣ୍ଡେଶନ ପକ୍ଷରୁ ଆଗାମୀ ଦିନରେ ଫକୀରମୋହନ ଫେଷ୍ଟିଭାଲ, ଯୁବ ସ୍ପନ୍ଦନ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ବିଶ୍ୱସ୍ତରରେ କିଭଳି ଫକୀରମୋହନଙ୍କୁ ଅଧିକରୁ ଅଧିକ ଜାଣିବେ ଓ ତାଙ୍କ ସାହିତ୍ୟ କୃତି ଓ ରଚନା କିଭଳି ସବୁଠି ସ୍ଥାନ ପାଇବ ସେ ନେଇ ପ୍ରୟାସ ଜାରି ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଇପିଏଫ ପେନସନର୍ସ ଆସୋସିଏଶନର ସ୍ମାରକପତ୍ର

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରମନଙ୍କୁ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୀତାରମଣଙ୍କ ଓଡିଶା ଗସ୍ତ ସମୟରେ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ତାଙ୍କୁ ଭେଟି ରାଜ୍ୟ ଆସୋସିଏଶନ ସଭାପତି ଇଂ. ବିଜୟ କୁମାର ଜେନା ଓ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଦାବି ଶୁଣିବା ପରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ଲକ୍ଷ୍ମଣ ନନ୍ଦ ଓ ସରୋଜ କାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ଦେଶର ୭୦ଲକ୍ଷ ଓ ରାଜ୍ୟର ୨ଲକ୍ଷ ଇପିଏଫ୍ ପେନସନ ଭୋଗୀ ବରିଷ୍ଠ ନାଗରିକଙ୍କୁ ସର୍ବନିମ୍ନ ପେନସନ ମାସିକ ୯ହଜାର ଟଙ୍କାକୁ ବୃଦ୍ଧି, ମହଙ୍ଗାଭତ୍ତା ପ୍ରଦାନ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଅବିଳମ୍ବେ ପ୍ରଦାନ ନିମନ୍ତେ ଏଥିରେ ଦାବି କରାଯାଇଛି।

## ସୁନୀଲ ଜେନା ସିଏଚ୍‌ଏସ୍‌ଇ ଉପାଧ୍ୟକ୍ଷ

ଭୁବେନଶ୍ୱର, ୧୭।୨ (ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁନୀଲ କୁମାର ଜେନାଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଜାମିନୀ ରଞ୍ଜନ ମହାନ୍ତି, ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ସିଏଚ୍‌ଏସ୍‌ଇ ଉପ ପରୀକ୍ଷା ନିୟନ୍ତ୍ରକ, ବିଜୟ କୁମାର ବେହେରାଙ୍କୁ ସିଏଚ୍‌ଏସ୍‌ଇ ସହକାରୀ ପରୀକ୍ଷା ନିୟନ୍ତ୍ରକ ଏବଂ ମହେନ୍ଦ୍ର କୁମାର ବେହେରାଙ୍କୁ ସିଏଚ୍‌ଏସ୍‌ଇ ସମ୍ବଲପୁର ଜୋନ ଉପସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ଦିବ୍ୟାଙ୍ଗଙ୍କ ପାଇଁ ନିଯୁକ୍ତି ମେଳା

ଭୁବନେଶ୍ୱର, ୧୭।୨ (ବ୍ୟୁରୋ )

ଦିବ୍ୟାଙ୍ଗଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନ୍‌ସିଏସ୍‌ସିଡିଏ) ଭୁବନେଶ୍ୱର, ରୋଜଗାର ମହା ନିର୍ଦ୍ଦେଶାଳୟ (ଡିଜିଇ), ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏବଂ ଏନ୍‌ସିଏସ୍‌ସି ଫର୍ ଏସ୍‌ସିଏସ୍‌ଟିର ମିଳିତ ଆନୁକୁଲ୍ୟରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିଏସ୍‌ସିଡିଏ କାର୍ଯ୍ୟାଳୟ ପରିସରରେ ଦୁଇଦିନ ଧରି ଆୟୋଜିତ ଏହି ନିଯୁକ୍ତି ମେଳାରେ ଉଭୟ ଦିବ୍ୟାଙ୍ଗ ଓ ଅଣଦିବ୍ୟାଙ୍ଗୁ ପ୍ରାର୍ଥୀ ଯୋଗଦେଇଥିଲେ। ତେବେ ଶ୍ରବଣ ଶକ୍ତିରହିତ (ଏସ୍‌ଏଚ୍‌ଆଇ) ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ପଦବୀ ରହିଥିଲା। ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରୁ ଯଥା ଉତ୍ପାଦନ, ଗ୍ରାହକ କେୟାର ଏକ୍‌ଜିକ୍ୟୁଟିଭ, ସେଲ୍ସ ଆସୋସିଏଟ୍, ଟେଲି ମାର୍କେଟିଂ ଆଦି ପ୍ରାୟ ୩୫୦ରୁ ଅଧିକ ପଦବୀ ପାଇଁ ଫ୍ଲିପ୍‌କାର୍ଟ,ଏକ୍ସାଇଡ୍, ସୋରୋଭର ଆଦି ୫ଟି କମ୍ପାନୀ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିଥିଲେ। ୧୦୦ଜଣ ଚାକିରି ଆଶାୟୀ ଇଣ୍ଟରଭ୍ୟୁ ଦେଇଥିବାବେଳେ ଏମାନଙ୍କ ମଧ୍ୟରୁ ୭୧ଜଣ ପ୍ରାର୍ଥୀ (ଦିବ୍ୟାଙ୍ଗଙ୍କୁ ମିଶାଇ) ସର୍ଟଲିଷ୍ଟ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ସିଏସ୍‌ସି ଫର୍ ଏସ୍‌ସିଏସ୍‌ଟିର ଏସ୍‌ଆର୍‌ଇଓ ତପନ କୁମାର ରାଉଳ ଯୋଗ ଦେଇଥିଲେ। ଏନ୍‌ସିଏସ୍‌ସିଡିଏର ମୁଖ୍ୟ/ମନୋବିଜ୍ଞାନୀ ସୋନାଲିକା ସୁମନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ନିଯୁକ୍ତିଦାତା ଏବଂ ଚାକିରି ଆଶାୟୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।


ଚାକିରି ଆଶାୟୀମାନେ ନାମ ପଞ୍ଜୀକରଣ କରୁଛନ୍ତି।

# 'ଦୋଷ ଦୁର୍ବଳତାକୁ ପଦାରେ ପକାଇଛି କୋଭିଡ୍'

## 'କୋଭିଡ୍ ପରବର୍ତ୍ତୀ ଅର୍ଥନୀତି' ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)



'କୋଭିଡ୍ ପରବର୍ତ୍ତୀ ଅର୍ଥନୀତି' ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

କୋଭିଡ୍ ମହାମାରୀ ଆମର ବିଭିନ୍ନ କ୍ଷେତ୍ରରେ ଥିବା ବହୁ ଦୋଷ ଦୁର୍ବଳତାକୁ ପଦାରେ ପକାଇବାରେ ସଫଳ ହୋଇଛି। ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରି ଉକ୍ତ ଦୁର୍ବଳତାଗୁଡ଼ିକର ସ୍ଥାୟୀ ସମାଧାନ ପ୍ରତି ଧ୍ୟାନ ଦେବାକୁ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ଶୁକ୍ରବାର 'କୋଭିଡ୍ ପରବର୍ତ୍ତୀ ଅର୍ଥନୀତି' ସମ୍ପର୍କିତ ଏକ ଆନ୍ତର୍ଜାତିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ବିଶ୍ୱ ଅର୍ଥନୀତିରେ କୋଭିଡ୍‌ର ପ୍ରଭାବ ଏବଂ ବିଭିନ୍ନ କ୍ଷେତ୍ରରେ ଏହାର ମୁକାବିଲା ସମ୍ପର୍କିତ ବହୁ ପରିସ୍ଥିତି ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। କୋଭିଡ୍ ପରବର୍ତ୍ତୀ ପରିସ୍ଥିତିରେ ଗାନ୍ଧିଜୀଙ୍କ ସ୍ୱାବଲମ୍ବୀ ନୀତିକୁ ଆପଣେଇ ଦେଶରେ ଗ୍ରାମ୍ୟ କୁଟୀର ଶିଳ୍ପର ଉତ୍ଥାନ ଉପରେ ଗୁରୁତ୍ୱ ଦେବା ପାଇଁ ଉଚ୍ଚଶିକ୍ଷା ସଚିବ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ କୋଭିଡ୍ ମହାମାରୀ ଯୋଗୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିଭଳି ବାଧାପ୍ରାପ୍ତ ହୋଇଥିଲା ତାହାର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ଜାପାନ ୱାସୁଦା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କଟୋ ଅତୁସୀ କୋଭିଡ୍ ମୁକାବିଲା ଦିଗରେ ଭାରତ ସରକାରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗୁଲାମ୍ ମୋଇଦ୍ଦିନ ଖାନ୍ ପ୍ରାରମ୍ଭିକ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷା ତଥା ସମ୍ମିଳନୀର ଆୟୋଜକ ସଚିବ ଡ. ମଧୁବ୍ରତା ଶତପଥୀ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ମୌସୁମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଦେଶ ବିଦେଶର ଶତାଧିକ ଶିକ୍ଷାବିତ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ୫୦ରୁ ଊର୍ଦ୍ଧ୍ୱ ସନ୍ଦର୍ଭ ଉପସ୍ଥାପନ କରାଯିବା କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

କଟକ ସଦର,୧୭।୨(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳର ୩୦ ଜଣ ଶିଶୁ ଓ କିଶୋରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କିଛି ପିଲାଙ୍କୁ ଅଧିକ ଚିକିତ୍ସା ପାଇଁ ଶିଶୁ ଭବନ ପଠା ଯାଇଥିଲା। ଶିଶୁ ଚିକିତ୍ସକ ରୁହି ପରବିନ, ଅଡିଓଲୋଜିଷ୍ଟ ସାଇଲକ୍ଷ୍ମୀ ରାଉତ, ଫିଜିଓ ଥେରାପିଷ୍ଟ ସୁବ୍ରତ ରାଉତ, ମନସ୍ତତ୍ତ୍ୱବିତ୍ ଯାଜ୍ଞସେନୀ ପ୍ରଧାନ, ସାମାଜିକ କର୍ମୀ ସରୋଜ କୁମାର ପଣ୍ଡା ଶିବିର ପରିଚାଳନା କରିଥିଲେ। ଡା. ଶୁଭାଶିଷ ଶତପଥୀ ଧନ୍ୟବାଦ ଦେଇଥିଲେ। ଡା. ରାକେଶ କୁମାର ଜେନା, ଶୁଚିସ୍ମିତା ଆଚାର୍ଯ୍ୟ, ପୁଷ୍ପିତା ପାଲୁର, ପ୍ରକାଶ ବାରିକ, ସ୍ୱାଗତିକା ମହାନ୍ତି, ବିଶ୍ୱନାଥ ସାହୁ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୧୭।୨(ଡି.ଏନ୍.ଏ.)- ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଇମାମନଗର ଅଞ୍ଚଳର ଆକାଶ ମହାନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତପୁର ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ଆକାଶଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ଏହି ସମୟ ଦୃଶ୍ୟକୁ ମହିଳାଙ୍କ ଅଜାଣତରେ ଆକାଶ ନିଜ ମୋବାଇଲରେ କଏଦ କରିଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମତାନ୍ତର ହେବାରୁ ମହିଳା ଜଣକ ଆକାଶଙ୍କଠାରୁ ଦୁରେଇ ଯିବାକୁ ଚେଷ୍ଟା କରିଥିଲେ। ଯଦି ମୋ ସହ ସମ୍ପର୍କ ନ ରଖୁ ତା'ହେଲେ ଉକ୍ତ ଭିଡିଓ ଭାଇରାଲ କରିଦେବା ପାଇଁ ଆକାଶ ମହିଳାଙ୍କୁ ଧମକ ଦେଇଥିଲେ। ଏଥିରେ ମହିଳା ଜଣକ ରାଜି ନ ହେବାରୁ ସେ ତାଙ୍କ ପୁଅ ଏବଂ ଅନ୍ୟ ମୋବାଇଲକୁ ଉକ୍ତ ଭିଡିଓ ପଠାଇ ଦେଇଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫/୨୩) ରୁଜୁ କରିଥିଲା।

### ଶତାୟୁଙ୍କ ପରଲୋକ

ଚୌଦ୍ୱାର,୧୭।୨(ଡି.ଏନ୍.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନ ବାଣୀପଦା ଦେବୀନଗର ଗ୍ରାମର ବୈଲୋଚନ ସୁବୁଦ୍ଧିରାୟ(୧୦୦)ଙ୍କର ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା



ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ପୁଅ, ପୁତ୍ରବଧୂ, ଦୁଇ ଝିଅ, ଜ୍ୱାଇଁ ଓ ନାତୁଣୀନାତି ଉପସ୍ଥିତ ଥିଲେ। ଶତାଧିକ ଜନସାଧାରଣ ସଂକୀର୍ତ୍ତନ ଶୋଭାଯାତ୍ରା ତାଙ୍କ ମରଶରୀରକୁ ନେଇ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ। ଜ୍ୟେଷ୍ଠପୁତ୍ର ସତ୍ୟ ନାରାୟଣ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ବହୁ ମନ୍ଦିର ଏବଂ ଧର୍ମୀୟ ଅନୁଷ୍ଠାନ ସହିତ ଜଡ଼ିତ ରହି ନିରାମୟ ଜୀବନଯାପନ ଉପରେ ସେ ଲୋକମାନଙ୍କୁ ପରାମର୍ଶ ଦେଉଥିଲେ।

# ନାକଚ ଭୋଟ, ୯ନଂ. ବୁଥ୍ ପୁନଃଗଣତି ପାଇଁ ନିର୍ଦ୍ଦେଶ

## ହଁସୁରା ସରପଞ୍ଚ ନିର୍ବାଚନ ମାମଲା

**କଟକ ଅଫିସ,୧୭।୨**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଁସୁରା ପଞ୍ଚାୟତ ସରପଞ୍ଚ ନିର୍ବାଚନର ଭୋଟ ପୁନଃଗଣତି ପାଇଁ ନିର୍ବାଚନ ଟ୍ରିବ୍ୟୁନାଲଙ୍କ ଆଦେଶକୁ ହାଇକୋର୍ଟ ବଦଳାଇ ନାକଚ ଭୋଟ ସମେତ କେବଳ ୯ ନମ୍ବର ବୁଥ୍‌ର ପୁନଃଗଣତି ପାଇଁ ଶୁକ୍ରବାର ରାୟ ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ ଭୋଟ ପୁନଃଗଣତି ନେଇ ନିର୍ବାଚନ ଟ୍ରିବ୍ୟୁନାଲ ଦେଇଥିବା ଆଦେଶକୁ ଚାଲେଞ୍ଜ କରି ବିଜୟୀ ସରପଞ୍ଚ ପ୍ରାର୍ଥୀ ରବିନାରାୟଣ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ମାମଲାର ବିଚାର କରି ଆସନ୍ତା ୨୦ ତାରିଖ ସୁଦ୍ଧା ପୁନଃ ଭୋଟ ଗଣତି ଶେଷ କରିବାକୁ ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ସରପଞ୍ଚ ନିର୍ବାଚନ ନିମନ୍ତେ ୨୦୨୨ ଜାନୁୟାରୀ ୧୩ର ବିଜ୍ଞପ୍ତି ଅନୁଯାୟୀ ହଁସୁରା ପଞ୍ଚାୟତରେ ମନୋନୟନ ପତ୍ର ଦାଖଲଠାରୁ ଆରମ୍ଭ କରି ଭୋଟ ଗଣତି ଶେଷ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ବିଜୟୀ ପ୍ରାର୍ଥୀ ରବିନାରାୟଣ ଦାସଙ୍କୁ ସୂର୍ଯ୍ୟ ଚିହ୍ନରେ ୮୨୧ ଖଣ୍ଡ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆଲୋକ ମଲ୍ଲିକଙ୍କୁ ଖୋଲାବହି ଚିହ୍ନରେ ୮୨୦, ଗୌରାଙ୍ଗ ଚରଣ ଦାସଙ୍କୁ ମାଛ ଚିହ୍ନରେ ୪୧୮ ଖଣ୍ଡ ଭୋଟ ମିଳିଥିଲା। ମୋଟ ପୋଲିଂ ୨୦୯୦ ହୋଇଥିବାବେଳେ ୩୧ ଖଣ୍ଡ ଭୋଟ ନାକଚ ହୋଇଥିଲା। ଏନେଇ ପରାଜିତ ପ୍ରାର୍ଥୀ ଆଲୋକ ନିର୍ବାଚନ ଟ୍ରିବ୍ୟୁନାଲରେ ବିଜୟୀ ପ୍ରାର୍ଥୀଙ୍କ ପଦ ରଦ୍ଦ କରିବା ସହ ପୁନଃ ଭୋଟଗଣତି ପାଇଁ ଆବେଦନ କରି ଏକ ମାମଲା (ନଂ.୪/୨୨) ରୁଜୁ କରିଥିଲେ। ଉଭୟ ପ୍ରାର୍ଥୀଙ୍କ ମଧ୍ୟରେ ୧ ଖଣ୍ଡ ଭୋଟ ବ୍ୟବଧାନ ରହୁଥିବାରୁ ଟ୍ରିବ୍ୟୁନାଲ ମାମଲାର ଶୁଣାଣି କରି ପୁନଃ ଭୋଟ ଗଣତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ ଫେବୃୟାରୀ ୪ରେ ଟ୍ରିବ୍ୟୁନାଲ ନିର୍ବାଚନ ଅଧିକାରୀଙ୍କୁ ବାଲଟ ପେପର ଭର୍ତ୍ତି ବାକ୍ସ ପୁନଃଗଣତି ପାଇଁ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇ ୨୦୨୩ ଫେବୃୟାରୀ ୧୦ ତାରିଖକୁ ଧାର୍ଯ୍ୟ କରିଥିଲେ। ହେଲେ ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ରବିନାରାୟଣ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଦାଲତ ବୁଥ୍ ନଂ. ୯ର ଭୋଟ ଗ୍ରହଣ ସମ୍ପର୍କିତ କାଗଜାତ ଯାଞ୍ଚ ସହ ସେହି ବୁଥ୍‌ର ଭୋଟ ପୁନଃଗଣତି ଓ ନାକଚ ଭୋଟ ୩୧ଟିରେ ଯାଞ୍ଚ କରିବାକୁ ରାୟ ପ୍ରକାଶ କରି ମାମଲାର ଅନ୍ତ ଘଟାଇଛନ୍ତି।



କଟକ ବାଲିଯାତ୍ରା ପଡିଆରେ ଶୁକ୍ରବାର ଅନୁଷ୍ଠିତ ବାରବାଟୀ ଫେଷ୍ଟିଭାଲରେ ଫ୍ୟୁଜନ ଫ୍ୟାଶନ ଶୋ'।

# ବାରବାଟୀ ଫେଷ୍ଟିଭାଲରେ ଫ୍ୟାଶନ ଶୋ'

**କଟକ ଅଫିସ, ୧୭।୨**

କଟକ ବାଲିଯାତ୍ରା ପଡିଆରେ ବାରବାଟୀ ଫେଷ୍ଟିଭାଲର ଶୁକ୍ରବାର ଥିଲା ଷଷ୍ଠ ସନ୍ଧ୍ୟା। ଏଥିରେ ଉଦ୍‌ଘାଟକ ଭାବେ ଭାରତ ସରକାରଙ୍କ ଖଦୀ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ୍‌ର ନିର୍ଦ୍ଦେଶକ ସମୀର କୁମାର ମହାନ୍ତି, ମୁଖ୍ୟ ଅତିଥି ଭାବେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ, ଅନ୍ୟ ଅତିଥି ଭାବେ ପ୍ରଫେସର ଡା. ତୁଷାର କର, ନାଳନ୍ଦା ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଯଶସ୍ୱିନୀ ପଟ୍ଟନାୟକ, ଓର୍‌ମାସ୍‌ର ଉପନିର୍ଦ୍ଦେଶକ ବିପିନ ବିହାରୀ ରାଉତ ଯୋଗ ଦେଇଥିଲେ। ସାମ୍ବାଦିକ ଅରୁଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜ କିଶୋର ନନ୍ଦ ସ୍ୱାଗତ ଭାଷଣ ଓ ଗୁରୁ ଆଶିଷ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଫ୍ୟାଶନ ଓ ଫ୍ୟୁଜନ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ମୋନାଲିସା ମିଶ୍ରଙ୍କ ନିର୍ଦ୍ଦେଶନାରେ ଭୋଗସୋଆ ଫ୍ୟାସନ କ୍ଲବର ଫ୍ୟାଶନିଷ୍ଟମାନେ ଦଶାବତାର ପରିବେଷଣ କରିଥିଲେ। ଏହାପରେ ନୃତ୍ୟମଣ୍ଡଳ ଦ୍ୱାରା ଭାରତର ନାରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ଦଶଟି ଚରିତ୍ର (ସ୍ୱାଧୀନତାରେ ନାରୀ) ପରିବେଷିତ ହୋଇଥିଲା। ପ୍ରିୟଦର୍ଶିନୀ ପରିଡ଼ାଙ୍କ ନିର୍ଦ୍ଦେଶନାରେ ମଡେଲମାନେ ଏହାକୁ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ। ପରେ କିଛି କଳାକାର ରାମ୍ପରେ ଚାଲିଥିଲେ। ଏହି ଅବସରରେ ଅନୁଷ୍ଠିତ ସୁନ୍ଦରୀ ପ୍ରତିଯୋଗିତାରେ ବିଚାରକ ଭାବେ ରିଙ୍କୁ ଟଙ୍କ, ତାନ ସୁନ୍ଦରୀ ଯୋଗ ଦେଇଥିଲେ। ଏନ. କାଜଲ ରାଓ ଏଥିରେ ସହଯୋଗ କରିଥିଲେ।

### ସିପିଆଇ କଟକ ନଗର କମିଟି ବୈଠକ

**କଟକ ଅଫିସ, ୧୭।୨:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ନଗର କମିଟି ବୈଠକ ଚାନ୍ଦିନୀଚୌକସ୍ଥିତ ଜିଲା କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ମଧୁସୂଦନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନଗର କମିଟି ସମ୍ପାଦକ ପ୍ରସନ୍ନ ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ସେହିପରି ନଗର କମିଟି ସଦସ୍ୟ କିଶୋର ଚନ୍ଦ୍ର ଜେନା ବଜେଟ୍ ସମ୍ପର୍କରେ କହିଥିଲେ। ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ତ୍ରିପାଠୀ କହିଥିଲେ, ବଜେଟ ଏବଂ ଅର୍ଥନୀତିରେ ସଙ୍କଟ, ଦାରିଦ୍ର୍ୟ, ବେରୋଜଗାରୀ, ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ଦୁର୍ବିସହ ହୋଇପଡ଼ିଛି। ଏଣୁ ସରକାର ତାହାକୁ ନିୟନ୍ତ୍ରଣରେ ରଖିବା ଦିଗରେ କାର୍ଯ୍ୟ କରିବାକୁ ସେ ଦାବି କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ବିନୋଦ କୁମାର ବେହେରା, ସୁକାନ୍ତ ବାରିକ, ରାମଚନ୍ଦ୍ର ବେହେରା, କ୍ଷୀରୋଦ କୁମାର ବିଶ୍ୱାଳ, ମିହିର କୁମାର ବିଶ୍ୱାଳ, କୃଷ୍ଣପ୍ରିୟା ମହାପାତ୍ର, ସୁଶାନ୍ତ ମହାପାତ୍ର, ବିପିନ ବିହାରୀ ପାଢୀ, ଶରତ ଚନ୍ଦ୍ର ମଲ୍ଲିକ, ବାବାଜୀ ବେହେରା, ସାନନ୍ଦ ସେଠୀ, ପ୍ରଣବ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ସିଂହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ମଲ୍ଲିକ ବୈଠକ ପରିଚାଳନା ଓ ଅଶୋକ ତା ଧନ୍ୟବାଦ ଦେଇଥିଲେ।

# ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନକୁ ଗୁରୁତ୍ୱ



ଆଲୋଚନାଚକ୍ରରେ ପ୍ରଫେସର ଜାସନ ଷ୍ଟ୍ରୋଥର ବକ୍ତବ୍ୟ ଦେଉଛନ୍ତି।

## ଜଳବାୟୁ ପରିବର୍ତ୍ତନ ଓ ଶାରୀରିକ ଭିନ୍ନକ୍ଷମଙ୍କ ସମସ୍ୟା ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ,୧୭।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ଓ ଶାରୀରିକ ଭିନ୍ନକ୍ଷମଙ୍କ ସମସ୍ୟା ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକା ନ୍ୟୁଜର୍ସିସ୍ଥିତ ମଣ୍ଟକ୍ଲେୟାର ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଯୋଗାଯୋଗ ଓ ଗଣମାଧ୍ୟମ ବିଭାଗ ପ୍ରଫେସର ତଥା ଖବରଦାତା ଜାସନ ଷ୍ଟ୍ରୋଥର ଯୋଗଦେଇ କହିଥିଲେ, ଆର୍ଥିକ ଅସ୍ୱଚ୍ଛଳ ବର୍ଗର ଭିନ୍ନକ୍ଷମମାନେ ଜଳବାୟୁ ପରିବର୍ତ୍ତନ କାରଣରୁ ଜୀବିକା ହରାଇଥିବା ଅନେକ ଉଦାହରଣ ରହିଛି। ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନ କାରଣରୁ ଭିନ୍ନକ୍ଷମମାନେ ଭୋଗୁଥିବା ସମସ୍ୟା ଓ ଏହାର ସମାଧାନ ଦିଗରେ ସ୍ୱତନ୍ତ୍ର ନୀତି ପ୍ରଣୟନ ଉପରେ ଜାସନ ଗୁରୁତ୍ୱ ଦେଇଥିଲେ। ରେଭେନ୍‌ଶା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଅସୀମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନେତାଜୀ ଅଭିନନ୍ଦନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନିରଞ୍ଜନ ବାରିକ, ଡ. ଯଜ୍ଞେଶ୍ୱର ସେଠୀ, ସଂଘମିତ୍ରା ପରିଡା, ଓମ୍‌କାର ରାଉତ, ବିଶ୍ୱପ୍ରିୟା ଜେନା, ଡ. ନିରଞ୍ଜନ ପାଢି ଉପସ୍ଥିତ ଥିଲେ । ଶ୍ୟାମସୁନ୍ଦର ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ।

# ଦୁର୍ଦ୍ଦାନ୍ତ ଅଭିଯୁକ୍ତ ପ୍ରଶାନ୍ତ ସାହୁଙ୍କ ଜାମିନ ଖାରଜ

**କଟକ ଅଫିସ,୧୭।୨:**

ଦୁର୍ଦ୍ଦାନ୍ତ ଅଭିଯୁକ୍ତ ପ୍ରଶାନ୍ତ କୁମାର ସାହୁଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ସେ ୨୦୦୯ରେ ସଂଘଟିତ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବାବେଳେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଜାମିନ ଆବେଦନର ଶୁଣାଣିବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ସମରେଶ ଜେନା ଜାମିନକୁ ବିରୋଧ କରିଥିଲେ। ବିବରଣୀ ଅନୁଯାୟୀ, ରାଣୀହାଟ ଶଗଡ଼ିଆସାହିର ପଦ୍ମାବତୀ ନାୟକ ନାମ୍ନୀ ମହିଳା୨୦୦୯ ସେପ୍ଟେମ୍ବର ୧୮ରେ ମାଲଗୋଦାମ ଥାନାରେ ତାଙ୍କ ପୁଅ ନଳିନୀକାନ୍ତ ନାୟକଙ୍କୁ ପ୍ରଶାନ୍ତ ମାରିଦେବାର ଯୋଜନା କରୁଥିବା ଅଭିଯୋଗ କରିଥିଲେ। ନଳିନୀ ପ୍ରଶାନ୍ତଙ୍କ ଠାରୁ ଫୋନ୍ ପାଇ ତାଙ୍କ ପାଖକୁ ଯାଉଛି ବୋଲି ମା'ଙ୍କୁ କହିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା(ନଂ.୮୦/୨୦୦୯) ରୁଜୁ ହୋଇଥିଲା। ଏତଲା ଦେବାର କିଛିଦିନ ପରେ ଏକ ଅଚିହ୍ନା ମୃତଦେହ ନରସିଂହପୁର ଥାନା ଅନ୍ତର୍ଗତ ବୁଢ଼ାବୁଢ଼ୀ ଘାଟରୁ ମିଳିଥିଲା। ନରସିଂହପୁର ପୋଲିସଠାରୁ ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ମୃତଦେହ ଜବତ କରି ଆଣିଥିଲା। ତାହା ନଳିନୀଙ୍କ ମୃତଦେହ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ପ୍ରଶାନ୍ତ ନାମରେ ଅନ୍ୟାନ୍ୟ ଥାନାରେ ବହୁ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା।

# 'ବ୍ୟକ୍ତିତ୍ୱ ବିକାଶରେ ସେବାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**କଟକ ଅଫିସ, ୧୭।୨**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ କୋଅର୍ଡିନେଟର ଡ. ସୁଶାନ୍ତ ପଟ୍ଟନାୟକ ଯୋଗଦେଇ ସ୍ୱେଚ୍ଛାସେବାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସେହିପରି ଆଡମିନିଷ୍ଟ୍ରେଟିଭ ବର୍‌ସାର ଡ. ଯାମିନୀ ରଞ୍ଜନ ମହାନ୍ତି ଯୋଗଦେଇ ବ୍ୟକ୍ତିତ୍ୱ ବିକାଶ ଦିଗରେ ସ୍ୱେଚ୍ଛାସେବାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡ. ବନ୍ଦନା ପାଠକ ଯୋଗଦେଇ ମହାବିଦ୍ୟାଳୟର ଗୌରବ ବର୍ଦ୍ଧନ ନିମନ୍ତେ ସ୍ୱେଚ୍ଛାସେବୀମାନଙ୍କୁ କାର୍ଯ୍ୟ କରିବାକୁ କହିଥିଲେ। ଉକ୍ତ ଶିବିରରେ ଯୋଗାଭ୍ୟାସ, ସଫେଇ, ବସ୍ତି ଅଞ୍ଚଳରେ ସଚେତନତା, ଚାରା ରୋପଣ, ପୁସ୍ତକ ବଣ୍ଟନ ଆଦି କାର୍ଯ୍ୟ କରାଯାଇଥିଲା। ଛାତ୍ରୀ ମନିଷାରାଣୀ ବାରିକ ବିବରଣୀ ପାଠ, କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ସଭା ପରିଚାଳନା, ଅଧ୍ୟାପିକା ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ। ଆସୋସିଏଟ ପ୍ରଫେସର ଡ. ନରେନ୍ଦ୍ର ନାଥ ନାୟକ, କ୍ରୀଡ଼ା ପ୍ରଶିକ୍ଷିକା ସ୍ୱର୍ଣ୍ଣଲତା ବଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ।

### ରେଲୱେ ପୋଲିସ କଟକ ଜିଲା ଶାଖା ସଂଘ ନିର୍ବାଚନ

**କଟକ ଅଫିସ,୧୭।୨:** ରେଲୱେ ପୋଲିସ କଟକ ଜିଲା ଶାଖା ସଂଘର ନିର୍ବାଚନ ଶୁକ୍ରବାର ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଭାବେ ମାନସ କୁମାର ବାରିକ, ଉପସଭାପତି ଚକ୍ରଧର ସେଠୀ, ସମ୍ପାଦକ ରଜନୀ ବିଶ୍ୱାଳ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ସହସମ୍ପାଦକ ଦୁଲୁ ସିଂ, ପ୍ରିୟବ୍ରତ ଓଝା ଓ କାର୍ଯ୍ୟକାରୀ ସଭ୍ୟ ଭାବେ ବିଶ୍ୱଜିତ୍ ରାଉତ, ହେମନ୍ତ ସାମଲ, ଡମ୍ବରୁ କିଶନ, ରାଜେଶ ମହାପାତ୍ର, ବରୁଣ ମିର୍ଦ୍ଧା ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# 'ପରିବେଶ ସୁରକ୍ଷିତ ରହିଲେ ଜୀବଜଗତର କଲ୍ୟାଣ ହେବ'



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ, ୧୭।୨:**

ଡ୍ରିମ୍‌ସ ପଲିଟେକ୍‌ନିକ୍ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ପ୍ରମୋଦ ଉଦ୍ୟାନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ପ୍ରକୃତି ଓ ପରିବେଶ ସୁରକ୍ଷିତ ରହିଲେ ଜୀବଜଗତର କଲ୍ୟାଣ ସାଧନ ହେବ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଡ. କଲ୍ୟାଣ କୁମାର ସାହୁ, ନୟନ ରଞ୍ଜନ ସାମଲ, ଡ. ଲୀନା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।

# 'ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ଛାତ୍ରୀଛାତ୍ର'

## କେବିଆର୍‌ସିର ବାର୍ଷିକ ଉତ୍ସବ

**ଫୁଲନଖରା,୧୭।୨(ଡି.ଏନ.ଏ.)**

କଟକ ସଦର ଥାନା ଅନ୍ତର୍ଗତ ପୀରବଜାରସ୍ଥିତ କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟ (କେବିଆର୍‌ସି) ର ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ମଜିବୁଲ୍ଲା ଖାନ୍ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଯାପନ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଓକାକ୍‌ର ମୁଖ୍ୟ ପରିଚାଳକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ବୈଷୟିକ ଶିକ୍ଷାଭିତ୍ତିକ ପାଠ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ନିମାପଡ଼ା ଅଞ୍ଚଳର ଆଦର୍ଶ ଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କୁ ଜାନକୀ ବଲ୍ଲଭ ପାଢୀ ମେମୋରିଆଲ ଶିକ୍ଷାବିତ୍ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ କବିତା ପାଢ଼ୀ, ଡ. ଦିଲୀପ ଶ୍ରୀଚନ୍ଦନ, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ସାମାଜିକ କର୍ମୀ କୌଶିକ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଲୁସି ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ମାର୍ଚ୍ଚ ୧ରୁ ୪ ଦିଗଭାଗ ଦୋଳଯାତ୍ରା

**କଟକ ଅଫିସ, ୧୭।୨:**

୭୨ ସଂକୀର୍ତ୍ତନ ମଣ୍ଡଳୀର ଦୋଳଯାତ୍ରା ଉପଲକ୍ଷେ ନବମୀ ମହାସଭା କଟକ ସାରଳା ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୫ ସର୍ବାଧିକାରୀ ସୁରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୭୨ ଅବାହକ ଦେବେନ୍ଦ୍ର ନାଥ ସାହୁ, ୨୨ ସର୍ବାଧିକାରୀ ନୃସିଂହ ଚରଣ ସାହୁ, ୧୯ ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁ, ୧୬ ସର୍ବାଧିକାରୀ ରାକେଶ କୁମାର ସାହୁ, ୨୫ ସର୍ବମହନ୍ତ ରବୀନ୍ଦ୍ର କୁମାର ବସ୍ତିଆ ଓ ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଚଳିତବର୍ଷ ସମସ୍ତ ଦିଗଭାଗର ଦୋଳମେଲଣ ଓ ୭୨ ସଂକୀର୍ତ୍ତନ ମଣ୍ଡଳୀର ପୂର୍ଣ୍ଣିମା ଦୋଳ ମେଲଣ ସମ୍ପର୍କରେ ଆଲୋଚନା ହୋଇଥିଲା। ୭୨ ସଂକୀର୍ତ୍ତନ ମଣ୍ଡଳୀକୁ ସୁସଂଗଠିତ ଓ ପରିଚାଳନା ପାଇଁ ୪ଟି ଦିଗ ଭାଗକୁ ୪ଟି ସଂକେତ ପ୍ରଦାନ କରାଯାଇଛି।




ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିସିପି ପିନାକ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ଦକ୍ଷିଣ ୨୫ ଦିଗଭାଗକୁ ଶଙ୍ଖ ସଙ୍କେତ, ପୂର୍ବ ୨୨ ଦିଗଭାଗକୁ ଚକ୍ର, ପଶ୍ଚିମ ୧୯ ଦିଗଭାଗକୁ ଗଦା ଓ ଉତ୍ତର ୧୬ ଦିଗଭାଗକୁ ପଦ୍ମ ସଙ୍କେତ ଦିଆଯାଇଛି। ଏହି ୪ ଦିଗଭାଗର ଦୋଳଯାତ୍ରା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ୭ ତାରିଖ ଦୋଳପୂର୍ଣ୍ଣିମା ତିଥିରେ ୪ ଦିଗଭାଗର ଠାକୁର ଦୋଳମୁଣ୍ଡାଇ ରଥ ପଡ଼ିଆଠାରେ ଏକତ୍ରିତ ହେବେ। ଏହା ପରେ

### ୭୨ ସଂକୀର୍ତ୍ତନ ମଣ୍ଡଳୀର ନବମୀ ମହାସଭା

ଶୋଭାଯାତ୍ରାରେ ବାହାରି ସହର ମୁଖ୍ୟ ରାସ୍ତା ସାଆନ୍ତ ସାହି, ବଜ୍ରକବାଟି ରୋଡ୍, ମାଳିସାହି, ଶିକାରୀ ସାହି ଦେଇ ବଡେଇ ସାହିସ୍ଥିତ ୭୨ ମଠ ପ୍ରାଙ୍ଗଣରେ ମେଲଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ସମସ୍ତ ଦୋଳ ମେଲଣଗୁଡ଼ିକୁ ସରସ ସୁନ୍ଦର କରିବା ପାଇଁ ରାସ୍ତା ମରାମତି, ରାସ୍ତା ସଫା, ଲାଇଟ୍, ପାଣି ବ୍ୟବସ୍ଥା ଓ ପୋଲିସ ଲାଇସେନ୍ସ ପ୍ରଦାନ ପାଇଁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ସିଏମ୍‌ସି ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ୭୨ ସଭ୍ୟ ଶିଶିର କୁମାର ନାୟକ, ଧୀରେନ୍ଦ୍ର କୁମାର ସିଲ୍, ଅରବିନ୍ଦ ବେହେରା, ଶଙ୍କର ପ୍ରଧାନ ସଭା ପରିଚାଳନା କରିଥିଲେ। ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ମୁଣ୍ଡାଆମ୍ବ କ୍ଲବ ବିଜୟୀ**

ନିରାକାରପୁର,(ଡି.ଏନ୍.ଏ.): ଜଙ୍କିଆ ପଞ୍ଚାୟତସ୍ଥିତ ମୁଣ୍ଡାଆମ୍ବ ଖେଳପଡ଼ିଆରେ ବାବା ଆମ୍ବେଡ୍କର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍ବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍ ଏଫ୍ସି କ୍ଲବ ଦଲକ ଓ ମୁଣ୍ଡାଆମ୍ବ କ୍ଲବ ଜଙ୍କିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଣ୍ଡାଆମ୍ବ କ୍ଲବ ଗୋଟିଏ ଗୋଲରେ ବିଜୟୀ ହୋଇଥିଲା। ଶରତ ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ତାପସ ବଳିୟାରସିଂହ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଡିହପୁର ଖୋର୍ଦ୍ଧା ସହିତ ତଳବଣିଆ ଟାଙ୍ଗୀ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।



## ସଂକ୍ଷେପରେ

### ଛାତ୍ରୀଙ୍କଠାରୁ ଝାମ୍ପିନେଲେ ମୋବାଇଲ

ଯାଁଲା,୧୭।୨(ଡି.ଏନ୍.ଏ.): ଇନ୍ଫୋଭ୍ୟାଲି ଥାନା ରୋଡ୍ ରାଧାଚରଣପୁର ମା' ମଙ୍ଗଳା ମନ୍ଦିର ନିକଟରେ ଜଣେ କଲେଜ ଛାତ୍ରୀଙ୍କଠାରୁ ଦୁଇ ଦୁର୍ବୃତ୍ତ ମୋବାଇଲ ଫୋନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍ର ଶିକାର ହୋଇଥିବା ଛାତ୍ରୀ ହେଲେ ଛତାବର ପଞ୍ଚାୟତ ଗୌଡ଼କାଶୀପୁରର ଲକ୍ଷ୍ମୀପ୍ରିୟା ସାମନ୍ତରାୟ। ସୂଚନା ମୁତାବକ, ଗୁରୁବାର ଅପରାହ୍ନ ୨ଟା ୩୦ରେ ଲକ୍ଷ୍ମୀପ୍ରିୟା ଜଟଣୀ କଲେଜରୁ ଫେରି ମଙ୍ଗଳା ମନ୍ଦିର ନିକଟରେ ତାଙ୍କ ବାପାଙ୍କୁ ଫୋନ୍ କରିଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କ ମୋବାଇଲ ଝାମ୍ପିନେଇ ପଳାଇଥିଲେ। ଏନେଇ ସେ ଇନ୍ଫୋଭ୍ୟାଲି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତି, ପରାମର୍ଶ ମେଳା

କୃଷ୍ଣପ୍ରସାଦ,୧୭।୨(ଡି.ଏନ୍.ଏ.): ଦକ୍ଷତା ବିକାଶ ପ୍ରାଧିକରଣ ଓଡ଼ିଶା ସରକାର ଓ ଜିଲା ପ୍ରଶାସନ ପୁରୀ ଆନୁକୂଲ୍ୟରେ ଶୁକ୍ରବାର କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ଓ ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଜିଲା କାର୍ଯ୍ୟାଳୟ କନିଷ୍ଠ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ମୁଖ୍ୟ କିରାଣୀ କୁବେର ଜେନା, ବରିଷ୍ଠ ରାଜସ୍ୱ ସହାୟକ ରଞ୍ଜନ କୁମାର ବେହେରା, କନିଷ୍ଠ ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ, କାଶିମ ମହମ୍ମଦ, ରକ୍ମଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଧର୍ମାନନ୍ଦ ପଲେଇ, ରକ୍ମଣି ଦେବୀ ଜୁନିୟର କଲେଜ ଅଧାପକ ସୁବାସ ଚନ୍ଦ୍ର ମାନସିଂହଙ୍କ ସମେତ ଓଏଲଏମ କର୍ମଚାରୀ ଯୋଗଦେଇଥିଲେ। ୨୧ ପଞ୍ଚାୟତରୁ ୬୬ଜଣ ମେଳାରେ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କୃଷ୍ଣପ୍ରସାଦ,୧୭।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠର ୫୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା ଏହାକୁ ଉଦ୍ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ମୁଖ୍ୟ ବକ୍ତା ବିଡିଓ ମନୋଜ କୁମାର ନାୟକ, ସମ୍ମାନିତ ଅତିଥିଭାବେ ନୂଆପଡ଼ା ସରପଞ୍ଚ କବିତା ଜେନା, ଆଲୁମ୍ନି କମିଟି ଚେୟାରମ୍ୟାନ ଅଜୟ କୁମାର ଜେନା, ଖଟିସାହି ଗ୍ରାମ୍ୟ କମିଟି ସମ୍ପାଦକ ରବୀନ୍ଦ୍ର ସାମଲ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କାଳୁଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଠୋର ସାଧନା ହିଁ ଏକମାତ୍ର ପନ୍ଥା ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ରିତମ ପାହାଣ ଏବଂ ବାଳିକା ବିଭାଗରେ ଶୁଭଲକ୍ଷ୍ମୀ ମାଝୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଅଶୋକ ସାମଲ, ଆଶିଷ ସେଠୀ, ହିରଣ୍ୟ ସେଠୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କୁ ଥଇଥାନ, ଶୌଚାଳୟ କାର୍ଯ୍ୟକ୍ଷମ କରାଯାଉ

### ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା ଅଫିସ,୧୭।୨


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଖୋର୍ଦ୍ଧା ବିକାଶ ମଞ୍ଚ କର୍ମକର୍ତ୍ତା।

ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଶୁକ୍ରବାର ୪ ଦଫା ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖୋର୍ଦ୍ଧାର କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ, ବନ୍ଦ ଥିବା ସୁଲଭ ଶୌଚାଳୟ କାର୍ଯ୍ୟକ୍ଷମ କରିବା, ବିଲ୍ଡିଂ ପ୍ଲାନ ଅନୁମୋଦନ ପୌର ପରିଷଦ ଦ୍ୱାରା କରାଯିବା, ସହରର ମୁଖ୍ୟ ରାସ୍ତା କଡ଼ର ସରକାରୀ ଜାଗାକୁ କ୍ୟାବିନ ଥଇଥାନ ପାଇଁ ସଂରକ୍ଷିତ ରଖିବା ଆଦି ଦାବି ରହିଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ମଞ୍ଚ ଆଣିଥିବା ଅଭିଯୋଗ ପ୍ରକାରେ, ଗତ ଜାନୁୟାରୀ ୨୪ରେ ଖୋର୍ଦ୍ଧା ସହରର କ୍ୟାବିନ ଓ ଟ୍ରାଫିକ ସମସ୍ୟା, ରାସ୍ତାକଡ ଉଠାଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ଜିଲା ପ୍ରଶାସନ ଆନୁକୂଲ୍ୟରେ ଏକ ବୈଠକ ହୋଇଥିଲା। ବୈଠକରେ ଦୁଇ ବିଧାୟକ, ପୌର ପ୍ରଶାସନ, ବ୍ୟବସାୟୀ ମହାସଂଘ ଏବଂ ବିଭିନ୍ନ ବେପାରୀ, ବଣିକ ସଂଘ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ନିଷ୍ପତ୍ତି ହୋଇଥିଲା ଯେ, ଡ୍ରେନ ଉପରେ ଏବଂ ରାସ୍ତା ଉପରେ ବେପାର କରୁଥିବା ବେପାରୀଙ୍କୁ ରାସ୍ତାକଡ଼ରୁ ଉଚ୍ଛେଦ କରାଯିବ। ସେମାନଙ୍କୁ ପୌର ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ସ୍ଥାନରେ ଥଇଥାନ କରାଯିବ। ତେବେ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କେବଳ ବୈଠକ, ସରକାରୀ କାଗଜକଲମରେ ସୀମିତ ରହିଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ପୌର ପ୍ରଶାସନ ପକ୍ଷରୁ ପୁରୁଣା ବସ୍ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟ ଏବଂ ନୂଆ ବସ୍ଷ୍ଟାଣ୍ଡ ପରିସରରେ ଦୁଇଟି ପବ୍ଲିକ ଶୌଚାଳୟ ରହିଛି। ତେବେ ୨ବର୍ଷ ହେବ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିଛି। ଫଳରେ ଗନ୍ତବ୍ୟ ସ୍ଥଳକୁ ଯିବା ଲାଗି ଅପେକ୍ଷା କରିଥିବା ଯାତ୍ରୀ, ବିଶେଷକରି ମହିଳା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟପଟେ ସହରର ବିଭିନ୍ନ ଛକ ସ୍ଥାନରେ ପବ୍ଲିକଙ୍କ ପାଇଁ ଶୌଚାଳୟ(ଲୁ) ନିର୍ମାଣ କରାଯାଇଛି। ଅଧିକାଂଶ ସ୍ଥାନରେ ତାଲା ଝୁଲୁଛି। କେତେକ ସ୍ଥାନରେ ପାଣି ଆସୁନଥିବାରୁ କାମରେ ଲାଗୁ ନ ଥିବା ଜଣାପଡ଼ିଛି। ସେହିପରି ଖୋର୍ଦ୍ଧା ସହର କୋଠାବାଡି ପ୍ଲାନ ବିଡିଏ ଦ୍ୱାରା ନ କରାଯାଇ ଖୋର୍ଦ୍ଧା ପୌର ପ୍ରଶାସନର ଅନୁମୋଦନ ଦିଆଯାଉ। ସହରରେ ଘର କରିବାକୁ ଚାହୁଁଥିବା ବେଳେ ବିଡିଏ ପ୍ଲାନ ଅନୁମୋଦନ ଲାଗି ଲୋକେ ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରକାଶ କୁମାର ଦାସ, ପି.ତିରୁପତି ବାଲାଜୀ ପାତ୍ର, ବୃନ୍ଦାବନ ପଣ୍ଡା, ଆଇନଜୀବୀ ବିଜୟୀ ସାମନ୍ତସିଂହାର, କୃଷ୍ଣଚନ୍ଦ୍ର ରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଏ ସମ୍ପର୍କରେ ପୂର୍ବରୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାସ୍ତା ଅବରୋଧକାରୀଙ୍କୁ ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ବ୍ୟବସାୟୀଙ୍କୁ ଥଇଥାନ ଲାଗି ସ୍ଥାନ ଚିହ୍ନଟ କରାଯାଇଛି। ଖୁବ୍ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ।

# ୪ ପ୍ରକଳ୍ପ ଉଦ୍ଘାଟନ କଲେ ବିଧାୟକ


ସଭାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅତିଥି।

ବୋଲଗଡ଼,୧୭।୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଦର ମହକୁମାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଶୁକ୍ରବାର ୪ଟି ପ୍ରକଳ୍ପ ଉଦ୍ଘାଟନ କରିଛନ୍ତି। ମିଶନ ଶକ୍ତିର ନୂତନ ଗୃହ, ପଞ୍ଚାୟତ କାର୍ଯ୍ୟାଳୟଠାରେ କେନ୍ଦ୍ର ସମବାୟ ବ୍ୟାଙ୍କର ଏକ କାଉଣ୍ଟର, ଅମୃତେଶ୍ୱର ମହାଦେବ ମନ୍ଦିରରେ ଯଜ୍ଞମଣ୍ଡପ ଓ ଏକ କଂକ୍ରିଟ ରାସ୍ତାର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଯୋଗଦେଇ କହିଥିଲେ, ଖଙ୍ଗୁରିଆର ଉନ୍ନତି ପାଇଁ ଅନେକ କାର୍ଯ୍ୟ କରାଯାଇଥିବା ବେଳେ ଆହୁରି କାର୍ଯ୍ୟ ବାକି ରହିଯାଇଛି। ଏହି ପଞ୍ଚାୟତର ୩ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ୍, ମନ୍ଦିର ଓ ମସ୍ଜିଦର ଉନ୍ନତୀକରଣ, ରାସ୍ତା, ଜଳାଶୟ ଓ ଅନ୍ୟାନ୍ୟ ଗୃହଗୁଡ଼ିକର ନୂତନ ନିର୍ମାଣ, ପୁନରୁଦ୍ଧାର କାର୍ଯ୍ୟ ସରିଥିବା ବେଳେ କଲ୍ୟାଣମଣ୍ଡପ, ଖେଳପଡ଼ିଆ ଆଦିର କାର୍ଯ୍ୟ ରହିଯାଇଛି। ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂସାମନ୍ତ, ଅଧ୍ୟକ୍ଷାଙ୍କ ପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହାନପତି, ଯୁବନେତା ବୀର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ପ୍ରଦୀପ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାପୁ ଜଗଦେବ ଧନ୍ୟବାଦ ଦେଇଥିଲେ।

# ତହସିଲ କାର୍ଯ୍ୟାଳୟ ଆଗରେ କ୍ଷତିଗ୍ରସ୍ତ ଜମାକାରୀଙ୍କ ବିକ୍ଷୋଭ



ବେଗୁନିଆ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

ବେଗୁନିଆ,୧୭।୨(ଡି.ଏନ୍.ଏ.)

ଚିଟ୍ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଓ ଟଙ୍କା ଫେରିପାଇବା ଦାବିରେ ଜମାକାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମିଳିତ ମଞ୍ଚର ଆବାହକ ମଧୁସୂଦନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ଓ ଶୋଭାଯାତ୍ରାରେ ବେଗୁନିଆ ବ୍ଲକ ଅଞ୍ଚଳର ଆବାହକ ବିଭୂତି ଭୂଷଣ ସାହୁ, ଅନୁରାଧା ବିଶ୍ୱାଳଙ୍କ ସହିତ ବହୁ କ୍ଷତିଗ୍ରସ୍ତ ଜମାକାରୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ସହବନ୍ଧିତ ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା ବହୁ ଜମାକାରୀ ଠକେଇର ଶିକାର ହୋଇଛନ୍ତି। ତେବେ ଜମାକାରୀମାନେ କେବେ ଅର୍ଥ ଫେରିପାଇବେ ସେ ନେଇ ସରକାର ଓ ସମ୍ପୃକ୍ତ ସଂସ୍ଥା ତତ୍ପର ହେଉନାହାନ୍ତି। ତେଣୁ ଜମା ଟଙ୍କା ଫେରିପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜମାକାରୀମାନେ ଚେତାବନୀ ଦେଇଛନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟ, ହାଇକୋର୍ଟ, ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବେଗୁନିଆ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଆବାହକ ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଧାନ ଟୁଲି ଆମ୍ମା କହିଛନ୍ତି, ଦାବିପତ୍ର ପାଇବା ପରେ ରାଷ୍ଟ୍ରପତିଙ୍କ ନିକଟକୁ ମେଲ୍ ଜରିଆରେ ପ୍ରେରଣ କରାଯାଇଛି।

# ୨୧ରୁ ପଲ୍ଲିଶ୍ରୀ ମେଳା

ଖୋର୍ଦ୍ଧା ଅଫିସ,୧୭।୨

ଖୋର୍ଦ୍ଧା ଜିଲା ମହୋତ୍ସବ ପଲ୍ଲିଶ୍ରୀମେଳା, କୃଷି ଯନ୍ତ୍ରପାତି ଓ ପୁସ୍ତକ ମେଳା ହାବେଳି ପଡ଼ିଆରେ ଆସନ୍ତା ୨୧ ତାରିଖରେ ଆରମ୍ଭ ହେବ। ଏହି ମେଳାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଉଦ୍ଘାଟନ କରିବେ। ଉଦ୍ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ, ପୁରୀ ଏମ୍ପି ପିନାକୀ ମିଶ୍ର ଏବଂ ଜିଲାର ସମସ୍ତ ବିଧାୟକ ଯୋଗଦେବେ। ଉକ୍ତ ମେଳା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପଲ୍ଲିଶ୍ରୀ ମେଳାରେ ଖୋର୍ଦ୍ଧା ଜିଲା ଓ ଅନ୍ୟାନ୍ୟ ୨୯ ଜିଲାରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ସେହିପରି କୃଷି ମେଳାରେ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସହିତ ଚାଷୀଙ୍କୁ ସଚେତନତା କରାଯିବ। ଖୋର୍ଦ୍ଧାର ଐତିହ ଓ ସଂସ୍କୃତି ଉପରେ ଆଲୋଚନା କରାଯିବ। ସ୍ୱତନ୍ତ୍ର ଫୁଡଜୋନ କରାଯାଇ ଦର୍ଶକଙ୍କୁ ବିଭିନ୍ନ ପ୍ରକାର ଗ୍ରାମ୍ୟ ଓ ସହରୀ ଖାଦ୍ୟ ଯୋଗାଇଦେବାର ବନ୍ଦବୋସ୍ତ କରାଯାଇଛି। ବିଭିନ୍ନ ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ପେନ୍ସନଭୋଗୀଙ୍କ ସମସ୍ୟା ସମାଧାନ କରାଯାଉ

### ବିଇଓଙ୍କୁ ଦାବିପତ୍ର, ଧାରଣା ଚେତାବନୀ

ଖୋର୍ଦ୍ଧା ଅଫିସ,୧୭।୨

ବିଭିନ୍ନ ସମସ୍ୟା ନେଇ ଖୋର୍ଦ୍ଧା ବ୍ଲକ ପେନ୍ସନଭୋଗୀ କର୍ମଚାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଶୁକ୍ରବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ପେନ୍ସନଭୋଗୀଙ୍କ ମାସିକ ପେନ୍ସନ୍ ବାବଦ ଅର୍ଥ ଠିକ୍ ସମୟରେ ପ୍ରଦାନ କରାଯାଉ। ଅବସରପ୍ରାପ୍ତ କର୍ମଚାରୀ, ଶିକ୍ଷକମାନଙ୍କ ବକେୟା ଅର୍ଥ ତୁରନ୍ତ ଦିଆଯାଉ। ଫାଇନାଲ ପେନ୍ସନ ପାଇଁ ପ୍ରସ୍ତୁତ ସମସ୍ତ କାଗଜ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ବିଭାଗକୁ ପ୍ରେରଣ, ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ସପ୍ତାହକୁ ଗୋଟିଏ କାର୍ଯ୍ୟ ଦିବସ ସ୍ଥିର କରାଯାଇ ଅଭିଯୋଗ ଶୁଣାଣି ପାଇଁ ଦିନ ଧାର୍ଯ୍ୟ, ଏନ୍ଓସି ଠିକ୍ ସମୟରେ ଦିଆଯାଉ। ପେନ୍ସନ ଅଦାଲତ ପାଇଁ ପ୍ରତି ମାସରେ ରିଭ୍ୟୁ କରାଯାଇ ଅଫିସର ସମ୍ପୃକ୍ତ ବିଭାଗକୁ ରିଭ୍ୟୁର ପରିସରଭୁକ୍ତ କରାଯାଉ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଅବସର ହେବାର ୪ ମାସ ପୂର୍ବରୁ କର୍ମଚାରୀମାନଙ୍କ ପେନ୍ସନ ଓ ଜିପିଏଫ୍ ମଞ୍ଜୁର ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଉ। ଉପରୋକ୍ତ ଦାବି ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ କାର୍ଯ୍ୟାଳୟ ଆଗରେ ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# ଏସ୍ଏଫ୍ଆଇ ପକ୍ଷରୁ ନୀରବ ପ୍ରତିବାଦ



କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଏସ୍ଏଫ୍ଆଇ ପକ୍ଷରୁ ନୀରବ ପ୍ରତିବାଦ କରାଯାଉଛି।

### ବାଣୀବିହାରରେ ଜେଏନ୍ୟୁ ପ୍ରଫେସରଙ୍କୁ ମାଡ଼ ଘଟଣା

ନିରାକାରପୁର,୧୭।୨(ଡି.ଏନ୍.ଏ.)

ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ରେ ଜେଏନ୍ୟୁ ଅର୍ଥନୀତି ବିଭାଗ ପ୍ରଫେସର ସୁଜିତ ମଜୁମ୍ଦାରଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଏସ୍ଏଫ୍ଆଇ ପକ୍ଷରୁ ନୀରବ ପ୍ରତିବାଦ କରାଯାଇଛି। ଏହି ପ୍ରତିବାଦରେ ନୂଆଗଡ ପୂର୍ବତନ ସରପଞ୍ଚ ଗିରି ଚନ୍ଦ୍ର ମହାରଣା, ବିଧୁଭୂଷଣ ମହାରଣା, ଛାତ୍ର ନେତା ସୌମ୍ୟରଞ୍ଜନ ହରିଚନ୍ଦନ, ଶୁଭଶ୍ରୀ ସାମନ୍ତରାୟ, ସସ୍ମିତା ମହାରଣା, ବିଶ୍ୱରଞ୍ଜନ ପାଇକରାୟ, ରତିକାନ୍ତ ବାରିକ, ଅନୁଭବ ବରାଳ, ଅଜିତ ସ୍ୱାଇଁ, ଦୀପକ ପ୍ରଧାନ, ଆଦିତ୍ୟ ମଙ୍ଗରାଜ, କପିଳ ପ୍ରଧାନ, ସୁନୀଲ କୁମାର ସାହୁ, ଜ୍ୟୋତି ରଞ୍ଜନ ସୁବୁଦ୍ଧି, ମୋନାଲିସା ସେଠୀ, ସୁପ୍ରିୟା ସାହୁଙ୍କ ସମେତ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ବିଦ୍ୟାଳୟରେ ଖାଦ୍ୟ ଉତ୍ସବ

ଖୋର୍ଦ୍ଧା ଅଫିସ,୧୭।୨



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସ୍ଥାନୀୟ ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବେଗୁନିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ତଥା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଜୟ ଚନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ପିଲାମାନେ ସୁସ୍ୱାଦୁ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରିଥିଲେ। ୮୫ ଜଣ ଛାତ୍ରୀଛାତ୍ର ୩୫ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥିଲେ। ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ସ୍ନେହଲତା ହୋତା, ନମିତାରାଣୀ ରାୟସାମନ୍ତ, କୁମୁଦିନୀ ବେହେରା, ସୁଜାତା ମିଶ୍ର, ଶୁଭସ୍ମିତା ବେହେରା, କୁସୁମ ପ୍ରଧାନ ଓ ଶିକ୍ଷକ ଅଭିରାମ ପଣ୍ଡା ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟ କମିଟି ସଭ୍ୟ ସୁକାନ୍ତ ପୃଷ୍ଟି, ସଭାପତି ତ୍ରିନାଥ ସାହୁ, ସଭ୍ୟା ସ୍ୱର୍ଣ୍ଣଲତା ମାର୍ଥା, ବିଜୟଲକ୍ଷ୍ମୀ ବାରିକ, ମଞ୍ଜୁଲତା ସୁବୁଦ୍ଧି, ହରପ୍ରିୟା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇନାଲରେ ସୁଆଙ୍ଗ, ପଳାସପୁର

### ରାଜ୍ୟସ୍ତରୀୟ ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଅଫିସ,୧୭।୨


ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଗୁରୁଜଙ୍ଗ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଗଙ୍ଗପଡ଼ା ଓ ସୁଆଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଗଙ୍ଗପଡ଼ା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଞ୍ଜନ ମଙ୍ଗରାଜ ୬୦ ରନ୍ ଓ ଦିଲ୍ଲୀପ ମହାକୁଡ଼ ୩୧ ରନ୍ କରିଥିଲେ। ବିପକ୍ଷ ଟିମ୍ର ବିକାଶ ସୁବୁଦ୍ଧି ୩ଟି ଓ ଅମିତ ବଡ଼ଜେନା ୨ଟି ଉଇକେଟ୍ ନେଇଥିଲେ। ଜବାବରେ ସୁଆଙ୍ଗ ଟିମ୍ ୧୧ ଓଭରରେ ୨ ଉଇକେଟ ବିନିମୟରେ ୧୪୩ ରନ୍ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅଶୋକ ସାମନ୍ତରାୟ ୫୬ ଓ ସୂର୍ଯ୍ୟକାନ୍ତ ବଡ଼ଜେନା ୪୨ ରନ୍ କରିଥିଲେ। ବିପକ୍ଷ ଟିମ୍ର ରଶ୍ମି ଜେନା ଓ ଦୀପକ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପଳାସପୁର ଓ ବାଲିଆପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ପଳାସପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱରଞ୍ଜନ ସାହୁ ୩୮ ବଲ୍ରେ ୧୦୦ ଓ ସୋମନାଥ ସାହୁ ୨୨ ବଲ୍ରେ ୩୩ ରନ୍ କରିଥିଲେ। ବିପକ୍ଷ ଟିମ୍ର ପ୍ରୀତମ୍ ଜେନା ଓ ବିବେକ ପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଲିଆପଡ଼ା ଟିମ୍ ୧୫ ଓଭର ସୁଦ୍ଧା ୧୭୬ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପ୍ରୀତମ ଜେନା ୩୪ ବଲରେ ୭୯ ଓ ଏ.ବି. ଦୀପକ ୨୩ ବଲରେ ୩୮ ରନ୍ କରିଥିଲେ। ବିପକ୍ଷ ଦଳର ସୋମନାଥ ସାହୁ ୨ଟି ଉଇକେଟ୍ ନେଇଥିଲେ। ପଳାସପୁର ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍ରେ ଅତିଥିଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଯୋଗଦେଇ ସୁଆଙ୍ଗ ଟିମ୍ର ବିକାଶ ସୁବୁଦ୍ଧିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ରେ ପୂର୍ବତନ କ୍ରିକେଟର ସୁଧିର ସାହୁ ଅତିଥିଭାବେ ଯୋଗଦେଇ ପଳାସପୁର ଟିମ୍ର ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସାନୁଜ ବିଶ୍ୱାଳ, ଅସିତ୍ ଶତପଥୀ ଓ ଅସିତ୍ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହେବାକୁ ଥିବା ବେଳେ ରବିବାର ଫାଇନାଲ ମ୍ୟାଚ୍ ପଳାସପୁର ଓ ସୁଆଙ୍ଗ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ବିଦ୍ୟାଳୟ ଉନ୍ନତିରେ ଆଲୁମ୍ନିର ପ୍ରମୁଖ ଭୂମିକା ରହିଛି

### ମୋ ସ୍କୁଲ ଅଭିଯାନର ୫ମ ବାର୍ଷିକୋତ୍ସବ ଓ ଜିଲାସ୍ତରୀୟ ଆଲୁମ୍ନି ମିଟ୍

ଖୋର୍ଦ୍ଧା ଅଫିସ,୧୭।୨


ମୋ ସ୍କୁଲ ଅଭିଯାନର ୫ମ ବାର୍ଷିକୋତ୍ସବ ଓ ଜିଲାସ୍ତରୀୟ ଆଲୁମ୍ନି ମିଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଜିଲା ମୋ ସ୍କୁଲ ଅଭିଯାନର ପଞ୍ଚମ ବାର୍ଷିକ ଉତ୍ସବ ଓ ଜିଲାସ୍ତରୀୟ ଆଲୁମ୍ନି ମିଟ୍ ସମାରୋହ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିଦ୍ୟାଳୟ ଉନ୍ନତିରେ ଆଲୁମ୍ନିର ପ୍ରମୁଖ ଭୂମିକା ରହିଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଦ୍ୟାଳୟର ଉନ୍ନତି, ଲାଇବ୍ରେରି, ବିଜ୍ଞାନାଗାର, କମ୍ପ୍ୟୁଟର ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କଲେ ସରକାରଙ୍କ ଲକ୍ଷ୍ୟ ପୂରଣ ହେବା ସହିତ ଛାତ୍ରୀଛାତ୍ରଙ୍କ ଉନ୍ନତି ହୋଇପାରିବ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ତରାଇ ଏହି ଆଲୁମ୍ନି ମିଟ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲାର ୧୦ଟି ବ୍ଲକର ଶିକ୍ଷା ଅଧିକାରୀମାନେ ଅଂଶଗ୍ରହଣ କରିଥିବା ବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ ଧନ୍ୟବାଦ ଦେଇଥିଲେ। ମଧ୍ୟାହ୍ନ ଅଧିବେଶନରେ ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ନିରଞ୍ଜନ ମହାନ୍ତି, ସନାତନ ଜାଲି, ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡ଼ା, ଭାସ୍କର ଚନ୍ଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମର ଆଲୁମ୍ନି ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ କ'ଣ କରିଛନ୍ତି ଓ କ'ଣ କରିବାକୁ ଆଗାମୀ ଯୋଜନା କରିଛନ୍ତି ସେନେଇ ମତ ରଖିଥଲେ। ପ୍ରଧାନ ଶିକ୍ଷକ ଅଞ୍ଜନ କୁମାର ରାୟ, ଶିକ୍ଷକ ବିଭୁପ୍ରସାଦ ସେନାପତି, ଖୋର୍ଦ୍ଧା ବ୍ଲକର ସମସ୍ତ ସିଆର୍ସିସି, ବିଭିନ୍ନ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତା ସର୍ବଶ୍ରୀ ସୁଧାକର ମହାପାତ୍ର, ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ, ଏବିଇଓ ଭରତ ଚନ୍ଦ୍ର ପ୍ରଧାନ, ଅଭିରାମ ବେହେରା, ନବକିଶୋର ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଗହୋର ଅଲ୍ଲୀ ପରିଚାଳନାରେ ସହାୟତା କରିଥିଲେ। ସମସ୍ତ ବ୍ଲକର ଶିକ୍ଷା ଅଧିକାରୀ ସେମାନଙ୍କ ବ୍ଲକର ମୋ ସ୍କୁଲ କାର୍ଯ୍ୟକ୍ରମ ଡକ୍ୟୁମେଣ୍ଟେଶନ୍ ପ୍ରଦର୍ଶନ କରିଥିଲେ। ଖୋର୍ଦ୍ଧା ବ୍ଲକର ଏମ୍ଆଇଏସ୍ ପବିତ୍ର ପାଣି ଓ ରୂପକ ସିଂହ ଏହି କାର୍ଯ୍ୟକ୍ରମକୁ ଡେକ୍ସଟପ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ପାଇକ ଆଖଡ଼ା, ଭୁବନେଶ୍ୱର ବ୍ଲକର ସିଆର୍ସିସିମାନେ ଦାଶକାଠିଆ ମାଧ୍ୟମରେ ମୋ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

# ଠକେଇ ଟଙ୍କାରେ ଯାତ୍ରା ପାର୍ଟି

ଭୁବନେଶ୍ୱର,(ବ୍ୟୁରୋ)/ ବାଲିଅନ୍ତା, ୧୭।୨ (ଡି.ଏନ୍.ଏ.)

## ପୋଲିସ, ଡାକ୍ତର ପରିଚୟ ଦେଇ ଫସାଉଥିଲେ





ରଞ୍ଜନ କୁମାର ନାୟକ

କେତେବେଳେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ତ ଆଉ କେତେବେଳେ ଡାକ୍ତର ପରିଚୟ ଦେଇ ଫସାଉଥିଲେ। ଏଏସ୍‌ଓ, ଫାର୍ମାସିଷ୍ଟ ଆଦି ବିଭିନ୍ନ ଚାକିରି ଦେବା ଆଳରେ ବହୁ ଯୁବତୀଯୁବକ ଓ ଚାକିରି ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେଉଥିଲେ। ଆଉ ଉକ୍ତ ଟଙ୍କାରେ ଯାତ୍ରା ପାର୍ଟି ଚଳାଉଥିଲେ। ନାଁ ବଦଳାଇ ମାଲିକ ସାଜିଥିଲେ। ସାରା ରାଜ୍ୟରେ ଏହି ବଡ଼ ଠକେଇ ରାକେଟ ଚଳାଇଥିବା ମାଷ୍ଟରମାଇଣ୍ଡ ଏବେ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ହେଲେ କଟକ ଜିଲା ସଦର ଥାନା ଅନ୍ତର୍ଗତ ବାଲିକୁଦା ଜଗନ୍ନାଥ ବିହାର ଗ୍ରାମର ରଞ୍ଜନ କୁମାର ନାୟକ (୩୮)। ଭୁବନେଶ୍ୱର ପାହାଲ ଥାନା ପୋଲିସ ଅଭିଯୁକ୍ତ ରଞ୍ଜନଙ୍କୁ କଟକ ପ୍ରତାପନଗରୀ ଅଞ୍ଚଳରୁ ଶୁକ୍ରବାର ଗିରଫ କରିଛି। ତାଙ୍କଠାରୁ ୨ଟି ମୋବାଇଲ, ପୋଲିସ ଓ ଡାକ୍ତର ପୋଷାକ, ୨ ବ୍ୟାଙ୍କ ପାସ୍‌ବୁକ ଆଦି ଜବତ କରିଛି। ପୋଲିସ ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ସଦର ଥାନାରେ ତାଙ୍କ ନାମରେ ଆଉଏକ ମାମଲା ରହିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ରଞ୍ଜନ ପୂର୍ବରୁ ପାହାଳସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସେହି ସମୟରେ ଅର୍ଥାତ୍ ୨୦୨୨ ଜାନୁୟାରୀରେ ସେ ଭରତପୁର ଅଞ୍ଚଳରେ ରହୁଥିବା ରାଉରକେଲାର ଅକ୍ଷୟ କୁମାର ମହନ୍ତିଙ୍କୁ ହାଇକୋର୍ଟରେ ଏଏସ୍‌ଓ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ୧୦ରୁ ୧୨ ଲକ୍ଷ ଟଙ୍କା ମାଗିଥିଲେ। ଏହାପରେ ଅକ୍ଷୟ ବିଭିନ୍ନ ପର୍ଯ୍ୟାୟରେ ତାଙ୍କୁ ଓ ସହଯୋଗୀଙ୍କ ଜରିଆରେ ମୋଟ ୮ ଲକ୍ଷ ୨ ହଜାର ଟଙ୍କା ଦେଇଥିଲେ। ଏଏସ୍‌ଓ ପରୀକ୍ଷା ଫଳ ବାହାରିବା ପରେ ଅକ୍ଷୟଙ୍କ ନାଁ ନ ଥିବାରୁ ସେ ରଞ୍ଜନଙ୍କୁ ପଚାରିଥିଲେ। ଏହାପରେ ରଞ୍ଜନ ଏକ ନକଲି ନିଯୁକ୍ତି ପତ୍ର ଦେଇଥିଲେ। ତେବେ ସେଥିରେ ନାଁ ଭୁଲ ଥିବାରୁ ଅକ୍ଷୟ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଅକ୍ଷୟ ଟଙ୍କା ମାଗିବାରୁ ରଞ୍ଜନ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇ ଆସୁଥିଲେ। ବୁଧବାର ଅକ୍ଷୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ରଞ୍ଜନଙ୍କ ନାମରେ ଧରଣୀଧର ପଣ୍ଡା ନାମକ ଆଉଜଣେ ଯୁବକ ମଧ୍ୟ ଅଭିଯୋଗ କରିଥିଲେ। ହାଇକୋର୍ଟରେ ଏଏସ୍‌ଓ ଚାକିରି ଦେବାକୁ କହି ରଞ୍ଜନ ତାଙ୍କଠାରୁ ୭ ଲକ୍ଷ ୬୮ ହଜାର ଟଙ୍କା ନେଇଯାଇଥିବା ଧରଣୀଧର ଏତଲାରେ ଉଲ୍ଲେଖ କରିଛନ୍ତି। ଏସଂକ୍ରାନ୍ତରେ ପୋଲିସ ଦ୍ୱିତୀୟ ମାମଲା (ନଂ.୫୬/୨୦୨୩) ରୁଜୁ କରିଛି। ଏହି ଦୁଇଟି ମାମଲାର ତଦନ୍ତ ସମୟରେ ପୋଲିସ ରଞ୍ଜନଙ୍କ ଠକେଇ ସାମ୍ରାଜ୍ୟ ବିଷୟରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି। ଭୁବନେଶ୍ୱର ବ୍ୟତୀତ ସମ୍ବଲପୁର, ବଡ଼ଗଡ଼, କଳାହାଣ୍ଡି ଆଦି ଜିଲାରେ ମଧ୍ୟ ରଞ୍ଜନ ଚାକିରି ଦେବାକୁ କହି ବହୁ ନିରୀହ ଲୋକଙ୍କୁ ଠକେଇ କରିଛି। ଏପରିକି ଭଡ଼ା ଘର ମାଲିକଙ୍କୁ ସେ ସରକାରୀ ଚାକିରିଆ ପରିଚୟ ଦେଇ ରହିଥିଲେ। ନଅ ତାଲାରେ ଚାକିରି କରିଥିବା କହୁଥିଲେ।


ଜବତ ନକଲି ଡ଼ାକ୍ତର ଓ ପୋଲିସ ପୋଷାକ ଏବଂ ଅନ୍ୟାନ୍ୟ ଉପକରଣ।

- ଅଭିଯୁକ୍ତ ଗିରଫ, ରିମାଣ୍ଡରେ ଆସିବେ
- ନକଲି ପୋଲିସ ଓ ଡାକ୍ତର ପୋଷାକ ଜବତ
- ବିଭିନ୍ନ ଜିଲାକୁ ଲମ୍ବିଛି ଠକେଇର ଚେର

### ଯାତ୍ରାପାର୍ଟିରେ ଚଢ଼ାଉ ହେବ

କଟକ ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠ ନିକଟରେ ଅଭିଯୁକ୍ତ ରଞ୍ଜନ କରିଥିବା 'ଭାରତ ଅପେରା' ଯାତ୍ରା ପାର୍ଟିର ଅଫିସ ରହିଛି। ନିହାର ରଞ୍ଜନ ମିଶ୍ର ନାମରେ ରଞ୍ଜନ ପାର୍ଟିର ପ୍ରଯୋଜକ ରହିଛନ୍ତି। ଠକେଇ ସଂକ୍ରାନ୍ତରେ ଅଧିକ ପଚରାଉଚରା ସହ ତଥ୍ୟ ଯୋଗାଡ଼ ପାଇଁ ମାମଲା (ନଂ.୫୬/୨୦୨୩)ରେ ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ପୋଲିସ କୋର୍ଟରେ ଆବେଦନ କରିଛି। ଜୋନ-୪ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି, ରଞ୍ଜନ ଟଙ୍କା ନିବେଶ କରିଥିବା ଯାତ୍ରା ପାର୍ଟିରେ ଚଢ଼ାଉ ହେବ। ରଞ୍ଜନଙ୍କ ସହ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀଙ୍କୁ ପଚରାଉଚରା ସହ ଆବଶ୍ୟକ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିପି କହିଛନ୍ତି।

### ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ନବମ ବାର୍ଷିକ ଶ୍ରାଦ୍ଧୋତ୍ସବ, ଆଇଆର୍‌ସି ଭିଲେଜସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଏଏଲ୍‌ଏସ୍ ଆମ୍ବୁଲାନ୍ସର ଲୋକାର୍ପଣ ଉତ୍ସବ, ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ, ପୂର୍ବାହ୍ନ ୧୦ଟା।

ବାଲିଅନ୍ତା
- ୩୭ତମ ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ଆଖଣ୍ଡଳେଶ୍ୱର ମହାଦେବ ମନ୍ଦିର, ପ୍ରତାପରୁଦ୍ରପୁର, ସନ୍ଧ୍ୟା ୬ଟା।
- ବାର୍ଷିକ ବାଦିପାଲା, ଶାଳେଶ୍ୱର, ରାତି ୭ଟା ୩୦ ।

ଜଟଣୀ
- ବାବା ଆଖଣ୍ଡଳମଣୀ ସମ୍ମାନ ପ୍ରଦାନ ଉତ୍ସବ, ଆଖଣ୍ଡଳମଣୀ ମନ୍ଦିର ପରିସର, ରାମଚନ୍ଦ୍ରପୁର ବଜାର, ସନ୍ଧ୍ୟା ୬ଟା।

କଟକ
- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ୨୯ତମ ବାର୍ଷିକ ଅଖଣ୍ଡ ଭଜନ ସମାରୋହ, ମଦନମୋହନ ଜୀଉ ମନ୍ଦିର ସମ୍ମୁଖ, ସାଆନ୍ତ ସାହି, ସକାଳ ୬ଟା।
- ସର୍ବେ ଭନ୍ତୁ ସୁଖିନଃ ସଂଗଠନ ପକ୍ଷରୁ ସେବା କାର୍ଯ୍ୟକ୍ରମ, ଆଚାର୍ଯ୍ୟ ହରିହର କର୍କଟକେନ୍ଦ୍ର, ସକାଳ ୭ଟା ୩୦।

ପୁରୀ
- ହାପିନେସ୍ ଫାଉଣ୍ଡେଶନ୍ ପକ୍ଷରୁ ଜଳସେବା, ଲୋକନାଥ ମନ୍ଦିର, ସକାଳ ୯ଟା।
- ମଧୁବନ ଶିଶୁମନ୍ଦିର ପକ୍ଷରୁ ଜଳଦାନ ଶିବିର, ଆଖଣ୍ଡଳମଣି ମନ୍ଦିର ପରିସର, ସକାଳ ୯ଟା।
- ବୃହତ ଜାଗର ଦୀପ ପ୍ରଜ୍ୱଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ମୁକୁନ୍ଦ ମିଶ୍ର ନଗର, ମଧ୍ୟାହ୍ନ ୧୨ଟା।
- ଭାରତ ଭ୍ରମଣ ଓ ପର୍ଯ୍ୟଟନ ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବ, ଗୋଲଡେନ୍ ବିଚ୍, ମଧ୍ୟାହ୍ନ ୧୨ଟା।
- ଶ୍ରୀଲୋକନଥ ଦେବ ସାଂସ୍କୃତିକ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଜାଗରପଦା ଶ୍ରୀଲୋନନାଥ ମନ୍ଦିର, ସନ୍ଧ୍ୟା ୭ଟା।


କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କିଶନ ରାଓ କରଦ ସସ୍ତ୍ରୀକ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ

**ପୁରୀ ଅଫିସ, ୧୭।୨:** କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କିଶନ ରାଓ କରଦ ସସ୍ତ୍ରୀକ ଶୁକ୍ରବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମନ୍ତ୍ରୀ କରଦ ଓ ତାଙ୍କ ସହଧର୍ମିଣୀ ଅଞ୍ଜଲିଙ୍କୁ ସେବାୟତମାନେ ସ୍ୱାଗତ କରାଯାଇଥିଲା। ଦୁହେଁ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଭିତରବେଢ଼ାରେ ପାର୍ଶ୍ୱଦେବଦେବୀ, ବଟ ଗଣେଶ, ମା' ବିମଳା ଏବଂ ମା' ଲକ୍ଷ୍ମୀଙ୍କୁ ଦର୍ଶନ ସାରି ପ୍ରସ୍ଥାନ କରିଥିଲେ। ମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ, ପତିତପାବନ ବାନା, ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

## ମହିଳା କାରିଗରଙ୍କୁ ନେଇ ଆରମ୍ଭ ହେଲା 'ସ୍ନେହା ସମ୍ପୂର୍ଣ୍ଣା'

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ତଳସ୍ତରର କାରିଗରଙ୍କ ଦକ୍ଷତା ଓ କଳାକୁ ସମସ୍ତେ ଚିହ୍ନିବେ। ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳିବ। ଓଡ଼ିଶାର ସଂସ୍କୃତି ସହ କାରିଗରି ବିଶ୍ୱସ୍ତରରେ ପହଞ୍ଚିବ ବୋଲି ଶୁକ୍ରବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ବ୍ରାଣ୍ଡ୍ 'ସ୍ନେହା ସମ୍ପୂର୍ଣ୍ଣା'ର ପ୍ରଥମ ମହିଳା ହସ୍ତତନ୍ତ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ସେ କହିଛନ୍ତି, ଏହାକୁ ଆରମ୍ଭ କରିଥିବା ୩ ମହିଳା ତ୍ରିଶକ୍ତି ହୋଇ କାରିଗରମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତୁ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କହିଛନ୍ତି, ହସ୍ତଶିଳ୍ପ ଓ ହସ୍ତକଳାର ଆଦର ଦିନକୁ ଦିନ ବଢୁଛି। କାରିଗରଙ୍କ ହାତତିଆରି ଶାଢ଼ି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମଧ୍ୟ ପ୍ରଶଂସିତ ହେଉଛି। କିନ୍ତୁ କାରିଗରମାନେ ଏହାର ଉଚିତ୍ ମୂଲ୍ୟ ପାଇପାରୁନାହାନ୍ତି। ବ୍ୟବସାୟ କରୁଥିବା ଲୋକ ଏହାର ଫାଇଦା ଉଠାଉଛନ୍ତି। ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ସ୍ନେହା ସମ୍ପୂର୍ଣ୍ଣା' ମହିଳାଙ୍କ ଉନ୍ନତିରେ ସହାୟକ ହେଉ ବୋଲି ଆଶାବ୍ୟକ୍ତ କରିଥିଲେ। ମହିଳାଙ୍କ ଆତ୍ମବିଶ୍ୱାସ, ଦକ୍ଷତା ବୃଦ୍ଧି ସହ ଭଲ ଶାଢ଼ିଟିଏ ପାଇଁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ ବୋଲି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମିଶନ ଶକ୍ତି ପରାମର୍ଶଦାତା ଲୋପାମୁଦ୍ରା ବକ୍ସିପାତ୍ର ଓ ସମାଜସେବୀ ନମ୍ରତା ଚଢ଼ା କହିଥିଲେ। ଏହି ଅବସରରେ ଅତିଥିମାନେ ଅନ୍‌ଲାଇନରେ 'ସ୍ନେହା ସମ୍ପୂର୍ଣ୍ଣା' ୱେବ୍‌ସାଇଟ୍ ଓ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଖଣ୍ଡୁଆ ପାଟ, ବାଗଲପୁରୀ, ମତ୍ସ୍ୟ, ଓଲଟା ଶୁଆ ଆଦି ବିଭିନ୍ନ ଶାଢ଼ି ଦେଖିବାକୁ ମିଳୁଛି। ୨୨୦୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଶାଢ଼ି ଉପଲବ୍ଧ ରହିଛି।

ସମାଜସେବୀ ତଥା ସ୍ତମ୍ଭକାର ପ୍ରୀତିଛନ୍ଦା ଧଳ, କବି ବନ୍ଦନା ପଣ୍ଡା ଓ ସମାଜସେବୀ ସଂଘମିତ୍ରା ପାଢ଼ୀଙ୍କ ମିଳିତ ଉଦ୍ୟମରେ ଏହି ବ୍ରାଣ୍ଡ୍ ଆରମ୍ଭ ହୋଇଛି। ୨୨ ମହିଳା କାରିଗରଙ୍କ ହାତର ନିଖୁଣ କାରିଗରିରେ 'ସ୍ନେହା ସମ୍ପୂର୍ଣ୍ଣା' ପରିଚୟ ପାଇଥିବା ସମାଜସେବୀ ଧଳ କହିଥିଲେ। କାର୍ଯ୍ୟକ୍ରମକୁ ସୁପ୍ରିୟା ପଣ୍ଡା ସଂଯୋଜନା କରିଥିଲେ। ଏହା ପରେ ପ୍ରୀତିଜ୍ୟୋତ୍ସ୍ନା ଦେଓଙ୍କ ସଂଯୋଜନାରେ ଏକ ଟକ୍ ଶୋ 'ସୂତାର କାରିଗରି ସୁନାର ଓଡ଼ିଶା' ଆରମ୍ଭ ହୋଇଥିଲା। ଏଥିରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ଲେଖିକା ପ୍ରୀତି ରାୟ, ସମାଜସେବୀ ସ୍ନେହା ମିଶ୍ର, ସମାଜସେବୀ ମୀରା ପରିଡ଼ା ଓ ସମାଜସେବୀ ଧଳ ନିଜ ମତ ରଖିଥିଲେ।


ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲିପୁ


@ ସୌମ୍ୟ


@ ଅମ୍ରିତା


@ ଦୀପା


@ ବନ୍ଦିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ହୀରାକୁଦ ଜଳଭଣ୍ଡାର ଉପକଣ୍ଠରେ ଥିବା ୩୨ ଅଣ ରାଜସ୍ୱ ଗ୍ରାମର ତୁରନ୍ତ ସର୍ଭେ, ବିସ୍ଥାପିତଙ୍କୁ ୧୦ଡିସିମିଲ ଲେଖାଏ ଘରଡିହ ପଟ୍ଟା ଆଦି ବିଭିନ୍ନ ଦାବିନେଇ ହୀରାକୁଦ ବୁଡ଼ିଅଞ୍ଚଳବାସୀଙ୍କ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।



ପୁରୁଣା ଭୁବନେଶ୍ୱରର ଲୁଇସ୍ ରୋଡ୍ ପାର୍ଶ୍ୱରେ ଥିବା ଐତିହ୍ୟ କଣ୍ଡରା ପୁଷ୍କରିଣୀର ପୁନରୁଦ୍ଧାର ଦାବିରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଜାରି ରହିଛି।


ପୁରୀ ବାଲିସାହିସ୍ଥିତ ଜୀୟର ସ୍ୱାମୀ ମଠ ପକ୍ଷରୁ ଶୁକ୍ରବାର ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମାଗଣା ବ୍ରତୋପନୟନ କାର୍ଯ୍ୟକ୍ରମ।



# ଆଜି ଜାଗର ଝଲସୁଛି ଲିଙ୍ଗରାଜ ମନ୍ଦିର

**ପୁରୁଣା ଭୁବନେଶ୍ୱର, ୧୭।୨ (ଡି.ଏନ୍.ଏ.)**

ଶନିବାର ମହାଶିବରାତ୍ରି ତଥା ଜାଗରଯାତ୍ରା। ଉତ୍ସବ ମୁଖରିତ ହୋଇଉଠିଛି ଏକାମ୍ର କ୍ଷେତ୍ର। ଫୁଲରେ ଝଲସୁଛି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର। ପ୍ରଶାସନର ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବା ବେଳେ ଏଥର ନୂଆ ରୂପରେ ଦୃଶ୍ୟମାନ ହେଉଛି ସାରା ଅଞ୍ଚଳ। ବିଏମ୍‌ସି ଗାଇଡ୍‌ଲାଇନ ମୁତାବକ ଲିଙ୍ଗରାଜଙ୍କ ଜାଗରଯାତ୍ରା ଅନୁଷ୍ଠିତ ହେବ। ମହାପ୍ରଭୁ ଓ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଛି।

ଶନିବାର ପ୍ରାତଃ ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳଆଳତି, ଅବକାଶ ନୀତି ପରେ ସାହାଣମେଲା ଦର୍ଶନ ହେବ। ସିଂହଦ୍ୱାର ସମ୍ମୁଖରୁ ବ୍ୟାରିକେଡ ଦେଇ ଶ୍ରଦ୍ଧାଳୁ ଆଡ଼କାଠଠାରେ ଦର୍ଶନ କରି ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଭିଆଇପି, ଭିଭିଆଇପି, ପାସ୍‌ଧାରୀ ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରିବେ। ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା ନେଇ କମିଶନରେଟ ପୋଲିସ ପକ୍ଷରୁ ଆଲର୍ଟମେଣ୍ଟ ଜାରି ହୋଇଛି। କଳ୍ପନା ପଟୁ ଆସୁଥିବା ଯାନବାହନ କେଦାରଗୌରୀ, ବିନ୍ଦୁସାଗର ଛକ ରାସ୍ତା ପାର୍ଶ୍ୱରେ ପାର୍କିଂ କରାଯିବ। କୌଣସି ଭାରିଯାନ ମନ୍ଦିର ରାସ୍ତାକୁ ପ୍ରବେଶ କରିବ ନାହିଁ। ସାମନ୍ତରାପୁର, ଗ୍ୟାରେଜ ଛକ ପଟୁ ଆସୁଥିବା ଯାନବାହନ ଇଲେକ୍ଟ୍ରି ଅଫିସ ନିକଟରେ ପାର୍କିଂ କରାଯିବ।



ରଙ୍ଗିନ ଆଲୋକରେ ଝଲସୁଛି କଟକ ଗଡ଼ଗଡ଼େଶ୍ୱର ମନ୍ଦିର।



## ମାଟି, ତୁଳା, କାଗଜରେ ମହାଦେବ

**ମହାଶିବରାତ୍ରିର ଶୁଭେଚ୍ଛା ଜଣାଇଲେ ଶିଳ୍ପୀ ଏଲ୍. ଈଶ୍ୱର ରାଓ**

**ଖୋର୍ଦ୍ଧା ଅଫିସ, ୧୭।୨**

କାଚ ବୋତଲରେ ଶିବଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ମହାଶିବରାତ୍ରିର ଶୁଭେଚ୍ଛା ଜଣାଇଛନ୍ତି ସୂକ୍ଷ୍ମ କାରୁକାର୍ଯ୍ୟ ଶିଳ୍ପୀ ଏଲ୍. ଈଶ୍ୱର ରାଓ। ଜଟଣୀ ହାଟବଜାର ଗୋପୀନାଥପୁରର ଈଶ୍ୱର ଏକ ୭୫୦ ଏମ୍‌ଏଲ୍‌ର କାଚ ବୋତଲରେ ୫ ଇଞ୍ଚ ଲମ୍ବ ଓ ୪ ଇଞ୍ଚ ଚଉଡ଼ା ମାଟିର ପ୍ରତିମୂର୍ତ୍ତି କରିଛନ୍ତି। ଏଥିଲାଗି ସେ ମାଟି, ତୁଳା, ପେପର ଓ ପ୍ରାକୃତିକ ରଙ୍ଗ ବ୍ୟବହାର କରିଥିବା ବେଳେ ଏହାର ନିର୍ମାଣରେ ତାଙ୍କୁ ୧୦ ଦିନ ସମୟ ଲାଗିଥିବା ସେ କହିଛନ୍ତି। ଏହା ମାଧ୍ୟମରେ ସେ ଜନସାଧାରଣଙ୍କୁ ମହାଶିବରାତ୍ରିର ଶୁଭକାମନା ଜଣାଇବା ସହ ସମସ୍ତଙ୍କ ସୁଖସମୃଦ୍ଧି, ମନସ୍କାମନା ପୂର୍ଣ୍ଣ ପାଇଁ ମହାଦେବଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।



## ଜାଗର ପାଇଁ ପୋଲିସ ସଜାଗ

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ୧୦ ଟାରେ ମହାଦୀପ ଉଠିବା ନେଇ ନୀତି ନିର୍ଘଣ୍ଟ ହୋଇଥିବାବେଳେ ରାଜ୍ୟ ଓ ବାହାରୁ ଭକ୍ତଙ୍କ ସମାଗମ ହୋଇପାରେ। ତେଣୁ ସେମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରସ୍ତୁତ ରହିଥିବା ଶୁକ୍ରବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ରାତି ୨ଟାରୁ ସେବାୟତ ପରିବାର ଉତ୍ତର ଦ୍ୱାର ଦେଇ ଓ ୩ଟାରୁ ସିଂହ ଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କ ପ୍ରବେଶ ବ୍ୟବସ୍ଥା ରହିଛି। ତେଣୁ ଏହା ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ସହ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ସେହିପରି ସ୍ୱତନ୍ତ୍ର ବ୍ୟାରିକେଡ କରାଯାଇଛି। ଗଙ୍ଗା ଯମୁନା ଛକରୁ ବ୍ୟାରିକେଡ ବ୍ୟବସ୍ଥା ହୋଇଥିବାବେଳେ ଗୋଟିଏ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଏସ୍‌ଓଜି ମୁତୟନ ହେବେ। ୪ଟି ସିଫ୍ଟରେ ଡ୍ୟୁଟି କରିବେ ପୋଲିସ। ଡିସିପି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଜଣ ଅତିରିକ୍ତ ଡିସିପି, ୧୧ ଏସିପି, ୧୯ ଆଇଆଇସି, ୭୯ ଜଣ ଏସଆଇ /ଏଏସଆଇ, ୯୩ ଜଣ ଏପିଆର କନ୍‌ଷ୍ଟେବଲ, ୯୧ ସେକ୍ସନ ଫୋର୍ସ ସମେତ ୧୦୯ ଜଣ ଗୃହରକ୍ଷୀ ଏବଂ ୩୨ ପ୍ଲାଟୁନ ପୋଲିସ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଏହାସହ ୧୩ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ମନ୍ଦିର ସମ୍ମୁଖ ରାସ୍ତାକୁ ୱାନ୍ ୱେ କରାଯାଇଛି । ୧୦୦ ମିଟର ପରିଧି ମଧ୍ୟରେ ଗାଡି ଚଳାଚଳ ନିଷିଦ୍ଧ କରାଯାଇଛି। ସେହିପରି ପକେଟ୍‌ମାର, ଛିନତାଇ ଉପରେ ସାଦା ପୋଷାକଧାରୀ ପୋଲିସ ନଜର ରଖିବା ସହ ପୂରା ଅଞ୍ଚଳ ସିସିଟିଭି ସର୍ଭେଲାନ୍ସରେ ରଖାଯାଇଥିବା ଡିସିପି ସିଂ ସୂଚନା ଦେଇଛନ୍ତି।

**୩୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**



କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସଜାଯାଇଛି।

## ଅମରେଶ୍ୱର ମନ୍ଦିର: ରାତି ୪ଟାରୁ ମହାଦୀପ ଦର୍ଶନ

**କଟକ ଅଫିସ, ୧୭।୨**

ଶନିବାର ମହାଶିବରାତ୍ରୀ। ବିଭିନ୍ନ ଶୈବପୀଠରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ଏଥିପାଇଁ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡିଥିବାବେଳେ ଶୁକ୍ରବାର ସୁଦ୍ଧା ପ୍ରସ୍ତୁତି ଶେଷ ହୋଇଛି। ମନ୍ଦିରଗୁଡିକ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠୁଛି। ବିଶେଷକରି କଟକ ସହରର ଶୈବପୀଠଗୁଡିକରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ରାତି ୩ଟାରୁ ୪ଟା ମଧ୍ୟରେ କଟକର ବାବା ଗଡ଼ଗଡେଶ୍ୱର ମନ୍ଦିରରେ ଠାକୁରଙ୍କ ଆଳତି ଶେଷ ହେବ। ପରେ ସାଧାରଣ ଦର୍ଶନ ଆରମ୍ଭ ହେବ। ଶନିବାର ରାତି ୧୨ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ପୂଜକ କହିଛନ୍ତି। ସେହିପରି ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରରେ ରାତି ୪ଟାରୁ ସାଢେ ୪ଟା ମଧ୍ୟରେ ମହାଦୀପ ଉଠିବ ବୋଲି ପୂଜକ ସୂଚନା ଦେଇଛନ୍ତି।

## ରାତି ୩ରେ ଉଠିବ ମହାଦୀପ

**ଶ୍ରୀଲୋକନାଥ ମନ୍ଦିର**

- ଶ୍ରଦ୍ଧାଳୁଙ୍କ ନିମନ୍ତେ ଟିକେଟ୍ ଦର୍ଶନ ବ୍ୟବସ୍ଥା
- ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ ଫୋର୍ସ

**ପୁରୀ ଅଫିସ, ୧୭।୨:**

ମହାଶିବରାତ୍ରି ତଥା ଜାଗର ପାଇଁ ପୁରୀ ଜିଲାର ପ୍ରମୁଖ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ଶନିବାର ମହାଶିବରାତ୍ରି ତଥା ଜାଗରରେ ଶ୍ରଦ୍ଧାଳୁମାନେ ଉପବାସ କରିବା ସହ ରାତି ଉଜାଗର ରହି ଜାଗର ଦୀପ ଜାଳିବେ। ବିଶେଷକରି ପୁରୀ ସହରର ପଞ୍ଚମହାଦେବ ଅର୍ଥାତ ଶ୍ରୀଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଶ୍ରୀଲୋକନାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପ୍ରଶାସନଠାରୁ ଆରମ୍ଭ କରି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଦ୍ୱାରଫିଟାଠାରୁ ଆରମ୍ଭକରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁ ନୀତି କିପରି ସୁଚାରୁ ରୂପେ ସମ୍ପନ୍ନ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀଲୋକନାଥ ମନ୍ଦିରକୁ ବିଭିନ୍ନ ଫୁଲ ଏବଂ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଛି। ସେହିପରି ଚଳିତ ବର୍ଷ ଟିକେଟ୍ ଦର୍ଶନର ବ୍ୟବସ୍ଥା କରାଯାଇଛି। ଶ୍ରୀଲୋକନାଥ ପୀଠରେ ଶୃଙ୍ଖଳିତ ଜାଗର ଯାତ୍ରା ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ନୀତି ନିର୍ଘଣ୍ଟ କରାଯାଇଛି। ଶୁକ୍ରବାର ରାତି ସାଢେ ୧୨ଟାରେ ଦ୍ୱାର ଫିଟିବ। ରାତି ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଇତ୍ୟାଦି ନୀତି ସରିବ। ଭୋର ୪ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଶନିବାର ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ରାତି ୧୦ରୁ ୨ଟା ମଧ୍ୟରେ ଅନ୍ୟାନ୍ୟ ନୀତି ହେବ। ରାତ୍ର ୨ରୁ ୩ଟା ମଧ୍ୟରେ ହରିହର ପୂଜା ଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ବେଶ ସରି ଶନିବାର ରାତି ୩ଟାରେ ମହାଦୀପ ଉଠିବା ଲାଗି ସ୍ଥିର ହୋଇଛି। ଅପରପକ୍ଷେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ଶନିବାର ରାତି ସାଢ଼େ ୧୧ଟାରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବା ଲାଗି ସମୟ ନିର୍ଘଣ୍ଟ ସ୍ଥିର କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଲୁଟେରାଙ୍କ ଉପରେ ପୋଲିସ ସ୍ୱତନ୍ତ୍ର ନଜର ରଖିବ ବୋଲି ସୂଚନା ମିଳିଛି।



## ଉତ୍ସବମୁଖର ଶୈବପୀଠ

**ଖୋର୍ଦ୍ଧା ଅଫିସ, ୧୭।୨**

ମହାଶିବରାତ୍ରି ପାଇଁ ଖୋର୍ଦ୍ଧା ଗୁରୁଜଙ୍ଗର ଧବଳେଶ୍ୱର, ନବୀନାବାଗର ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଉପରସାହିର ବାଲୁଙ୍କେଶ୍ୱର, ଭାଲିଆବାଡିର ଲୋକେଶ୍ୱର, ବାଲୁଙ୍କେଶ୍ୱର, ଅସୁରେଶ୍ୱର, ଟିଏଲସିର ତାରକେଶ୍ୱର, ବାଘମାରୀସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱର, ଗୋଡା ସ୍ଥିତ ଗୋଡ଼ା ଶ୍ରୀଲୋକନାଥ, ଟାଙ୍ଗୀର ଚଣ୍ଡେଶ୍ୱର, ପଶ୍ଚିମେଶ୍ୱର ମହାଦେବଙ୍କ ସମେତ ବିଭିନ୍ନ ଅଞ୍ଚଳରେ ଥିବା ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ଶୈବପୀଠଗୁଡିକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଧବଳେଶ୍ୱରଙ୍କ ପୀଠରେ ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ୧୨ଟାରେ ମଧ୍ୟାହ୍ନ ଧୂପ, ରାତି ୧୦ଟାରେ ହରିହର ଭେଟ ଓ ୧୧ଟାରେ ମହାଦୀପ ଉଠିବ ବୋଲି ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି। ସେହିପରି ଅଟ୍ରିସ୍ଥିତ ହଟ୍ଟକେଶ୍ୱରଙ୍କ ପୀଠରେ ରାତି ୧୧ଟା ମହାଦୀପ ଉଠିବ। ସନ୍ଧ୍ୟାରୁ ଭଜନ ସମାରୋହ ହେବ ବୋଲି ସେବାୟତ ଦିଲୀପ ପଣ୍ଡା କହିଛନ୍ତି।



ଜାଗର ଉପଲକ୍ଷେ ପୁରୀ ବାଲିଗୁଆଳିଠାରେ ଶୁକ୍ରବାର ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳା।




ମହାଶିବରାତ୍ରି ଓ ବିଶ୍ୱଶାନ୍ତି ପାଇଁ ପୁରୀ ବେଳାଭୂମିରେ ଶୁକ୍ରବାର ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ସଂକ୍ଷେପରେ

### ନଳକୂପରେ ବନ୍ଧାଯାଇଛି ବିଦ୍ୟୁତ୍ ତାର

ବାରଙ୍ଗ,୧୭।୨(ଡି.ଏନ୍.ଏ.): ଗୋଡ଼ିସାହି ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା ବିଭିନ୍ନ ଗ୍ରାମର କେତେକ ସ୍ଥାନରେ ଅତି ବିପଦସଙ୍କୁଳ



ଅବସ୍ଥାରେ ବିଦ୍ୟୁତ୍‌ଖୁଣ୍ଟ ଓ ତାର ଝୁଲି ରହିଥିବାର ଦେଖିବାକୁ ମିଳିଛି। ଏମିତି ଏକ ଦୃଶ୍ୟ ନରାଜ ତଳଗଡ଼ ଗ୍ରାମରେ ଦେଖିବାକୁ ମିଳିଛି। ସିଦ୍ଧେଶ୍ୱର ମନ୍ଦିର ଯିବା ବାଟରେ ରହିଛି ଏକ ନଳକୂପ। ଏହି ନଳକୂପ ପାଖରେ ଏକ ବିଦ୍ୟୁତଖୁଣ୍ଟ ରହିଛି। କିନ୍ତୁ ବିଦ୍ୟୁତ୍‌ଖୁଣ୍ଟିର ସୁରକ୍ଷା ପାଇଁ ସେଠାରୁ ଏକ ତାର ଆସି ଟ୍ୟୁବ୍‌ୱେଲରେ ବନ୍ଧାଯାଇଛି। ବିପଦସଙ୍କୁଳ ଅବସ୍ଥାରେ ଏହାଥିବାରୁ ଗ୍ରାମବାସୀ ଟ୍ୟୁବ୍‌ୱେଲରୁ ଆଉ ପାଣି ନେଉନାହାନ୍ତି। ଶନିବାର ଜାଗର ହୋଇଥିବାରୁ ସିଦ୍ଧେଶ୍ୱର ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଜନଗହଳି ଲାଗିରହିବ। କେହି ଯଦି ଜାଣି ନ ପାରି ଏହି ଟ୍ୟୁବ୍‌ୱେଲକୁ ବ୍ୟବହାର କରେ ଧନଜୀବନ ହାନୀ ହେବାର ଆଶଙ୍କା ଥିବାର ଅନୁମାନ କରାଯାଉଛି। ଏ ବିଷୟରେ ଗ୍ରାମବାସୀ ବହୁବାର ଗୋଡ଼ିସାହି ବିଦ୍ୟୁତ୍ ବିଭାଗକୁ କହିଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ

ବାଲିପାଟଣା,୧୭।୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ବନମାଳିପୁର ଭାକରସାହି ନିକଟ ପୋଲାଙ୍ଗ ତୋଟା ପଡିଆରେ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ ଟିମ୍ ଭାଗ ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚକୁ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ଗଡପଲା ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ବାଲିପାଟଣା ଥାନା ଏଏସଆଇ ରାକେଶ କୁମାର ସାମଲ, ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା, ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ନିଆଳି ଓ ଭୁବନେଶ୍ୱରର ଝରଣା ଟିମ୍ ମଧରେ ମ୍ୟାଚ୍ ହୋଇଥିଲା। ନିଆଳି ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଝରଣା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଜବାବରେ ନିଆଳି ଟିମ୍ ୧୭.୨ ଓଭରରେ ୪ ଉଇକେଟ୍ ହରାଇ ୧୬୬ ରନ କରି ବିଜୟୀ ହୋଇଥିଲା। ଭୀମସେନ ମଣ୍ଡଳ ଓ କାହ୍ନୁ ଚରଣ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ସୁଧାନଗର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ସୁନ୍ଦରଗାଁ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୩୧୧ ରନ୍ କରିଥିଲା। ଜବାବରେ ସୁଧାନଗର ୨୦ ଓଭରରେ ୮ ଉଇକେଟ୍ ହରାଇ ୨୫୪ ରନ୍ ସଂଗ୍ରହ କରି ପରାଜିତ ହେଇଥିଲା। ଭୀମସେନ ମଣ୍ଡଳ, ସୁଜିତ୍ କୁମାର ବିଶ୍ୱାଳ, ଜାହିର ଉଦ୍ଦିନ ଓ ତପନ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

# ୩୦ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ମଞ୍ଜୁରୀ

**ବିଏମ୍‌ସି ନୂଆ କାର୍ଯ୍ୟାଳୟରେ କଣ୍ଟ୍ରାକ୍ଟସ୍ କମିଟି ବୈଠକ**

■ ବଜେଟ୍ ସହିତ ପରିମଳ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)



ବିଏମ୍‌ସି କମିଟି ବୈଠକରେ ଉପସ୍ଥିତ ମେୟର ସୁଲୋଚନା ଦାସ ଓ ଅନ୍ୟ ଅଧିକାରୀମାନେ।

ବିଏମ୍‌ସିର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟନ ହେବା ପରେ ଶୁକ୍ରବାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ମେୟରଙ୍କ ସୁଲୋଚନା ଦାସଙ୍କ ଅଧକ୍ଷତାରେ ବିଏମ୍‌ସି କଣ୍ଟ୍ରାକ୍ଟସ୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ଆସନ୍ତା ୨୦ରେ ହେବାକୁ ଥିବା କର୍ପୋରେଶନ ବୈଠକରେ ବିଏମ୍‌ସିର ଚିଠା ବଜେଟ୍ ପାରିତ ହେବାର ସମ୍ଭାବନା ରହିଛି। ଏ ନେଇ ବଜେଟ୍ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇଥିଲା। ଏଥିସହ ସହରରେ ପରିମଳ ସମ୍ପର୍କିତ କେତେକ ବିଷୟ ଆଲୋଚନା ହୋଇଥିଲା। ପଳାଶୁଣି ଅଞ୍ଚଳରେ ଗୋଟିଏ ମେଗା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ଗୋଟିଏ ମେଗା ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ୍) ସ୍ଥାପନ କରାଯିବ। ତେଣୁ ସହର ପରିମଳ କ୍ଷେତ୍ରରେ ଉନ୍ନତି ପାଇଁ ମନୋନୀତ ଦଳକୁ ଯଥାଶୀଘ୍ର କାର୍ଯ୍ୟକାରୀ ପତ୍ର ପ୍ରଦାନ କରିବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅପରପକ୍ଷେ ପ୍ରଥମ ପର୍ଯ୍ୟାୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୩୦ଟି ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ତେଣୁ ଯଥାଶୀଘ୍ର ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ନିର୍ଦ୍ଧାରିତ ଅଞ୍ଚଳ ଚିହ୍ନଟ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏଥିସହ ବିଏମ୍‌ସି ଇଞ୍ଜିନିୟରିଂ ବିଭାଗ ସହିତ ସମ୍ପୃକ୍ତ ଅଧିକାରୀ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନେଇ ରିପୋର୍ଟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୱାର୍ଡ କାର୍ଯ୍ୟାଳୟଗୁଡିକ ଯେପରି କମ୍ୟୁନିଟି ସ୍ତରରେ ସେବା ସୁନିଶ୍ଚିତ କରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କମିଟି ସଦସ୍ୟ କର୍ପୋରେଟର କେ.ଶାନ୍ତି, ପୁଷ୍ପାଞ୍ଜଳୀ ସେଠୀ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ସାନିଟେଶନ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିରଞ୍ଚି ନାରାୟଣ ମହାସୁପକାର, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ସିଟି ଇଞ୍ଜିନିୟର ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୋଦି-ଆଦାନୀ ଯୋଡ଼ି ସମସ୍ୟା ଆଣିଛି: କଂଗ୍ରେସ



ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା କଂଗ୍ରେସ ନେତୃବୃନ୍ଦ।

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଆଇସିସି ମୁଖପାତ୍ର ଆଲୋକ ଶର୍ମା କହିଛନ୍ତି, ମୋଦି-ଆଦାନୀ ଯୋଡ଼ି ଦେଶ ପାଇଁ ଭୟଙ୍କର ସମସ୍ୟା ଆଣି ଦେଇଛି। ଆଦାନୀ ନୀତି ଦେଶର ଅର୍ଥନୀତି, ଦେଶର ବୈଦେଶିକ ନୀତିରେ ପରିଣତ ହୋଇଛି। ପାର୍ଲାମେଣ୍ଟରେ କଂଗ୍ରେସ ମୋଦି-ଆଦାନୀ ପ୍ରକରଣ ସଂକ୍ରାନ୍ତରେ ଯେଉଁସବୁ ପ୍ରସଙ୍ଗ ଉଠାଇ ଜବାବ ମାଗିଥିଲେ ମୋଦି ଏବଂ କେନ୍ଦ୍ର ସରକାର ସେଗୁଡ଼ିକୁ ଏଡ଼ାଇଦେଇଛନ୍ତି। ପାର୍ଲାମେଣ୍ଟରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧକ୍ଷଙ୍କ ଭାଷଣର ଅନେକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବେଆଇନ ଭାବେ ବିବରଣୀରୁ ବାଦ୍ ଦେଇଛନ୍ତି। ୨୦୧୪ରେ ଗୌତମ ଆଦାନୀ ବିଶ୍ୱର ଧନୀ ତାଲିକାରେ ୬୦୯ ସ୍ଥାନ ଅଧିକାର କରିଥିଲା ବେଳେ ୨୦୨୨ ଶେଷ ବେଳକୁ ସେ ବିଶ୍ୱ ଧନୀ ତାଲିକାରେ ୩ୟ ସ୍ଥାନ ଅଧିକାର କରିଥିଲେ। ୨୦୧୪ ବେଳକୁ ତାଙ୍କ ବ୍ୟବସାୟିକ ସମୁଦାୟ ପୁଞ୍ଜି ୫୨ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୨ ଶେଷ ବେଳକୁ ଆଦାନୀଙ୍କର ସମ୍ପତ୍ତି ୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏହା କେବଳ ଆଦାନୀ-ମୋଦି ଅର୍ଥନୀତି ଯୋଗୁ ସମ୍ଭବ ହୋଇଛି ବୋଲି ସେ କହିଛନ୍ତି। ନରେନ୍ଦ୍ର ମୋଦି ଓ ଆଦାନୀ ମହା କେଲେଙ୍କାରୀର କଂଗ୍ରେସ ଜେପିସି ତଦନ୍ତ ଦାବି କରୁଥିଲା ବେଳେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଜେପିସି ତଦନ୍ତ ନ କରିବା ପାଇଁ ସେମାନେ ବିଭିନ୍ନ ଆଳ କରୁଛନ୍ତି। ଜେପିସି ତଦନ୍ତ କଲେ ଜେପିସିର ଚେୟାରମ୍ୟାନ ଭାଜପାରୁ ହେବ ଏବଂ ଅଧିକାଂଶ ସଦସ୍ୟ ମଧ ତାଙ୍କ ଦଳରେ ରହିବେ। ତଥାପି କାହିଁକି ସେମାନେ ଭୟ କରୁଛନ୍ତି ବୋଲି ଆଲୋକ ପ୍ରଶ୍ନ କରିଛନ୍ତି।



ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକରେ ପତ୍ରିକା 'କୃତିକା'ର ଦ୍ୱିତୀୟ ସଂସ୍କରଣକୁ ଅତିଥି ଉନ୍ମୋଚନ କରୁଛନ୍ତି।

# ଓୟୁଏଟି ଅଣଶିକ୍ଷକ କର୍ମଚାରୀଙ୍କ ଦାବିକୁ ଗୁରୁତ୍ୱ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଣଶିକ୍ଷକ କର୍ମଚାରୀ ସଂଘର ୩୧ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଓୟୁଏଟି ସ୍ୱାମୀନାଥନ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କର୍ମଚାରୀମାନଙ୍କ ବିଭିନ୍ନ ଦାବିସମ୍ପର୍କରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ସଂଘର ବାର୍ଷିକ ପତ୍ରିକା 'କୃତିକା'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଗତ ବର୍ଷରେ ଓୟୁଏଟିରୁ ଅବସର ନେଇଥିବା ୩୦ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ୨୦୨୩ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରଞ୍ଜନ କୁମାର ସାମନ୍ତରାୟଙ୍କୁ ସଭାପତି, ଜ୍ୟୋତିରଞ୍ଜନ ସେନାପତିଙ୍କୁ ସମ୍ପାଦକ ଏବଂ ଯୁଗ୍ମ ଭାବେ ଅଶୋକ କୁମାର ଦାସ ଏବଂ ସୁକାନ୍ତ କୁମାର ପଲେଇଙ୍କୁ ଉପସଭାପତି ଚୟନ କରାଯାଇଥିଲା।

### ୨୧ରେ ଆନ୍ଦୋଳନକୁ ଓହ୍ଲାଇବେ ଆଶାକର୍ମୀ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଆସନ୍ତା ୨୧ରୁ ଓଡ଼ିଶା ଆଶାକର୍ମୀ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ରାଜ୍ୟ ସରକାର କେନ୍ଦ୍ର ଉପରେ ଦୋଷ ଲଦିଦେଇ ଆଶାକର୍ମୀଙ୍କ ଅନେକ ଅଧିକାର କ୍ଷୁଣ୍ଣ କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ସେହିପରି କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନକୁ ବଜେଟରେ ବୃଦ୍ଧିକରିବା ପରିବର୍ତ୍ତେ ହ୍ରାସ କରିଚାଲିଥିବା ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ତେବେ ୨୦୨୩-୨୪ ବାର୍ଷିକ ବଜେଟ୍ ଉପସ୍ଥାପନରେ ଆଶାକର୍ମୀଙ୍କୁ ନିୟମିତ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ଦରମା, ମାସିକ ୧୦ ହଜାର ଟଙ୍କା ଅବସରକାଳୀନ ଭତ୍ତା, ମୃତ୍ୟୁ ପରେ ପରିବାରକୁ ତଥା ଅବସରକାଳୀନ ସହାୟତା ରାଶି ୮ଲକ୍ଷ ଟଙ୍କାକୁ ବୃଦ୍ଧି ସହ ୨୧ ଦଫା ନେଇ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଆଶାକର୍ମୀ ସଂଗଠନର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ, ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ଼ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମାର୍ଚ୍ଚରେ ଚାଲିବ ରୋପୱେ

ବାରଙ୍ଗ,୧୭।୨(ଡି.ଏନ୍.ଏ.)

**ପୂଜା ହେଲା ମେଶିନ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆସନ୍ତା ମାର୍ଚ୍ଚରେ ଚାଲିବ ରୋପୱେ। ଏହାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ରୋପୱେ କାର୍ଯ୍ୟ କରୁଥିବା ସଂସ୍ଥା ମାଲିକ ଶୁକ୍ରବାର ମେଶିନ ପୂଜା ସହିତ ହୋମଯଜ୍ଞ କରିଛନ୍ତି। ପୂଜାରେ ନନ୍ଦନକାନନ ଉଚ୍ଚ ଅଧିକାରୀମାନଙ୍କ ସମେତ ରୋପୱେର କର୍ମଚାରୀମାନେ ଉପସ୍ଥିତ ଥିଲେ। ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ସଂସ୍ଥାର ମାଲିକ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୬୦୦ ମିଟର ଲମ୍ବ ବିଶିଷ୍ଟ ରୋପୱେ ନିର୍ମାଣ ପାଇଁ ୧୩ କୋଟି ଟଙ୍କା ବ୍ୟୟ କରାଯାଇଛି। ରୋପୱେରେ ଲାଗିଥିବା ପ୍ରତି କ୍ୟାବିନରେ ୬ଜଣ ପର୍ଯ୍ୟଟକ ବସି ବୁଲିପାରିବେ। ୧୨ଟି କ୍ୟାବିନରେ ୭୨ଜଣ ପର୍ଯ୍ୟଟକ ଏକକାଳୀନ ବୁଲିବାର ବ୍ୟବସ୍ଥା ହୋଇଥିବାର ଜଣାପଡ଼ିଛି। ପୂର୍ବରୁ ଦୁଇଥର ଏହି ରୋପୱେ ଚାଲିଥିଲେ ମଧ ଯାନ୍ତ୍ରିକ ତ୍ରୁଟି ଯୋଗୁ ଖରାପ ହୋଇଯାଇଥିଲା। ଫଳରେ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ଚଳାଇବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ।

# ଟଙ୍କା ନ ଦେବାରୁ ବାପାଙ୍କ ବେକ କାଟିଦେଲେ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

**ପୁଅ ଗିରଫ**

ଟଙ୍କା ନ ଦେବାରୁ ବାପାଙ୍କ ବେକକୁ ବ୍ଲେଡରେ କାଟିପକାଇଲା ପୁଅ। ଖଣ୍ଡଗିରି ଥାନା ଅନ୍ତର୍ଗତ ସୁବାସ ନଗର ବସ୍ତିରେ ଦେଖିବାକୁ ମିଳିଛି ଏଭଳି ଅଭାନୀୟ ଘଟଣା। ଏ ନେଇ ବାପା ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ପୁଅଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ସେ ହେଲେ ସୁବାସ ନଗର ବସ୍ତିର ସନାତନ ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସନାତନ ଗୁରୁବାର ସନ୍ଧ୍ୟାରେ ତାଙ୍କ ବାପାଙ୍କୁ କିଛି ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବାକୁ ମନା କରିଥିଲେ। ଫଳରେ ସନାତନ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ। ପୁଅର ଏଭଳି ଆଚରଣକୁ ବାପା ବିରୋଧ କରିବାରୁ ସନାତନ ହଠାତ ଉତ୍ତ୍ୟକ୍ତ ହୋଇ ଏକ ବ୍ଲେଡ ଆଣି ତାଙ୍କ ବେକକୁ କାଟି ଦେଇଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେବା ଯୋଗୁ ତାଙ୍କ ବାପା ଗୁରୁତର ହୋଇପଡ଼ିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ୧୯ରେ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆରମ୍ଭ'

ପୁରୀ ଅଫିସ, ୧୭।୨:

ଆସନ୍ତା ୧୯ ତାରିଖରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଡି-ଡାନ୍ସ ଷ୍ଟୁଡିଓ ପକ୍ଷରୁ ଏକ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆରମ୍ଭ' ଆୟୋଜନ ହେବ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଅନିର୍ବାଣରୟ (ବଂଶୀବାଦକ), ଓଲିଉଡ୍ କଣ୍ଠଶିଳ୍ପୀ ତାରିକ୍ ଅଜିଜଙ୍କ ସମେତ ବହୁ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ ପ୍ରଦାନ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ।

# 'ଏକ୍ସଟିକ ଇଡେନ-ଦି ଲଭର୍ସ ଡେଷ୍ଟିନେଶନ ଅଫ୍ ଓଡ଼ିଶା'ଉନ୍ମୋଚିତ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଗବେଷକ ଜିତେନ୍ଦ୍ର ପଟ୍ଟନାୟକ ଏବଂ ଶିକ୍ଷାବିତ ଶୁଭେନ୍ଦୁ ମହାନ୍ତିଙ୍କ ଦ୍ୱାରା ଲିଖିତ 'ଏକ୍ସଟିକ ଇଡେନ-ଦି ଲଭର୍ସ ଡେଷ୍ଟିନେଶନ ଅଫ ଓଡ଼ିଶା' ଉନ୍ମୋଚିତ ହୋଇଯାଇଛି। ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଅନ୍ତର୍ଜାତୀୟସ୍ତରରେ ପର୍ଯ୍ୟଟକମାନଙ୍କ ପାଇଁ ଉକ୍ତ ପୁସ୍ତକ ବେଶ ଉପଯୋଗୀ ହେବ ଏବଂ ଓଡ଼ିଶାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହେବେ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି। ରାଜଭବନରେ ଲୋକାର୍ପିତ ହୋଇଥିବା ୧୪୦ ପୃଷ୍ଠା ସମ୍ବଳିତ ଉକ୍ତ ପର୍ଯ୍ୟଟନ ଆଧାରିତ ଇଂଲିଶ ଭାଷାରେ ଲିଖିତ ପୁସ୍ତକରେ ଓଡ଼ିଶାର ୩୦ଟି 'ଗ୍ଲାମର ଟୁରିଷ୍ଟ ସ୍ପଟ' ହନିମୁନ ଆଇଲାଣ୍ଡ, ପୁରୁଣ୍ଡି, କୋଇଲି ଘୋଘର, ଫୁଲରୀଝରନ୍, ରାଜହଂସ, ଦେଓମାଳି, ଦାରିଙ୍ଗବାଡ଼ି, ସରାଫଗଡ଼-ବାଡୁନ୍‌ଝରିଆ, ତାଳସାରି, ପ୍ରଧାନପାଟ, ଦେବ୍ରୀଗଡ଼, ଚନ୍ଦ୍ରଭାଗା, ଭିତରକନିକା, ହୀରାକୁଦ ଓ ଗୋଲ୍‌ଡେନ ବିଚ ଆଦି ରହିଛି। ଓଡ଼ିଶାକୁ ଆସୁଥିବା ଯେ କୌଣସି ପର୍ଯ୍ୟଟକ ଏହି ପୁସ୍ତକ ଜରିଆରେ ନିଜ ପର୍ଯ୍ୟଟନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ହୋଇପାରିବେ।

# ବାଘୁଣୀ ଅଙ୍କିତାର ୫ ଶାବକ ଜନ୍ମ

ବାରଙ୍ଗ,୧୭।୨(ଡି.ଏନ୍.ଏ.)

**ଗୋଟିଏ ଶାବକର ମୃତ୍ୟୁ**




ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୧ ନମ୍ବର ଏନକ୍ଲୋଜରର ପଛପଟ ପୃଥକୀକରଣ ଏନକ୍ଲୋଜରରେ ରହୁଥିବା ୧୦ବର୍ଷର ସାଧାରଣ ବାଘୁଣୀ ଅଙ୍କିତା ଦ୍ୱିତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଛି। ଅଙ୍କିତା ଏକାସଙ୍ଗେ ୫ଟି ଶାବକଙ୍କୁ ଜନ୍ମ ଦେଇଥିବାବେଳେ ଜନ୍ମର କିଛି ସମୟ ପରେ ଗୋଟିଏ ଶାବକର ମୃତ୍ୟୁ ହୋଇଛି। ବଞ୍ଚି ରହିଥିବା ଅନ୍ୟ ୪ଟି ଶାବକ କେଉଁ ପ୍ରଜାତିର ଚିହ୍ନଟ ହୋଇ ନ ଥିବାବେଳେ ସମସ୍ତ ନାଲି ରଙ୍ଗର ଶାବକ ବୋଲି ଅନୁମାନ କରାଯାଉଛି। ୪ ଶାବକଙ୍କ ମଧ୍ୟରୁ ପ୍ରଥମ ଶାବକ ଶୁକ୍ରବାର ସକାଳ ୯ଟା ୪୫ ମିନିଟ, ଦ୍ୱିତୀୟ ଶାବକ ପୂର୍ବାହ୍ନ ୧୦ଟା ୧୫, ତୃତୀୟ ଶାବକ ମଧାହ୍ନ ୧୨ଟା ୪୯, ଚତୁର୍ଥ ଶାବକ ଗୋଟାଏ ୧୩ ମିନିଟରେ ଓ ମୃତ୍ୟୁବରଣ କରିଥିବା ଶାବକଟି ୧୦ଟା ୪୭ରେ ଜନ୍ମ ହୋଇଥିବା ଏନକ୍ଲୋଜର ମଧ୍ୟରେ ଲାଗିଥିବା ୪ଟି ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି। ୩୧ନମ୍ବର ଏନକ୍ଲୋଜରରେ ରହୁଥିବା ଜଙ୍ଗଲୀ ବାଘ ନନ୍ଦନ ସହ ମିଳନରୁ ଗର୍ଭଧାରଣ କରିଥିବା ସାଧାରଣ ବାଘୁଣୀ ଅଙ୍କିତା ୧୦୫ଦିନ ପରେ ୫ଟି ଶାବକକୁ ଜନ୍ମ ଦେଇଛି। ଜନ୍ମଦେବା ପରେ ଅଙ୍କିତା ତା' ପିଲାମାନଙ୍କୁ ପାଖରେ ରଖିବା ସହ କ୍ଷୀର ଦେଉଥିବା ଜଣାପଡ଼ିଛି। ଏହି ୪ଟି ଶାବକ ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୭ ଧଳା ବାଘ, ୧୭ ସାଧାରଣ ବାଘ, ୩ କଳା ବାଘ ଓ ନବଜାତ ୪ ଶାବକଙ୍କର ଲିଙ୍ଗ ଚିହ୍ନଟ ହୋଇ ନାହିଁ। ସାଧାରଣତଃ ଏହି ପ୍ରଜାତିର ବାଘ ଦେଶର ସର୍ବତ୍ର ଘଞ୍ଚ ଜଙ୍ଗଲରେ ବସବାସ କରନ୍ତି। ଏମାନେ ମହାବଳଶାଳୀ ଜନ୍ତୁ ରୂପେ ପରିଚିତ। ପ୍ରାୟ ୯୫ରୁ ୧୦୫ଦିନ ଗର୍ଭଧାରଣ କରି ବାଘୁଣୀ ଏକକାଳୀନ ୨ରୁ ୪ଟି ଶାବକ ଜନ୍ମ କରିଥାନ୍ତି।

# ଚୋଡ଼ଗଙ୍ଗ ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

**ଚୋଡ଼ଗଙ୍ଗ ଦେବଙ୍କ ୯୪୫ତମ ରାଜ୍ୟାଭିଷେକ ଦିବସ ପାଳିତ**

ପୁରୀ ଅଫିସ,୧୭।୨



ଚୋଡ଼ଗଙ୍ଗ ଦେବଙ୍କ ସମୟର ଏକ ପ୍ରାଚୀନ ମୂର୍ତ୍ତି।



ରାଜ୍ୟାଭିଷେକ ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ର।

ପୁରୀ ସହରସ୍ଥିତ ଚୁଡ଼ଙ୍ଗସାହି ବଡୁ ମହାପାତ୍ର ଜାଗାରେ ଶୁକ୍ରବାର ମହାନ୍ ଗଙ୍ଗବଂଶୀ ସମ୍ରାଟ ତଥା ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କର ୯୪୫ତମ ରାଜ୍ୟାଭିଷେକ ଦିବସ ଉତ୍ସବ ପାଳିତ ହୋଇଯାଇଛି। ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ୍ ଓ ବଡୁ ମହାପାତ୍ର ଜାଗାର ସଦସ୍ୟମାନଙ୍କ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ପାଳନ କରାଯାଇଥିଲା। ପରେ ବଡୁ ମହାପାତ୍ର ଜାଗାରେ ପୂର୍ବରୁ ପୂଜା ପାଇ ଆସୁଥିବା ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କର ପ୍ରାଚୀନ ପ୍ରତିମାକୁ ଅଭିଷେକ କରାଯାଇଥିଲା।

ଗଙ୍ଗବଂଶୀୟ ଏହି ଶ୍ରେଷ୍ଠ ସମ୍ରାଟଙ୍କ ସିଂହାସନ ଆରୋହଣ ୧୦୭୮ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୧୭ରେ ହୋଇଥିଲା। ୫ବର୍ଷର ସଂଘର୍ଷ ମଧ୍ୟରେ ମାତୁଳ ଚୋଳ ରାଜକୁମାର ବୀରଚୋଡ଼ଙ୍କ ତତ୍ତ୍ୱାବଧାନରେ ଚୋଡ଼ଗଙ୍ଗ ବିରାଟ ଗଙ୍ଗ ସାମ୍ରାଜ୍ୟ ସ୍ଥାପନ କରିପାରିଥିଲେ। ଯାହା ଉତ୍ତରରେ ଗଙ୍ଗାନଦୀଠାରୁ ଆରମ୍ଭ ହୋଇ ଦକ୍ଷିଣରେ ଗୋଦାବରି ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ସମଗ୍ର କଳିଙ୍ଗ-ଉତ୍କଳ ଅଞ୍ଚଳକୁ ଏକୀଭୂତ କରି ଗଙ୍ଗ ସାମ୍ରାଜ୍ୟର ଏପରି ଦୃଢ଼ ମୂଳଦୁଆ ସ୍ଥାପିତ ହୋଇଥିଲା, ଯାହା ପରବର୍ତ୍ତୀ ୪ ଶତାବ୍ଦୀ ପର୍ଯ୍ୟନ୍ତ ବୀରତ୍ୱ, କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିଲା। ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୀର୍ଣ୍ଣ ମନ୍ଦିରର ପୁନରୁଦ୍ଧାର କରି ସେ ଅଧୁନାର ଭବ୍ୟ ଶ୍ରୀମନ୍ଦିର ଗଢ଼ି କୀର୍ତ୍ତି ରଚିଯାଇଛନ୍ତି। ପୁରୀସ୍ଥିତ ଚୁଡଙ୍ଗସାହିର ବଡୁ ମହାପାତ୍ର ଜାଗା ସହିତ ଚୋଡ଼ଗଙ୍ଗ ଦେବଙ୍କର ଥିଲା ନିବିଡ଼ ସମ୍ପର୍କ। କଥିତ ଅଛି ଚୋଡ଼ଗଙ୍ଗ ନିଜେ ଜଣେ ବିଶିଷ୍ଟ କୁସ୍ତିଯୋଦ୍ଧା ଥିଲେ। ପୁରୀ ତଥା ଶ୍ରୀଜଗନ୍ନାଥ ମନ୍ଦିରକୁ ବାହ୍ୟ ଶତ୍ରୁଙ୍କଠାରୁ ରକ୍ଷା କରିବା ପାଇଁ ସେ ସହରରେ ଅନେକ ଜାଗାଘର ପ୍ରତିଷ୍ଠା କରିଥିଲେ। ସେଠାକୁ ନିଜେ ମହାରାଜ ଚୋଡଗଙ୍ଗ ମଲ୍ଲଯୁଦ୍ଧ ଓ କୁସ୍ତି ପାଇଁ ନିୟମିତ ଆସୁଥିବା କିମ୍ବଦନ୍ତୀ ରହିଛି। ତେଣୁ ଚୋଡଗଙ୍ଗଙ୍କ ପ୍ରତିମାକୁ ବଡୁ ମହାପାତ୍ର ଜାଗାର ସଦସ୍ୟମାନେ ଆଜି ମଧ ପୂଜା କରନ୍ତି।

ଏହି ଉତ୍ସବରେ ଅତିଥି ଭାବେ ଇନ୍‌ଟାକ ଓଡ଼ିଶାର ପ୍ରକଳ୍ପ ସଂଯୋଜକ ତଥା ଐତିହାସିକ ଅନୀଲ ଧିର ଯୋଗଦେଇ ପୁରୀ ସହରରେ ଚୋଡ଼ଗଙ୍ଗ ଦେବଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ଖାରବେଳ, ନରସିଂହ ଦେବ, କପିଳେନ୍ଦ୍ର ଦେବଙ୍କ ପରି ମହାନ ଓଡ଼ିଆ ସମ୍ରାଟଙ୍କ ଜନ୍ମଦିବସ ବା ରାଜ୍ୟାଭିଷେକ ଦିବସ ପ୍ରତି ଜିଲାସ୍ତରରେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଉତ୍ସବକୁ ସଞ୍ଚାଳନ କରୁଥିବା ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ତଥା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଥିଲେ, ଅନନ୍ତବର୍ମନ ଚୋଡଗଙ୍ଗ ଦେବ ହେଉଛନ୍ତି ଓଡ଼ିଶା ଇତିହାସର ଅନ୍ୟତମ ଶ୍ରେଷ୍ଠ ସମ୍ରାଟ। ସେ ପ୍ରଥମେ ଶୈବଧର୍ମ ପ୍ରତି ଅଧିକ ଆନୁଗତ୍ୟ ଥିଲେ ମଧ ପୁରୀରେ ଶ୍ରୀଜଗନ୍ନାଥଙ୍କ ବିଶାଳ ବୈଷ୍ଣବ ମନ୍ଦିର ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ପୌତ୍ର ଦ୍ୱିତୀୟ ରାଜରାଜ ଦେବଙ୍କର ଦାଶଗୋବା ତାମ୍ରଶାସନରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ହିଁ ଶ୍ରୀମନ୍ଦିରର ନିର୍ମାତା ଥିଲେ। ବଡୁ ମହାପାତ୍ର ଜାଗାର ସମ୍ପାଦକ ରାକେଶ ପାତ୍ର କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବପିଢ଼ି ଇତିହାସ ଓ ଐତିହ୍ୟକୁ ଜାଣିପାରିବେ। ପ୍ରତିବର୍ଷ ଫେବୃୟାରୀ ୧୭ରେ ଉକ୍ତ ଜାଗାରେ ଏହି ରାଜ୍ୟାଭିଷେକ ଉତ୍ସବ ପାଳନ କରାଯିବ ବୋଲି ସେ କହିଛନ୍ତି। ଇନ୍‌ଟାକର ବରିଷ୍ଠ ସଦସ୍ୟ ବିଶ୍ୱଜିତ ମହାନ୍ତି କହିଛନ୍ତି, ଚୋଡ଼ଗଙ୍ଗଙ୍କ ପରି ମହାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଇତିହାସ ପୁସ୍ତକରେ ଅଧିକ ତଥ୍ୟ ପ୍ରଦାନ କରିବା ଉଚିତ। ଏହି ଅବସରରେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ ତରଫରୁ ଚିତ୍ରଶିଳ୍ପୀ ବିଭୁ ପଟ୍ଟନାୟକଙ୍କ ଦ୍ୱାରା ଅଙ୍କିତ ଚୋଡ଼ଗଙ୍ଗ ଦେବଙ୍କର ଚିତ୍ରର ଏକ ଫଟୋ-ଫ୍ରେମ ବଡୁ ମହାପାତ୍ର ଜାଗାକୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦକୁ ବିରୋଧ

### ନିରାଶ ହୋଇ ଫେରିଲା ପ୍ରଶାସନ

**ସାଲେପୁର,୧୭।୨(ଡି.ଏନ.ଏ):** ଶିଶୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜବରଦଖଲ ହୋଇଥିବା ସରକାରୀ ଜମିକୁ ମୁକ୍ତ କରିବାକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜେସିବି ମେଶିନ୍ ଧରି ତହସିଲଦାର ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ରେ ସ୍ଥାନୀୟ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଶେଷରେ ପ୍ରଶାସନକୁ ନିରାଶ ହେବାକୁ ପଡ଼ିଛି। ପ୍ରକାଶ ଯେ, ତନୁଆ ବେହେରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ଜମିକୁ ଜବରଦଖଲ କରି ଏକ ଛେଳିଗୁହାଳ କରିଥିବା ନେଇ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନକୁ ଜବରଦଖଲ ମୁକ୍ତ କରିବାକୁ ଯାଇଥିବା ବେଳେ ଲୋକେ ବିରୋଧ କରିଥିଲେ। ଫଳରେ ଜବରଦଖଲ ଉଚ୍ଛେଦ କରି ନ ପାରି ପ୍ରଶାସନ ଫେରିଆସିଥିଲା।

### ଶିବିରରୁ ୮୬ ୟୁନିଟ୍ ରକ୍ତ ସଂଗ୍ରହ

**ସାଲେପୁର,୧୭।୨(ଡି.ଏନ.ଏ):** ରେଡ୍ ଟେକ ସଲ୍ୟୁଶନ ସହଯୋଗରେ ଟିପିସିଓଡିଏଲର ସାଲେପୁର ଶାଖା ପକ୍ଷରୁ ମଧୁମଣ୍ଡପଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଟିପିସିଓଡିଏଲ୍‌ର ସାଲେପୁର ମ୍ୟାନେଜର ନରେଶ କୁମାର ସାହୁ, ଏଏଫ୍‌ଏମ ସୁରେଶ ନନ୍ଦ, ସୁଜିତ କୁମାର ସାହୁ, ପ୍ରକାଶ ରାୟ, ଅମିତ ରାୟ, ଅମରେଶ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରୁ ୮୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ଗିରିଜା ବଲ୍ଲଭ ସ୍ୱାଇଁ, ଆଶୁତୋଷ ଓଝା, ଜ୍ୟୋତିପ୍ରକାଶ ଦାସ, ହୃଦାନନ୍ଦ ମହାପାତ୍ର, ଓମ୍‌ପ୍ରକାଶ ସାମଲ, ଗୌରାଙ୍ଗ ସାହୁ, ବିଶ୍ୱଜିତ ରାଉତ ଓ ପ୍ରଦୋଷ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟ ସଚେତନତା ଶିବିର

**ଚୌଦ୍ୱାର,୧୭।୨(ଡି.ଏନ୍.ଏ.):** ଚୌଦ୍ୱାର କଲେଜରେ ଫାଇଲେରିଆ ରୋଗ ନିରାକରଣ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଯୋଗଦେଇ ଫାଇଲେରିଆ ରୋଗର କାରଣ ଓ ନିରାକରଣ, ଔଷଧ ସେବନର ବିଧି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଫାଇଲେରିଆ ବଟିକା ଦିଆଯାଇଥିଲା। ଏଥିସହ କଲେଜ କର୍ମକର୍ତ୍ତାମାନଙ୍କର ରକ୍ତ ପରୀକ୍ଷା, ରକ୍ତଚାପ ଓ ସ୍ନାୟୁଜନିତ ରୋଗର ପରୀକ୍ଷଣ କରାଯାଇଥିଲା। ଅଧାପିକା ରଶ୍ମି ରାଉତରାୟ, ଅଧାପକ ପ୍ରଭାକର ମିଶ୍ର, ଶରତ କୁମାର ମଲ୍ଲିକ, ବସନ୍ତ କୁମାର ବିଶ୍ୱାଳ, କ୍ଷୀରାବ୍ଧି ଚୌଧୁରୀ, ପ୍ରସନ୍ନ ମହାନ୍ତି, ଦୀପକ ତ୍ରିପାଠୀ, ସିତାଂଶୁ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀ ବିୟୋଗ

**କଟକ ଅଫିସ,୧୭।୨:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅବସରପ୍ରାପ୍ତ ଡିଏସ୍‌ପି ସ୍ୱର୍ଗତ ନିତ୍ୟାନନ୍ଦ ମହାନ୍ତିଙ୍କ ସ୍ତ୍ରୀ ଶୈଳବାଳା ମହାନ୍ତି(୮୯)ଙ୍କର ଶୁକ୍ରବାର ପରଲୋକ



ହୋଇଛି। ସେ ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ବିଦ୍ୟାଭୂଷଣ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନପୁଅ ତଥା ସାମ୍ବାଦିକ ଭକ୍ତିଭୂଷଣ ମହାନ୍ତିଙ୍କ ସମେତ ଝିଅ ସ୍ୱର୍ଣ୍ଣଲତା, କମଳା, ବିଜୟଲକ୍ଷ୍ମୀ, ପ୍ରିୟମ୍ବଦା, ସନ୍ଧ୍ୟାରାଣୀ, ସ୍ମିତା, ସ୍ନିଗ୍ଧା, ପୁତ୍ରବଧୂ ରୀତା ଓ ମୋନାଲିସା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନେତାଜୀନଗରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଆଠଗଡ଼ ହେବ ଶିଳ୍ପ ହବ୍

**ଖୁଣ୍ଟୁଣୀ,୧୭।୨(ଡି.ଏନ୍.ଏ.)**




କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

### ସୁପ୍ରିମ୍ ଇଣ୍ଡଷ୍ଟ୍ରି ପ୍ଲାଣ୍ଟ ଉଦ୍‌ଘାଟିତ

କଟକ ଜିଲା ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟୁଣୀଠାରେ ଓଡ଼ିଶାର ପ୍ରଥମ ସୁପ୍ରିମ୍ ଇଣ୍ଡଷ୍ଟ୍ରି ପ୍ଲାଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କମ୍ପାନୀର ଭିପି ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ପଦକ୍ଷେପ ଏବଂ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଆଠଗଡକୁ ଶିଳ୍ପ ହବ୍‌ରେ ପରିଣତ କରାଯିବ। କୃଷିକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଏବେ ସୁଯୋଗ ଆସିଛି ବୋଲି ମନ୍ତ୍ରୀ କହିଥିଲେ। ପରିଚାଳନା ନିର୍ଦ୍ଦେଶକ ଏମ୍. ପି. ଟାପେରିଆ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କମ୍ପାନୀର ତଥ୍ୟ ଉପସ୍ଥାପନ କରିଥିଲେ। କମ୍ପାନୀର ଉପ ପ୍ରବନ୍ଧକ ସୁବ୍ରତ କୁମାର ମହାପାତ୍ର କହିଥିଲେ, ଖୁଣ୍ଟୁଣୀଠାରେ ୧୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କମ୍ପାନୀରେ ପ୍ରଥମ ପର୍ଯ୍ୟାୟରେ ପିଭିସି ପାଇପ ଓ ପାଣି ଟାଙ୍କି ପ୍ରସ୍ତୁତ କରାଯିବ। ଏଠାରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବା ସହିତ ୩୦୦ କୁଶଳୀ ଓ ଅଣକୁଶଳୀ କର୍ମଚାରୀ ନିୟୋଜିତ ହେବେ। ଭବିଷ୍ୟତରେ ଏହି କମ୍ପାନୀକୁ ସମ୍ପ୍ରସାରଣ କରାଯାଇ ଅଧିକ ନିଯୁକ୍ତି ସୁବିଧା ସୃଷ୍ଟି କରାଯିବ। କାର୍ଯ୍ୟକ୍ରମରେ ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର, କାରଖାନା ପ୍ରବନ୍ଧକ ରଞ୍ଜନ କୁମାର ପାଢ଼ୀ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଜିଲା ଶିଳ୍ପ ଅଧିକାରୀଙ୍କ ସମେତ କାରଖାନାର ବରିଷ୍ଠ ପଦାଧିକାରୀ, ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ବାଘୁଣୀ ଅଙ୍କିତାର ୫ ଶାବକ ଜନ୍ମ, ୧ ମୃତ

**ବାରଙ୍ଗ,୧୭।୨(ଡି.ଏନ୍.ଏ.)**

ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୧ ନମ୍ବର ଏନକ୍ଲୋଜରର ପଛପଟ ପୃଥକୀକରଣ ଏନକ୍ଲୋଜରରେ ରହୁଥିବା ୧୦ବର୍ଷର ସାଧାରଣ ବାଘୁଣୀ ଅଙ୍କିତା ଦ୍ୱିତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଛି। ଅଙ୍କିତା ଏକାସଙ୍ଗେ ୫ଟି ଶାବକଙ୍କୁ ଜନ୍ମ ଦେଇଥିବାବେଳେ ଜନ୍ମର କିଛି ସମୟ ପରେ ଗୋଟିଏ ଶାବକର ମୃତ୍ୟୁ ହୋଇଛି। ବଞ୍ଚି ରହିଥିବା ଅନ୍ୟ ୪ଟି ଶାବକ କେଉଁ ପ୍ରଜାତିର ଚିହ୍ନଟ ହୋଇ ନ ଥିବାବେଳେ ସମସ୍ତ ନାଲି ରଙ୍ଗର ଶାବକ ବୋଲି ଅନୁମାନ କରାଯାଉଛି। ୪ ଶାବକଙ୍କ ମଧ୍ୟରୁ ପ୍ରଥମ ଶାବକ ଶୁକ୍ରବାର ସକାଳ ୯ଟା ୪୫ ମିନିଟ, ଦ୍ୱିତୀୟ ଶାବକ ପୂର୍ବାହ୍ନ ୧୦ଟା ୧୫, ତୃତୀୟ ଶାବକ ମଧ୍ୟାହ୍ନ ୧୨ଟା ୪୯, ଚତୁର୍ଥ ଶାବକ ଗୋଟାଏ ୧୩ ମିନିଟରେ ଓ ମୃତ୍ୟୁବରଣ କରିଥିବା ଶାବକଟି ୧୦ଟା ୪୭ରେ ଜନ୍ମ ହୋଇଥିବା ଏନକ୍ଲୋଜର ମଧ୍ୟରେ ଲାଗିଥିବା ୪ଟି ସିସିଟିଭି କ୍ୟାମେରାରୁ ଜଣାପଡିଛି। ୩୧ନମ୍ବର ଏନକ୍ଲୋଜରରେ ରହୁଥିବା ଜଙ୍ଗଲୀ ବାଘ ନନ୍ଦନ ସହ ମିଳନରୁ ଗର୍ଭଧାରଣ କରିଥିବା ସାଧାରଣ ବାଘୁଣୀ ଅଙ୍କିତା ୧୦୫ଦିନ ପରେ ୫ଟି ଶାବକକୁ ଜନ୍ମ ଦେଇଛି। ଜନ୍ମଦେବା ପରେ ଅଙ୍କିତା ତା' ପିଲାମାନଙ୍କୁ ପାଖରେ ରଖିବା ସହ କ୍ଷୀର ଦେଉଥିବା ଜଣାପଡିଛି। ଏହି ୪ଟି ଶାବକ ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୭ ଧଳା ବାଘ, ୧୭ ସାଧାରଣ ବାଘ, ୩ କଳା ବାଘ ଓ ନବଜାତ ୪ ଶାବକଙ୍କର ଲିଙ୍ଗ ଚିହ୍ନଟ ହୋଇ ନାହିଁ। ସାଧାରଣତଃ ଏହି ପ୍ରଜାତିର ବାଘ ଦେଶର ସର୍ବତ୍ର ଘଞ୍ଚ ଜଙ୍ଗଲରେ ବସବାସ କରନ୍ତି। ଏମାନେ ମହାବଳଶାଳୀ ଜନ୍ତୁ ରୂପେ ପରିଚିତ। ପ୍ରାୟ ୯୫ରୁ ୧୦୫ଦିନ ଗର୍ଭଧାରଣ କରି ବାଘୁଣୀ ଏକକାଳୀନ ୨ରୁ ୪ଟି ଶାବକ ଜନ୍ମ କରିଥାନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର,୧୭।୨(ଡି.ଏନ.ଏ)**

କଟକ-ସାଲେପୁର ରାସ୍ତାର ଭାତପଡାଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାନ୍ଦବାଲି ଅଞ୍ଚଳର ବିଶ୍ୱଜିତ ନାଥ। ସେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏଥିସହ ଦୁର୍ଘଟଣାରେ ଭାଙ୍ଗିଯାଇଥିବା ବାଇକକୁ ଜବତ କରିଛି।



ସୟଦ୍ ସେମିନାରି ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ବିଦ୍ୟାଳୟ ସମୂହ ମାର୍ଶଲଆର୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦୁଇ ପ୍ରତିଯୋଗୀ।

## 'ବାଡ଼ି ବଗିଚାରେ ଚାରାରୋପଣ କରନ୍ତୁ ଛାତ୍ରୀଛାତ୍ର'

**ବାଙ୍କୀ,୧୭।୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବୃକ୍ଷ ହିଁ ଜୀବନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜକିଶୋର ପାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବୃକ୍ଷ ହିଁ ମାନବ ସମାଜ ଓ ସମସ୍ତ ପ୍ରାଣୀଙ୍କ ଜୀବନ ରକ୍ଷା କରେ। ଏଥିସହ ଖାଦ୍ୟ ଓ ଅମ୍ଳଜାନ ଯୋଗାଇଥାଏ। ବିଭିନ୍ନ ବୃକ୍ଷରୁ ମିଳୁଥିବା ଖାଦ୍ୟ ଓ ଅନ୍ୟାନ୍ୟ ଅବଶ୍ୟକ ପଦାର୍ଥ ଔଷଧ ତିଆରି କରିବାରେ ସହାୟକ ହୋଇଥାଏ। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ବାଡ଼ି ବଗିଚାରେ ପ୍ରତିବର୍ଷ ଅତିକମ୍‌ରେ ଗୋଟିଏ ଲେଖାଏ ଚାରା ରୋପଣ କରିବା ଆବଶ୍ୟକ ବୋଲି ପ୍ରାଧ୍ୟାପକ ମହାପାତ୍ର ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ବୃକ୍ଷମାନଙ୍କ ଔଷଧୀୟ ଗୁଣ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସଂଘମିତ୍ରା ମଲ୍ଲିକ, ଦେବସ୍ମିତା ପଣ୍ଡା, ମୁକ୍ତିପଦ ପଣ୍ଡା, ଡ.ଜାକେଶ ମହାପାତ୍ର, ଗୋଲୋଖ ବିହାରୀ ପଣ୍ଡା ଓ ପୁରୁଷୋତ୍ତମ ତରାଶିଆ ପ୍ରମୁଖ ଯୋଗଦେଇ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସେମିନାର ସମ୍ପାଦକ ମାନସ ରଞ୍ଜନ ସାହୁ ବିବରଣୀ ପାଠ କରିଥିଲେ।

## 'ଶାରୀରିକ,ମାନସିକସ୍ତରରେ ସୁସ୍ଥତା ପାଇଁ କ୍ରୀଡ଼ା ଏକ ମାଧ୍ୟମ'



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ମାଣିଆବନ୍ଧ,୧୭।୨(ଡି.ଏନ.ଏ)**

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଚାଲିଥିବା ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି ପ୍ରଧାନ ଶିକ୍ଷକ ରମେଶ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ରବି ନାରାୟଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ସମ୍ମାନିତ ଅତିଥିଭାବେ ଭାବେ ଶଙ୍ଖାମେରୀ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାୟକ, ପରିଚାଳନା ସମିତି ସଦସ୍ୟ ଓ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ ଏହି ଅବସରରେ ଅତିଥିମାନେ କହିଥିଲେ, ବର୍ତ୍ତମାନ ସମୟରେ ପାରମ୍ପରିକ ଖେଳର ଗୁରୁତ୍ୱ କମିଯାଉଥିବାବେଳେ ଅଖାଡିଆଁ, ବାଟି ଚାମଚ,ସ୍ଲୋ ସାଇକେଲ, ଅଙ୍କ କଷା ପ୍ରତିଯୋଗିତାକୁ ଛାତ୍ରୀଛାତ୍ରମାନେ ଉପଭୋଗ କରିଛନ୍ତି। ଶାରୀରିକ,ମାନସିକସ୍ତରରେ ସୁସ୍ଥତା ପାଇଁ କ୍ରୀଡ଼ା ଏକ ମାଧ୍ୟମ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେଶ୍ୱର ପ୍ରଧାନ ଏଥିରେ ସହଯୋଗ କରିଥିବାବେଳେ ପ୍ରଶାନ୍ତ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ାକୁ ଆଦରର ସହିତ ଅଭ୍ୟାସ କଲେ ସଫଳତା ମିଳେ

**କଟକ ଅଫିସ,୧୭।୨**

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସ୍କୋଏ ମାର୍ଶଲ ଆର୍ଟ ଏବଂ ସିପକ୍‌ଟାକ୍ର ପ୍ରତିଯୋଗିତା କଟକ ସୟଦ୍ ସେମିନାରୀ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହିତ ପ୍ରତ୍ୟେକ କ୍ରୀଡ଼ାକୁ ଆଦରର ସହିତ ଅଭ୍ୟାସ କଲେ ନିଶ୍ଚିତ ସଫଳତା ମିଳିଥାଏ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ, ଖୋର୍ଦ୍ଧା, ଭୁବନେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଢେଙ୍କାନାଳ, ପୁରୀ ଜିଲାରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ପୌରୋହିତ୍ୟ କରିଥିବାବେଳେ ପ୍ରଧାନ ଶିକ୍ଷକ ଜାଭେଦା ବେଗମ୍ ଧନ୍ୟବାଦ ଦେଇଥିଲେ। ରେଭେନ୍‌ଶା କଲିଜିଏଟ ସ୍କୁଲର ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କ୍ରୀଡ଼ା ଶିକ୍ଷା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ସୋନାମିକା ରାୟ, ଏମ୍‌ଡି ଆସ୍‌ଫାକ୍, ଜିଲା କ୍ରୀଡ଼ା ପରିଦର୍ଶକ ସୌଦାମିନୀ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଜିଲା ଶିକ୍ଷା ଅମଲା ସଂଘ ବୈଠକ

**କଟକ ଅଫିସ,୧୭।୨**

ଜିଲା ଶିକ୍ଷା ଅମଲା ସଂଘର ବୈଠକ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୀର୍ତ୍ତିରଞ୍ଜନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ହୃଦୟ ବିହାରୀ ମହାପାତ୍ର, ମୁଖ୍ୟ ସଂଯୋଜକ ଦୀକ୍ଷିତ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଚନ୍ଦ୍ର ଶେଖର ନାୟକ, ରାଜକିଶୋର ପଣ୍ଡା, ସନ୍ଦୀପ ପରିଡା, ମନୋରଞ୍ଜନ ଜେନା, ଶୁଭଶ୍ରୀ ଜେନା, ରାଜଲକ୍ଷ୍ମୀ ସାହୁ, ଦୀପ୍ତି ରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ଅମଲାମାନଙ୍କ ବିଭିନ୍ନ ଦାବି ପୂରଣ ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଭାଗରେ ଅମଲାମାନଙ୍କ ପଦନ୍ନୋତି ଠିକ୍ ସମୟରେ ହେଉଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ବିଭାଗରେ ବହୁ ବର୍ଷ ଧରି ଅମଲାମାନେ କାର୍ଯ୍ୟ କରି ଆସୁଥିଲେ ମଧ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅମଲା ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ଜରିଆରେ ଗଣଶିକ୍ଷା ବିଭାଗ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## କେନ୍ଦ୍ରୀୟ ବଜେଟ୍ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୧୭।୨**

ଉତ୍କଳ ବୀମା ସଂସ୍ଥା ପକ୍ଷରୁ କେନ୍ଦ୍ରୀୟ ବଜେଟ୍ ୨୦୨୩-୨୪ ଏବଂ ଏହାର ବୀମା ସଂସ୍ଥା ଉପରେ ପ୍ରଭାବ' ସମ୍ପର୍କିତ ଆଲୋଚନାଚକ୍ର ଜୀବନ ବୀମା କଟକ ମଣ୍ଡଳ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୀବନ ବୀମା କଟକ ମଣ୍ଡଳର ବରିଷ୍ଠ ପ୍ରବନ୍ଧକ ଅନନ୍ତ ଭୂଷଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର କିଶୋର ଚନ୍ଦ୍ର ସାମଲ ଯୋଗଦେଇ କେନ୍ଦ୍ରୀୟ ବଜେଟ୍ ଓ ବୀମା ସଂସ୍ଥା ଉପରେ ପ୍ରଭାବ ସମ୍ପର୍କରେ କହିଥିଲେ। ସ୍ତମ୍ଭକାର ଡ. ସନ୍ତୋଷ କୁମାର ମହାପାତ୍ର ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପଦ୍ମଲୋଚନ ବେହେରା ସ୍ୱାଗତ ଭାଷଣ, ସହସମ୍ପାଦକ ବୈଦ୍ୟନାଥ ଦଲେଇ, କୋଷାଧ୍ୟକ୍ଷ ସୁବ୍ରତ କରଣ କାର୍ଯ୍ୟକ୍ରମ ସଂଯୋଜନା ଓ ଉପାଧ୍ୟକ୍ଷ ପ୍ରଦୀପ୍ତ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ବିନା ମଣିଷ ସମାଜ ତିଷ୍ଠିବା ଅସମ୍ଭବ

**ମାହାଙ୍ଗା, ୧୭।୨(ସ୍ୱ.ପ୍ର)**




ବାର୍ଷିକୋତ୍ସବରେ ବିଧାୟକ ପ୍ରତାପ ଜେନା, ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ଅନ୍ୟ ଅତିଥିମାନେ।

### ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ବାର୍ଷିକୋତ୍ସବ

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିର ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଶିକ୍ଷା ବିନା ମଣିଷ ସମାଜ ତିଷ୍ଠିବା ଅସମ୍ଭବ। ତେଣୁ ନିଜକୁ ଏପରି ଗଢିବା ଆବଶ୍ୟକ ଯେପରି ସବୁ ପରିସ୍ଥିତିକୁ ସାମ୍ନା କରିପାରିବା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଆଜିର ଅତ୍ୟାଧୁନିକ ଯୁଗରେ ଇଣ୍ଟରନେଟ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଯେକୌଣସି ବିଷୟକୁ ଅତି ସହଜରେ ଓ କମ୍ ସମୟରେ ଜାଣିପାରୁଛନ୍ତି। ଫଳରେ ଦେଶ ବିଦେଶର ଖବର କ୍ଷଣିକେ ପାଇପାରୁଛନ୍ତି। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଇଣ୍ଟରନେଟକୁ ଠିକ୍ ମାର୍ଗରେ ବ୍ୟବହାର କରି ଶିକ୍ଷା ପ୍ରତି ଧ୍ୟାନଦେଲେ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଦ୍ୟାଳୟ ଉନ୍ନତୀ ଓ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମସ୍ତ ସହଯୋଗ କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିଲେ ଏକ ସୁସ୍ଥ ଶିକ୍ଷା ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କନକ ନ୍ୟୁଜ୍ ମୁଖ୍ୟ ସମ୍ପାଦକ ମନୋରଞ୍ଜନ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢା ପ୍ରତି ଧ୍ୟାନ ଦେଲେ ନିଶ୍ଚିତ ଭାବେ ଲକ୍ଷ୍ୟରେ ପହଞ୍ଚିପାରିବ ବୋଲି କହିଥିଲେ। ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପରିଚାଳନା କମିଟି ସଭାପତି ରବୀନ୍ଦ୍ରନାଥ ମଲିକ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଅତିଥିଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଦୀପକ ଓ ଅଭିନେତ୍ରୀ ତମନ୍ନା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏ.ଆର. ଆରାଧନା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ହରପ୍ରିୟା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ରାସ୍ତା ଦୁର୍ଘଟଣାରେ ପରିବାରର ୩ ଆହତ

ଡେଲାଙ୍ଗ,(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଧୀନ ପିଢ଼ପାଟଣା ଛକ ସନ୍ନିକଟରେ ଏକ ରାସ୍ତା ଦୁର୍ଘଟଣାରେ ୩ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗୁଆଳିପଡା ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପଲ୍ଲୀ ଗ୍ରାମର ଗୋପାଳ କୃଷ୍ଣ ଜେନା, ସହଧର୍ମିଣୀ ପ୍ରଣତି ଜେନା ଓ ତାଙ୍କର ୮ବର୍ଷର ପୁଅ ସହିତ ପଟ୍ଟାନାୟିକିଆ ପଟୁ ଡେଲାଙ୍ଗ ଅଭିମୁଖେ ବାଇକ ଯୋଗେ ଘରକୁ ଫେରୁଥିଲେ। ଅପରାହ୍ନ ୫ଟାରେ ପିଢ଼ପାଟଣା ଛକ ସନ୍ନିକଟ ଡିମିରି ଶର୍ଢଠାରେ ବିପରୀତ ପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୋପାଳ, ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ର ରାସ୍ତାକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଆହତମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୨।୨୦୨୩

| | |
|---|---|
| ୪,୦୦,୩୮୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୮ ଗ୍ରାମ୍ |

# ଚୋଡ଼ଗଙ୍ଗ ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

## ଚୋଡ଼ଗଙ୍ଗ ଦେବଙ୍କ ୯୪୫ତମ ରାଜ୍ୟାଭିଷେକ ଦିବସ ପାଳିତ

ପୁରୀ ଅଫିସ,୧୭।୨



ଚୋଡ଼ଗଙ୍ଗ ଦେବଙ୍କ ସମୟର ଏକ ପ୍ରାଚୀନ ମୂର୍ତ୍ତି।



ରାଜ୍ୟାଭିଷେକ ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ର।

ପୁରୀ ସହରସ୍ଥିତ ଚୁଡ଼ଙ୍ଗସାହି ବଡୁ ମହାପାତ୍ର ଜାଗାରେ ଶୁକ୍ରବାର ମହାନ୍ ଗଙ୍ଗବଂଶୀ ସମ୍ରାଟ ତଥା ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କର ୯୪୫ତମ ରାଜ୍ୟାଭିଷେକ ଦିବସ ଉତ୍ସବ ପାଳିତ ହୋଇଯାଇଛି। ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ୍ ଓ ବଡୁ ମହାପାତ୍ର ଜାଗାର ସଦସ୍ୟମାନଙ୍କ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ପାଳନ କରାଯାଇଥିଲା। ପରେ ବଡୁ ମହାପାତ୍ର ଜାଗାରେ ପୂର୍ବରୁ ପୂଜା ପାଇ ଆସୁଥିବା ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କର ପ୍ରାଚୀନ ପ୍ରତିମାକୁ ଅଭିଷେକ କରାଯାଇଥିଲା।

ଗଙ୍ଗବଂଶୀୟ ଏହି ଶ୍ରେଷ୍ଠ ସମ୍ରାଟଙ୍କ ସିଂହାସନ ଆରୋହଣ ୧୦୭୮ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୧୭ରେ ହୋଇଥିଲା। ୫ବର୍ଷର ସଂଘର୍ଷ ମଧ୍ୟରେ ମାତୁଳ ଚୋଳ ରାଜକୁମାର ବୀରଚୋଡ଼ଙ୍କ ତତ୍ତ୍ୱାବଧାନରେ ଚୋଡ଼ଗଙ୍ଗ ବିରାଟ ଗଙ୍ଗ ସାମ୍ରାଜ୍ୟ ସ୍ଥାପନ କରିପାରିଥିଲେ। ଯାହା ଉତ୍ତରରେ ଗଙ୍ଗାନଦୀଠାରୁ ଆରମ୍ଭ ହୋଇ ଦକ୍ଷିଣରେ ଗୋଦାବରି ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ସମଗ୍ର କଳିଙ୍ଗ–ଉତ୍କଳ ଅଞ୍ଚଳକୁ ଏକୀଭୂତ କରି ଗଙ୍ଗ ସାମ୍ରାଜ୍ୟର ଏପରି ଦୃଢ଼ ମୂଳଦୁଆ ସ୍ଥାପିତ ହୋଇଥିଲା, ଯାହା ପରବର୍ତ୍ତୀ ୪ ଶତାବ୍ଦୀ ପର୍ଯ୍ୟନ୍ତ ବୀରତ୍ୱ, କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିଲା। ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୀର୍ଣ୍ଣ ମନ୍ଦିରର ପୁନରୁଦ୍ଧାର କରି ସେ ଅଧୁନାର ଭବ୍ୟ ଶ୍ରୀମନ୍ଦିର ଗଢ଼ି କୀର୍ତ୍ତି ରଚିଯାଇଛନ୍ତି। ପୁରୀସ୍ଥିତ ଚୁଡଙ୍ଗସାହିର ବଡୁ ମହାପାତ୍ର ଜାଗା ସହିତ ଚୋଡ଼ଗଙ୍ଗ ଦେବଙ୍କର ଥିଲା ନିବିଡ଼ ସମ୍ପର୍କ। କଥିତ ଅଛି ଚୋଡ଼ଗଙ୍ଗ ନିଜେ ଜଣେ ବିଶିଷ୍ଟ କୁସ୍ତିଯୋଦ୍ଧା ଥିଲେ। ପୁରୀ ତଥା ଶ୍ରୀଜଗନ୍ନାଥ ମନ୍ଦିରକୁ ବାହ୍ୟ ଶତ୍ରୁଙ୍କଠାରୁ ରକ୍ଷା କରିବା ପାଇଁ ସେ ସହରରେ ଅନେକ ଜାଗାଘର ପ୍ରତିଷ୍ଠା କରିଥିଲେ। ସେଠାକୁ ନିଜେ ମହାରାଜ ଚୋଡଗଙ୍ଗ ମଲ୍ଲଯୁଦ୍ଧ ଓ କୁସ୍ତି ପାଇଁ ନିୟମିତ ଆସୁଥିବା କିମ୍ବଦନ୍ତୀ ରହିଛି। ତେଣୁ ଚୋଡଗଙ୍ଗଙ୍କ ପ୍ରତିମାକୁ ବଡୁ ମହାପାତ୍ର ଜାଗାର ସଦସ୍ୟମାନେ ଆଜି ମଧ୍ୟ ପୂଜା କରନ୍ତି।

ଏହି ଉତ୍ସବରେ ଅତିଥି ଭାବେ ଇନ୍‌ଟାକ ଓଡ଼ିଶାର ପ୍ରକଳ୍ପ ସଂଯୋଜକ ତଥା ଐତିହାସିକ ଅନୀଲ ଧିର ଯୋଗଦେଇ ପୁରୀ ସହରରେ ଚୋଡ଼ଗଙ୍ଗ ଦେବଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ଖାରବେଳ, ନରସିଂହ ଦେବ, କପିଳେନ୍ଦ୍ର ଦେବଙ୍କ ପରି ମହାନ ଓଡ଼ିଆ ସମ୍ରାଟଙ୍କ ଜନ୍ମଦିବସ ବା ରାଜ୍ୟାଭିଷେକ ଦିବସ ପ୍ରତି ଜିଲାସ୍ତରରେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଉତ୍ସବକୁ ସଞ୍ଚାଳନ କରୁଥିବା ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ତଥା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଥିଲେ, ଅନନ୍ତବର୍ମନ ଚୋଡଗଙ୍ଗ ଦେବ ହେଉଛନ୍ତି ଓଡ଼ିଶା ଇତିହାସର ଅନ୍ୟତମ ଶ୍ରେଷ୍ଠ ସମ୍ରାଟ। ସେ ପ୍ରଥମେ ଶୈବଧର୍ମ ପ୍ରତି ଅଧିକ ଆନୁଗତ୍ୟ ଥିଲେ ମଧ୍ୟ ପୁରୀରେ ଶ୍ରୀଜଗନ୍ନାଥଙ୍କ ବିଶାଳ ବୈଷ୍ଣବ ମନ୍ଦିର ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ପୌତ୍ର ଦ୍ୱିତୀୟ ରାଜରାଜ ଦେବଙ୍କର ଦାଶଗୋବା ତାମ୍ରଶାସନରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ହିଁ ଶ୍ରୀମନ୍ଦିରର ନିର୍ମାତା ଥିଲେ। ବଡୁ ମହାପାତ୍ର ଜାଗାର ସମ୍ପାଦକ ରାକେଶ ପାତ୍ର କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବପିଢ଼ି ଇତିହାସ ଓ ଐତିହ୍ୟକୁ ଜାଣିପାରିବେ। ପ୍ରତିବର୍ଷ ଫେବୃୟାରୀ ୧୭ରେ ଉକ୍ତ ଜାଗାରେ ଏହି ରାଜ୍ୟାଭିଷେକ ଉତ୍ସବ ପାଳନ କରାଯିବ ବୋଲି ସେ କହିଛନ୍ତି। ଇନ୍‌ଟାକର ବରିଷ୍ଠ ସଦସ୍ୟ ବିଶ୍ୱଜିତ ମହାନ୍ତି କହିଛନ୍ତି, ଚୋଡ଼ଗଙ୍ଗଙ୍କ ପରି ମହାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଇତିହାସ ପୁସ୍ତକରେ ଅଧିକ ତଥ୍ୟ ପ୍ରଦାନ କରିବା ଉଚିତ। ଏହି ଅବସରରେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ ତରଫରୁ ଚିତ୍ରଶିଳ୍ପୀ ବିଷ୍ଣୁ ପଟ୍ଟନାୟକଙ୍କ ଦ୍ୱାରା ଅଙ୍କିତ ଚୋଡ଼ଗଙ୍ଗ ଦେବଙ୍କର ଚିତ୍ରର ଏକ ଫଟୋ-ଫ୍ରେମ ବଡୁ ମହାପାତ୍ର ଜାଗାକୁ ପ୍ରଦାନ କରାଯାଇଥିଲା।

## କଣ୍ଟାପଡ଼ା ଛାତ୍ର ବିଜେଡି ସଭାପତି ସ୍ମୃତିରଞ୍ଜନ

ଅସ୍ତରଙ୍ଗ,୧୭।୨(ଡି.ଏନ୍.ଏ.)



ବିଜୁ ଛାତ୍ର ଜନତା ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କରିବାକୁ ପୁରୀ ଜିଲାର କାକଟପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ପଞ୍ଚାୟତରେ ଛାତ୍ର ସଭାପତି ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଣ୍ଟାପଡା ପଞ୍ଚାୟତ ଛାତ୍ର ଜନତା ଦଳ ସଭାପତି ଭାବେ ସ୍ମୃତିରଞ୍ଜନ ବାରିକଙ୍କୁ ଚୟନ କରାଯାଇଛି। କାକଟପୁର ନିର୍ବାଚନମଣ୍ଡଳୀର ବିଜୁ ଛାତ୍ର ଜନତାଦଳ ସଭାପତି ରାକେଶ ବେହେରା ଏବଂ ବ୍ଲକ ବିଜେଡି ଛାତ୍ର ଜନତାଦଳ ସଭାପତି ବିଷ୍ଣୁ ପ୍ରସାଦ ନାୟକ ତାଙ୍କୁ ଚୟନ କରିଛନ୍ତି। ସେ ଏହାର ଶ୍ରେୟ ରାଜ୍ୟ ବିଜେଡି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ା ଯୁବ ବ୍ୟାପାର, ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକଙ୍କୁ ଜଣାଇବା ସହ ତୃଣମୂଳ ସ୍ତରରୁ ଛାତ୍ର ବିଜେଡିକୁ ସଶକ୍ତ କରିବାକୁ ବାରିକ ପ୍ରେସ ବିବୃତ୍ତିରେ କହିଛନ୍ତି।

## ସଂକ୍ଷେପରେ

### ରାସ୍ତା ତଳକୁ ଓଲଟିଲା କାର୍

ଡେଲାଙ୍ଗ,୧୭।୨(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗୁଆଳିପଡା ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ଓ ତାଙ୍କ ପ୍ରତିନିଧି ହରେକୃଷ୍ଣ ସ୍ୱାଇଁଙ୍କ କାର୍ ଶୁକ୍ରବାର ଓଲଟି ପଡ଼ିବାରୁ ଅଳ୍ପକେ ରାସ୍ତା ଦୁର୍ଘଟଣାରେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ସରପଞ୍ଚ ଓ ପ୍ରତିନିଧି ଗୁଡିପାଇଲୋ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟସ୍ତ ପରିଚାଳନା ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ଯାଉଥିଲେ। ଗୁଆଳିପଡା ପଞ୍ଚାୟତ କାର୍ଯ୍ୟାଳୟଠାରୁ ବୋଲକଣା ରାସ୍ତାକୁ ସଂଯୋଗ କରୁଥିବା ଆଇଁସପାରି ରାସ୍ତାରେ ଉଭୟ ତାଙ୍କ କାର ନମ୍ବର ଓଆର ୦୨ ବିଆର୭୨୫୨ରେ ଯାଉଥିଲେ। କୌଣସି କାରଣବଶତଃ ଭାରସାମ୍ୟ ହରାଇ କାରଟି ରାସ୍ତା ତଳକୁ ଓଲଟି ପଡିଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। କାର୍‌ଟିର ଡୋର ଖୋଲି ସରପଞ୍ଚ ଗୀତାଞ୍ଜଳି ଓ ପ୍ରତିନିଧିଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ତାଙ୍କ ମୁଣ୍ଡ, ହାତ ଓ ଗୋଡରେ ସାମାନ୍ୟ ଆଘାତ ଲାଗିଛି।

### ଆଜିଠାରୁ ଲୋକନାଥ ଜାଗର ମଞ୍ଚରେ ବାଦୀପାଲା

ଅସ୍ତରଙ୍ଗ,୧୭।୨(ଡି.ଏନ୍.ଏ.): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍କୁରୀଗାଁ ପଞ୍ଚାୟତର କଣିଆ ଗ୍ରାମର ଲୋକନାଥ ଜାଗର ମଞ୍ଚରେ ମହାଶିବରାତ୍ରି ବେଶ୍ ଧୁମ୍‌ଧାମରେ ପାଳିତ ହେବାକୁ ଯାଉଛି। ଏହି ଅବସରରେ ଦୀର୍ଘବର୍ଷ ଧରି ଚାଲୁଥିବା ବାଦିପାଲା ମହାଶିବରାତ୍ରି ଦିନ ୫୨ତମ ବାଦିପାଲା ମହୋତ୍ସବ ଆରମ୍ଭ ହେବ ବୋଲି ଗ୍ରାମାଞ୍ଚଳ ଆୟୋଜକ ପକ୍ଷରୁ ସୂଚନା ମିଳିଛି। ଏହି ପାଲା ୫ଦିନ ଧରି ଚାଲିବ। ଚଳିତ ବର୍ଷ ନୟାଗଡ଼ ଜିଲା ଇଟାମାଟି ସାଲୁଣି ଗ୍ରାମର ଗାୟକ ପୀୟୁଷ ବିଶ୍ୱନାଥ ସ୍ୱାଇଁ ଓ ଜଗତ୍‌ସିଂହପୁର ଜିଲାର ସଭାମୂଳ ଗ୍ରାମର ଗାୟକ ଶିରୋମଣି ସୁବାସ ଚନ୍ଦ୍ର ସେନାପତି ପାଲା ପରିବେଷଣ କରିବେ। ତେବେ ପ୍ରତ୍ୟେକ ଦିନ ସକାଳ ୭ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ପାଲା ପରିବେଷଣ ହେବ। ଏହି ବାଦୀପାଲା ମହୋତ୍ସବରେ ବାଙ୍କୁରୀଗାଁ ଓ ଆଖପାଖ ଅଞ୍ଚଳର ଆଧାତ୍ମିକ ପାଲା ପ୍ରେମୀମାନେ ଯୋଗ ଦେବା ପାଇଁ ଜାଗର ମଞ୍ଚର ସଭାପତି ସନ୍ତୋଷ କୁମାର ନାୟକ, ବରିଷ୍ଠ ସଭ୍ୟ ଚିତ୍ରେସନ ନାୟକ ଓ ସଦସ୍ୟମାନେ ନିବେଦନ କରିଛନ୍ତି।

### ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ଟଙ୍କା ଚୋରି

ଗୋପ,୧୭।୨(ଡି.ଏନ୍.ଏ.): ଗୋପ ଥାନା ଅନ୍ତର୍ଗତ ଗୋପ ମଲ୍ଲିକ ସାହି ଗ୍ରାମର ତପନ ପ୍ରସାଦ ବୋଷମଲ୍ଲିକଙ୍କ ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୨ଲକ୍ଷ ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନଂ.୭୮/୨୩ରେ ଏକ ମାମଲା ରୁଜୁ କରି କେତେକ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ତଦନ୍ତ କରୁଛି। ପ୍ରକାଶ ଯେ, ମଲ୍ଲିକ ସାହି ଗ୍ରାମର ତପନଙ୍କ ଝିଅର ମାର୍ଚ୍ଚ ୯ରେ ବିବାହ ହେବ। ଏଥିପାଇଁ ସେ ଶୁକ୍ରବାର ଗୋପ ଷ୍ଟେଟ ବ୍ୟାଙ୍କରୁ ମଧ୍ୟାହ୍ନରେ ୨ ଲକ୍ଷ ଟଙ୍କା ଉଠାଇବା ପରେ ତାଙ୍କ ବାଇକ୍ ନମ୍ବର ଓଡି ୦୨-ବି-୮୬୪୨ ଡିକିରେ ରଖିଥିଲେ। ପରେ ନିକଟସ୍ଥ ଲକ୍ଷ୍ମୀ ବଜାରର ଗୋଟିଏ ଜଳଖିଆ ଦୋକାନ ନିକଟରେ ଗାଡ଼ି ରଖି ଦୋକାନକୁ ଯାଇଥିଲେ। ମାତ୍ର ୧୦ ମିନିଟ ପରେ ଫେରିବା ବେଳେ ବାଇକ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୨ଲକ୍ଷ ଟଙ୍କା ଚୋରି କରି ନେଇଯାଇଥିଲେ। କିଛି ସମୟ ଧରି ଖୋଜାଖୋଜି କରି ମଧ ପାଇ ନ ଥିଲେ। ନିରାଶ ହୋଇ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗୋପ ଷ୍ଟେଟ ବ୍ୟାଙ୍କ ନିକଟରୁ ବାରମ୍ବାର ଏପରି ଟଙ୍କା ଲୁଟ୍ ଘଟଣା ପୋଲିସ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ ଉଠିଛି।

# 'ପୃଥିବୀ ପରି ସହନଶୀଳ, ସମୁଦ୍ର ପରି ବିଶାଳ ହୁଅ'



ହୀରକ ଜୟନ୍ତୀ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ବାସୁଦେବ ବଲ୍ଲଭ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ

ପୁରୀ ଅଫିସ, ୧୭।୨:

ପୁରୀ ସଦର ଅନ୍ତର୍ଗତ ବାସୁଦେବ ବଲ୍ଲଭ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ପୂର୍ତ୍ତି ଉତ୍ସବ ତଥା ହୀରକ ଜୟନ୍ତୀ ସମାରୋହ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟିର ସଭାପତି ଐତିହ୍ୟ ବିଶାରଦ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ଶିକ୍ଷାବିତ୍ ମହେନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ପୃଥିବୀ ପରି ସହନଶୀଳ ଓ ସମୁଦ୍ର ପରି ବିଶାଳ ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ ଅତିଥି ପରିଚୟ ଦେଇଥିଲେ। ପୁରାତନ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପୂର୍ବକୁ ଶିକ୍ଷକ ରବି ନାରାୟଣ ସାହୁ, ଭୀମସେନ ବେହେରା ଏବଂ ଅର୍ଚ୍ଚନା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କୃତି ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇଥିଲେ। ଅଧ୍ୟାପକ ଡ. ପ୍ରଭାକର ତ୍ରିପାଠୀ, ଶାସନ ଦାମୋଦର ସରପଞ୍ଚ ରାଜେଶ ଦାଶ, ସମିତି ସଭ୍ୟା ସୁଜାତା ସ୍ୱାଇଁ, ନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦର ସମ୍ପାଦିକା ମମତା ମିଶ୍ର, ସାମାଜିକ କର୍ମୀ କେଶବ ଚନ୍ଦ୍ର ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରତାପ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଯୋଗାସନ, ଶାରୀରିକ କ୍ରୀଡ଼ା ପ୍ରଦର୍ଶନ ସହିତ ନାଟକ 'ଦସ୍ୟୁ ରତ୍ନାକର ପରିବେଷିତ ହୋଇଥିଲା।

## ଆଲମିରା ତାଲା ଭାଙ୍ଗି ୧୦ଲକ୍ଷର ଅଳଙ୍କାର ଚୋରି

ନିମାପଡ଼ା,୧୭।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତର ଅଲଣ୍ଡି ଗ୍ରାମରେ ଗୁରୁବାର ରାତିରେ ଏକ ଘରେ ପଶି ଆଲମିରା ତାଲା ଭାଙ୍ଗି ୧୦ଲକ୍ଷ ଟଙ୍କାର ସୁନାଗହଣା, ଟଙ୍କା ଚୋରି କରିନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଲଣ୍ଡି ଗ୍ରାମର ଦୁଃଖିଶ୍ୟାମ ସ୍ୱାଇଁଙ୍କ ପରିବାର ଗୁରୁବାର ରାତିରେ ଖାଇସାରି ଶୋଇଥିଲେ। ତେବେ ସକାଳୁ ଉଠିବା ବେଳେ ଘରର ବାହାରର ଗ୍ରୀଲ ଖୋଲାଥିଲା। ଏପରିକି ଆଲମିରାର ତାଲା ଭଙ୍ଗାଯାଇ ସେଥିରୁ ୨ଟି ସୁନାହାର, ଗୋଟିଏ ସୁନାଚେନ, ୪ ଶଙ୍ଖା, ହଳେ କାନଫୁଲ, ୨ଟି ମୁଦି ସମେତ କେତେକ ଟଙ୍କା ଚୋରି ହୋଇଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଦୁଃଖିଶ୍ୟାମ କହିଛନ୍ତି। ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁରୀରୁ ସାଇଣ୍ଟିଫିକ ଟିମ୍ ସହ କୁକୁର ଆସି ଯାଞ୍ଚ କରିଛନ୍ତି।

## ଜେଲ ଗଲେ ବୃଦ୍ଧ ଭିକ୍ଷୁକ

### ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ ଘଟଣା

ନିମାପଡ଼ା,୧୭।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଗଞ୍ଜାମ ଜିଲାର ଜଣେ ବୃଦ୍ଧ ଭିକାରିଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଏକ ମାମଲା (ନଂ. ୩୩/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବୃଦ୍ଧ ଭିକ୍ଷୁକ ଯୁବତୀଙ୍କ ଘରକୁ ଭିକ୍ଷା ମାଗିବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ସେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ସେହି ସମୟରେ ଯୁବତୀଙ୍କ ଭାଉଜ ଆସିବାରୁ ବୃଦ୍ଧ ଦୌଡ଼ି ପଳାଉଥିଲେ। ଗ୍ରାମର କେତେକ ବ୍ୟକ୍ତି ତାଙ୍କୁ କାବୁ କରି ଗ୍ରାମରେ ବୁଲାଇଥିଲେ। ପରେ ତାଙ୍କୁ ପୋଲିସ ଜିମା ଦିଆଯାଇଥିଲା।

# ଷ୍ଟକ୍ ମାର୍କେଟ ସମ୍ପର୍କିତ ଆଲୋଚନାଚକ୍ର

ପୁରୀ ଅଫିସ, ୧୭।୨:

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଏମ୍‌ଏଫ୍‌ସି, ଏମ୍‌ବିଏ ଏବଂ ବିବିଏ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାପିଟାଲ ମାର୍କେଟ ସଚେତନତା ଓ ଷ୍ଟକ୍ ମାର୍କେଟ ଯାନ୍ତ୍ରିକତା ସମ୍ପର୍କିତ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସାମ୍ପ୍ରତିକ ଅର୍ଥନୈତିକ ପରିସ୍ଥିତିରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି ସେ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ବକ୍ତା ଭାବେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଭୁବନେଶ୍ୱର ଆଞ୍ଚଳିକ ଶାଖାର ବରିଷ୍ଠ ପ୍ରବନ୍ଧକ ସୌମ୍ୟରଞ୍ଜନ ସାହୁ ଯୋଗଦେଇ କ୍ୟାପିଟାଲ ମାର୍କେଟ ଅନ୍ତର୍ଗତ ପ୍ରାଇମାରୀ ମାର୍କେଟ, ସେକେଣ୍ଡାରୀ ମାର୍କେଟ ଏବଂ ମନି ମାର୍କେଟ ସମ୍ବନ୍ଧରେ ବୁଝାଇଥିଲେ। ପାୱର ପଏଣ୍ଟ ମାଧ୍ୟମରେ ସେ ଷ୍ଟକ୍ ଓ ଡେରିଭେଟିଭ୍ ସମ୍ପର୍କରେ ସାରଗର୍ଭକ ଉପସ୍ଥାପନା ଦେବା ସହିତ ଷ୍ଟକ୍ ମାର୍କେଟରେ ହେଉଥିବା ବିଭିନ୍ନ ପ୍ରକାର ଟ୍ରେଡିଙ୍ଗ ସମ୍ବନ୍ଧରେ ବୁଝାଇଥିଲେ। ଲମ୍ବା ସମୟ ପାଇଁ ଷ୍ଟକ୍ ମାର୍କେଟରେ ନିୟମିତ ବିନିଯୋଗ ଭଲ ଆର୍ଥିକ ଲାଭ ଦିଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଶେଷଭାଗରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ, ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା ଏବଂ ରାଜେଶ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମବାୟ ସଚେତନତା ପାଠଚକ୍ର

ପିପିଲି,୧୭।୨(ସ୍ୱ.ପ୍ର.)

ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏନ୍‌ସିୟୁଆଇ ପୁରୀ ଜିଲା କ୍ଷେତ୍ରସ୍ତରୀୟ ଶିକ୍ଷା ପରିଯୋଜନା ଆନୁକୂଲ୍ୟରେ ଏକ ସମବାୟ ସଚେତନତା ପାଠଚକ୍ର ପିପିଲି ଜବାହର ବିଦ୍ୟାପୀଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ଯୁବକ ଯୁବତୀଙ୍କୁ ସମବାୟ ମାଧ୍ୟମରେ ଆତ୍ମନିଯୁକ୍ତି' ଶୀର୍ଷକ ଆଲୋଚନାଚକ୍ରକୁ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ହେମନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ପାଠଚକ୍ରରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ସମ୍ପାଦକ ତଥା ପ୍ରଶିକ୍ଷକ ବ୍ରହ୍ମାନନ୍ଦ ପରିଡ଼ା, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ସାରଥୀ ଶତପଥୀ, ଅବସରପ୍ରାପ୍ତ ଉପନିବନ୍ଧକ ଡ.ପାତଞ୍ଜଳି ତ୍ରିପାଠୀ, ଜବାହର ବିଦ୍ୟାପୀଠର ପ୍ରଧାନଶିକ୍ଷକ ପୀତବାସ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମବାୟର ସଂଜ୍ଞା, ମୂଲ୍ୟବୋଧ ଓ ନୀତି ଉପରେ ଆଲୋକପାତ କରିବା ସହ ସମବାୟ ସଂସ୍ଥା ମାଧ୍ୟମରେ ଆତ୍ମନିଯୁକ୍ତି ସମ୍ପର୍କରେ ବିଭିନ୍ନ ତଥ୍ୟ ରଖିଥିଲେ। ସମବାୟ ସଂସ୍ଥାର ଗଠନ ଓ ପରିଚାଳନା ଉପରେ ମଧ୍ୟ ଅତିଥିମାନେ ଆଲୋଚନା କରିଥିଲେ। ଅନୁଷ୍ଠାନର ପ୍ରକଳ୍ପ ଅଧିକାରୀ ଶୁଭଶ୍ରୀ ସ୍ୱାଇଁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜବାହର ବିଦ୍ୟାପୀଠର ୨ଶହରୁ ଅଧିକ ଛାତ୍ରୀଛାତ୍ର ଏହି ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏନ୍‌ସିୟୁଆଇ ପୁରୀ ପ୍ରକଳ୍ପର ଅଧ୍ୟକ୍ଷ ହେମନ୍ତ ନାୟକ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ

ପୁରୀ ଅଫିସ, ୧୭।୨:

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ବିଭିନ୍ନ ମହଲରୁ ଦାବି ତେଜିବାରେ ଲାଗିଛି। ଏହି ଆନ୍ଦୋଳନରେ ମହାବିଦ୍ୟାଳୟର ପୁରାତନ ଛାତ୍ର ନେତାମାନେ ସାମିଲ ହୋଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ପୂର୍ବତନ ଛାତ୍ର ନେତା ବଦ୍ରି ମିଶ୍ର, ଭଗବାନ ପଢ଼ିହାରୀ, ନାରାୟଣ ସିଂହ, ରବି ନାରାୟଣ ନାୟକ, ବିଶାଳ ମହାନ୍ତି, ରୋଶନ ପ୍ରଧାନ, ସୁଜିତ ମହାନ୍ତି, ଜୟନ୍ତ ଦାସ, ହିମାଂଶୁ ସାହୁ, ସଂଗ୍ରାମ ପରିଡ଼ା, ଅଭିନାଶ ମହାନ୍ତି, ଆଲୋକ ଚନ୍ଦ୍ର ବାରିକ, ସୁଧାଂଶୁ ସାହୁ ପ୍ରମୁଖ ଏହି ଦାବି ଉଠାଇଛନ୍ତି। ୧୯୪୪ ମସିହାରେ ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏହାର ଛାତ୍ରୀଛାତ୍ରମାନେ ପରବର୍ତ୍ତୀ ସମୟରେ ରାଜ୍ୟ ତଥା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଛନ୍ତି। ୭୯ ବର୍ଷ ପୁରୁଣା ଏହି କଲେଜକୁ ସରକାରୀ ସ୍ତରରେ ଯେଉଁଭଳି ଗୁରୁତ୍ୱ ମିଳିବା କଥା ତାହା ମିଳିପାରି ନ ଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପାଇଛି। ତୁରନ୍ତ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ତୁର୍କୀ ଓ ସିରିଆ ଭୂକମ୍ପ ପ୍ରପୀଡ଼ିତଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ 'ଆପଣଙ୍କ ସେବାରେ' ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

## ବିଧାୟକଙ୍କ ଦ୍ୱାରା ଜିମ୍ ଉଦ୍‌ଘାଟିତ

ପିପିଲି,୧୭।୨(ଡି.ଏନ୍.ଏ.)– ପିପିଲି ବ୍ଲକ ଦଣ୍ଡମୁକୁନ୍ଦପୁର ପଞ୍ଚାୟତରେ ଶୁକ୍ରବାର ଏକ ଜିମ୍ ସେଣ୍ଟରକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରିଛନ୍ତି। ଜିମ୍ ପାଇଁ ପଞ୍ଚାୟତ ଅର୍ଥରୁ ୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଜିମ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ ନେବ। ବିଭିନ୍ନ ପଞ୍ଚାୟତରେ ଏଭଳି ରୁରାଲ ଜିମ୍ ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମହାରଥୀ କହିଛନ୍ତି। ଜିମ ଖୋଲିବା ନେଇ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ ଓ ସରପଞ୍ଚ ପରେଶ ମିଶ୍ର ଉତ୍ସାହିତ ଅଛନ୍ତି।

# ୧୯ରେ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆରମ୍ଭ'

### ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜନ ହେବ

- ଯୋଗଦେବେ ଓଲିଉଡ୍, ବଲିଉଡ୍‌ର ନାମୀ କଳାକାର
- ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ

ପୁରୀ ଅଫିସ, ୧୭।୨:



ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

ଆସନ୍ତା ୧୯ ତାରିଖରେ ପୁରୀ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଡି-ଡାନ୍ସ ଷ୍ଟୁଡିଓ ତରଫରୁ ଏକ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆରମ୍ଭ' ଆୟୋଜନ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ମିଶ୍ର, ସାଧାରଣ ସମ୍ପାଦକ ଦେବାଶିଷ ସିଂ, ଉପସଭାପତି ସମୀର ଶତପଥୀ ଓ ପ୍ରଦୀପ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ସୌମ୍ୟ ରଞ୍ଜନ ମିଶ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ଭରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କଲର୍ସ ଟିଭିରେ ପ୍ରସାରିତ ହୁନରବାଜ୍ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଅନିର୍ବାନ ରୟ (ବଂଶୀବାଦକ), ଓଲିଉଡ୍ କଣ୍ଠଶିଳ୍ପୀ ତାରିକ୍ ଅଜିଜଙ୍କ ସମେତ ବେତାର, ଚଳଚ୍ଚିତ୍ର ଓ ଦୂରଦର୍ଶନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଢେଙ୍କାନାଳର ରିଙ୍କେଲ ଡ୍ୟାନ୍ସ ଗ୍ରୁପ୍ ଏବଂ ଏ.କେ.ଡ୍ୟାନ୍ସ ଗ୍ରୁପ୍, ପୁରୀର ନିଳାଦ୍ରୀ ୟୁଥ୍ କଲଚରାଲ ଏକାଡେମୀର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ମୁକ୍ତି ଅପେକ୍ଷାରେ ଥିବା 'ନିୟତି' ଓ 'ଭାଇ' ଚଳଚ୍ଚିତ୍ରର କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ ପ୍ରଦାନ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ। ସେହିପରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

**୫୦୦ ବିମାନ କିଣିବାକୁ ଅର୍ଡର କଲା ଇଣ୍ଡିଗୋ**

ଏୟାର ଇଣ୍ଡିଆ ପରେ ଇଣ୍ଡିଗୋ ଏୟାରଲାଇନ୍ସ ପାଖାପାଖି ୫୦୦ ବିମାନ କିଣିବା ପାଇଁ ଅର୍ଡର କରିଛି। ଇଣ୍ଡିଗୋ ତୁର୍କୀର ଏକ ଏୟାରଲାଇନ୍ସ ସହ ମିଳିତ ଭାବେ ୟୁରୋପକୁ ସେବା ସମ୍ପ୍ରସାରଣ କରିବା ଲାଗି ଯୋଜନା କରିଥିବା ଏହାର ଅନ୍ତର୍ଜାତୀୟ ସେଲ୍ସ ମୁଖ୍ୟ ବିନୟ ମାଲହୋତ୍ରା ଶୁକ୍ରବାର କହିଛନ୍ତି। ଭାରତରୁ ଇସ୍ତାନବୁଲ ଏବଂ ୟୁରୋପକୁ ଯାତ୍ରୀ ସେବାରେ ଉନ୍ନତି ଆଣିବାରେ ଏହା ସହାୟକ ହେବ। ବର୍ତ୍ତମାନ ଇଣ୍ଡିଗୋ ଏୟାରଲାଇନ୍ସର ଦିନକୁ ୧,୮୦୦ ବିମାନ ଚଳାଚଳ କରୁଛି।



ବର୍ଲିନ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଗୁରୁବାର ଆରମ୍ଭ ହୋଇଛି। ଏହି ଚଳଚ୍ଚିତ୍ର ମହୋତ୍ସବ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୬୭ ଦେଶର ପ୍ରାୟ ୩୦୦ ନୂଆ ଫିଲ୍ମ ପ୍ରଦର୍ଶିତ ହେବ। ସେଥିରୁ ୩୮.୭% ମହିଳାଙ୍କ ଦ୍ୱାରା ନିର୍ଦ୍ଦେଶିତ।



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ବର୍ଲିନ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଘାଟନୀ ସମାରୋହକୁ ଏକ ଭିଡିଓ ଲିଙ୍କ୍ ଜରିଆରେ ସମ୍ବୋଧିତ କରିଛନ୍ତି। ସବୁ ସୀମା ସରହଦ ଅତିକ୍ରମ କରିବାରେ ସିନେମା ସକ୍ଷମ ବୋଲି ଏହି ଅବସରରେ ସେ ଦର୍ଶକମାନଙ୍କୁ କହିଛନ୍ତି। ଜେଲେନ୍ସ୍କି ସ୍କ୍ରିନ୍‌ରେ ଦୃଶ୍ୟମାନ ହେବା ମାତ୍ରେ ତାଙ୍କୁ ଷ୍ଟାଣ୍ଡିଂ ଓଭେଶନ୍ ଦିଆଯାଇଥିଲା।



ଫିଲ୍ମ ଫେଷ୍ଟିଭାଲର ଓପନିଂ ନାଇଟ୍‌ରେ ହଲିଉଡ୍ ଅଭିନେତ୍ରୀ କ୍ରିଷ୍ଟେନ୍ ଷ୍ଟେୱାର୍ଟ (ଡାହାଣ) ସର୍ବକନିଷ୍ଠ ଅନ୍ତର୍ଜାତୀୟ ଜୁରି ଭାବେ ସାମିଲ ହୋଇଛନ୍ତି। ତାଙ୍କ ସହ ଇରାନୀୟ ଅଭିନେତ୍ରୀ ଗୋଲଶିଫ୍‌ତେହ ଫାରାହନି ମଧ୍ୟ ଜୁରି ରୂପେ ଯୋଗଦେଇଛନ୍ତି। ବର୍ଲିନାଲେରେ ଫାରାହନିଙ୍କ ଉପସ୍ଥିତି ତାଙ୍କ ପାଇଁ ଏକ ପ୍ରତୀକାତ୍ମକ ପ୍ରତିବାଦ। 'ରିଡ୍‌ଲେ ସ୍କଟ୍' ଫିଲ୍ମରେ ଅଭିନୟ ପରେ ଅତି ରକ୍ଷଣଶୀଳ ଇରାନ ତାଙ୍କୁ ଅବାଞ୍ଛିତ ବ୍ୟକ୍ତି ଭାବେ ଘୋଷଣା କରିବାରୁ ସେ ବାଧ୍ୟହୋଇ ଦେଶ ଛାଡ଼ିଥିଲେ।

# ବଜରଙ୍ଗ ଦଳ କର୍ମୀ ଅପହରଣ ପରେ ଜାଳିଦେଲେ

## ପରିବାରର ଅଭିଯୋଗ

### କାର୍‌ରୁ ମିଳିଥିଲା ୨ ମୃତଦେହ: ଅଭିଯୁକ୍ତ ଗିରଫ

**ଜୟପୁର,୧୭।୨(ପି.ଟି.)**



ହରିୟାଣାରେ ଏକ କାର୍‌ରୁ ୨ ମୁସଲମାନଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିବା ଘଟଣାରେ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ହରିୟାଣା ନୁହ ଜିଲାର ଫିରୋଜପୁର ଝିର୍କା ଅଞ୍ଚଳର ରିଙ୍କୁ ସାଇନି(୩୨)ଙ୍କୁ ଜେରା ପରେ ଗିରଫ କରାଯାଇଛି। ଟ୍ୟାକ୍ସି ଡ୍ରାଇଭର ସାଇନି ଗୋସୁରକ୍ଷା କର୍ମୀମାନଙ୍କ ଗୋଷ୍ଠୀ ସହ ସମ୍ପୃକ୍ତ ଥିବା ପୋଲିସ କହିଛି। ଏତଲାରେ ସାଇନିଙ୍କ ସମେତ ୫ ଅଭିଯୁକ୍ତଙ୍କ ନାଁ ରହିଛି। ସେମାନଙ୍କ ବିରୋଧରେ ଆଇପିସିର ଧାରା ୧୪୩(ବେଆଇନ ଭାବେ ଏକତ୍ର ହେବା), ୩୬୫(ଅପହରଣ), ୩୬୭(ଅପହରଣ ପରେ ଗଭୀର ଆଘାତ ଦେବା) ଏବଂ ୩୬୮(ବନ୍ଧକ ରଖିବା)ରେ ମାମଲା ରୁଜୁ ହୋଇଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ସେମାନେ ବଜରଙ୍ଗ ଦଳ ସହ ସମ୍ପୃକ୍ତ ବୋଲି ମୃତକଙ୍କ ପରିବାର ସଦସ୍ୟ କହିଛନ୍ତି।

ଗୋସୁରକ୍ଷା କର୍ମୀମାନେ ୨ ମୁସଲମାନଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ତେବେ ଅପହରଣକାରୀ ଗୋସୁରକ୍ଷା କର୍ମୀ ଥିଲେ କି ନାହିଁ ତାହାର ତଦନ୍ତ ଚାଲିଥିବା ପୋଲିସ କହିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଘଟଣାର ନିନ୍ଦା କହିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ରାଜସ୍ଥାନ ଭରତପୁର ଜିଲା ଘାଟମିକା ଗ୍ରାମର ନାସିର(୨୫) ଏବଂ ଜୁନେଦ୍ ଓରଫ ଜୁନା (୩୫)ଙ୍କୁ ବୁଧବାର ଅପହରଣ କରାଯାଇଥିବାବେଳେ ଗୁରୁବାର ସକାଳେ ସେମାନଙ୍କ ମୃତଦେହ ଭିୱାନିରେ ଏକ ଦଗ୍ଧ କାର୍ ଭିତରୁ ମିଳିଥିଲା। ବଜରଙ୍ଗ ଦଳର କର୍ମୀମାନେ ସେମାନଙ୍କୁ ଅପହରଣ କରିଥିଲେ ବୋଲି ପରିବାର ଅଭିଯୋଗ କରିଥିଲା।

# ଜଷ୍ଟିସ୍ ସଞ୍ଜୟ ମିଶ୍ର ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି



**ନୂଆଦିଲ୍ଲୀ,୧୭।୨:** ଓଡ଼ିଆ ବିଚାରପତି ଜଷ୍ଟିସ୍ ସଞ୍ଜୟ ମିଶ୍ରଙ୍କୁ ଶୁକ୍ରବାର ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ରୂପେ ନିଯୁକ୍ତି ଦିଆଯାଇଛି। ଏନେଇ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ଟୁଇଟ୍ କରି ସୂଚନା ଦେଇଛନ୍ତି। ବର୍ତ୍ତମାନ ଉତ୍ତରାଖଣ୍ଡ ହାଇକୋର୍ଟରେ ଜଜ୍ ଭାବେ କାର୍ଯ୍ୟରତ ଜଷ୍ଟିସ ମିଶ୍ରଙ୍କୁ ପଦୋନ୍ନତି ଦେବା ପାଇଁ ଗତ ଡିସେମ୍ବର ୧୩ରେ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ। ୧୯୬୧ରେ ବଲାଙ୍ଗୀରରେ ଜନ୍ମିତ ଜଷ୍ଟିସ୍ ମିଶ୍ର ଆସନ୍ତା ଡିସେମ୍ବରେ ଅବସର ନେବେ। ପ୍ରକାଶ ଯେ, ଜଷ୍ଟିସ୍ ମିଶ୍ରଙ୍କୁ ଗତ ଅକ୍ଟୋବରରେ ଓଡ଼ିଶା ହାଇକୋର୍ଟରୁ ଉତ୍ତରାଖଣ୍ଡ ହାଇକୋର୍ଟକୁ ବଦଳି କରାଯାଇଥିଲା।

# ଆଜି ପହଞ୍ଚିବେ ୧୨ ଚିତା

**ନୂଆଦିଲ୍ଲୀ, ୧୭।୨**



ଦକ୍ଷିଣ ଆଫ୍ରିକାରୁ ଆସୁଥିବା ୧୨ ଚିତାବାଘ ଶନିବାର ଭାରତରେ ପହଞ୍ଚିବେ। ସେଥିରେ ୭ ପୁରୁଷ ଓ ୫ ମାଈ ଚିତା ଅଛନ୍ତି। ଭାରତୀୟ ବାୟୁସେନାର ସି-୧୭ ଗ୍ଲୋବ୍‌ମାଷ୍ଟର ବିମାନ ସେମାନଙ୍କୁ ଧରି ଭାରତ ଫେରୁଛି। ଶନିବାର ସକାଳ ୧୦ଟାରେ ଉକ୍ତ ବିମାନ ଗ୍ୱାଲିଅରରେ ପହଞ୍ଚିବ ବୋଲି 'ଚିତା' ପ୍ରୋଜେକ୍ଟର ମୁଖ୍ୟ ଏସ୍.ପି. ଯାଦବ କହିଛନ୍ତି। ଅନ୍ୟପକ୍ଷେ ଶନିବାର ଦିନ ଆଇଏଏଫ୍ ବିମାନରେ ଅଣାଯିବାକୁ ଥିବା ଚିତାଙ୍କୁ ସେହି ଦିନ ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କରେ ଛଡ଼ାଯିବ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଶନିବାର କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଉପସ୍ଥିତିରେ ଚିତାଙ୍କୁ କୁନୋ ନ୍ୟାଶନାଲ ପାର୍କରେ ଛଡ଼ାଯିବାର କାର୍ଯ୍ୟକ୍ରମ ରହିଛି। ଗତବର୍ଷ ସେପ୍ଟେମ୍ବର ୧୭ରେ ନାମ୍ବିଆରୁ ୮ ଚିତା ଅଣାଯାଇଥିଲା।

# ଫିଲିପାଇନ୍ସ ଗଭର୍ନରଙ୍କୁ ଗୁଳି: ୪ ଅଙ୍ଗରକ୍ଷୀ ନିହତ

**କାୟୋଆଙ୍ଗା,୧୭।୨:** ଦକ୍ଷିଣ ଫିଲିପାଇନ୍ସ ଅଞ୍ଚଳରେ ଶୁକ୍ରବାର ଜଣେ ପ୍ରାଦେଶିକ ଗଭର୍ନରଙ୍କ କାର୍‌କେଡ୍ ଉପରେ ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି। ସେମାନଙ୍କ ଗୁଳିରେ ଗଭର୍ନର ଆହତ ହୋଇଥିବାବେଳେ ତାଙ୍କର ୪ ଅଙ୍ଗରକ୍ଷୀ ନିହତ ହୋଇଛନ୍ତି। ଲାନାଇ ଡେଲ୍ ସୁର୍‌ର ଗଭର୍ନର ମାମିଣ୍ଟାଲ ଆଲୋଣ୍ଟୋ ଆଡିଓଙ୍ଗ୍ ଜୁନ୍‌ୟରଙ୍କ ଅଣ୍ଟାରେ ଗୁଳି ବାଜିଛି। ତାଙ୍କର ଅନ୍ୟ ଜଣେ ସହଯୋଗୀ ମଧ୍ୟ ଆହତ ହୋଇଛନ୍ତି।

## ଫୁର୍‌ସତ



# ନସିମଙ୍କ ପ୍ରେମରେ ଉର୍ବଶୀ

**ମୁମ୍ବାଇ:** ବୃତ୍ତିଗତ ଜୀବନଠାରୁ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଥାନ୍ତି ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା। ଦୀର୍ଘଦିନ ଧରି ସେ କ୍ରିକେଟର ରିଷଭ ପନ୍ତଙ୍କୁ ନେଇ ଚର୍ଚ୍ଚାରେ ଥିବାବେଳେ ଏବେ ତାଙ୍କ ନାମ ପାକିସ୍ତାନର କ୍ରିକେଟର ନସିମ ଶାହାଙ୍କ ସହ ଯୋଡ଼ା ଯାଉଛି। ଅଭିନେତ୍ରୀ ଏହି ବୋଲରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଫେବୃୟାରୀ ୧୫ରେ ୨୦ ବର୍ଷରେ ପହଞ୍ଚିଥିବା ନସିମ କ୍ୱେଟା ଗ୍ଲାଡିଏଟର୍ସ ଟିମ୍ ସହ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଉର୍ବଶୀ ନସିମଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ ଓ ନସିମ ମଧ୍ୟ ଧନ୍ୟବାଦ ଲେଖିଥିଲେ। ପୂର୍ବରୁ ଉର୍ବଶୀ ନସିମଙ୍କ ସହ ଏକ ଇନଷ୍ଟାଗ୍ରାମ ଷ୍ଟୋରି ଶେୟାର କରି ଟ୍ରୋଲ ହେବା ପରେ ଏହାକୁ ଡିଲିଟ କରିଥିଲେ। ଏବେ କିନ୍ତୁ ଦୁହିଁଙ୍କ କଥା ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଉଭୟଙ୍କ ମଧ୍ୟରେ କ'ଣ ଚାଲିଛି ସେ ନେଇ ଆଲୋଚନା ବଢ଼ିବାରେ ଲାଗିଛି।

# ୫ ହଜାର ବର୍ଷ ତଳର ପବ୍



**ବାଗ୍‌ଦାଦ:** ଦକ୍ଷିଣ ଇରାକରୁ ୫,୦୦୦ ବର୍ଷ ତଳର ଏକ ପବ୍ ଠାବ ହୋଇଛି। ସେଠାରେ ଏକ ବିଶାଳ ଓଭନ, ଡାଇନିଂ ବେଞ୍ଚ, ସର୍ଭିଂ ଡିସ୍ ଓ ପ୍ରାକ୍ ଐତିହାସିକ ଯୁଗର ଶୀତଳୀକରଣ ବ୍ୟବସ୍ଥାର ଅବଶେଷ ରହିଛି। ପେନ୍‌ସିଲଭାନିଆ ଏବଂ ପିସା ୟୁନିଭର୍ସିଟିର ଏକ ମିଳିତ ଟିମ୍ ଏହି ପବ୍‌କୁ ଠାବ କରିଛି। ସେଠାରେ ଥିବା ପାତ୍ରରେ ମାଛ କଣ୍ଟା ଏବଂ ପ୍ରାଣୀ ହାଡ଼ ରହିଥିବାବେଳେ ସେତେବେଳେ ବିଅର ବ୍ୟବହାର ହେଉଥିବାର ସଙ୍କେତ ମିଳିଛି। କାରଣ ସୁମେରୀୟମାନଙ୍କର ମଦ୍ୟପାନ ସାଧାରଣ କଥା ଥିଲା। ପୁରାତତ୍ତ୍ୱବିତ୍‌ମାନେ ଠାବ କରିଥିବା ଏକ ବାର୍ ୫,୦୦୦ ବର୍ଷର ପୁରୁଣା। ଏଥିରୁ ଉକ୍ତ ପ୍ରଥମ ସହରର ଦୈନନ୍ଦିନ ଜୀବନୀ ସମ୍ପର୍କରେ ସୂଚନା ମିଳିବ ବୋଲି କୁହାଯାଉଛି। ଆମେରିକୀୟ-ଇଟାଲୀୟ ଟିମ୍ ସେଠାରୁ ପୁରୁଣା ସାମଗ୍ରୀ ସହ କଳାକୃତି ଉଦ୍ଧାର କରିଛି।

# ସ୍ୱାମୀ ୨୯, ସ୍ତ୍ରୀ ୨୩ ଥର ବିବାହ କରିଥିଲେ

**ୱାଶିଂଟନ୍**

ଆମ ଦେଶରେ ବିବାହ ଏକ ପବିତ୍ର ବନ୍ଧନ ଭାବରେ ବିବେଚନା କରାଯାଏ। ଏହାକୁ ସାତ ଜନ୍ମର ସମ୍ପର୍କ କୁହାଯାଏ। ଅଧିକାଂଶ ଲୋକ ଏକାଧିକ ବିବାହ କରିଥାନ୍ତି। ଯଦିଓ ବର୍ତ୍ତମାନ ଭାରତରେ ଛାଡ଼ପତ୍ର ମାମଲା ବଢ଼ୁଛି ତଥାପି ଗୋଟିଏ ଜୀବନରେ ୨୦-୨୫ ବିବାହ କରିବାକୁ କେହି ସକ୍ଷମ ନୁହନ୍ତି। ଆଜି ଏମିତି ଦମ୍ପତିଙ୍କ ବିଷୟରେ କହିବୁ ଯେଉଁମାନେ ନିଜ ସ୍ତ୍ରୀ-ସ୍ୱାମୀଙ୍କୁ ଡ୍ରେସ ପରି ବଦଳାଇଛନ୍ତି। ଆମେରିକାର କାଲିଫର୍ନିଆର ରେଡଲାଣ୍ଡ ବାସିନ୍ଦା ଗ୍ଲିନ ୱଲ୍ଫେ ତାଙ୍କ ଜୀବନରେ ୨୯ଟି ବିବାହ କରିଛନ୍ତି। ସେ ୧୯୨୭ରୁ ବିବାହ ଆରମ୍ଭ କରିଥିଲେ ଏବଂ ୧୯୯୬ରେ ଶେଷ ବିବାହ କରିଥିଲେ। ଏହି ବିବାହର ଏକ ବର୍ଷ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ଲିନ କେବଳ ଜଣେ ସ୍ତ୍ରୀଙ୍କ ସହ କିଛି ସମୟ ବିତାଇବା ପରେ ଦ୍ୱିତୀୟ ବିବାହ କରିଥିଲେ। ସେ ମୋଟ ୪୧ ସନ୍ତାନର ପିତା ଥିଲେ। ସେ ତାଙ୍କର ୨୮ତମ ସ୍ତ୍ରୀଙ୍କ ସହିତ ଦୀର୍ଘ ସମୟ ଅର୍ଥାତ୍ ୧୧ବର୍ଷ ପର୍ଯ୍ୟନ୍ତ ରହିଥିଲେ ଏବଂ ତାଙ୍କର ସବୁଠାରୁ କମ୍ ସମୟ ବିବାହ ୧୯ଦିନ ଥିଲା। ଗ୍ଲିନ ୱଲ୍ଫେଙ୍କ ଶେଷ ସ୍ତ୍ରୀଙ୍କ ନାମ ଲିଣ୍ଡା ୱଲ୍ଫେ। କୌତୂହଳର ବିଷୟ ହେଉଛି ଯେତେବେଳେ ଲିଣ୍ଡା ଗ୍ଲିନ୍‌ଙ୍କୁ ବିବାହ କରିବା ପୂର୍ବରୁ ୨୨ଟି ବିବାହ କରିଥିଲେ। ଗ୍ଲିନଙ୍କ ସହିତ ଏହା ତାଙ୍କର ୨୩ତମ ବିବାହ ଥିଲା। ଲିଣ୍ଡା ୧୬ ବର୍ଷ ବୟସରୁ ବିବାହ ଆରମ୍ଭ କରିଥିଲେ। ସେ ଅପରାଧୀଙ୍କଠାରୁ ଆରମ୍ଭ କରି ଭୂମିହୀନ ପୁରୁଷ, ସଂଗୀତଜ୍ଞ, ପ୍ଲମ୍ବରଙ୍କ ସହିତ ବିବାହ କରିଥିଲେ। ତାଙ୍କର ସବୁଠାରୁ କମ୍ ସମୟର ବିବାହ ୩ ଦିନ ହୋଇଥିବାବେଳେ ସେ ଜଣେ ବ୍ୟକ୍ତିଙ୍କୁ ତିନିଥର ବିବାହ କରିଥିଲେ। ତାଙ୍କର ଶେଷ ଯୋଡ଼ି ସମ୍ପୂର୍ଣ୍ଣ ଥିଲା।

# ଶାହରୁଖଙ୍କ ରେକର୍ଡ ଭାଙ୍ଗିଲେ ଏମ୍‌ସି ଷ୍ଟାନ୍



**ମୁମ୍ବାଇ:** ବିଗ୍‌ବସ ବିଜେତା ହେବା ପରେ ରାପର୍ ଏମ୍‌ସି ଷ୍ଟାନ ଓରଫ ଅଲତାଫ ଶେଖ୍‌ଙ୍କ ଲୋକପ୍ରିୟତା ଆକାଶ ଛୁଇଁଛି। ଏବେ ସେ ଭାରତର ସବୁଠାରୁ ଚର୍ଚ୍ଚିତ ସେଲିବ୍ରିଟି ପାଲଟିଛନ୍ତି। ସୋସିଆଲ ମିଡିଆରେ ସେ ଏକ ନୂଆ ଉପଲବ୍ଧି ହାସଲ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଲାଇଭ ଆସିବା ପରେ ସର୍ବାଧିକ ଦେଖାଯାଇଥିବା କଳାକାର ଭାବେ ଇତିହାସ ରଚିଛନ୍ତି। ଗୁରୁବାର ଅପରାହ୍ନରେ ଷ୍ଟାନ ପ୍ରଥମ ଥର ଇନଷ୍ଟାଗ୍ରାମରେ ଲାଇଭ ଆସିବା ପରେ ୫୪୧ ହଜାରରୁ ଅଧିକ ପ୍ରଶଂସକ ଯୋଡ଼ି ନୂଆ ରେକର୍ଡ କରିଥିଲେ। ସର୍ବାଧିକ ଦେଖାଯାଇଥିବା ଭାରତୀୟ ସେଲିବ୍ରିଟି ମାମଲାରେ ସେ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଶାହାରୁଖଙ୍କ ଲାଇଭ୍‌ରେ ୨୫୫ ହଜାର ଲୋକ ଯୋଡ଼ି ହୋଇଥିଲେ।


**Government of Odisha, e- Procurement Notice**
**INVITATION FOR BIDS (IFB)**
Email ld-sedklpwd@gmail.com
**Bid Identification No. C.C.E.Dkl.(R&B) 22/2022-23**
**Letter No. 422/Dt.15.02.2023**

No. B-1264:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed below:

1. Name of the work : Road work
2. No. of works : 01 (One) No.
3. Estimated Cost : **Rs. 7,47,44,141/- (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'A' & 'Special' Class **(as given in column No. 07 of table)**
6. Period of Completion of work : 09 (Nine) Calendar months **(as given in column No. 08 of table)**
7. Date and time of availability of bid Document in the website : From Dt.22.02.2023 to 5.30 P.M. of Dt.08.03.2023
8. Date of opening of bid : Dt.09.03.2023 at 11.30 hours

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any Addendum/ Corrigendum/cancellation of tender can also be seen in the said website.

**Sd./- Chief Construction Engineer**
OIPR-34132/11/0031/2223 **Dhenkanal(R&B) Circle, Dhenkanal**

**OFFICE OF THE PANCHAYAT SAMITI RAIRANGPUR**
At/Po-Rairangpur,Dist-Mayurbhanj, Odisha
E-mail: ori-rairangpur@nic.in
Advt. No.456/BDO-Rairangpur/2022-23 Dt.16.02.23

**TENDER CALL NOTICE**

**No.i-441:**Sealed tenders (Percentage rate) are invited from the interested " C & B" Class Contractors registered with the Govt. for execution of Civil work under Panchayat Samiti, Rairangpur, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o: BDO, Rairangpur only through Regd. and Speed post. Other mode of communication will not be entertained.

1. Sale of Tender Papers:-20.02.2023 to 03.03.2023 up to 1.00PM.
2. Last Date of receipt of tender Papers:- 03.03.2023 up to 5.00PM.
3. Date of Opening of tender paper at Conference hall, Rairangpur block, Mayurbhanj on Dt.10.03.2023 at 11.30AM.
4. Mode of receipt:Through either regd. post or speed post only to O/o. BDO, Rairangpur, Mayurbhanj.
5. Envelop should be super-scribed with the name of works for which tender paper is being submitted otherwise will be rejected.

**Sd./- Block Development Officer,**
OIPR-19147/11/0001/2223 **Rairangpur, Mayurbhanj**

See Career Appointment on every Wednesday & Saturday

**GOVERNMENT OF ODISHA** No.O-1868
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**E-Mail: sencrwangul@yahoo.co.in; Ph.: 06764-236404**
**No. 366 // Dt.14.02.23**
**e-Procurement Notice for CMRL Road works in Odisha**

1. Name of the work : **Road works.** 2. Total No. of work : **7 Nos.** 3. Estimated Cost : **Rs.95.22 to 433.17 Lakhs.** 4. Class of Contractor : **As per annexure.** 5. Period of completion : **09 (Nine) Calendar Months.**
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | **CMRL Road Online-AGL-19/2022-23** | 24.02.23 at 10.00 A.M. | 10.03.23 up to 5.00 P.M. | 06.03.23 upto 1.00 P.M. | 13.03.23 upto 11.00 A.M. | Will be intimated later |

For detailed Notice inviting Tenders, Please visit to the website www.tendersorissa.gov.in.

**Sd./- D. Padhi,**
**OIPR-25180/11/0027/2223** Chief Construction Engineer, Rural Works Circle, Angul

**GOVERNMENT OF ODISHA** No. O-1866
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
**At: Ambapua, P.O.- Engineering School, Near Income Tax Office, Berhampur - 760011**
**(E-mail: serwbpr2004@yahoo.com, Tel/Fax: 0680-2404287)**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender / 75-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 75-2022-23/ BPR | Road Works including 05 years Post Construction maintenance under CMRL for the year 2022-23 | 05 Nos. | From Rs.126.29 lakhs to Rs.224.93 Lakhs | "B" Class & "A" Class as applicable | 06 (Six) & 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 75-2022-23/BPR | 23.02.2023 at 10.00 A.M. | 10.03.2023 upto 3.00 P.M. |

**(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.**
**(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**
Further details & Corrigendum if any can be seen from the website: **www.tendersodisha.gov.in**.
**OIPR-25071/11/0120/2223** **Sd./- P.K. Jena, Chief Construction Engineer, R.W. Circle, Berhampur**

**GOVERNMENT OF ODISHA** No.O-1863
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
**Tel. 06766-258301 (O), e-mail: se_nerwkjr@rediffmail.com**
**e-Procurement Notice for Road Works under DMF**
**Identification No. Road Online NCB No. 362 | No. 693/Date: 15.02.23**

**1.** Name of the work :- **Construction of Road Works under DMF in the District of Keonjhar.**
**2.** No. of work :- **04** (Four) Nos. **3.** Estimated Cost :- As per Annexure in NIT. **4.** Class of Contractor (Eligible) :- As per Annexure in NIT. **5.** Period of Completion :- As per Annexure in NIT. **6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 362 | Dt.23.02.23 at 11.00 A.M. | Dt.14.03.23 up to 5.00 P.M. | Dt.13.03.23 up to 5.00 P.M. | Dt.15.03.23 at 11.00 A.M. | Will be intimated later |

• **Further details can be seen from the website: www.tendersorissa.gov.in**
OIPR-25177/11/0040/2223 **Sd./- Chief Construction Engineer, R.W. Circle, Keonjhar**

# ଫ୍ରେଣ୍ଡ୍-ରିକ୍ୱେଷ୍ଟ

ଗଳ୍ପ

ପ୍ରତାପ ବିଶ୍ୱାଳ

ତା' ପ୍ରଥମ ଫ୍ରେଣ୍ଡ୍-ରିକ୍ୱେଷ୍ଟକୁ ମୁଁ ଡିଲିଟ୍ କରିଦେଇଥିଲି। କାରଣ ସେଇଟା ଗୋଟାଏ ସିମ୍ବଲିକ୍ ଛବିର ଫ୍ରେଣ୍ଡ୍-ରିକ୍ୱେଷ୍ଟ ଥିଲା। ଦୁଇଦିନ ପରେ ଦେଖେ ତ ପୁଣି ସେଇ ଫ୍ରେଣ୍ଡ୍-ରିକ୍ୱେଷ୍ଟ। ସେଇ ଛବି, ଗୋଟାଏ ପାନ ପତ୍ରକୁ ନାଲି ନେଲ୍‌ପଲିସ୍‌ଦିଆ ନଖରେ ଧରିଛି; ଯାହା ଭିତରେ ଅକ୍ଷରଟାଏ ଅଛି 'ଟି'। ତା' ପ୍ରୋଫାଇଲ୍‌କୁ ଦେଖିଲି। ମାତ୍ର ଦୁଇଟା ଛବି ସେ ପ୍ରୋଫାଇଲ୍‌ରେ। ଗୋଟାଏ ଜଣେ ବୟସ୍କ ଲୋକ ସହ ସିଏ। ଅନ୍ୟ ଗୋଟାଏ କାକରଭିଜା ଗୋଲାପ ଫୁଲର ଛବି। ମନକୁ କ'ଣ ଆସିଲା କେଜାଣି କନ୍‌ଫର୍ମ କରିଦେଲି।

ସେଇଦିନ ସାଢ଼େ ବାରଟା ହେବ ମେସେଞ୍ଜରକୁ ଲେଖା ଆସିଲା- "ଅଜା ପ୍ରଣାମ। କ'ଣ କରୁଛନ୍ତି?" ମୁଁ ଲେଖିଲି, ଖାଇବାକୁ ଯାଉଛି। ସେ ପୁଣି ଲେଖିଲା 'ହଉ, ଖାଇସାର'। ମୁଁ କିଛି ବୁଝିପାରୁ ନ ଥିଲି କିଏ ମୋତେ ଅଜା ସମ୍ବୋଧନ କରି ଲେଖୁଛି! ମୁଁ ତ ଅଜା ହେବାର ସୌଭାଗ୍ୟ ଏ ପର୍ଯ୍ୟନ୍ତ ପାଇନି। ଝିଅ ବାହାଘରକୁ ବର୍ଷେ ହୋଇନି। ପୁଅ ବି ଏ ପର୍ଯ୍ୟନ୍ତ ଅବିବାହିତ। ତିନିଟା ବେଳକୁ ପୁଣି ମେସେଜ୍ ଆସିଲା- "କ'ଣ କରୁଛନ୍ତି ଅଜା?" ମୁଁ ବିରକ୍ତରେ ଲେଖିଲି- "କ'ଣ ଅଜା, ଅଜା ଲେଖୁଛନ୍ତି। ମୁଁ ତୁମର କି ଅଜା, କିଏ ଆପଣ? ମୁଁ କେମିତି ତୁମର ଅଜା ହେଲି?" ସେ ଏଥରକ ଲେଖିଲା: ଆପଣଙ୍କ ପ୍ରୋଫାଇଲ୍‌ରେ ଆପଣଙ୍କ ଜନ୍ମ ତାରିଖ ଲେଖାଅଛି। ମୁଁ ବହୁତ ଛୋଟ।

: ଛୋଟ ମାନେ କ'ଣ କରୁଛନ୍ତି ଆପଣ। କ'ଣ ଆପଣଙ୍କ ପରିଚୟ?

: ମୋର ପ୍ଲସ୍‌ଟୁ ଫାଷ୍ଟ ଇୟର ହେଲା। ଆମ ଘର ପୁରୀ ତାଳବଣିଆ। ଆପଣ ମୋତେ 'ଆପଣ' କାହିଁ ଲେଖୁଛନ୍ତି? ମୋତେ ତୁ ଲେଖନ୍ତୁ। ମୋ' ନାଁ ଶ୍ରୀୟା। ଡାକ ନାଁ ଆନି। ଆପଣଙ୍କ ଫୋନ୍ ନମ୍ବରଟା ଦିଅନ୍ତୁ ନା ପ୍ଲିଜ୍।

ମୁଁ କହିଲି- ମୁଁ କାହାକୁ ଫୋନ୍ ନମ୍ବର ଦିଏ ନାହିଁ।

ସେଦିନ ରାତି ଏଗାରଟା। ପୁଣି ଫୋନ୍ ଆସିଲା। ଦେଖେ ତ ଗୋଟାଏ ଅଜଣା ନମ୍ବର। ଏତେ ରାତିରେ ଗୋଟାଏ ଅଜଣା ନମ୍ବରରୁ କଲ୍! କିଛି ନ ଭାବି ଉଠାଇ ହ୍ୟାଲୋ କହିଛି ତ ସେପଟୁ ଶୁଭିଲା ଅଜା ଗୁଡ୍‌ନାଇଟ୍। ମୁଁ ଆନି କହୁଛି। ଶୋଇନାହାନ୍ତି ଏ ପର୍ଯ୍ୟନ୍ତ? ମୁଁ ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଲି ଆପଣ ମୋ' ନମ୍ବର କେଉଁଠୁ ପାଇଲେ? ସେପଟୁ ଶୁଭିଲା ପୁଣି 'ଆପଣ'! ନାତୁଣୀକୁ କିଏ କ'ଣ ଆପଣ କୁହେ? 'ତୁ' କୁହନ୍ତୁ। ପ୍ଲିଜ୍।

: ହଉ। ତୁ ମୋ' ଫୋନ୍ ନମ୍ବର କେଉଁଠୁ ପାଇଲୁ?

: ଆପଣଙ୍କ କବିତା ଯେଉଁ ମାଗାଜିନ୍, ପେପରରେ ବାହାରିଥାଏ ତା' ତଳେ ଆପଣଙ୍କ ଫୋନ୍ ନମ୍ବର ଥାଏନା।

: ହଉ କହ କ'ଣ ପାଇଁ ଫୋନ୍ କଲୁ?

: ଆପଣ କ'ଣ କରୁଛନ୍ତି?

: ଗୋଟାଏ ମାଗାଜିନ୍‌କୁ ଲେଖା ପଠାଇବା ପାଇଁ କବିତାଟିଏ ଉତାରୁଛି।

: ନାଇଁ କାଲି ଉତାରିବେ। ଏତେ ରାତି ହେଲାଣି, ଯାଇ ଶୋଇପଡ଼ନ୍ତୁ।

: ତୁ କାହିଁ ଏତେ ରାତିଯାଏ ଶୋଇନୁ। କ'ଣ କରୁଛୁ?

: ଆଗକୁ ଏକ୍‌ଜାମ୍। ପଢୁଛି ଯେ ମନ ଲାଗୁନି। ଅଜା କଥା ମୋର ବାରମ୍ବାର ମନକୁ ଆସୁଛି।

: କ'ଣ ହୋଇଛି ତୋ' ଅଜାର?

ସେ ଚୁପ୍ ରହିଲା। ଭାରି ଭାରି କଣ୍ଠରେ କହିଲା- ତିନିମାସ ହେଲାଣି ସେ କରୋନାରେ ଚାଲିଗଲେ। ସିଏ ଥିଲେ ମୋର ବେଷ୍ଟ ଫ୍ରେଣ୍ଡ୍।

ଏତେ ରାତିରେ କଥା ନ ବଢ଼ାଇବାକୁ ଯାଇ ମୁଁ କହିଲି- ହଉ ଯା' ଶୋଇପଡ଼। କାଲି କଥା ହେବା।

ମୁଁ ଦେଖିଲି- ମୁଁ କିଛି କହିବା ଆଗରୁ ସିଏ ଫୋନ୍ କାଟି ସାରିଲାଣି। ଟିକିଏ ପରେ ପୁଣି ମେସେଞ୍ଜରକୁ କଲ୍ ଆସିଲା। କହିଲା- ଦେଖାଅ ତ ଆପଣ ବର୍ତ୍ତମାନ କେଉଁଠି ଅଛନ୍ତି। ମୁଁ ବାଧ୍ୟ ହୋଇ ଶୋଇବାକୁ ଉଠିଲି, ଚେୟାର ଛାଡ଼ିଲି।

ମୁଁ ଅନୁଭବ କଲି ସିଏ ଯେପରି ମୋତେ ପାଦେ ପାଦେ ଜଗିଛି। ଦିନ ରାତି ପ୍ରାୟ ଦଶଥର ତା' ଫୋନ୍। ବିରକ୍ତ ଲାଗିଲା ମୋତେ। ଭାବିଲି- ନା ତା' ଫୋନ୍ ଆଉ ଉଠାଇବିନି କି ତା' ସାଥିରେ ଆଉ କଥା ହେବିନି। ସିଏ ଫୋନ୍ କରୁଥିଲା, ମୁଁ ଆଉ ତା' ଫୋନ୍ ଉଠାଉ ନ ଥିଲି। କିନ୍ତୁ ମୋତେ ଲାଗୁଥିଲା ମୁଁ କ'ଣ ଗୋଟାଏ ଯେପରି ହରାଇ ଦେଇଛି ଏହି ଦୁଇ ତିନିଦିନ ଭିତରେ। ପ୍ରତି ମୁହୂର୍ତ୍ତରେ ମୋତେ କେମିତି ଗୋଟାଏ ଖାଲି-ଖାଲି ଅନୁଭବ ହେଉଥିଲା, ଲାଗୁଥିଲା ଯେପରି କୌଣସି ଗୋଟାଏ ଆପଣାର ଲୋକକୁ ଏଇ ତିନିଦିନ ତଳେ ହରେଇଦେଇଛି। ଯେତେ ଚେଷ୍ଟା କଲେ ବି ସେଇ ତିନିଦିନରେ ଧାଡ଼ିଟିଏ ଲେଖିପାରି ନ ଥିଲି। ଏ କଥା ସ୍ତ୍ରୀ ଶୁଣି କହିଲେ- ଛୋଟ ପିଲାଟା, ତୁମେ ଯାହା କରୁଛ ଠିକ୍ କିଛି କରୁନ।

ଚତୁର୍ଥଦିନ ତା' ଫୋନ୍ କଲ୍‌କୁ ମୁଁ ଅପେକ୍ଷା କରି ରହିଲି- ସକାଳରୁ ସନ୍ଧ୍ୟାଯାଏ। ବାରମ୍ବାର ମେସେଜ୍, ମେସେଞ୍ଜର ବକ୍ସକୁ ସର୍ଚ୍ଚ କଲି। ନା, ସେ ଆଉ ଫୋନ୍ କରୁନି କି ମେସେଜ୍ ବି ଦେଉନି। ମନକୁ ପାପ ଛୁଇଁଲା। ପିଲାଟାର ଦେହ ଖରାପ ହୋଇଗଲା କି ଆଉ! ମୁଣ୍ଡରେ ନାନା ଚିନ୍ତା। କିଛି ଭଲ ଲାଗୁ ନ ଥାଏ। ଆଉ ସହି ନ ପାରି ତା' ନମ୍ବରକୁ କଲ୍ କଲି।

ସେପଟୁ ହ୍ୟାଲୋ କହିଲା ପରେ ମୁଁ ପଚାରିଲି, କ'ଣ କରୁଛୁ?

ଖାଲି ଶୁଭିଲା କାନ୍ଦ। ଏତେ ଜୋର୍‌ରେ ସେ କାନ୍ଦୁଥିଲା ଯେ, ମୋ' ଅଜାଣତରେ ମୋ' ଆଖିରୁ କେତେବେଳେ ଲୁହ ବହିଯାଇଥିଲା। କିଛି ସମୟ ତା'ର ସେମିତି କାନ୍ଦରେ କଟିଲା ପରେ କହିଲା: ମୁଁ ଆପଣଙ୍କୁ ବାରମ୍ବାର ଡିଷ୍ଟର୍ବ କରୁଥିଲି ବୋଲି ଆପଣ ଫୋନ୍ ଉଠାଉ ନ ଥିଲେ ନା?

କାନ୍ଦ ସହ ତା'ର ସ୍ୱର ମୋତେ ବିଚଳିତ କରିଦେଉଥିଲା। କିଛି ସମୟ ପରେ କହିଲି- ତୁ ତୋ' ଅଜାକୁ ବହୁତ ଭଲପାଉନା?

ସେ କହିଲା: ବହୁତ। ସେ ବି ମୋତେ ବହୁତ ଭଲ ପାଉଥିଲେ। ସ୍କୁଲ ଗଲାବେଳଠାରୁ କଲେଜ ଯିବାବେଳେ ମୁଁ ଆସି ତାଙ୍କ ଆଗରେ ଛିଡ଼ା ହୋଇଯାଏ। ସେ ମୋ' ମଥାରେ ପପି ଦେଲେ ମୁଁ ସ୍କୁଲ, କଲେଜ ଯାଏ। ମୁଁ ଶୋଇବାକୁ ଗଲାବେଳେ ବି ସେଇଆ। ସେ ଗଲାପରେ ମୁଁ ଭାରି ଏକୁଟିଆ।

ସେପଟୁ ଫୋନ୍‌ରେ ତା' କୋହଭରା କାନ୍ଦ ଶୁଭୁଥାଏ। କହିଲି- ହଉ, ଏବେ ମୁଁ ତୋର ସବୁ ଫୋନ୍ ଉଠାଇବି। କିନ୍ତୁ ଏତେ ଇମୋଶନାଲ୍ ହେବାଟା ଠିକ୍ ନୁହେଁ। ସେ କହିଲା- ପ୍ରମିଜ୍। ମୁଁ ବି କହିଲି- ପ୍ରମିଜ୍। ସେ କହିଲା- ଜାଣିଛ ମୁଁ କାହିଁ ଆପଣଙ୍କୁ ଫ୍ରେଣ୍ଡ୍ ରିକ୍ୱେଷ୍ଟ ମାଗିଥିଲି?

: ପଚାରିଲି କାହିଁକି?

ମୋ' ଅଜା ବି ଆପଣଙ୍କ ପରି କବିତା ଲେଖୁଥିଲେ। ଲେଖିସାରି ସେ ପ୍ରଥମେ ମୋତେ ଶୁଣାନ୍ତି। ତା' ପରେ ଯାଇ ମାଗାଜିନ୍ କି ପେପରକୁ ପଠାନ୍ତି।

: ସତେ! କ'ଣ ତୋ' ଅଜାଙ୍କ ନାଁ?

: ସୂର୍ଯ୍ୟନାରାୟଣ ଦାସ। ସେଥିପାଇଁ ପରା ମୋ' ଫେସ୍‌ବୁକ୍ ସିମ୍ବଲରେ ମୁଁ 'ଟି' ରଖିଛି।

ସେପଟୁ ହଠାତ୍ ଶୁଭିଲା, କାହା ସହିତ କଥା ହେଉଛୁ କି ଏତେ ସମୟ?

: ଅଜାଙ୍କ ସହ।

: ତୁ କ'ଣ ସତରେ ପାଗଳୀ ହୋଇଗଲୁଣି ନା କ'ଣ? ସବୁବେଳେ ସେଇ ଅଜା, ଅଜା, ଅଜା...

: ମୁଁ କ'ଣ ମିଛ କହୁଛି?

ବୋଧେ ଫୋନ୍‌ଟା ତା' ହାତରୁ ସ୍ତ୍ରୀ ଲୋକଟା ନେଇଗଲା। କହିଲା- ହ୍ୟାଲୋ! ମୁଁ ବି କହିଲି ହ୍ୟାଲୋ। ଆପଣ କ'ଣ ଆନିର ମା'?

: ଆଜ୍ଞା। ଆପଣ? ସେପଟୁ ଆନିର ମା' ପଚାରିଲେ।

ମୁଁ ସବୁକଥା କହି ସାରିଲା ପରେ ସେ କହିଲେ- କ୍ଷମା କରିବେ ଆଜ୍ଞା। ମୋ' ଶ୍ୱଶୁର ତାକୁ ବହୁତ ଭଲ ପାଉଥିଲେ। ସେ କୋଭିଡ୍‌ରେ ଚାଲିଗଲା ପରେ ସେ ପୂରା ଆବ୍‌ନର୍ମାଲ ହୋଇଯାଇଛି। ଡାକ୍ତରଙ୍କୁ ବି ଦେଖାଇ ସାରିଲୁଣି। କିନ୍ତୁ କିଛି ଫଳ ହେଲାନି। ଆପଣଙ୍କୁ ଡିଷ୍ଟର୍ବ କରୁଥିବ। କହିଲି- ଗୋଟାଏ ବଡ଼ ମେଣ୍ଟାଲ ସକ୍ ଲାଗିଛି ତାକୁ। ଏମିତି ବି ଅଧିକାଂଶଙ୍କର ହୁଏ। ତାକୁ ଫୋନ୍ ଦିଅନ୍ତୁ, ମୁଁ ଯଥାସମ୍ଭବ ଚେଷ୍ଟା କରିବି ପୁଣି ତାକୁ ନର୍ମାଲକୁ ଆଣିବାକୁ।

ସେବେଠାରୁ ଆମେ ପ୍ରାୟ ସମୟ ଫୋନ୍‌ରେ ଗପୁ। ଭଲ-ମନ୍ଦ କଥା ପଚାରୁ। ଥରେ ସେ କହିଲା- ଅଜା, ମୁଁ ଆପଣଙ୍କୁ ଭେଟିବି କେମିତି! ଆପଣଙ୍କୁ ଭେଟିବାକୁ ଭାରି ଇଚ୍ଛା ହେଉଛି। ମୁଁ କହିଲି, ମୋର ବି। ମୁଁ ଯେବେ ପୁରୀ ଯିବି, ତୋତେ ନିଶ୍ଚୟ ଭେଟିବି। ସେ କହିଲା-ପ୍ରମିଜ୍। ମୁଁ କହିଲି ପ୍ରମିଜ୍।

ମୋ: ୯୪୩୭୭୪୫୯୮୩





## କବିତା

### କେନ୍ଦରା

ଦେବାଶିଷ ଚକ୍ରବର୍ତ୍ତୀ

ସମ୍ଭୋଗର ସାଗରକୁ
ମନ୍ଥିଥିଲ ବୋଲି ସିନା
ପାଇଥିଲ ଐଶ୍ୱର୍ଯ୍ୟର
ଐରାବତ ଉଚ୍ଚୈଃଶ୍ରବା
ହେଲେ ଆମକୁ ମନ୍ଥିଲେ
କେବଳ କାନ୍ଦଣା ଛଡ଼ା
ଆଉ କ'ଣ କିଛି ମିଳିଛି ତୁମକୁ?

'ଭଜୁକିନା ରାମନାମ' ଗୀତ ଶୁଣେଇ
କେତେଦିନ ଆଉ ଏଇମିତି ଦେଉଥିବ
କାଳ ଯମର ଡରାଣ?
ଜୀବନର ଅଗଣାରେ ଯେବେ
ରାତିଦିନ ଲାଗିରହିଛି
ଦୁଃଖର ପାର୍ବଣ
ଭୋକର ସର୍ବଗ୍ରାସୀ ଭୂତାଣୁ ଆଗରେ
ନିଉଛୁଣା ନୁହେଁ କି ମରଣ?

ଆମେ କାହିଁ କେଉଁକାଳୁ
ପାଦ ଥାପିନୁ କି
କେଉଁ ସରୁ ନ ଥିବା ରାସ୍ତାରେ?
ତୁମ ଅଭିସନ୍ଧିର ନାଟକର
ଅବସନ୍ନ ଚରିତ୍ର ସଜାଇ
ତୁଣ୍ଡରେ ଆମର ଭରିଦେଇନ କି
ଭୟାତୁର ସଂଳାପ?
ଦୁଃଖକୁ ପ୍ରାରବ୍ଧ ମଣି
ସୁଧାର ବାଛୁରୀ ପରି
ତୁମ ବୋଲମାନି ଚାଲିବାକୁ
କେତେଦିନ ଆଉ ବୋଲାଉଥିବ
'ମନବୋଧ ଚଉତିଶା'
ଅଥଚ, ତୁମ ପାଇଁ କାଣିଚେ ବି
ଊଣା ହେଉ ନ ଥିବ
ବଡ଼ପଣର ଛତିଶା?

ସତରେ ତୁମ ଶଠତାର ଝାଞ୍ଜିରେ
କେତେଦିନ ଆଉ ଜୀବନ ସାଜିଥିବ
ପତ୍ରଝଡ଼ାର ରୁଗ୍ଣଋତୁ?
ମନର ଶୁଖିଲା ଡାହିରୁ ଭାସି ଆସୁଥିବ
ମୃତ ସ୍ୱପ୍ନଙ୍କ କାକଳି?
ପରାସ୍ତ ଇଚ୍ଛାଙ୍କ ମେଦରେ କ'ଣ
ଶୋକର ସ୍ଥାପତ୍ୟ ଆମେ
ଗଢ଼ି ଚାଲିଥିବୁ ଚିରକାଳ?
ଆମେ କ'ଣ ଏଇମିତି ସାଜିଥିବୁ
କରୁଣାହୀନ ବିଶ୍ୱର କରୁଣତମ ସ୍ୱର?

ମୋ: ୯୪୩୭୭୫୨୩୯୫

### ତୁମ ସ୍ମୃତିରେ

କୃଷ୍ଣା ମିଶ୍ର

ଅନ୍ତରେ ରୋପିଛି ସ୍ମୃତିର ବିହନ,
ଆଖିରେ ଆଖିଏ ଲୁହ...
ଗୁଡ଼େଇ ତୁଡ଼େଇ ହୁଏ
ଛାତିରେ ପ୍ରଶ୍ନର ଗୁଡ଼ାଏ ଛେଦ ରେଖା,
ଛନ୍ଦିଦିଏ ସରଳ ମୋ' ଭାବନା...
କାହାଣୀଟେ ଗଢ଼ିପାରେନା...
ଆଃ... ଦୁର୍ବିଷହ କୋହ,
ଫିଟେନା ଆହତ ମୋ' ସ୍ୱର,
ଅସହ୍ୟ ଯନ୍ତ୍ରଣା ସର,
ବହିଯାଏ ଧାରେ ଲୁହ
ଅଭୁଲା ତୁମ ସ୍ମୃତିର...
ସଉତୁଣୀ ସାଜେ ନିରାଶା,
ମନରେ ସଂଘର୍ଷ ଓ ଆଶା,
ପଲକେ ସଜାଇ ରଙ୍ଗିନ୍ ସ୍ୱପ୍ନ,
ପ୍ରତ୍ୟାଶୀର ନିଦଟେ ଶୋଇଯାଏ,
ତୁମରି ସ୍ମୃତିରେ,
ନାଲି ପଡ଼ିଥିବା ସକାଳ ଆଖିରେ

ପୃଥିବୀ ଦିଶେ ଧୂସର, ବିବର୍ଣ୍ଣ...
କୁହୁଡ଼ି ଘେରରେ,
ଦିଶେନା ନିଜର ଛାୟା!
କେତେ ଯେ ପ୍ରହର ବିତେ
ଚାରି ଦିଗେ ଅନ୍ଧକାର ମାୟା...
ତେଜି ଉଠେ ଦୀପଶିଖା ତୁମରି ନାମରେ,
ଅନୁଭବେ ତୁମ ପ୍ରୀତି, ମମତାର ଗୀତି,
ତୁମରି ସ୍ମୃତିରେ...

ମୋ: ୯୩୦୧୦୧୨୩୩୩

ଗୀତି କବିତା

### ସପନ ଯେ ମୋତେ

ହଂସନାଥ ମୁଦୁଲି

ସପନ ଯେ ମୋତେ
ଆଣି ଦେଇଗଲା
ଜୀବନ ଜିଇବା ଆଶା
ଜୀବନ ଜିଇବା
ଭିତରେ ପୁଣି ମୁଁ
ସପନେ କଲି ଭରସା। (୦)

ସପନ ଭିତରୁ
ଜୀବନ ଖୋଜିବା
ପାଇଁ ମନକରେ ଜିଦି
ଜୀବନ ପାଇଁକି
ସପନ ଯେ, ଲୋଡ଼ା
ସେଠି ମୁହଁ ଆଶାବାଦୀ
ତଥାପି ଜୀବନ
ଏକଲାପଣରେ
ହୁଏ ଯାହା ଲୋକହସା
ସପନେ କଲି ଭରସା। (୧)

ପଛକୁ ଫେରି ମୁଁ
ଆଗକୁ ଚାହିଁଲି
ନୂଆ ଜୀବନଟେ ପାଇଁ
ଅଳପ ଦୂରରୁ
କିଏ ସେ କହିଲା
ସେଇଠାରେ ଥାଅ ରହି
ମୁଁ ଭାବିଲି ବସି
ରୋକିଗଲେ ଥରେ
ଉଡ଼ିବ ଜୀବନ ହଂସା
ସପନେ କଲି ଭରସା। (୨)

ମୋ: ୯୭୭୭୯୬୮୭୧୯

## ପୁସ୍ତକ ପରିଚୟ

### କୁମାରସମ୍ଭବମ୍ (ଦ୍ୱିତୀୟ ଭାଗ)




**ଅନୁବାଦକ:** ବାଉରିବନ୍ଧୁ ଲେଙ୍କା
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୩୫୫/-

ମହାକବି କାଳିଦାସଙ୍କ ବିରଚିତ ମହାକାବ୍ୟ 'କୁମାରସମ୍ଭବମ୍'ର ନବମରୁ ସପ୍ତଦଶ ସର୍ଗ ପର୍ଯ୍ୟନ୍ତର ପଦ୍ୟାନୁବାଦ ହେଉଛି ଆଲୋଚ୍ୟ ପୁସ୍ତକ। ତିନିଶହରୁ ଊର୍ଦ୍ଧ୍ୱ ପୃଷ୍ଠାର ଏହି ଅନୁବାଦ କର୍ମରେ ଅନୁବାଦକ ପଣ୍ଡିତ ପ୍ରଦ୍ୟୁମ୍ନ ପାଣ୍ଡେଙ୍କ ହିନ୍ଦୀ ଗଦ୍ୟାନୁବାଦକୁ ଭାବ ଓ ଅର୍ଥ ସ୍ପଷ୍ଟତା ପାଇଁ ସହାୟକ ଗ୍ରନ୍ଥ ଭାବେ ନେଇଛନ୍ତି। ନବମ ସର୍ଗର ଆରମ୍ଭରେ ଦେବତାମାନଙ୍କ ଦ୍ୱାରା ପ୍ରେରିତ ହୋଇ ଅଗ୍ନିଦେବ କପୋତ ରୂପରେ ଶିବଙ୍କ ସମ୍ଭୋଗ ଗୃହକୁ ପ୍ରବେଶ କରୁଛନ୍ତି। ନବମ ସର୍ଗର ପ୍ରଥମ ଶ୍ଳୋକକୁ ଶ୍ରୀ ଲେଙ୍କା ଅନୁବାଦ କରିଛନ୍ତି ଏହିପରି: "ଭ୍ରମର ସମାନ/ ଲୁବ୍ଧ ତ୍ରିଲୋଚନ/ ଉମାଙ୍କ ମୁଖ କମଳେ/ ଲାଗିରହିଥିଲେ/ ମଧୁ ଆସ୍ୱାଦନେ/ ରତିକ୍ରୀଡ଼ା କଲାବେଳେ।/ ସମ୍ଭୋଗ ଗୃହକୁ/ କପୋତ ଗୋଟିଏ/ ପ୍ରବେଶ କରୁଥିବାର/ ତ୍ରିଲୋଚନଙ୍କର/ ଚକ୍ଷୁକୁ ସେ ଦୃଶ୍ୟ/ ହୋଇଲା ଦୃଷ୍ଟିଗୋଚର।" କଷ୍ଟଗମ୍ୟ କାଳିଦାସଙ୍କ ସଂସ୍କୃତ-ଅଭିବ୍ୟକ୍ତିକୁ ଅନୁବାଦକ ଏହି ଅନୁବାଦରେ ଯେପରି ବିଶ୍ୱସ୍ତତାର ସହ ତୋଳି ଧରିଛନ୍ତି, ବହିଟିର ଅନ୍ୟାନ୍ୟ ସର୍ଗରେ ମଧ୍ୟ ଅନୁରୂପ ଭାବେ ସେ ତାଙ୍କର ଅନୁବାଦ କର୍ମକୁ ନିଷ୍ଠାର ସହ ସମ୍ପାଦନ କରିଛନ୍ତି। ଆଶା, ଏହି ଅନୁବାଦ ପୁସ୍ତକଟି ପାଠକମାନଙ୍କର କେବଳ ପ୍ରିୟଭାଜନ ହେବ ନାହିଁ, କାଳିଦାସଙ୍କ ରଚନାର ରସ ଆସ୍ୱାଦନରେ ସହାୟକ ହେବ।

### ମଣିଷ ଖୋଜୁଥିବା କବିଟିଏ




**ଲେଖକ:** ସନାତନ ମଲ୍ଲିକ
**ପ୍ରକାଶକ:** ବାବା ରମେଶ ଚନ୍ଦ୍ର ଦାସ, ମହିମାଧର୍ମ ଗବେଷଣା ପରିଷଦ, କଳାରାହାଙ୍ଗ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ପ୍ରବନ୍ଧ ପୁସ୍ତକଟି ମହିମାଧର୍ମ ଓ କବି ଭୀମ ଭୋଇଙ୍କ ସମ୍ପର୍କରେ ଲିଖିତ ଏକ ଉଚ୍ଚକୋଟୀର ଗ୍ରନ୍ଥ ବୋଲି ମତ ରଖିଛନ୍ତି ପୁସ୍ତକର ପ୍ରକାଶକ ବାବା ରମେଶ ଚନ୍ଦ୍ର ଦାସ, ଯେ କି ସ୍ଥାନୀୟ କଳାରାହାଙ୍ଗସ୍ଥିତ 'ମହିମାଧର୍ମ ଗବେଷଣା ପରିଷଦ ଚାରିଟେବୁଲ ଟ୍ରଷ୍ଟ'ର ପ୍ରତିଷ୍ଠାତା। ଗବେଷକ ଡ. ଉଦ୍ଧବ ଚରଣ ନାୟକ ଅଭିମତରେ ଲେଖିଛନ୍ତି: "ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ରୁଚିପୂର୍ଣ୍ଣ, ତଥ୍ୟ ସମ୍ବଳିତ, ଇତିହାସ ଓ ସାହିତ୍ୟର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ। ଖୁବ୍ ସୁନ୍ଦର ଓ ସରଳ ଭାଷାରେ ରଚିତ।" ପୁସ୍ତକରେ ସ୍ଥାନିତ 'ମଣିଷ ଖୋଜୁଥିବା କବିଟିଏ', 'ମହିମା ସ୍ୱାମୀ', 'ମହିମା ଦର୍ଶନ', 'ଦୁଃଖ ଅପ୍ରମିତ', 'ଜଗତ ଉଦ୍ଧାର ହେଉ', 'ଓଡ଼ିଆ ଭାଷା, ସାହିତ୍ୟ ଓ ସନ୍ଥକବି ଭୀମ ଭୋଇ', 'ଭୀମ ଭୋଇଙ୍କ ଧର୍ମତତ୍ତ୍ୱ ଓ ଦର୍ଶନ' ଏବଂ 'ମଧୁବାବୁ, ନବକୃଷ୍ଣ ଚୌଧୁରୀ ଓ ମହିମାଧର୍ମ' ଆଦି ନିବନ୍ଧଗୁଡ଼ିକ ମହିମା ଧର୍ମାବଲମ୍ବୀ, ଗବେଷକ ଓ ସାଧାରଣ ପାଠକମାନଙ୍କୁ ନାନା ଭାବେ ଉଦ୍‌ବୁଦ୍ଧ କରିବ ବୋଲି ଆଶା। କବି ଓ ପ୍ରକାଶକ ବିଷ୍ଣୁପଦ ସେଠୀ ଯଥାର୍ଥରେ କହିଛନ୍ତି: "ସାମ୍ୟବାଦ ପ୍ରତିଷ୍ଠା କରିବା ପାଇଁ ଭୀମ ଭୋଇ ଯେଉଁ ଶପଥ ନେଇଛନ୍ତି, ଏ ପୁସ୍ତକରେ ତାହାର ଅବତାରଣା କରାଯାଇଛି। 'ପରିଶିଷ୍ଟ'ରେ 'ସ୍ତୁତିଚିନ୍ତାମଣି' ଓ ଭୀମ ଭୋଇଙ୍କ କତିପୟ ଭଜନ/ ଜଣାଣ ସଂଯୋଜନ ବହିଟିକୁ ସ୍ୱରୋଜ୍ଜ୍ୱଳ କରିଛି।

## ମାଆଙ୍କ ପେଟ

କ୍ଷୁଦ୍ର ଗଳ୍ପ

ଦ୍ୱିତୀ ଚନ୍ଦ୍ର ସାହୁ

॥ ୧ ॥

ପିଲାଙ୍କୁ ଖାଇବାକୁ ଦେଉଥିଲା ମାଆ। ଅଭାବ ଭିତରେ ଖାଇବା ଯୋଗାଡ଼ କରିବା ଭାରି କଷ୍ଟ ଥିଲା। ସମସ୍ତଙ୍କୁ ସମାନ ଭାଗରେ ଦେଉଥିଲା ଖାଇବା। ପାଖରେ ବସେଇ ଖୁଆଉଥିଲା। କୁନି ପୁଅକୁ ପୁଣି ଗପ ଶୁଣେଇ ଶୁଣେଇ ପାଟିରେ ଭରୁଥିଲା ଖାଇବା। ସମସ୍ତେ ଖାଇବା ପରେ ଅଇଁଠା ସଫା କରି ଆସି ଶୋଇବାକୁ ଶେଯ ପାରିଲା। ସମସ୍ତେ ଯେଝା ବାଗରେ ଶୋଇଲେ।

ମାଆ ପାଖକୁ ଲାଗି ଆସି ବଡ଼ ପୁଅ ଧୀରେ ପଚାରିଲା- "ମାଆ ତୁମେ କ'ଣ ପାଇଁ ଖାଇଲନି।"

ସେ କହିଲା: "ଭୋକ ଲାଗୁନି।"

ପୁଣି ପୁଅ କହିଲା: "ଭୋକ ଲାଗୁନି ନା ଖାଇବା ନାହିଁ।"

ମୁଣ୍ଡ ବାଳକୁ ଆଉଁଶି ଆଉଁଶି କହିଲା: "ମାଆମାନଙ୍କୁ ଭୋକ ଲାଗେନି ବାପା! ପିଲାଙ୍କ ପେଟ ପୂରିଲେ ମାଆଙ୍କ ପେଟ ପୂରିଯାଏ। ଆଉ ଭୋକ କେମିତି ହେବ!"

ଆଉ କିଛି ବି ପ୍ରଶ୍ନ ପଚାରିଲେନି ସେ।

॥ ୨ ॥

ଶରତ ସକାଳ, ଟିକେ ଶୀତୁଆ ପାଗ। ପନିପରିବାର ଦିନ। ବୟସର ଭାରରେ ବୁଢ଼ୀ ହୋଇଯାଇଛି ମାଆ। ଏବେ ଖୁସିରେ ବଞ୍ଚିବାର ଦିନ। ରୋଜଗାରିଆ ପୁଅ ପାଖରେ ପୁଅ ବୋହୂ ନାତି ନାତୁଣୀଙ୍କୁ ନେଇ ବୁଢ଼ୀ ମାଆର ଖୁସିର ସଂସାର।

ସେଦିନ ମାଆ ପସନ୍ଦର ତିଆରି ହୋଇଥିଲା କାଞ୍ଜି ଓ ବୋଇତାଳୁ ଫୁଲର ପିଠଉ ଭଜା। ଖାଇଲାବେଳେ ବୋହୂ ବଳେଇ ବଳେଇ ଦେଉଥିଲା ଭଜା।

ମାଆ କହିଲା: "ନାଇ ଲୋ ବୋହୂ ମାଆ! ମୋ' ପୁଅ, ନାତିନାତୁଣୀ ଓ ତୁ ମିଶି ଖାଆ। ମୋ' ପେଟକୁ ଏସବୁ ଆଉ ଯାଉଛି କ'ଣ! ତୁମେ ସବୁ ଖାଇଲେ ମୋ' ପେଟ ପୂରିଯିବ।"

ନାତିନାତୁଣୀ ହସି ହସି କହିଲେ: "ଜେଜେମାଆ! ଆମେ ଖାଇଲେ ତୁମ ପେଟ କେମିତି ପୂରିବ।"

ପୁଅ ସେପଟୁ ବୁଝେଇବାକୁ ଯାଇ କହିଲେ: "ତୁମେ ଯେବେ ବଡ଼ ହେବ ଏ ଥିଓରୀ ତୁମେ ବଳେ ବୁଝିଯିବ।"

ଆଉ ନଥିଲା ପିଲାଙ୍କର କିଛି ପ୍ରଶ୍ନ।

॥ ୩ ॥

ମାଆଙ୍କ ଶ୍ରାଦ୍ଧ କର୍ମ ସରିଲା। ପିଣ୍ଡପତ୍ରରେ ବଢ଼ାଯାଇଥିଲା ବିଭିନ୍ନ କିସମର ଖାଦ୍ୟ। ନାତିଟୋକାକୁ ପୂଜା ପିଣ୍ଡପତ୍ରରେ ଖାଇବାକୁ କୁହାଗଲା। ଏତେ ସବୁ ଖାଇବା ଦେଖି ସେ ମନା କଲା।

ତା'ର ବାପା କିଛି କହିବା ପୂର୍ବରୁ ପାଖରେ ଥିବା ପୂଜାରୀ ନନା କହିଲେ: "ଆରେ ବାବୁ ତୁ ଖାଇଲେ ଯାଇ ତୋ' ଜେଜେମାଆ ପାଇବେ। ସେଥିପାଇଁ ଜେଜେମାଆଙ୍କ ପାଇଁ ତୋତେ ଖାଇବାକୁ ପଡ଼ିବ।"

ନାତି ଟୋକା ବାଲୁବାଲୁ ହୋଇ ପୂଜାରୀ ନନା ଓ ବାପାଙ୍କୁ ଟିକେ ଚାହିଁଲା। ପାଖରେ ପୂଜା ପାଉଥିବା ଜେଜେମାଆଙ୍କ ଫଟୋକୁ ଦେଖି ତୁନି ଖାଇବା ଆରମ୍ଭ କଲା।

ଖାଇଲାବେଳେ ମନେପଡ଼ିଗଲା ସବୁବେଳେ ଜେଜେମାଆ କହୁଥିବା କଥା: "ମୋ' ନାତିନାତୁଣୀ ଖାଇଲେ ମୋ' ପେଟ ପୂରିଯିବ ଲୋ ବୋହୂ ମାଆ।"

ମୋ: ୯୪୩୭୯୦୯୬୭୧

## କାଳକାଳକୁ

"ସଙ୍ଗୀତ ତାହାକୁ ପ୍ରକାଶ କରେ, ଯାହାକୁ ଶବ୍ଦରେ ବ୍ୟକ୍ତ କରିହେବ ନାହିଁ କି ଚୁପ୍ ମଧ୍ୟ ରଖିହେବ ନାହିଁ।"

-ଭିକ୍ଟର ହ୍ୟୁଗୋ



ଭିକ୍ଟର ହ୍ୟୁଗୋଙ୍କ ଜନ୍ମ ୨୬ ଫେବୃୟାରୀ ୧୮୦୨ରେ ଓ ପରଲୋକ ୨୨ମେ ୧୮୮୫ରେ ଫ୍ରାନ୍ସରେ। ଫରାସୀ ଭାଷାର ଏହି କିମ୍ବଦନ୍ତୀପ୍ରତିମ ଲେଖକ ତାଙ୍କର ୬୦ ବର୍ଷ ବ୍ୟାପି ସୃଜନ-ଜୀବନରେ କବିତା, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ଆଦି ନାନା ଶୃଙ୍ଖଳରେ ଲେଖନୀ ଚାଳନା କରି ବିଶ୍ୱର ଜଣେ ଗରିମାମୟ ଲେଖକର ମର୍ଯ୍ୟାଦା ଲାଭ କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ କେତୋଟି ବହୁପଠିତ ପୁସ୍ତକ ହେଲା- "Les Miserables", "Ruy Blas" ଓ "The Hunchback of Notre-Dame." ହ୍ୟୁଗୋ କହନ୍ତି: "ରାତି ଯେତେ ଗଭୀର ହେଉ, ସବୁ ରାତିର ସକାଳ ଅଛି, ଅଛି ସୂର୍ଯ୍ୟୋଦୟ।"

## କିନ୍ନର

ଅନୁବାଦ ଗଳ୍ପ

ମୂଳହିନ୍ଦୀ: ଡ. ଲତା ଅଗ୍ରୱାଲ
ଅନୁସୃଜନ: ବିନୟ କୁମାର ଦାସ

"ଆଉ... କେମିତି ଅଛ ବୁଢ଼ୀମା'?"

ଗୋଟିଏ ଭ୍ୟାନ୍‌ରୁ ଓହ୍ଲାଇ ଖୁବ୍ ଉଚ୍ଚ ସ୍ୱରରେ କହିଲା ପାୟଲ। ବୁଢ଼ୀ ଜଣକ ଏକ ଭଙ୍ଗା ଘରର ଛାତ ତଳେ ଗୋଟିଏ ଦଦରା ଖଟିଆରେ ଶୋଇ ରହିଥିଲା। ସେ ଚାହିଁଲା ଏପାଖ ସେପାଖକୁ। "କି... କିଏ? ମୁଁ ଜାଣିପାରୁନି ଝିଅ... ଆଜିକାଲି ତ ମୋ' ଆଖିକୁ ଭଲ ଦିଶୁନି। ଏଣେ ପେଟକୁ ବି ଦୁଇଦିନ ହେଲା କିଛି ଯାଇନାହିଁ। ତୁ କିଏ କହିଲୁ ମା'?"

"ତୁମେ ଖାଇନାହଁ ବୋଲି ତ ମୁଁ ଆସିଛି। ତୁମମାନଙ୍କ ପାଇଁ କିଛି ରନ୍ଧାଖାଦ୍ୟ ପୁଡ଼ିଆ ଆଣିଛୁ।"

"ଏଁ... ତୁ ସତ କହୁଛୁ ଝିଅ। ଆମ ପାଇଁ ଖାଦ୍ୟ ଆଣିଛୁ?"

"ହଁ ବୁଢ଼ୀମା'। ମୋ' ସହିତ ଆମ ଦଳର କିଛି ସଦସ୍ୟ ଆସିଛନ୍ତି। ତୁମେ ଉଠିକି ବସ।"

"ଆଗ କହିଲୁ ତୁ କିଏ?"

"ମୁଁ ପାୟଲ। ଏଇ ସାହିରେ ମୋ ଘର। ହେଲେ ଏଠି ଆଉ ରହୁନି। ତୁମେ ସବୁ ମୋତେ ଏଠି ତ ରହିବାକୁ ଦେଲନାହିଁ। ମନେପଡୁଚି ତ... ମୁଁ ସେଇ। ମୋ' ବାପାଙ୍କ ନାମ ରାମଦୀନ୍।"

"ଓହୋ... ତୁ ତାହେଲେ ଆମ ରାମଦୀନ୍‌ର ସନ୍ତାନ।"

"ହଁ, ବୁଢ଼ୀମା', ମୁଁ ଏବଂ ମୋର କିଛି ସାଙ୍ଗ ମିଶି ତୁମମାନଙ୍କ ପାଇଁ ଏ ସବୁ ନେଇ କି ଆସିଛୁ। ଲକ୍‌ଡାଉନର ସୀମା ବଢ଼ିଗଲା ତ... ତେଣୁ ଆମେ ଭାବିଲୁ ତୁମେ ସବୁ ବହୁତ ହଇରାଣରେ ଥିବ। ତୁମମାନଙ୍କୁ ସାହାଯ୍ୟ କରିପାରିଲେ ଆମ ଜୀବନ ସାର୍ଥକ ହୋଇଯିବ।"

ପାୟଲର କଥା ଶୁଣି ସାହିର ଅନ୍ୟମାନେ ସେତେବେଳକୁ ଆସି ସେଠାରେ ପହଞ୍ଚି ସାରିଥିଲେ।

"ଆଲୋ ଝିଅ, ତୁ ତ ଆମର ଅତି ଆପଣାର। ଦିନେ ଆମେ ସମସ୍ତେ ତୋତେ ଭୁଲ୍ ବୁଝିଥିଲୁ। ତୋର ସେଇ ଗୋଟିଏ ଗୁଣ ପାଇଁ ଆମେ ତୋତେ ସାହିରେ ରହିବାକୁ ଦେଇ ନ ଥିଲୁ। ତୋ' ପରିବାର ବି ଆମକୁ ସମର୍ଥନ କଲା। ବାଧ୍ୟ ହୋଇ ତୁ ସାହି ଛାଡ଼ିଥିଲୁ।" ସେମାନଙ୍କ ମୁହଁ ତଳକୁ ହୋଇଯାଇଥିଲା ଏତକ କହିଲା ବେଳକୁ।

"ଯାହା ହବାର ଥିଲା ହୋଇ ସାରିଛି। ସେ ସବୁ କଥାକୁ ଧରି ଏବେ କିଛି ଲାଭ ନାହିଁ। ଈଶ୍ୱରଙ୍କ ଦୟାରୁ ଆମେ ଏବେ ଭଲରେ ଅଛୁ।" ଏତକ କହି ସେ ଭ୍ୟାନ୍ ପାଖକୁ ଚାଲିଗଲା ଖାଦ୍ୟ ପ୍ୟାକେଟ୍ ଆଣିବା ପାଇଁ। ସମସ୍ତେ ମିଶି ତାକୁ ଉତ୍ସାହିତ କରିବା ପାଇଁ ତାଳି ମାରିବାକୁ ଲାଗିଲେ। କିନ୍ନର ବୋଲି କହି ଦିନେ ତାକୁ ଏ ସାହିରୁ ବାହାର କରିଦେଇଥିଲେ, କିନ୍ନରର ତାଳି ସେମାନଙ୍କୁ ଖୁବ୍ କର୍କଶ ଶୁଭୁଥିଲା ସେଦିନ। ହେଲେ ଆଜି ସେଇ ତାଳି ସେମାନଙ୍କୁ ଅତି ମଧୁର ଶୁଭୁଥିଲା କାନକୁ।

ମୋ: ୯୮୬୧୦୧୮୩୬୯



**୧୦୯ କୋଟି ଠକେଇ ମାମଲା: ବ୍ୟବସାୟୀ ଦୀପକ କିଣ୍ଡୋଙ୍କ ଜାମିନ ଆବେଦନ ଖାରଜ**

କଟକ ଅଫିସ: ଓଡ଼ିଶାରେ ୧୦୯ କୋଟି ଟଙ୍କା ଠକେଇ ମାମଲାରେ ବ୍ୟବସାୟୀ ତଥା ସୁନ୍ଦରଗଡ଼ ବାସିନ୍ଦା ଦୀପକ କିଣ୍ଡୋଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ବିଚାରପତି ଗୌରୀ ଶତପଥୀ ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି। ଆଇଏଏସ୍ ଅଧିକାରୀ ଲୁଇନସ କିଣ୍ଡୋଙ୍କ ପୁଅ ଦୀପକ କିଣ୍ଡୋ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଠକିବା ଘଟଣାରେ ଇଓଡବ୍ଲୁ ଦ୍ୱାରା ଗିରଫ ହୋଇଥିଲେ। ଭୁବନେଶ୍ୱରର ଅନ୍ନପୂର୍ଣ୍ଣା ଫାଇନାନ୍ସରୁ ଋଣ ନେଇ ଠକିଥିବା ସମ୍ପର୍କରେ ୨୦୨୧ ଡିସେମ୍ବର ୩୧ରେ ଇଓଡବ୍ଲୁରେ ସଂସ୍ଥା ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ମାମଲା(ନଂ.୧୭/୨୦୨୧) ରୁଜୁ ହୋଇଥିଲା। ଏହାବାଦ ବାଙ୍ଗାଲୋର, ହାଇଦ୍ରାବାଦ, ତାମିଲନାଡୁ ଆଦି ସ୍ଥାନରୁ ମଧ୍ୟ ସେ ଅନୁରୂପ ଭାବେ ମିଥ୍ୟା ତଥ୍ୟ ଦେଇ ଠକେଇ କରିଥିଲେ। ଅନ୍ନପୂର୍ଣ୍ଣା ଫାଇନାନ୍ସ ପକ୍ଷରୁ ଆଇନଜୀବୀ ବିଷ୍ଣୁ ପ୍ରସାଦ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ରୁଦ୍ରାଦିତ୍ୟ ପ୍ରଦ୍ୟୁମ୍ନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨ ପର୍ଯ୍ୟାୟରେ ହେବ ସୈନ୍ୟବାହିନୀ ନିଯୁକ୍ତି ରାଲି

**କଟକ ଅଫିସ, ୧୭।୨**

- ଫେବୃୟାରୀ ୧୬ରୁ ମାର୍ଚ୍ଚ ୧୫ ମଧ୍ୟରେ ପଞ୍ଜୀକରଣ
- ଏପ୍ରିଲ ୧୭ରେ ଅନ୍‌ଲାଇନ ପରୀକ୍ଷା

ଅଗ୍ନିପଥ ଯୋଜନାରେ ସୈନ୍ୟବାହିନୀ ନିଯୁକ୍ତି ରାଲି ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ସାଧାରଣ ପ୍ରବେଶିକା ପରୀକ୍ଷା ଅନ୍‌ଲାଇନ୍‌ରେ କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସେନାରେ ଭର୍ତ୍ତି ନିମନ୍ତେ ରାଲି ଆୟୋଜନ ହେବ। ଏଥିପାଇଁ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଫେବୃୟାରୀ ୧୬ରୁ ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଅନ୍‌ଲାଇନ୍ ପଞ୍ଜୀକରଣ କରି ଆବେଦନ କରିପାରିବେ। ପ୍ରାର୍ଥୀମାନଙ୍କ ପ୍ରବେଶ ପତ୍ର (ଆଡମିଟ୍ କାର୍ଡ) ମାର୍ଚ୍ଚ ୨୫ରୁ ସେମାନଙ୍କ ଇମେଲ୍ ଆଇଡିରେ ପଠାଯିବ। ଆସନ୍ତା ଏପ୍ରିଲ ୧୭ରେ ଅନ୍‌ଲାଇନ୍ ପରୀକ୍ଷା ହେବ। ପ୍ରବେଶିକା ପରୀକ୍ଷା ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ମାନଦଣ୍ଡ ଓ ଶିକ୍ଷାଗତ ଯୋଗ୍ୟତା ପାଇଁ ପ୍ରକାଶିତ ହୋଇଥିବା ଅଧିସୂଚନା ୱେବସାଇଟ୍ www.joinindianarmy.nic.inରେ ଉପଲବ୍ଧ ଅଛି। ଏଥିସହ ଉକ୍ତ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ପଞ୍ଜୀକରଣ, ଆବେଦନ ପ୍ରକ୍ରିୟାର ଭିଡିଓ ମଧ୍ୟ ଉପଲବ୍ଧ ବୋଲି କଟକସ୍ଥିତ ସେନା ନିଯୁକ୍ତି ନିର୍ଦ୍ଦେଶକ ଶୁକ୍ରବାର ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଅର୍ଥନୀତିକୁ ଆଗେଇନେବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ଏବଂ ଅନ୍ୟ ଅତିଥି।

**ଜଟଣୀ,୧୭।୨(ଡି.ଏନ୍.ଏ.)**

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରରେ ଶୁକ୍ରବାର 'ଇନୋଭେଶନ ଆଣ୍ଡ ୟୁଥ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି କମ୍ୟୁନିଟି ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ଯୋଗଦେଇ ଦେଶର ଅର୍ଥନୀତିକୁ ଆଗକୁ ନେବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରାରମ୍ଭରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାକର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ସ ପ୍ରଫେସର ପି.ଭି.ସତ୍ୟମ ମଞ୍ଚାସୀନ ଥିଲେ। ନିର୍ଦ୍ଦେଶକ କର୍ମାକର ଆଇଆଇଟି ଭୁବନେଶ୍ୱର ଆରମ୍ଭଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଗ୍ରଗତି ଏବଂ ବିଭିନ୍ନ ଉପଲବ୍ଧି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ସରକାରଙ୍କ ବିଭିନ୍ନ ନୀତି ଏବଂ ଅର୍ଥବ୍ୟବସ୍ଥା ଉପରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ ଆଇଆଇଟି ନିର୍ଦ୍ଦେଶକ କର୍ମାକର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବିଭାଗର ପ୍ରଫେସର ଯୋଗଦେଇଥିଲେ।









# ୧୬ ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରେ ୧୬ ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ନୀତିଗତ ଭାବେ ଅନୁମୋଦନ ଦିଆଯାଇଛି। ଏହିସବୁ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୨୪୦ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩୦୨୦ ଜଣଙ୍କ ନିମନ୍ତେ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏକକ ବାତାୟନ(ସିଙ୍ଗଲ୍ ୱିଣ୍ଡୋ) ମାଧ୍ୟମରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ପ୍ରଦାନ କରାଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ, ପ୍ରକଳ୍ପ ଗୁଡ଼ିକ ମୁଖ୍ୟତଃ ସୌରଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ଔଷଧ ପ୍ରସ୍ତୁତି, ପ୍ରିଣ୍ଟିଂ, ଗୃହ ଉପକରଣ ଏବଂ ନୂତନ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ଆଦି ଅନ୍ତର୍ଭୁକ୍ତ। ଏସବୁ ପ୍ରକଳ୍ପ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ। ପ୍ରକଳ୍ପଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡ଼ିକର ତ୍ୱରିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇଦେବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।




ଧ-୭୧୦୪୬

**ଫାଇନାନ୍ସ**

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା

Mob:7653803952
WP-7656825035

See Career Appointment on every **Wednesday & Saturday**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# Classified

**Everyday 0674-2580101, 2549949**







**SALE**

Quotation invited for sale of Force Make Traveler delivery Van 3050 make 2016. Apply within 10 days to LEPRA Society, plot No.-N1/89, IRC Village, Bhubaneswar, Pin- 751015, Tel- 8917654150, 7681837599. D-2794




**SALE**

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

ଭୁବନେଶ୍ୱର – ପୁରୀ Bypass ସାଇ ମନ୍ଦିର NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି plot 30ft. ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। 9937450545. D-74813

3BHK flat- 65 lakhs in Prime Location, Rasulgarh, Bhubaneswar in the 1st Floor (ମାସକୁ ଭଡ଼ା ଆସୁଛି Rs.-23,000/-). Contact: 9938888850. D-2793

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

ଭୁବନେଶ୍ୱର KISS School ପାଖରୁ 4.5.k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ଭୁବନେଶ୍ୱର–ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-2773

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

Residential gharabari plot at Brahmanjharilo, Cuttack with boundary wall, electry pole, inside Temple on Bank Loan facilities near English Medium High School 6 k.m. from Phulnakhara, 11k.m. from Bhubaneswar. 7809525452. D-74644

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

ନଖରା–ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628




Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186




Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

Relax, Refresh your Body, Mind at Saikrupa Spa with best therapies. 8984068077. D-2744

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

Full Body massage by experience therapist @999 only- 9078484455 (Bhubaneswar). D-2791

**AFFIDAVIT**

By virtue of an affidavit before the Executive Magistrate; Chatrapur, I have changed my name from Joyseel Pani to Joysheel Kumar Pani for all purpose. Therefore henceforth I shall be known as JOYSHEEL KUMAR PANI for my future all needful purpose. D-2789

**LOST**

ମୁଁ ଶ୍ରୀ ନିରଞ୍ଜନ ଦେଓ, ପିତା – ସ୍ୱର୍ଗତ ତ୍ରିଲୋଚନ ଦେଓ, ପୋଷ୍ଟ– ଜାବରା, ଥାନା– କୁଆଖିଆ, ଜିଲ୍ଲା– ଯାଜପୁର ସୂଚିତ କରିବାକୁ ଚାହୁଁଛି ଯେ, ତା୨୨।୧୦।୨୨ ରିଖରେ ଏକ ବ୍ୟାଗରେ ଥିବା ମୋର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସଞ୍ଚୟ ଖାତା ନଂ.୨୦୦୩୧୪୯୮୪୩୨ର ଚେକ୍ ବହି ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଖାତା ନଂ. ୫୫୬୭୧୦୩୧୦୦୦୦୩୨୪ର ସ୍ୱାକ୍ଷରିତ ଚେକ୍ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଖାତା ନଂ.- ୫୫୬୭୧୦୩୧୦୦୦୦୩୨୪ର ସ୍ୱାକ୍ଷରିକ ଚେକ୍ ଉଭୟ ବହି ହଜିଯାଇଛି । କେହି ଏହାର ସନ୍ଧାନ ପାଇଲେ ୯୦୪୦୫୦୦୦୯୦ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୬୩୨୩୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI **Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ଏକାଦଶାହ ଉପଲକ୍ଷେ**



**ସ୍ୱ ଶ୍ରୀମତୀ ଶକୁନ୍ତଳା ରାଉତ**

ସ୍ୱାମୀ: ନଗେନ୍ଦ୍ରନାଥ ସାମନ୍ତରାୟ

ସତ୍ୟନଗର, ଭୁବନେଶ୍ୱର

ଆବିର୍ଭାବ: ୧୪।୧୧।୧୯୪୩
ତିରୋଧାନ: ୦୮।୦୨।୨୦୨୩

ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଭାନୁ, ବୁବୁନା, ମାମି, ଟୁକୁ, ମିଲି, ଲିପି, ପୁପୁନ, ମୁନ୍‌ମୁନ୍, ପିନ୍ଟୁ ଓ ଦତ୍ତୁ । ଧ-୨୭୮୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ବିଚିତ୍ରାନନ୍ଦ ପାଇକରାୟ**
**ସ୍ତ୍ରୀ ସ୍ୱ ଶାନ୍ତିଲତା ପାଇକରାୟ**

ପିପିଲି, କଣ୍ଟି, ପୁରୀ, ମୁକୁନ୍ଦନଗର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ।

ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ । ଧ-୨୭୫୧

**୧୧ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ସିତାରାଣୀ ସିଂହ**

ତିରୋଧାନ - ୧୯.୦୨.୨୦୧୨
(ଗୋକୁଳପୁର, ତାରପୁର, ଜଗତସିଂହପୁର)
ସା - ସ୍ୱ ଙ୍କ ସଚ୍ଚିଦାନନ୍ଦ ସିଂହ

ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ । ଏତିକି ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା ।

-: ଶୋକସନ୍ତପ୍ତ :-
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ । ଧ-୭୪୫୧୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




କିଟ୍ ପରିସରରେ ଶୁକ୍ରବାର 'କ୍ରୀଡ଼ା ମାଧ୍ୟମରେ ଯୁବବର୍ଗଙ୍କୁ ଗଢ଼ିବା' ଜାତୀୟ ସେମିନାରରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ କ୍ରୀଡ଼ାବିତ୍‌ଙ୍କ ସହ ଏମ୍‌ପି ଅଚ୍ୟୁତ ସାମନ୍ତ।

# 'କ୍ରୀଡ଼ା ଏକତା ସୂତ୍ରରେ ବାନ୍ଧିଥାଏ'

## 'କ୍ରୀଡ଼ା ମାଧ୍ୟମରେ ଯୁବବର୍ଗଙ୍କୁ ଗଢ଼ିବା' ଜାତୀୟ ସେମିନାର

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବଢ଼ିବାରେ ଲାଗିଛି। ରାଜ୍ୟ ସରକାର କ୍ରମାଗତ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜନ କରିଛନ୍ତି। କେବଳ ସେତିକି ନୁହେଁ, ଏହାକୁ ଯେଭଳିଭାବେ ଆୟୋଜନ କରିଛନ୍ତି ତାହା ଉଦାହରଣ ପାଲଟିଯାଇଛି। ରାଜ୍ୟ ସରକାରଙ୍କ ବ୍ୟତୀତ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱସ୍ତରୀୟ ଭିତ୍ତିଭୂମିମାନ ଉପଲବ୍ଧ କରାଇଛନ୍ତି। ଏଠାରେ ଯେଭଳି ଭିତ୍ତିଭୂମି ଉପଲବ୍ଧ ହୋଇଛି ତାହା ସମ୍ଭବତଃ ବିଶ୍ୱର ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ନାହିଁ। ଯୁବପିଢ଼ି ଏହାର ସଦୁପଯୋଗ କରିବା ଉଚିତ। କ୍ରୀଡ଼ା ହିଁ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିଥାଏ। ଆଗକୁ ବଢ଼ିବାକୁ ସୁଯୋଗ ସୃଷ୍ଟି କରିଥାଏ। ଫଳସ୍ୱରୂପ ଏଠାରୁ ୭ ଅଲିମ୍ପିଆନ ବାହାରି ପାରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଯୁବବର୍ଗଙ୍କୁ ସମର୍ଥନ କରିବାର ଏହା ପ୍ରତିଫଳନ। ତେଣୁ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ଅଛି ବୋଲି ଶୁକ୍ରବାର 'କ୍ରୀଡ଼ା ମାଧ୍ୟମରେ ଯୁବବର୍ଗଙ୍କୁ ଗଢ଼ିବା' ଜାତୀୟ ସେମିନାରରେ ଅଂଶଗ୍ରହଣ କରି ଅଲିମ୍ପିଆନ ତଥା ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ଟେନିସ ତାରକା ଲିଆଣ୍ଡର ପେସ୍ ପ୍ରକାଶ କରିଛନ୍ତି। ୭ଟି ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ରେକର୍ଡ କରିଥିବା ଲିଆଣ୍ଡର ଏହି ଅବସରରେ ନିଜ ଖେଳ ଜୀବନ ଏବଂ କିଛି ସ୍ମରଣୀୟ ସ୍ମୃତିକୁ ଉଜ୍ଜୀବିତ କରିଥିଲେ।

ଉକ୍ତ ସେମିନାରରେ ଅଂଶଗ୍ରହଣ କରି ରଗ୍‌ବୀ ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ରାହୁଲ ବୋଷ କହିଲେ ଯେ, ଓଡ଼ିଶା ହେଉଛି ରଗ୍‌ବୀ ପାଇଁ ଦ୍ୱିତୀୟ ଘର। ରଗ୍‌ବୀରୁ ଅନେକ କିଛି ଶିଖିବାକୁ ମିଳିଥାଏ। କୌଣସି ଜଣେ ଖେଳାଳି ଆଗକୁ ବଢ଼ିଲେ ଆଘାତପ୍ରାପ୍ତ ହେବା ସ୍ୱାଭାବିକ। ତେଣୁ ସମସ୍ତଙ୍କୁ ନେଇ ଯେ ଆଗକୁ ବଢ଼ିବା ଉଚିତ ଏହା ରଗ୍‌ବୀ ଖେଳରୁ ହିଁ ଶିକ୍ଷା ମିଳେ। ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ କହିଲେ ଯେ, କିଟ୍ ଓ କିସ୍ ପରିସରରେ ଖେଳ ପାଇଁ ଯେପରି ବାତାବରଣ ସୃଷ୍ଟି କରାଯାଇଛି ତାହା ବିଶ୍ୱରେ ବିରଳ। ଗୋଟିଏ ବିଶ୍ୱବିଦ୍ୟାଳୟ ପରିସରରେ ଏତେ ସଂଖ୍ୟକ ଭିତ୍ତିଭୂମି ଥିବା ମୁଁ କେବେ ଶୁଣିନାହିଁ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓଡ଼ିଶାରେ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ତେଣୁ ମୋ ମତରେ ଏ ଦୁହେଁ ହେଉଛନ୍ତି ରୋଲ ମଡେଲ। ଅଚ୍ୟୁତ ସର୍ବଦା ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେଇ ଆସିଛନ୍ତି। ୨୦୧୩ରେ ଦ୍ୟୁତୀ ଚାନ୍ଦଙ୍କୁ ସମର୍ଥନ କରି ନ ଥିଲେ ହୁଏତ ଆଜି ଦ୍ୟୁତି ଏହି ସ୍ତରରେ ପହଞ୍ଚିପାରି ନ ଥାନ୍ତେ। ସେହିପରି ୭ ଥର ଅଲିମ୍ପିକ୍ ଖେଳିଥିବା ଲିଆଣ୍ଡର ପେସ୍‌ଙ୍କଠାରୁ ଅନେକ କିଛି ଶିଖିବାର ଅଛି। ଯୁବପିଢ଼ି ତାଙ୍କଠାରୁ ପ୍ରେରଣା ନେବା ଉଚିତ। ସର୍ବଭାରତୀୟ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ ମଧ୍ୟ ଓଡ଼ିଶା ଏବଂ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଉପଲବ୍ଧ କରାଯାଇଥିବା ଭିତ୍ତିଭୂମିକୁ ଉଚ୍ଚ ପ୍ରଶଂସା କରିଥିଲେ। ଭାରତର ସ୍ପ୍ରିଣ୍ଟ କୁଇନ୍ ଦ୍ୟୁତୀ ଚାନ୍ଦ କହିଥିଲେ ଯେ, ଦିନଥିଲା ମୁଁ କିଟ୍‌କୁ ଗର୍ବିତ କରୁଥିଲି, ମାତ୍ର ଏବେ ଏହି ବିଶ୍ୱବିଦ୍ୟାଳୟ ମୋତେ ଗର୍ବିତ କରୁଛି। ମୋ ନାମରେ ଷ୍ଟାଡିୟମକୁ ନାମିତ କରାଯାଇଛି ଅର୍ଥ ମୁଁ ବଞ୍ଚିଥାଉଥାଉ ସ୍ୱର୍ଗ ଦର୍ଶନଭଳି ଅନୁଭବ ହେଉଛି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ନାମରେ ଫୁଟବଲ ଷ୍ଟାଡିୟମକୁ ନାମିତ କରାଯାଇଛି। ତେଣୁ ସେ ଅଚ୍ୟୁତଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏବଂ ଜାତୀୟ ଚୟନକର୍ତ୍ତା ଦେବାଶିଷ ମହାନ୍ତି ଓ ଭାରତର ଦ୍ରୁତତମ ଧାବକ ଅମିୟ ମଲିକ ଉପସ୍ଥିତ ରହି ନିଜର ମତ ରଖିଥିଲେ। ପଦ୍ମବିଭୂଷଣ ଚେସ୍ ତାରକା ବିଶ୍ୱନାଥନ ଆନନ୍ଦ, ପଦ୍ମଭୂଷଣ ଶୁଟର ଅଭିନବ ବିନ୍ଦ୍ରା, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ପାରାଲିମ୍ପିଆନ ତଥା ଖେଳରତ୍ନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ପ୍ରମୁଖ ଭିଡିଓ ବାର୍ତ୍ତା ମାଧ୍ୟମରେ ନିଜର ମତ ଉପସ୍ଥାପନ କରିଥିଲେ। ଅଚ୍ୟୁତ ସାମନ୍ତ ନିଜ ପିଲାବେଳର କଥାକୁ ମନେ ପକାଇବା ସହ କିଟ୍ ଓ କିସ୍ କିପରି ଖେଳାଳିଙ୍କୁ ସହାୟତା କରି ଆସୁଛି ତା' ଉପରେ ଆଲୋକପାତ କରିଥିଲେ। ଶେଷରେ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ଏବଂ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମସ୍ତ ଅତିଥି ଓ କ୍ରୀଡ଼ାବିତ୍‌ଙ୍କୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଭାରତ-ଇଂଲଣ୍ଡ ମୁକାବିଲା

## ମହିଳା ଟି୨୦ ବିଶ୍ୱକପ୍

**କିବେର୍ହା, ୧୭।୨(ପି.ଟି.)**

ଚଳିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଶନିବାର ବିଶ୍ୱର ଦୁଇ ନମ୍ବର ଦଳ ଇଂଲଣ୍ଡକୁ ଭେଟିବ। ହରମନପ୍ରୀତ କୌରଙ୍କ ଦଳ ପୂର୍ବରୁ ପାକିସ୍ତାନକୁ ୭ ଉଇକେଟ ଏବଂ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ପରାସ୍ତ କରିଛି। ଦୁଇଟି ବିଜୟ ଯୋଗୁ ସେମିଫାଇନାଲରେ ପ୍ରବେଶ ପାଇଁ ଭାରତ ଦୃଢ ସ୍ଥିତିରେ ରହିଛି। ଉଭୟ ମ୍ୟାଚରେ ସ୍ୱଳ୍ପ ବୟସ୍କା ପ୍ରତିଭା ରିଚା ଘୋଷଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ଇଂଲଣ୍ଡ ବିପକ୍ଷ ମ୍ୟାଚ ଜିତିବାକୁ ହେଲେ ଟପ୍ ଅର୍ଡରଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଧିନାୟିକା ଶେଫାଳି ବର୍ମା ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସେ ତାଙ୍କ ଉଇକେଟ ହରାଇ ବସୁଛନ୍ତି। ଆଙ୍ଗୁଠି ଇଞ୍ଜୁରିରୁ ମୁକ୍ତି ପାଇବା ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ସ୍ମୃତି ମନ୍ଧାନା ଭଲ ବ୍ୟାଟିଂ କରିପାରୁଥିବା ମନେ ହେଉଛନ୍ତି। ଜେମିମା ରୋଡ୍ରିଗୁଏଜ୍ କ୍ରମାଗତ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଅଧିନାୟିକା କୌରଙ୍କର ମଧ୍ୟ ଅବଦାନ ରହିଛି। ହେଲେ ସେ ପ୍ରତିଯୋଗିତାରେ ଏପର୍ଯ୍ୟ ବଡ଼ ସ୍କୋର କରିପାରି ନାହାନ୍ତି। ତାଙ୍କର ସର୍ବାଧିକ ୩୩ ରନ ରହିଛି। ଇଂଲଣ୍ଡର ସ୍ପିନର ତ୍ରୟ ଚାର୍ଲି ଡିନ୍, ସୋଫି ଏକ୍ଲେଷ୍ଟୋନ୍ ଓ ସାରା ଗ୍ଲେନ୍‌ଙ୍କ ବୋଲିଂକୁ ଠିକଣା ରୂପେ ସାମ୍ନା କରିବାକୁ ହେବ। ନୂଆ ବଲ୍‌ରେ ପୂଜା ବସ୍ତ୍ରକାର-ରେଣୁକା ସିଂ ଯୋଡ଼ି ବୋଲିଂ ପ୍ରଭାବୀ ମନେ ହେଉଛି। ଡେଥ୍ ଓଭର ବୋଲିଂ ପାଇଁ ଦୀପ୍ତି ଶର୍ମା ୱେଷ୍ଟଇଣ୍ଡିଜ ବିପକ୍ଷରେ ନିର୍ଭରଯୋଗ୍ୟ ସାବ୍ୟସ୍ତ ହୋଇଛନ୍ତି। ଭାରତୀୟ ଦଳର ଫିଲ୍ଡରେ ଦୁର୍ବଳ ଥିବା ପରିଲକ୍ଷିତ ହେଉଛି। ଏଥିରେ ସୁଧାର ଆଣି ନ ପାରିଲେ ଇଂଲଣ୍ଡ ଏହାର ସୁଯୋଗ ନେଇପାରେ। ଅନ୍ୟତମ ଟାଇଟଲ ଦାବିଦାର ଇଂଲଣ୍ଡ ଭାରତ ଭଳି ଦୁଇଟି ବିଜୟ ସହ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ହେଲେ ଭାରତର ପଏଣ୍ଟ ସଂଖ୍ୟା ବର୍ତ୍ତମାନ +୦.୫୯୦ ରହିଥିବା ବେଳେ ହିଥର ନାଇଟ୍ ଓ ତାଙ୍କ ଦଳ +୨.୪୯୭ ପଏଣ୍ଟ ସହ ନେଟ୍ ରନ୍ ରେଟ୍‌ରେ ଅଗ୍ରଣୀ ରହିଛି।

# ଓଡ଼ିଶାର କ୍ରମାଗତ ଚତୁର୍ଥ ବିଜୟ

## ଦୃଷ୍ଟିବାଧିତ ନାଗେଶ ଟ୍ରଫି

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

ରାଜସ୍ଥାନ ଆଜମେରର ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଚାଲିଥିବା ଦୃଷ୍ଟିବାଧିତ ନାଗେଶ ଟ୍ରଫିର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨୮ ରନରେ ରାଜସ୍ଥାନକୁ ହରାଇ ଦେଇଛି। ପ୍ରଥମ ୩ଟି ମ୍ୟାଚ ଜିତି ଓଡ଼ିଶା ସୁପର-୮ରେ ପ୍ରବେଶ କରି ସାରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୨୨୩ ରନ କରିଥିଲା। ସୁଖରାମ ମାଝି ଦଳ ପକ୍ଷରୁ ସର୍ବାଧିକ ୭୭ ଓ କାଳିଆ ପ୍ରଧାନ ୪୬ ରନ କରିଥିଲେ। ଜବାବରେ ରାଜସ୍ଥାନ ୧୯.୪ ଓଭରରେ ୧୯୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁଖରାମ ମାଝି ଓ ନକୁଳ ବଡ଼ନାୟକ ୩ଟି ଲେଖାଏ ଏବଂ ତପନ କୁମାର ଗୌଡ଼ ୨ଟି ଉଇକେଟ ନେଇଥିଲେ। ସୁଖରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟ, ସେମିଫାଇନାଲ ଓ ଫାଇନାଲ ହାଇଦ୍ରାବାଦରେ ମାର୍ଚ୍ଚ ୧୩ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଏଣ୍ଟ ଭିତ୍ତିରେ ଓଡ଼ିଶା ଗ୍ରୁପ୍‌ରେ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମହାରାଷ୍ଟ୍ର-ହିମାଚଳ ପ୍ରଦେଶ କ୍ରସ୍ ଓଭର ମ୍ୟାଚର ବିଜେତା ଏବଂ ଆନ୍ଧ୍ର ପ୍ରଦେଶ ଓ ହରିୟାଣା ଖେଳିବେ।

# ଭାଗନେବ ଓଡ଼ିଶା ମହିଳା, ପୁରୁଷ ଦଳ



ଡେରାଡୁନ୍ ଯାତ୍ରା କରିବା ପୂର୍ବରୁ ଓଡ଼ିଶା ସିଭିଲ ସର୍ଭିସ କବାଡ଼ି ଦଳ।

## ସର୍ବଭାରତୀୟ ସିଭିଲ ସର୍ଭିସ କବାଡ଼ି

**ଭୁବନେଶ୍ୱର, ୧୭।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସେଣ୍ଟ୍ରାଲ ସିଭିଲ ସର୍ଭିସ ଆଣ୍ଡ୍ ସ୍ପୋର୍ଟ୍ସ ବୋର୍ଡ ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ ସର୍ଭିସ କବାଡ଼ି ପ୍ରତିଯୋଗିତା ଉତ୍ତରାଖଣ୍ଡର ଡେରାଡୁନ୍‌ରେ ହେବ। ଏଥିରେ ଭାଗନେବାକୁ ଥିବା ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଡେରାଡୁନ୍ ଯାତ୍ରା କରିଛନ୍ତି। ଭୁବନେଶ୍ୱର ରେଲୱେ ଷ୍ଟେଶନରେ ସେମାନଙ୍କୁ ପୁଷ୍ପମାଲ୍ୟ ଦେଇ ପ୍ରତିଯୋଗିତାରେ ସଫଳ ପାଇଁ ଶୁଭକାମନା କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସଭାପତି ଦେବୀଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି, ସଂଘର ସଦସ୍ୟ ପ୍ରକାଶ ବେହେରା, ପ୍ରକାଶ ରଥ, ପ୍ରଭାତ କୁମାର ପାତ୍ର ଓ ମନୋଜ ପୁହାଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। **ମହିଳା ଦଳ** : ଶ୍ରୀଛନ୍ଦା ପ୍ରଧାନ, ସଂଘମିତ୍ରା ଶତପଥୀ, ବିଶ୍ୱ ବିଜୟିନୀ ପଟ୍ଟନାୟକ, ମଧୁସ୍ମିତା ସ୍ୱାଇଁ, ରେଣୁବାଳା ପ୍ରଧାନ, ତୃପ୍ତିମୟୀ ମୋଦି, ସରସ୍ୱତୀ ସେଠୀ, ରେଖାରାଣୀ ଦେଓ, ଚିନ୍ମୟୀ ପଣ୍ଡା, ଦେବଯାନୀ ମାଝି, ନିବେଦିତା ରାଉତ, ଜୟଶ୍ରୀ ପଣ୍ଡା, ସସ୍ମିତା ପ୍ରଧାନ, ଶୁଭାଙ୍ଗୀ ରାୟ, ମୋନାଲିସା ଶତପଥୀ ଓ ସରୋଜିନୀ ଜେନା। **ପୁରୁଷ ଦଳ** : ହରପ୍ରସାଦ ବିଶ୍ୱାଳ, ଜୟନ୍ତ କୁମାର ରାଏ, ଜିତେନ୍ଦ୍ର ମହାରଣା, ସୁଚିତ୍ର ଖଟୋଇ, ରାମଚନ୍ଦ୍ର ସାହୁ, ହରିହର ଦାସ, ମିହିର ରଞ୍ଜନ ପଟ୍ଟନାୟକ,ଚିନ୍ମୟ କୁମାର ପ୍ରଧାନ, ଜ୍ଞାନରଞ୍ଜନ ପଣ୍ଡା, ଶ୍ରୀକାର କୁମାର ମାଝି ଓ ପ୍ରତୀକ କିରଣ ପାହାଡ଼ ସିଂ।

# କେରଳକୁ ୧୩-୦ରେ ହରାଇଲା ଓଡ଼ିଶା

## ଜାତୀୟ ସିନିୟର ମହିଳା ହକି

**କାକିନାଡା, (ଆନ୍ଧ୍ର ପ୍ରଦେଶ) ୧୭।୨**

ଜାତୀୟ ସିନିୟର ମହିଳା ହକି ପ୍ରତିଯୋଗିତାରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ୧୩-୦ ଗୋଲ୍‌ରେ କେରଳ ହକିକୁ ହରାଇ ଦେଇଛ। ଆନ୍ଧ୍ର ପ୍ରଦେଶର କାକିନାଡାଠାରେ ଚାଲିଥିବା ଏହି ଟୁର୍ନାମେଣ୍ଟର ପୁଲ୍-ଏ'ର ଏହି ମ୍ୟାଚରେ ବିଜୟୀ ଦଳର ଅନୁପା ବାର୍ଲା ବ୍ୟକ୍ତିଗତ ୪ଟି (୭ମ, ୩୭ତମ, ୪୬ତମ ଓ ୫୯ତମ ମିନିଟ) ଗୋଲ ସ୍କୋର କରିଥିବା ବେଳେ ନମିତା ଟପ୍ପୋ (୧୪ତମ ଓ ୩୫ତମ) ଦୁଇଟି ଲେଖାଏଁ ଗୋଲ ଦେଇଥିଲେ। ଅନ୍ୟ ଗୋଲ୍‌ଗୁଡ଼ିକୁ ଲିଲିମା ମିଞ୍ଜ୍ (୧୦ମ), ଅସ୍ମିତା ବାର୍ଲା (୧୧ତମ) ଦୀପ୍ତି ଲାକ୍ରା (୧୯ତମ),ଅଧିନାୟିକା ଜୀବନ କିଶୋରୀ ଟପ୍ପୋ (୨୩ତମ) ଓ ଆଞ୍ଜେଲା ଟପ୍ପୋ (୬୦ତମ) ସ୍କୋର କରିଥିଲେ। ଗେମ୍‌କୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣରେ ରଖିଥିବା ରିଙ୍କି କୁଜୁର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଓଡ଼ିଶା-ମହାରାଷ୍ଟ୍ର ମିଳିତ ଦଳ ରନରଅପ୍



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ସିନିୟର ବାଳିକା ରୋଲବଲ୍

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

ଜମ୍ମୁଠାରେ ଖେଲୋ ଇଣ୍ଡିଆ 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ଜାତୀୟ ସିନିୟର ବାଳିକା ରୋଲବଲ୍ ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା-ମହାରାଷ୍ଟ୍ର ମିଳିତ ଦଳ ୫-୨ ଗୋଲରେ ମଧ୍ୟପ୍ରଦେଶ-ନାଗାଲାଣ୍ଡ ଦଳକୁ ହରାଇ ପ୍ରଥମ ରନରଅପ୍ ହୋଇଛନ୍ତି। ଫାଇନାଲରେ ରାଜସ୍ଥାନ-ଆସାମ ଦଳ ୪-୧ ଗୋଲରେ ତାମିଲନାଡୁ-ଜମ୍ମୁ କଶ୍ମୀର ଦଳକୁ ହରାଇ ଚାମ୍ପିୟନ ହୋଇଛି। ଓଡ଼ିଶା ସିନିୟର ବାଳିକାଙ୍କ ପାଇଁ ଏହାଥିଲା ଏକ ସ୍ମରଣୀୟ ଦିନ। କାରଣ ରୋଲବଲ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ପଦାର୍ପଣରେ ହିଁ ଏହି ସଫଳତା ପାଇଛନ୍ତି। ଦଳର ମନୋବଳ ବୃଦ୍ଧି ପାଇଛି। ଆଗାମୀ ଦିନରେ ଆହୁରି ଗୌରବ ଆଣିବାକୁ ଆମେ ଚେଷ୍ଟା କରିବୁ ବୋଲି ଓଡ଼ିଶା ଦଳର ଗୋଲକିପର ଶ୍ରୀଜାଶ୍ରୀ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ଶ୍ରୀଜାଙ୍କ ବ୍ୟତୀତ ପଲ୍ଲବୀ ସାହୁ ଓ ନଦିରା ସାହାବ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଜମ୍ମୁ ସ୍ପୋର୍ଟ୍ସ କାଉନ୍ସିଲ ପକ୍ଷରୁ ସୁଧିର ଏବଂ ରୋଲବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଚେତନ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଜମ୍ମୁ ରୋଲ ବଲ୍ ଆସୋସିଏଶନ ସମ୍ପାଦକ ମଧୁ ଶର୍ମା ଓ ଓଡ଼ିଶା ରୋଲ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍ ନିକଟତର

**ଗୁଆହାଟୀ, ୧୭।୨ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ପ୍ରଥମ ଥର ପ୍ଲେ-ଅଫ୍ ନିକଟତର ହୋଇଛି। ଶୁକ୍ରବାର ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ୩-୧ ଗୋଲରେ ବିଜୟ ହାସଲ କରିଛି। ନନ୍ଦକୁମାର ସେକର (୩୬ତମ ମିନିଟ), ଭିକ୍ଟର ରୋଡ୍ରିଗୁଏଜ(୬୫ ତମ) ଓ ଡିଏଗୋ ମରିସିଓ (୮୪ତମ) ଗୋଟିଏ ଲେଖାଏଁ ଗୋଲ ଦେଇ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ୩ ପଏଣ୍ଟ ଆଣି ଦେଇଥିଲେ। ବିପକ୍ଷ ଦଳର ୱିଲମର ଜୋର୍ଡାନ (୯୦+୨ତମ) ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ଲେ-ଅଫ୍ ଯୋଗ୍ୟତା ହାସଲ କରିବା ଲାଗି ଓଡ଼ିଶା ଦଳକୁ ଆଉ ମାତ୍ର ୧ ପଏଣ୍ଟ ଆବଶ୍ୟକ। ଶୁକ୍ରବାର ଏହି ବିଜୟ ଦ୍ୱାରା ଓଏଫ୍‌ସି ପଏଣ୍ଟ ଟେବୁଲରେ ୫ମ ସ୍ଥାନ ଅଧିକାର କରି ପ୍ଲେ-ଅଫ୍ ଦୌଡ଼ରେ ଏଟିକେ ମୋହନ ବାଗାନଠାରୁ ଆଗରେ ରହିଛି। କଳିଙ୍ଗ ଷ୍ଟାଡିୟମରେ ୨୨ ତାରିଖରେ ଦଳ ଏହାର ଶେଷ ଲିଗ୍ ମ୍ୟାଚ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଇଣ୍ଡିଆନ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସ୍ଥାନ | ସମୟ |
|---|---|---|---|
| ମାର୍ଚ୍ଚ ୩୧ | ଗୁଜରାଟ ବନାମ ଚେନ୍ନାଇ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୧ | ପଞ୍ଜାବ ବନାମ କୋଲକାତା | ମୋହାଲି | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ବନାମ ଦିଲ୍ଲୀ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୨ | ହାଇଦ୍ରାବାଦ ବନାମ ରାଜସ୍ଥାନ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ବାଙ୍ଗାଲୋର ବନାମ ମୁମ୍ବାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୩ | ଚେନ୍ନାଇ ବନାମ ଲକ୍ଷ୍ନୌ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୪ | ଦିଲ୍ଲୀ ବନାମ ଗୁଜରାଟ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୫ | ରାଜସ୍ଥାନ ବନାମ ପଞ୍ଜାବ | ଗୁଆହାଟୀ | ରାତି ୭.୩୦ |
| ଏପ୍ରିଲ ୬ | କୋଲକାତା ବନାମ ବାଙ୍ଗାଲୋର | କୋଲକାତା | ରାତି ୭.୩୦ |
| ଏପ୍ରିଲ ୭ | ଲକ୍ଷ୍ନୌ ବନାମ ହାଇଦ୍ରାବାଦ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୮ | ରାଜସ୍ଥାନ ବନାମ ଦିଲ୍ଲୀ | ଗୁଆହାଟୀ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ଚେନ୍ନାଇ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୯ | ଗୁଜରାଟ ବନାମ କୋଲକାତା | ଅହମଦାବାଦ | ଅପରାହ୍ନ ୩.୩୦ |
| | ହାଇଦ୍ରାବାଦ ବନାମ ପଞ୍ଜାବ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୦ | ବାଙ୍ଗାଲୋର ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୧ | ଦିଲ୍ଲୀ ବନାମ ମୁମ୍ବାଇ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୧୨ | ଚେନ୍ନାଇ ବନାମ ରାଜସ୍ଥାନ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୧୩ | ପଞ୍ଜାବ ବନାମ ଗୁଜରାଟ | ମୋହାଲି | ରାତି ୭.୩୦ |
| ଏପ୍ରିଲ ୧୪ | କୋଲକାତା ବନାମ ହାଇଦ୍ରାବାଦ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୧୫ | ବାଙ୍ଗାଲୋର ବନାମ ଦିଲ୍ଲୀ | ବେଙ୍ଗାଲୁରୁ | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ବନାମ ପଞ୍ଜାବ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୧୬ | ମୁମ୍ବାଇ ବନାମ କୋଲକାତା | ମୁମ୍ବାଇ | ଅପରାହ୍ନ ୩.୩୦ |
| | ଗୁଜରାଟ ବନାମ ରାଜସ୍ଥାନ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୧୭ | ବାଙ୍ଗାଲୋର ବନାମ ଚେନ୍ନାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୮ | ହାଇଦ୍ରାବାଦ ବନାମ ମୁମ୍ବାଇ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୯ | ରାଜସ୍ଥାନ ବନାମ ଲକ୍ଷ୍ନୌ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୦ | ପଞ୍ଜାବ ବନାମ ବାଙ୍ଗାଲୋର | ମୋହାଲି | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ କୋଲକାତା | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୨୧ | ଚେନ୍ନାଇ ବନାମ ହାଇଦ୍ରାବାଦ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୨୨ | ଲକ୍ଷ୍ନୌ ବନାମ ଗୁଜରାଟ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ପଞ୍ଜାବ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୨୩ | ବାଙ୍ଗାଲୋର ବନାମ ରାଜସ୍ଥାନ | ବେଙ୍ଗାଲୁରୁ | ଅପରାହ୍ନ ୩.୩୦ |
| | କୋଲକାତା ବନାମ ଚେନ୍ନାଇ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୨୪ | ହାଇଦ୍ରାବାଦ ବନାମ ଦିଲ୍ଲୀ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୨୫ | ଗୁଜରାଟ ବନାମ ମୁମ୍ବାଇ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୨୬ | ବାଙ୍ଗାଲୋର ବନାମ କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୨୭ | ରାଜସ୍ଥାନ ବନାମ ଚେନ୍ନାଇ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୮ | ପଞ୍ଜାବ ବନାମ ଲକ୍ଷ୍ନୌ | ମୋହାଲି | ରାତି ୭.୩୦ |
| ଏପ୍ରିଲ ୨୯ | କୋଲକାତା ବନାମ ଗୁଜରାଟ | କୋଲକାତା | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ହାଇଦ୍ରାବାଦ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୩୦ | ଚେନ୍ନାଇ ବନାମ ପଞ୍ଜାବ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ରାଜସ୍ଥାନ | ମୁମ୍ବାଇ | ରାତି ୭.୩୦ |
| ମେ ୧ | ଲକ୍ଷ୍ନୌ ବନାମ ବାଙ୍ଗାଲୋର | ଲକ୍ଷ୍ନୌ | ରାତି ୭.୩୦ |
| ମେ୨ | ଗୁଜରାଟ ବନାମ ଦିଲ୍ଲୀ | ଅହମଦାବାଦ | ରାତି ୭.୩୦ |
| ମେ ୩ | ପଞ୍ଜାବ ବନାମ ମୁମ୍ବାଇ | ମୋହାଲି | ରାତି ୭.୩୦ |
| ମେ ୪ | ଲକ୍ଷ୍ନୌ ବନାମ ଚେନ୍ନାଇ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ହାଇଦ୍ରାବାଦ ବନାମ କୋଲକାତା | ହାଇଦ୍ରାବାଦ | ରାତି ୭.୩୦ |
| ମେ ୫ | ରାଜସ୍ଥାନ ବନାମ ଗୁଜରାଟ | ଜୟପୁର | ରାତି ୭.୩୦ |
| ମେ ୬ | ଚେନ୍ନାଇ ବନାମ ମୁମ୍ବାଇ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ବାଙ୍ଗାଲୋର | ଦିଲ୍ଲୀ | ରାତି ୭.୩୦ |
| ମେ ୭ | ଗୁଜରାଟ ବନାମ ଲକ୍ଷ୍ନୌ | ଅହମଦାବାଦ | ଅପରାହ୍ନ ୩.୩୦ |
| | ରାଜସ୍ଥାନ ବନାମ ହାଇଦ୍ରାବାଦ | ଜୟପୁର | ରାତି ୭.୩୦ |
| ମେ ୮ | କୋଲକାତା ବନାମ ପଞ୍ଜାବ | କୋଲକାତା | ରାତି ୭.୩୦ |
| ମେ ୯ | ମୁମ୍ବାଇ ବନାମ ବାଙ୍ଗାଲୋର | ମୁମ୍ବାଇ | ରାତି ୭.୩୦ |
| ମେ ୧୦ | ଚେନ୍ନାଇ ବନାମ ଦିଲ୍ଲୀ | ଚେନ୍ନାଇ | ରାତି ୭.୩୦ |
| ମେ ୧୧ | କୋଲକାତା ବନାମ ରାଜସ୍ଥାନ | କୋଲକାତା | ରାତି ୭.୩୦ |
| ମେ ୧୨ | ମୁମ୍ବାଇ ବନାମ ଗୁଜରାଟ | ମୁମ୍ବାଇ | ରାତି ୭.୩୦ |
| ମେ ୧୩ | ହାଇଦ୍ରାବାଦ ବନାମ ଲକ୍ଷ୍ନୌ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ପଞ୍ଜାବ | ଦିଲ୍ଲୀ | ରାତି ୭.୩୦ |
| ମେ ୧୪ | ରାଜସ୍ଥାନ ବନାମ ବାଙ୍ଗାଲୋର | ଜୟପୁର | ଅପରାହ୍ନ ୩.୩୦ |
| | ଚେନ୍ନାଇ ବନାମ କୋଲକାତା | ଚେନ୍ନାଇ | ରାତି ୭.୩୦ |
| ମେ ୧୫ | ଗୁଜରାଟ ବନାମ ହାଇଦ୍ରାବାଦ | ଅହମଦାବାଦ | ରାତି ୭.୩୦ |
| ମେ୧୬ | ଲକ୍ଷ୍ନୌ ବନାମ ମୁମ୍ବାଇ | ଲକ୍ଷ୍ନୌ | ରାତି ୭.୩୦ |
| ମେ ୧୭ | ପଞ୍ଜାବ ବନାମ ଦିଲ୍ଲୀ | ଧର୍ମଶାଳା | ରାତି ୭.୩୦ |
| ମେ ୧୮ | ହାଇଦ୍ରାବାଦ ବନାମ ବାଙ୍ଗାଲୋର | ହାଇଦ୍ରାବାଦ | ରାତି ୭.୩୦ |
| ମେ ୧୯ | ପଞ୍ଜାବ ବନାମ ରାଜସ୍ଥାନ | ଧର୍ମଶାଳା | ରାତି ୭.୩୦ |
| ମେ ୨୦ | ଦିଲ୍ଲୀ ବନାମ ଚେନ୍ନାଇ | ଦିଲ୍ଲୀ | ଅପରାହ୍ନ ୩.୩୦ |
| | କୋଲକାତା ବନାମ ଲକ୍ଷ୍ନୌ | କୋଲକାତା | ରାତି ୭.୩୦ |
| ମେ ୨୧ | ମୁମ୍ବାଇ ବନାମ ହାଇଦ୍ରାବାଦ | ମୁମ୍ବାଇ | ଅପରାହ୍ନ ୩.୩୦ |
| | ବାଙ୍ଗାଲୋର ବନାମ ଗୁଜରାଟ | ବେଙ୍ଗାଲୁରୁ | ରାତି ୭.୩୦ |

# ଆସ୍ଥା, ବିଶ୍ୱାସର ଠାକୁର ବାବା ବିଶ୍ୱେଶ୍ୱର






**ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାରେ ରହିଛି ବାବା ବିଶ୍ୱେଶ୍ୱରଙ୍କ ପୀଠ। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ହେଲେ ମହାଶିବରାତ୍ରି ମେଳା ତାଙ୍କର ପ୍ରମୁଖ ପର୍ବ ତଥା ଯାତ୍ରା ମହୋତ୍ସବ। ଏହି ଦିନ ବାବାଙ୍କ ଦର୍ଶନ ପାଇଁ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସନ୍ଧ୍ୟା ୫ରୁ ଉଜାଗର ଥିବା ଭକ୍ତ ମାନସିକ ଦୀପ ଜାଳି ଚାରି ପ୍ରହର ପୂଜାପାଠ ସହ ଆଳତି କରିଥାନ୍ତି। ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଲା ପରେ ଭକ୍ତମାନେ ଉଜାଗର ଶେଷ କରନ୍ତି। ଏହି ଉପଲକ୍ଷେ ଆୟୋଜିତ ମେଳାରେ ନାନା କିସମର ପସରା ଖୋଲନ୍ତି ବ୍ୟବସାୟୀ। ଶ୍ରଦ୍ଧାଳୁମାନେ ଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି। ଏହି ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।**



## ଇତିହାସ କୁହେ

ଅବିଭକ୍ତ ସମ୍ବଲପୁରର ପ୍ରଥମ ରାଜା ଥିଲେ ପାଟଣା ରାଜବଂଶୀୟ ବଳରାମ ଦେବ। ୧୫୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଜ୍ୟେଷ୍ଠ ଭ୍ରାତା ନରସିଂହ ଦେବଙ୍କଠାରୁ ଭାଗସୂତ୍ରରେ ସେତେବେଳେ ସେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରିଥିବା ଜନଶ୍ରୁତିରୁ ଜଣାପଡ଼େ। ସେହି ସମୟରେ ବରଗଡ଼ ଥିଲା ତାଙ୍କ ପ୍ରମୁଖ ସାମରିକ କେନ୍ଦ୍ର। ପରବର୍ତ୍ତୀ ସମୟରେ ଚୌହାନମାନଙ୍କ ଆଗମନରୁ ସମ୍ପୃକ୍ତ ଅଞ୍ଚଳରେ କଳା, ସ୍ଥାପତ୍ୟର ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ଯଦିଓ ଚୌହାନ ରାଜାମାନେ ଦେବୀ ମା' ସମଲେଇଙ୍କୁ ପୂଜା କରୁଥିଲେ, ପରେ ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଲୋକକଥାରୁ ଜଣାପଡ଼ିଛି। ଏଭଳି ଭାବେ ପଶ୍ଚିମ ଓଡ଼ିଶାରେ ଅଷ୍ଟଶମ୍ଭୁ ପୀଠ ହୁମାର ବାବା ବିମଳେଶ୍ୱର, ମାନେଶ୍ୱରର ମାନଧାତା ବାବା ସରଣ୍ଡାର ବିଶ୍ୱେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ନୀଳଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଏବଂ ଦେଓଗାଁର ବୈଦ୍ୟନାଥ ବାବାଙ୍କ ମନ୍ଦିର ଗଢ଼ି ଉଠିଥିଲା ।

## ମନ୍ଦିର ନିର୍ମାଣ

ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ ହୁମାର ବିମଳେଶ୍ୱର ମନ୍ଦିର ସମ୍ବଲପୁରର ରାଜା ବଳିଆର ସିଂହଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୬୧୭ରୁ ୧୬୫୭ ମସିହା ମଧ୍ୟରେ ନିର୍ମାଣ ହୋଇଥିଲା। ସରଣ୍ଡାର ବିଶ୍ୱେଶ୍ୱର ଶୈବପୀଠ ସହ ବାକି ୭ଟି ମନ୍ଦିର୧୬୯୫ରୁ ୧୭୭୬ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜାଙ୍କ ଦେଓ୍ୱାନ ଦକ୍ଷିଣ ରାୟଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଶିବପ୍ରସାଦ ଦାଶଙ୍କ ଦ୍ୱାରା ରଚିତ ସମ୍ବଲପୁର ଇତିହାସ ୧୯୬୨ମସିହା ସଂସ୍କରଣର ୨୭୨ପୃଷ୍ଠାରେ ଉଲ୍ଲେଖ ରହିଛି।

## ପରିବେଶ

ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ପରିବେଶ ଅବର୍ଣ୍ଣନୀୟ। ପ୍ରାୟ ୧୧ ଡେସିମିଲ ପରିମିତ ଜମି ଅଞ୍ଚଳରେ ଗଢ଼ି ଉଠିଥିବା ଏହି ମନ୍ଦିରକୁ ଘେରି ରହିଛି ସବୁଜ ବନାନୀ। ପାଖରେ ରହିଥିବା ପୁଷ୍କରିଣୀ ସହିତ ମନ୍ଦିର ପରିସରରେ ଥିବା କନିଅର, ଚମ୍ପା ଫୁଲର ମହକରେ ମହକୁଛି ମନ୍ଦିର ପରିସର। ତେବେ ମନ୍ଦିରଟି ୩ ଭାଗରେ ବିଭକ୍ତ। ମୁଖ୍ୟ ମନ୍ଦିର ବିମାନ, ଦ୍ୱିତୀୟ ଜଗମୋହନ ଏବ ତୃତୀୟ ନାଟ ମନ୍ଦିର ଅର୍ଥାତ୍ ମୁଖଶାଳା ପ୍ରାରମ୍ଭରେ ଦେବଦେବ ମହାଦେବଙ୍କ ବାହନ ବୃଷଭଙ୍କ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ରହିଛି। ସେହିପରି ମନ୍ଦିରର ସାମ୍ନାରେ ଗରୁଡ଼ ସ୍ତମ୍ଭ ରହିଥିବା ବେଳେ ଡାହାଣରେ ମା' ପାର୍ବତୀ, ବାମରେ ବାବା ଭୈରବ, ଦୁଇଟି ବୀର ହନୁମାନ ମନ୍ଦିର ରହିଛି । ମନ୍ଦିରର ଏଭଳି ଅବସ୍ଥିତି ଭିନ୍ନ ଆକର୍ଷଣ ସୃଷ୍ଟି କରୁଛି। ଏହି ଶୈବପୀଠରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ଥାପନ ପାଇଁ ୧୨ଟି ମନ୍ଦିର ନିର୍ମାଣ କାମ ଚାଲିଛି।

## ରାଜାଙ୍କ ଘୋଡ଼ା

ବିଶ୍ୱେଶ୍ୱର ମନ୍ଦିର ନିର୍ମାଣ ସମୟରେ ଯାନବାହନ ଚଳାଚଳ ନ ଥିଲା। ଘୋଡ଼ା ସବାରରେ ତତ୍କାଳୀନ ରାଜା ପାଟଣା ଯାତାୟାତ କରୁଥିଲେ। ଦିନେ ତତ୍କାଳୀନ ଚୌହାନ ବଂଶୀୟ ରାଜା ପାଟଣାରୁ ସମ୍ବଲପୁର ଫେରୁଥିବା ସମୟରେ ହଠାତ୍ ଘୋଡ଼ାଟି ବର୍ତ୍ତମାନ ଶିବ ଲିଙ୍ଗ ରହିଥିବା ସ୍ଥାନରେ ଅଟକିଥିଲା ଏବଂ ସେହି ସ୍ଥାନ ଖୋଳିବା ପରେ ସେଠାରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଲୌକିକ ଦୈବଶକ୍ତି ତଥା ଶିବଭକ୍ତି ଭାବ ଜାଗ୍ରତ ହୋଇଥିଲା ବୋଲି ଜନଶ୍ରୁତିରୁ ଜଣାପଡ଼େ। ଏପରିକି ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ମଧ୍ୟ ଏଠାରେ ମନ୍ଦିର ନିର୍ମାଣ କରିଥିଲେ ବୋଲି ଲୋକକଥାରୁ ଜଣାପଡ଼େ।

## ଦୀପରେ ଝଲସି ଉଠେ ମନ୍ଦିର




ଏଠାରେ ମହାଶିବରାତ୍ରି ମୁଖ୍ୟ ପର୍ବ। ହେଲେ ବାରମାସରେ ତେରପର୍ବ ପାଳନ କରାଯାଏ। ନିୟମିତ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଶ୍ରାବଣ ମାସରେ ବୋଲବମ ଭକ୍ତଙ୍କ ଲମ୍ବାଧାଡ଼ିରେ ମନ୍ଦିର ଏକ ଭିନ୍ନ ପରିବେଶ ମଧ୍ୟରେ ରହିଥାଏ। ବୋଲବମ ଧ୍ୱନିରେ କମ୍ପିଉଠେ ମନ୍ଦିର ପରିସର। କାର୍ତ୍ତିକ ମାସରେ ମହିଳା ଭକ୍ତମାନେ ମାସ ଯାକ ହବିଷ କରି ପାହାନ୍ତିଆରୁ ପୂଜାପାଠ କରିଥାନ୍ତି। ମହାଶିବରାତ୍ରି ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସାମୂହିକ ଦୀପରେ ମନ୍ଦିର ଝଲସି ଉଠିଥାଏ। ଏହା ସହିତ ମାଘ, କାର୍ତ୍ତିକ ପୂର୍ଣ୍ଣମୀ ପାଳନ ସହିତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ।

## ବାବା ଚନ୍ଦ୍ରଶେଖରଙ୍କ ଗ୍ରାମ୍ୟ ପରିକ୍ରମା

ବିଶ୍ୱେଶ୍ୱର ପୀଠରୁ ବାବା ଚନ୍ଦ୍ରଶେଖରଙ୍କୁ ବର୍ଷକୁ ଦିନକ ପାଇଁ ଶିବରାତ୍ରି ଦିନ ସରଣ୍ଡା ଗ୍ରାମ୍ୟ ପରିକ୍ରମା କରାଯାଇଥାଏ। ସକାଳ ୧୧ଟାରୁ ବାବା ଚନ୍ଦ୍ରଶେଖରଙ୍କୁ ଏକ ସ୍ୱତନ୍ତ୍ର ସୁସଜ୍ଜିତ ରଥରେ ଆସୀନ କରାଇ ଶୋଭାଯାତ୍ରାରେ ନିଆଯାଏ। ବାବା ଚନ୍ଦ୍ରଶେଖରଙ୍କୁ ସରଣ୍ଡା, କଟାପାଲି, ମୁରଲିଟିକ୍ରା ଆଦି ସ୍ଥାନକୁ ନିଆଯାଏ। ପ୍ରତି ଘର ସମ୍ମୁଖରେ ଲିପାପୋଛା, ଝୋଟି, କଳସ ସ୍ଥାପନ କରି ବାବାଙ୍କ ଗୋଡ଼ଧୁଆ ସହ ପୂଜାର୍ଚ୍ଚନା ଦୃଶ୍ୟରେ ଭଗବାନ ଓ ଭକ୍ତଙ୍କ ଅନାବିଳ ପ୍ରେମ ପରିଲକ୍ଷିତ ହୁଏ।

ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର, ସରଣ୍ଡା

ସରଣ୍ଡା ବିଶେଶ୍ୱର ବାବାଙ୍କ ପବିତ୍ର ଜାଗର ଯାତ୍ରା ମହାଶିବରାତ୍ରୀ ମହୋତ୍ସବ ଅବସରରେ ଅତାବିରା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ରଣଜିତ ସାହୁ
ବରଗଡ଼ ଜିଲ୍ଲା ପରିଷଦ ସଭ୍ୟ
ଅତାବିରା, ଜୋନ-୨, ବିଜୁ ଜନତା ଦଳ

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହା ଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀମତୀ ସୁଲତା ପ୍ରଧାନ
ପୂର୍ବତନ ସରପଞ୍ଚ
ଚକୁଲି ଗ୍ରାମ ପଞ୍ଚାୟତ
ଅତାବିରା ବ୍ଲକ, ଜି-ବରଗଡ

ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ଶିବ ମନ୍ଦିର, ସରଣ୍ଡା
ମହାଶିବରାତ୍ରି ମହୋତ୍ସବ
ତା. ୧୮.୦୨.୨୦୨୩ (ଶନିବାର)

MAHESWARI GROUP OF INSTITUTION
NURSING: Ph.D./M.Sc./B.Sc./ P.B.B.Sc./ GNM/ANM/DMLT/D.Pharm
ALLIED MEDICAL SCIENCE COURSE
EMT / OT TECHNICIAN /
ECG TECHNICIAN/FIRST AIDS
Permanently Affiliated to
Sambalpur University, ONMEB, DMET & INC, New Delhi
MNC
ADMISSION OPEN FOR 2022-23
+2 SCIENCE & ARTS COLLEGE
NEW LIFE CLUB (NGO)
CAMPUS- BHATLI CHOWK, BARGARH
CONTACT FOR ADMISSION: AT/PO- SANKARA, DIST-SUNDARGARH, ODISHA, 770001
Mob:94371-58472, 99376-93555, 83429-27552, 63711-82721, 79031-28874, Ph:06622-219214,Fax:06622-273781
E-mail:snggnimtrainingcolleg@gmail.com, nicattabira@gmail.com, rnscbsc@gmail.com, maheswariscience college@gmail.com, website: www.maheswarigroup.in
Facilities Available: Well Furnished Infrastructure, Well Equipped Computerised Laboratory, Experience & Expertise Teaching Faculty, Practical Training in Govt. Hospital D.H.H. Sundargarh, Bargarh & CHC, PHC, Library, Book Bank and Reading Room, in House Hostel, Accommodation, Study Loan Support and Scholarship, 100% Placement Assistance, Study Tour, Best Exposure visit inside and outside the state.

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଆନନ୍ଦ ଉଲ୍ଲାସର ପର୍ବ ମହାଶିବରାତ୍ରି ଉଜାଗର ମେଳାରେ ସମସ୍ତ ଭକ୍ତମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରି ପ୍ରଭୁ ଶିବଙ୍କ ଦର୍ଶନ କରନ୍ତୁ । ଅତାବିରା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ସେମାନେ ସରଣ୍ଡା ଓ ସୋର୍ଣ୍ଣା ମନ୍ଦିରରେ ଦାୟିତ୍ୱ ନେଇଛନ୍ତି ।
ଅନିଲ କୁମାର ପ୍ରଧାନ
ଆଇଆଇସି, ଅତାବିରା ଥାନା

Prop.: V. Ganapathi
Mob.: 9937074329
9438836234
SHREE NATRAM GARDEN & NURSERY
N.H.-6, CHAKULIFARM, ATTABIRA
Dist.: Bargarh (Odisha) - 768027
SHREE NATRAM ROSE NURSERY
BARAHAGODA, NEAR VIKASH HOSPITAL, BARGARH
Dist.: Bargarh (Odisha)
Email: shreenatramnursery@gmail.com
Contact for: Hybrid Flowers, Fruits Plants, Land Scaping & Garden Designing

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Siddhartha PUBLIC SCHOOL
AFFILIATED TO CBSE, DELHI, AFFILIATION NO-1530100
(AN ENGLISH MEDIUM CO-EDUCATIONAL RESIDENTIAL) KUMELSINGHA
ADMISSION OPEN
FOR THE SESSION 2023-24
CLASS- LKG TO CLASS-XI (SCIENCE & COMMERCE)
SALIENT FEATURES
WELL EQUIPED LABS FOR PHYSICS, CHEMISTRY, BIOLOGY, MATHEMATICS AND COMPUTER SCIENCE
RESOURCEFUL LIBRARY
SEPARATE AC/NON-AC HOSTELS FOR BOYS AND GIRLS
BUS FACILITY FOR DAY-SCHOLARS
Contact: 8917668616, 9437421179

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Kusha Kumbhar
BJP Dist- General Secretary, Bargarh
State Executive Body Member
SC Morcha, Odisha

ଝି ବିହାଘର୍ ଆଉ ନାଇନ ଡର୍
ପିୟୁଷ ଷ୍ଟିଲ୍ କେ ଆସିକରି ନେଇଯା ସାମାନ୍ ପତର୍
ପିୟୁଷ ଷ୍ଟିଲ ଏଣ୍ଡ ଫର୍ନିଚର ଅତାବିରା
No.1 Quality & Service
ସାପ୍ତାହିକ ବଜାର ସାମନା, ଅତାବିରା
ଧମାକା ଅଫର୍
ପ୍ରତି ବିବାହ ସାମଗ୍ରୀ କିଣିଲା ପରେ ସଙ୍ଗେ ସଙ୍ଗେ ଲକି ଡ୍ର ମାଧ୍ୟମରେ ସୁନିଶ୍ଚିତ ଉପହାରରେ ଏହିସବୁ ପାଇପାରିବେ
୯୯୯ ଟଙ୍କାର କ୍ରୟ ଉପରେ ସୁନିଶ୍ଚିତ ଉପହାର
Bajaj Finance Availble Here
ବଡ଼ ରିହାତି ଅଫର
ଏକ୍ସଚେଞ୍ଜ ଅଫର
କୁଲର୍
ଗୋଦ୍‌ରେଜ୍
Best Quality in Low Price is our Mission
7873843179(Shop) | 9853063375 | 9658676086 | 9439643179

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଏସ୍ ଦୁର୍ଗା ରେଡ୍ଡି
ଚକୁଳି ଫାର୍ମ,
ଅତାବିରା, ଜିଲ୍ଲା- ବରଗଡ

ପବିତ୍ର ମହାଶିବରାତ୍ରି ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା
ଭାରତୀୟ ଜନତା ପାର୍ଟି
ଅତାବିରା ନିର୍ବାଚନ ମଣ୍ଡଳୀ
ରଞ୍ଜିନି ସେଠ୍

# ମନ୍ଦିର ଓ ଶିବରାତ୍ରି ମେଳା କମିଟି



ସରଣ୍ଡା ବିଶ୍ୱେଶ୍ୱର ମନ୍ଦିର ପରିଚାଳନା ପାଇଁ ଏକ କମିଟି ରହିଛି। କମିଟିରେ ସଚ୍ଚିଦାନନ୍ଦ ମିଶ୍ର ସଭାପତି, ବିନୋଦ ମେହେର ସମ୍ପାଦକ, ପ୍ରମୋଦ ମହାପାତ୍ର କୋଷାଧ୍ୟକ୍ଷ, ରାଧେଶ୍ୟାମ ମହାପାତ୍ର ଉପସଭାପତି, କୁବେର ପ୍ରଧାନ ସହସମ୍ପାଦକ, ଦାରାସିଂ ମହାପାତ୍ର ସହ କୋଷାଧ୍ୟକ୍ଷ ରହିଛନ୍ତି। ସେହିପରି ମହାଶିବରାତ୍ରି ମେଳା ପରିଚାଳନା ପାଇଁ ମନୋଜ ମହାପାତ୍ର, ଅନ୍ତର୍ଯାମୀ ମହାପାତ୍ର, ମଧୁସୂଦନ ମହାପାତ୍ର, ଝସକେତନ ମହାପାତ୍ର, ଶଶୀ ମହାପାତ୍ର, ବୃଷଭ ମେହେର, ତରଣୀ ମହାପାତ୍ର, ମଧୁ ମହାପାତ୍ର, ଶ୍ୟାମସୁନ୍ଦର ପଧାନ, ଶ୍ରୀକାନ୍ତ ସିଂହଦେଓ ପ୍ରମୁଖ ସଭ୍ୟ ଅଛନ୍ତି।

## ମହାଶିବରାତ୍ରି ମେଳା କାର୍ଯ୍ୟକ୍ରମ

ଶନିବାର ଭୋର ୩ଟାରେ ମନ୍ଦିର ଫାଟକ ଖୋଲାଯାଇ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗାଜଳରେ ସ୍ନାନ କରାଯିବ। ଯଥାରୀତି ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି କରି ମୁଖ୍ୟ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯିବ। ଏହି ଦୀପ ରବିବାର ପାହାନ୍ତିଆ ସମୟରେ ମନ୍ଦିର ଶିଖରକୁ ଉଠାଯିବ। ତେବେ ଶନିବାର ଶିବରାତ୍ରି ପ୍ରାରମ୍ଭିକ ପୂଜାର୍ଚ୍ଚନା ପରେ ସମସ୍ତ ଭକ୍ତଙ୍କୁ ଠାକୁରଙ୍କ ଦର୍ଶନ ପାଇଁ ଛଡ଼ାଯିବ। ପୂର୍ବାହ୍ନ ୧୧ଟାରେ ଏହି ପୀଠରୁ ବାବା ଚନ୍ଦ୍ରଶେଖର ଲରମ୍ଭାର ଘଣ୍ଟବାଦ୍ୟ ସହ ସରଣ୍ଡା ଗ୍ରାମ୍ୟ ପରିକ୍ରମା ପାଇଁ ବାହାରିବେ। ସନ୍ଧ୍ୟାରେ ଟାମ୍ପରସରା ଓ ସୋଡ଼ାପାଲି ଗ୍ରାମର ମହିଳା କୀର୍ତ୍ତନ ମଣ୍ଡଳୀ ଭଜନ ପରିବେଷଣ କରିବାକୁ ଥିବାବେଳେ ରାତିରେ ଜଟଲା ଗ୍ରାମର ଚନ୍ଦ୍ରମହଲ ନାଟ୍ୟ କଳାପରିଷଦ ନାଟକ ମଞ୍ଚସ୍ଥ କରିବେ। ସନ୍ଧ୍ୟା ୫ଟାରୁ ଚାରି ପ୍ରହର ପୂଜାପାଠ ହୋଇ ପ୍ରତି ପ୍ରହରରେ ୧୦୮ଆଳତି ପ୍ରଦାନ କରାଯିବ। ୪ ପ୍ରହର ପୂଜାର୍ଚ୍ଚନା ପରେ ରବିବାର ପାହାନ୍ତିଆ ୩ଟା ୨୫ମିନିଟ ସମୟରେ ମହାଦୀପ ମନ୍ଦିର ଉପରକୁ ଉଠାଯିବା କାର୍ଯ୍ୟକ୍ରମ ରହିଛି।

## ଦୃଷ୍ଟି ଆଢୁଆଳରେ ବିଶ୍ୱେଶ୍ୱର ବାବାଙ୍କ ପୀଠ



ବିଶ୍ୱେଶ୍ୱର ବାବାଙ୍କ ମହିମା ସର୍ବବିଦିତ। ପ୍ରତ୍ୟହ ଏଠାକୁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ପରିତାପର ବିଷୟ ଏ ପର୍ଯ୍ୟନ୍ତ ଏହି ଶୈବପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। ଏଥିପ୍ରତି ରାଜ୍ୟ ସରକାର, ଜନପ୍ରତିନିଧିମାନେ ଦୃଷ୍ଟି ଦେବା ଆବଶ୍ୟକ।

- ସଚ୍ଚିଦାନନ୍ଦ ମିଶ୍ର, ସଭାପତି ମନ୍ଦିର ପରିଚାଳନା କମିଟି

## ମିଳିନି ପର୍ଯ୍ୟଟନସ୍ଥଳୀର ମାନ୍ୟତା



ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରୁ ବିଶ୍ୱେଶ୍ୱର ବାବାଙ୍କ ପୀଠ ଅନ୍ୟତମ। ହେଲେ ବର୍ତ୍ତମାନ ସୁଦ୍ଧା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ନ ପାରିବା ବିଡ଼ମ୍ବନାର ବିଷୟ । ସରକାର ଏଥିପ୍ରତି ପଦକ୍ଷେପ ନେବେ ବୋଲି ଆଶା କରୁଛି।

- ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ ମନ୍ଦିର କମିଟି

## ବାବାଙ୍କ ଆଶୀର୍ବାଦରୁ ସବୁ ସୁରୁଖୁରୁରେ ଚାଲିଛି



ବାବା ବିଶ୍ୱେଶ୍ୱରଙ୍କ କୃପା ଅପାର। ୩ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବିଶ୍ୱେଶ୍ୱର ଆସ୍ଥା ଓ ବିଶ୍ୱାସର ଦେବତା ପାଲଟିଛନ୍ତି। ଏହି ପୀଠକୁ ଯିଏ ଆସିଛି, ସିଏ ଭଲ ଅନୁଭୂତି ନେଇ ଫେରିଛି। ବାବାଙ୍କ ଆଶୀର୍ବାଦରୁ ସବୁକିଛି ସୁରୁଖୁରୁରେ ଚାଲିଛି।

- ମନୋଜ ମହାପାତ୍ର, ସଭ୍ୟ ପୂଜା କମିଟି

## ସଫଳ ମେଳା ପାଇଁ ଜନ ସହଯୋଗ ଲୋଡ଼ା



ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ବେଳେ ଭିଡ଼ ପରିଲକ୍ଷିତ ହୋଇଥାଏ। ଶାନ୍ତିଶୃଙ୍ଖଳାରେ ଭକ୍ତଙ୍କ ଦର୍ଶନ ଓ ମେଳାର ସଫଳ ସମାପନ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି। ଜନସାଧାରଣ ଓ ଭକ୍ତ ଏ ଦିଗରେ ସହଯୋଗ କରିବେ ବୋଲି ଆଶା କରୁଛି।

- ଅନିଲ କୁମାର ପ୍ରଧାନ, ଆଇଆଇସି, ଅତାବିରା ଥାନା

# କର୍ତ୍ତା, ପଣ୍ଡିତ ଓ ପୂଜକ

ଚଳିତବର୍ଷ ବିଶ୍ୱେଶ୍ୱର ବାବାଙ୍କ ମହାଶିବରାତ୍ରି ଜାଗର ମେଳା ପାଇଁ ଗ୍ରାମର ଯୁଧିଷ୍ଠିର ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ଚୁମ୍କି ମହାପାତ୍ରଙ୍କୁ କର୍ତ୍ତା ଦାୟିତ୍ୱ ଦିଆଯାଇଛି। ପଣ୍ଡିତ ରାକେଶ ମିଶ୍ର ପୂଜାରେ ପୌରୋହିତ୍ୟ କରିବେ। ସେହିପରି ପୂଜକ ଭାବେ ଶ୍ୟାମସୁନ୍ଦର ମହାପାତ୍ର ଶିବରାତ୍ରି ପୂଜାକାର୍ଯ୍ୟ ସମ୍ପାଦନ କରିବେ। ପରମାଣପୁରର ବୀରେନ୍ଦ୍ର କୁମାର ମିଶ୍ର ଶିବପୁରାଣ ପାଠ କରିବେ ବୋଲି ଜଣାପଡିଛି।



କର୍ତ୍ତା ଯୁଧିଷ୍ଠିର ମହାପାତ୍ର, କର୍ତ୍ତୀ ଚୁମ୍କି ମହାପାତ୍ର



ପୁରୋହିତ ରାକେଶ ମିଶ୍ର



ପୂଜକ ଶ୍ୟାମସୁନ୍ଦର ମହାପାତ୍ର

ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର, ସରଣ୍ଡା































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୮/୨୦୨୩ Bhubaneswar, Saturday, February 18/ 2023

# ଅଷ୍ଟ୍ରେଲିଆ ଇନିଂସ ୨୬୩ରେ ସୀମିତ

**ନୂଆଦିଲ୍ଲୀ, ୧୭।୨**

ଉସମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡ୍ସକମ୍ବଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଇନିଂସରେ ୨୬୩ ରନରେ ଅଲ୍‌ଆଉଟ ହୋଇଯାଇଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ଭାରତ ପ୍ରଥମ ଇନିଂସରେ କୌଣସି ଉଇକେଟ ନ ହରାଇ ୨୧ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ଶର୍ମା ୧୩ ଓ ଲୋକେଶ ରାହୁଲ ୪ ରନରେ ଅପରାଜିତ ରହିଛନ୍ତି।

**ଦ୍ୱିତୀୟ ଟେଷ୍ଟ**

ତେଣୁ ସମସ୍ତ ଉଇକେଟ ସୁରକ୍ଷିତ ଥାଇ ଭାରତ ଏବେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ସ୍କୋରଠାରୁ ୨୪୨ ରନରେ ପଛୁଆ ରହିଛି।

ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଉସମାନ ଖ୍ୱାଜାଙ୍କୁ ଛାଡ଼ିଦେଲେ ଟପ୍ ଅର୍ଡରର ଅନ୍ୟ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରିପାରି ନ ଥିଲେ। ଫଳରେ ଓପନିଂ ଯୋଡ଼ିରେ ଡେଭିଡ ୱାର୍ନର ଓ ଉସମାନ ଖ୍ୱାଜା ୫୦ ଏବଂ ୫ମ ଉଇକେଟରେ ଖ୍ୱାଜା ଓ ପିଟର ହ୍ୟାଣ୍ଡ୍ସକମ୍ବ ୫୯ ରନ ଯୋଗ କରିଥିଲେ ହେଁ ୧୬୮ ରନ ମଧ୍ୟରେ ୬ଟି ଉଇକେଟ ହରାଇ ଭ୍ରମଣକାରୀ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଚମତ୍କାର ଖେଳିଥିବା ହ୍ୟାଣ୍ଡ୍ସକମ୍ବ ୭ମ ଉଇକେଟରେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସହ ଆଉ ଏକ ୫୯ ରନର ଭାଗୀଦାରି ଗଢ଼ିବାରୁ ଅଷ୍ଟ୍ରେଲିଆ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୫୯ ବଲ୍‌ରୁ ୩୩ (୩ ଚୌକା, ୨ ଛକା) ରନ କରିଥିବା କମିନ୍ସଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ରବୀନ୍ଦ୍ର ଜାଡେଜା ଏହି ଯୋଡ଼ି ଭାଙ୍ଗିଥିଲେ। ଶେଷରେ ନାଥାନ ଲିୟନ ଓ ମାଥ୍ୟୁ କୁହନେମାନଙ୍କୁ ଆଉଟ କରି ମହମ୍ମଦ ଶାମି ଅଷ୍ଟ୍ରେଲିଆ ଇନିଂସର ପରିସମାପ୍ତି ଘଟାଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଖ୍ୱାଜା ସର୍ବାଧିକ ୮୧ ରନକରି ଆଉଟ ହୋଇଥିବାବେଳେ ହ୍ୟାଣ୍ଡ୍ସକମ୍ବ ୭୨ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ମହମ୍ମଦ ଶାମି ୪ଟି ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୬୩/ଅଲ୍‌ଆଉଟ (ଉସମାନ ଖ୍ୱାଜା-୮୧, ପିଟର ହ୍ୟାଣ୍ଡ୍ସକମ୍ବ-୭୨*, ପ୍ୟାଟ୍ କମିନ୍ସ-୩୩, ମହମ୍ମଦ ଶାମି-୪/୬୦, ରବିଚନ୍ଦ୍ରନ ଅଶ୍ୱିନ-୩/୫୭, ରବୀନ୍ଦ୍ର ଜାଡେଜା-୩/୬୮)। ଭାରତ ପ୍ରଥମ ଇନିଂସ: ୨୧/୦।

# ଚେତନ ଶର୍ମାଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୭।୨ (ପି.ଟି.)**

**ଶିବ ସୁନ୍ଦର ହୋଇପାରନ୍ତି ମୁଖ୍ୟ ଚୟନକର୍ତ୍ତା**



ଚେତନ ଶର୍ମା



ଶିବସୁନ୍ଦର ଦାସ

ପୂର୍ବତନ ଭାରତ ପେସ୍ ବୋଲର ଚେତନ ଶର୍ମା ଶନିବାର ସିନିୟର କ୍ରିକେଟ ସିଲେକ୍ସନ କମିଟି ଚେୟାରମ୍ୟାନ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ସ୍ଥାନରେ ପୂର୍ବତନ ଭାରତୀୟ ଓପନର ତଥା ଚୟନ କମିଟିର ଅନ୍ୟତମ ସଦସ୍ୟ ଓଡ଼ିଶାର ଶିବସୁନ୍ଦର ଦାସ କାମଚଳା ଦାୟିତ୍ୱ ଗ୍ରହଣ କରିପାରନ୍ତି। ସେ ୨୩ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ସିଲେକ୍ସନ କମିଟିର ଅନ୍ୟ ସଦସ୍ୟମାନଙ୍କ ତୁଳନାରେ ଅଧିକ। ଚେତନ ଏକ ଘରୋଇ ଟିଭି ଚ୍ୟାନେଲର ଷ୍ଟିଙ୍ଗ୍ ଅପରେଶନ ବେଳେ ବହୁ ଗୋପନୀୟ କଥା ପ୍ରକାଶ କରିଦେଇଥିବା ଅଭିଯୋଗ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି ଏବଂ ତାହା ଗ୍ରହଣ କରାଯାଇଛି। ଷ୍ଟିଙ୍ଗ୍ ଅପରେଶନ ପରେ ତାଙ୍କ ସ୍ଥିତି ଟଳମଳ ହୋଇଯାଇଥିଲା। ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇ ନ ଥିଲା। ସେ ସ୍ୱତଃପ୍ରବୃତ୍ତ ଇସ୍ତଫା ଦେଇଥିଲେ। ଇରାନୀ କପ୍ ପାଇଁ ଦଳ ମନୋନୟନ କରିବା ସକାଶେ ଚେତନ ଅନ୍ୟ ସିଲେକ୍ସନ କମିଟି ସଦସ୍ୟଙ୍କ ସହ କୋଲକାତାରେ ବେଙ୍ଗଲ-ସୌରାଷ୍ଟ୍ର ରଣଜୀ ଟ୍ରଫି ଫାଇନାଲ ମ୍ୟାଚ ଦେଖୁଥିଲେ। ଇସ୍ତଫାପତ୍ର ଗ୍ରହଣ ହେବା ମାତ୍ରେ ଚେତନ ଦିଲ୍ଲୀ ଅଭିମୁଖେ ପ୍ରସ୍ଥାନ କରିଥିଲେ। ବିମାନବନ୍ଦରରେ ଉପସ୍ଥିତ ଗଣମାଧ୍ୟମ କର୍ମଚାରୀଙ୍କୁ ସେ ଏଡାଇ ଯାଇଥିଲେ। ଏକ ଘରୋଇ ଟିଭି ଚ୍ୟାନେଲ ତରଫରୁ ଷ୍ଟିଙ୍ଗ୍ ଅପରେଶନ ଚାଲିଥିବା ବେଳେ ଚେତନ କହିଥିଲେ, ୮୦ରୁ ୮୫ ପ୍ରତିଶତ ଫିଟ୍ ଥାଇ ସୁଦ୍ଧା ବହୁ ଖେଳାଳି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ଲାଗି ଇଞ୍ଜେକ୍ସନ ନେଉଥିଲେ। ପୂର୍ବତନ ଖେଳାଳି ଆହୁରି ମଧ୍ୟ ଅଭିଯୋଗ କରିଥିଲେ, ଗତବର୍ଷ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଯଶପ୍ରୀତ୍ ବୁମ୍ରାଙ୍କ ପ୍ରତ୍ୟାବର୍ତ୍ତନ ଉପରେ ଟିମ୍ ମ୍ୟାନେଜମେଣ୍ଟ ସହିତ ତାଙ୍କର ମତଭେଦ ହୋଇଥିଲା। ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ପେସ୍ ବୋଲର ଉମେଶ ଯାଦବ ଓ ଦୀପକ ହୁଡା ନିୟମିତ ତାଙ୍କ ବାସଭବନକୁ ଆସୁଥିଲେ। କୋହଲି ଓ ରୋହିତ ଶର୍ମାଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ମଧ୍ୟ ସେ କହିଥିଲେ। ଅହଂଭାବ ଯୋଗୁ କୋହଲି ଓ ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଖବର ଅନୁସାରେ ଚେତନଙ୍କ ଅଭିଯୋଗକୁ ନେଇ ବିସିସିଆଇ କର୍ମକର୍ତ୍ତା ତାଙ୍କ ଉପରେ ଖପ୍ପା ହୋଇଛନ୍ତି। ବର୍ତ୍ତମାନ ଜାତୀୟ ଦଳର ସିନିୟର ସଦସ୍ୟମାନେ ମଧ୍ୟ ତାଙ୍କ ଉପରୁ ବିଶ୍ୱାସ ଓ ସମ୍ମାନ ହରାଇଛନ୍ତି। ତାଙ୍କ ଉପରେ କୋଚ୍ ରାହୁଲ ଦ୍ରାବିଡ୍, ଅଧିନାୟକ ରୋହିତ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭରସା ନାହିଁ। ତେଣୁ ଏମାନଙ୍କ ସହ ସିଲେକ୍ସନ କମିଟି ବୈଠକରେ ବସିବା ସମ୍ଭବପର ନୁହେଁ। ମୁହଁ ଖୋଲିଥିବାରୁ ଚେତନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ଷ୍ଟିଙ୍ଗ୍ ଅପରେଶନ ବେଳେ ଚେତନଙ୍କୁ ପ୍ରଲୋଭିତ କରାଯାଇଥିଲା। ଏକ ଲୋକପ୍ରିୟ ଓଟିଟି ପ୍ଲାଟ୍‌ଫର୍ମରେ ଏକ ଡକୁ-ସିରିଜ ସକାଶେ ଗବେଷଣା କାର୍ଯ୍ୟ ଲାଗି ତାଙ୍କର ଇନ୍‌ପୁଟ୍ ଆବଶ୍ୟକ ବୋଲି ଚେତନଙ୍କୁ କୁହାଯାଇଥିଲା। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରୁ ଭାରତର ବିଦାୟ ପରେ ଚେତନଙ୍କ ସମେତ ତାଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟିର ସମସ୍ତ ସଦସ୍ୟଙ୍କୁ ବରଖାସ୍ତ କରାଯାଇଥିଲା। ସେ ପୁନଃ ଆବେଦନ କରିଥିଲେ ଏବଂ ପୁନର୍ବାର ଚେୟାରମ୍ୟାନ ଭାବେ ନିଯୁକ୍ତ ହୋଇଥିଲେ। ଚେତନ ଜଣେ ଉତ୍ତମ ପେସ୍ ବୋଲର ଥିଲେ। ଭାରତୀୟ କ୍ରିକେଟରେ କପିଳଦେବଙ୍କ ପ୍ରଭାବ ଥିବା ସମୟରେ ସେ ଜାତୀୟ ଦଳରୁ ଖେଳିଥିଲେ। ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଉଇକେଟ ନେବାରେ ସେ ପ୍ରଥମ ଭାରତୀୟ କ୍ରିକେଟର। କିନ୍ତୁ ଶାରଜାରେ ୧୯୮୬ ଏସିଆ କପ୍ ଫାଇନାଲର ଅନ୍ତିମ ବଲ୍‌ରେ ପାକିସ୍ତାନର ଜାଭେଦ ମିଆଁଦାଦ୍‌ଙ୍କ ଛକା ପାଇଁ ତାଙ୍କୁ ଭୁଲି ହେବ ନାହିଁ। ଏହି ଷ୍ଟିଙ୍ଗ୍ ଅପରେଶନ ଖେଳାଳି ଓ ଗଣମାଧ୍ୟମ ସମ୍ପର୍କରେ ପ୍ରଭାବ ପକାଇବ।

# ପରାଜୟ ସହ ଓଡ଼ିଶାର ଆଶା ଧୂଳିସାତ୍

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

ଚଳିତ ସନ୍ତୋଷ ଟ୍ରଫିର ଅନ୍ତିମ ରାଉଣ୍ଡରେ ଏକାଧିକ ସୁଯୋଗର ହାତଛଡ଼ା ଏବଂ ଫିନିଶିଂ ଅଭାବ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ସମୟ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ ହେଁ କେରଳ ନିକଟରୁ ଗୋଟିଏ ଗୋଲରେ ହାରି ଯାଇଛି। ମ୍ୟାଚର ୧୬ତମ ମିନିଟରେ ଓଡ଼ିଶା ଗୋଲପୋଷ୍ଟ ଏରିଆରେ ବଲ୍ ପାଇଁ ସଂଘର୍ଷ ସମୟରେ ଚନ୍ଦ୍ର ମୋହନ ମୁର୍ମୁ ହ୍ୟାଣ୍ଡବଲ କରିବାରୁ କେରଳକୁ ପେନାଲ୍ଟି କିକ୍ ସୁଯୋଗ ଦିଆଯାଇଥିଲା। କେରଳର ୭ ନମ୍ବର ଖେଳାଳି ନିଜୋ ଗିଲବର୍ଟ ଏହାକୁ ଗୋଲରେ ପରିଣତ କରିଥିଲେ। ଏହି ଗୋଲଟି ଶେଷ ପର୍ଯ୍ୟନ୍ତ ଓଡ଼ିଶା ପଛରେ ଛାଇପରି ଲାଗି ରହିଥିଲା। ପ୍ରଥମାର୍ଦ୍ଧର ଅବଶିଷ୍ଟ ସମୟରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଅନେକଥର କେରଳ ଗୋଲପୋଷ୍ଟ ଉପରେ ଆକ୍ରମଣ କରିଥିଲା। ମାତ୍ର କେତେବେଳେ କେରଳ ଗୋଲକିପର ତଥା ଅଧିନାୟକ ମିଥୁନ ଭି. ସେଭ୍ କରିଥିଲେ ତ କେତେବେଳେ କେରଳ ରକ୍ଷଣଭାଗ ବଲ୍‌କୁ କ୍ଲିୟର କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚର ୩୯ତମ ମିନିଟରେ ରାକେଶ ଓରାମ ଓ ୭୦ତମ ମିନିଟରେ ଆନନ୍ଦ ଓରାମ ୟେଲୋ କାର୍ଡ ପାଇଥିଲେ। ଏହି ମ୍ୟାଚରେ ପରାଜୟ ସହ ଓଡ଼ିଶାର ସେମିଫାଇନାଲ ପ୍ରବେଶ ଆଶା ଧୂଳିସାତ ହୋଇଛି। ମହାରାଷ୍ଟ୍ର ବିପକ୍ଷରେ ୧-୧ ଗୋଲରେ ଡ୍ର'ରୁ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଗୋଆକୁ ୪-୧ ଗୋଲରେ ହରାଇ ଆଶା ଉଜ୍ଜୀବିତ କରିଥିଲା। ମାତ୍ର ତୃତୀୟ ମ୍ୟାଚରେ ପଞ୍ଜାବଠାରୁ ୧-୨ରେ ଏବଂ ଏଠାରେ କେରଳଠାରୁ ୦-୧ରେ ହାରିଯିବା ଦ୍ୱାରା ଦଳର ଚ୍ୟାଲେଞ୍ଜ ଶେଷ ହୋଇ ଯାଇଛି। ଏବେ କେବଳ ଦଳ ଏହାର ଶେଷ ଲିଗ୍ ମ୍ୟାଚ



ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସନ୍ତୋଷ ଟ୍ରଫି**

୧୯ ତାରିଖରେ କର୍ଣ୍ଣାଟକ ବିପକ୍ଷରେ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବ। ଗ୍ରୁପ୍ 'ଏ'ରୁ ପଞ୍ଜାବ ୧୦ ଓ କର୍ଣ୍ଣାଟକ ୮ ପଏଣ୍ଟ ପାଇ ସେମିଫାଇନାଲର ନିକଟତର ହୋଇଛନ୍ତି। ଶୁକ୍ରବାର ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମହାରାଷ୍ଟ୍ର-କର୍ଣ୍ଣାଟକ ମ୍ୟାଚ ୩-୩ ଗୋଲରେ ଡ୍ର ରହିଥିବାବେଳେ ପଞ୍ଜାବ ୩-୧ ଗୋଲରେ ଗୋଆକୁ ପରାସ୍ତ କରିଛି।

# ସୌରାଷ୍ଟ୍ର ନିୟନ୍ତ୍ରଣରେ ରଣଜୀ ଫାଇନାଲ

**କୋଲକାତା, ୧୭।୨ (ପି.ଟି.):** ଅର୍ପିତ ବାସବଦାଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଏଠାରେ ଚାଲିଥିବା ରଣଜୀ ଫାଇନାଲରେ ବେଙ୍ଗଲକୁ ନିୟନ୍ତ୍ରଣରେ ରଖିପାରିଛି ସୌରାଷ୍ଟ୍ର। ତିନି ବର୍ଷ ପୂର୍ବେ ପ୍ରତିଯୋଗିତାର ଠିକ୍ ଏହି ପର୍ଯ୍ୟାୟରେ ବାସବଦା ବେଙ୍ଗଲର ରଣଜୀ ଟ୍ରଫି ଆଶାକୁ ଧୂଳିସାତ କରିଦେଇଥିଲେ। ଏଠାରେ ସେ ୮୧ ରନ କରି ଅପରାଜିତ ରହିଥିବା ବେଳେ ସୌରାଷ୍ଟ୍ର ଦ୍ୱିତୀୟ ଟାଇଟଲର ନିକଟତର ହୋଇପାରିଛି। ରାଜକୋଟରେ ୨୦୨୦ ଫାଇନାଲରେ ସୌରାଷ୍ଟ୍ରର ଏହି ଉପ ଅଧିନାୟକ ପ୍ରଥମ ଇନିଂସରେ ୧୦୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ସେ ପୁଣି ଥରେ ବେଙ୍ଗଲ ବୋଲରଙ୍କ କାଳ ସାଜିଛନ୍ତି। ଶେଲଡନ ଜ୍ୟାକସନ (୫୯) ଓ ଚିରାଗ ଜାନି (୫୭*)ଙ୍କ ସହ ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରିଛନ୍ତି। ବାସବଦା ଓ ଜାନି ଯୋଡ଼ିଙ୍କ ମଧ୍ୟରେ ଅବିଭାଜିତ ୧୧୩ରନ ପାର୍ଟନରଶିପ୍ ଯୋଗୁ ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୧୭୪ରନ ଜବାବରେ ସୌରାଷ୍ଟ୍ର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୩୧୭ ରନ କରିଛି। ନିକଟରେ କର୍ଣ୍ଣାଟକ ବିପକ୍ଷ ସେମିଫାଇନାଲରେ ମ୍ୟାଚ ବିଜୟୀ ଦ୍ୱିଶତକ ହାସଲ କରିଥିବା ବାସବଦା ତାଙ୍କ ଫର୍ମ ଜାରି ରଖି ତାଙ୍କ ଅପରାଜିତ ଇନିଂସରେ ୧୫୫ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଲଗାଇଥିଲେ। ଜାନି ମଧ୍ୟ ହାତ ଖୋଲା ଶର୍ଟ ଖେଳୁଛନ୍ତି।

# ଗୁଜରାଟ-ଚେନ୍ନାଇ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୧୭।୨ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଅହମଦାବାଦରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମାର୍ଚ୍ଚ ୩୧ରେ ଚାରିଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟନ୍ସ ଗତବର୍ଷ ପ୍ରଥମ ପଦାର୍ପଣରେ ଟାଇଟଲ ହାସଲ କରିଥିଲା। ବିସିସିଆଇ ସୂଚନା ଅନୁସାରେ ମୋଟ ୫୨ରାଉଣ୍ଡ ରବିନ ମ୍ୟାଚ ଖେଳାଯିବ। ସିଜନର ପ୍ରଥମ ଡବଲ ହେଡର ଏପ୍ରିଲ ୧ରେ ଖେଳାଯିବ। ଗୋଟିଏ ମ୍ୟାଚ ମୋହାଲିଠାରେ ପଞ୍ଜାବ କିଙ୍ଗ୍ସ ବନାମ କୋଲକାତା ନାଇଟ ରାଇଡର୍ସ ଏବଂ ଅନ୍ୟଟି ଲକ୍ଷ୍ନୌରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ। ଡବଲ ହେଡରଗୁଡ଼ିକ ପ୍ରତି ଶନିବାର ଓ ରବିବାର ଖେଳାଯିବାକୁଥିବା ବେଳେ ସପ୍ତାହର ଅନ୍ୟ ଦିନ ଗୋଟିଏ ଲେଖାଏଁ ମ୍ୟାଚ ଖେଳାଯିବ। ମେ ୨୧ରେ ବେଙ୍ଗାଲୁରୁରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଟାଇଟନ୍ସ ଲିଗ୍ ମ୍ୟାଚ ସହିତ ଲିଗ୍ ପର୍ଯ୍ୟାୟ ଶେଷ ହେବ। ଗତ ସଂସ୍କରଣରେ ଲିଗ୍ ମ୍ୟାଚଗୁଡ଼ିକ ମୁମ୍ବାଇ, ପୁଣେ ଓ ଅହମ୍ମଦାବାଦରେ ଖେଳାଯାଇଥିଲା। ୧୬ତମ ସିଜନ କିନ୍ତୁ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯିବ। ଅର୍ଥାତ ସମସ୍ତ ଟିମ୍ ୭ ହୋମ୍ ଗେମ୍ ଓ ସମାନ ସଂଖ୍ୟକ ଆୱେ ଗେମ୍ ଖେଳିବେ। ବିସିସିଆଇ ସୂଚନା ଅନୁସାରେ ୫୨ ଦିନରେ ୧୨ଟି ଭେନ୍ୟୁରେ ମୋଟ ୭୦ ଲିଗ୍ ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ଆଇପିଏଲ୍ ୨୦୨୩ରେ ୧୮ଟି ଡବଲ ହେଡର ଖେଳାଯିବ। ଦିନ ଖେଳ ଅପରାହ୍ନ ୩ଟା ୩୦ ଏବଂ ରାତି ଖେଳ ୭ଟା ୩୦ରେ ଆରମ୍ଭ ହେବ। ରାଜସ୍ଥାନ ରୟାଲ୍ସ ଏହାର ପ୍ରଥମ ଦୁଇଟି ହୋମ୍ ଗେମ୍ ଗୁଆହାଟୀରେ ଖେଳିବ। ଦଳ ଏହାର ଅବଶିଷ୍ଟ ହୋମ୍ ମ୍ୟାଚ ଜୟପୁରରେ ଖେଳିବ। ପ୍ଲେ-ଅଫ୍ ଓ ଫାଇନାଲ ପାଇଁ ଭେନ୍ୟୁ ଓ କାର୍ଯ୍ୟସୂଚୀ ପରେ ଘୋଷଣା କରାଯିବ। ଫାଇନାଲ ମ୍ୟାଚ ମେ ୨୮ରେ ଖେଳାଯିବ।

**ମାର୍ଚ୍ଚ ୩୧ରୁ ଆଇପିଏଲ୍**




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ